# ଧରିତ୍ରୀ
DHARITRI

ଧରିତ୍ରୀ 51 Years

୨୦୨୫ର ଶୁଭେଚ୍ଛା

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧/୨୦୨୫ (୨୦ ପୃଷ୍ଠା) | Bhubaneswar, Wednesday, January 1/2025 | Page 20 | ₹ 7.00

୫୧ଶ ଭାଗ ୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 39 | ମୂଲ୍ୟ ₹୭/-




ନବବର୍ଷ ୨୦୨୫କୁ ସ୍ୱାଗତ ଅବସରରେ ଅଷ୍ଟ୍ରେଲିଆର ସିଡ୍‌ନୀ ହାର୍ବରରେ ମଙ୍ଗଳବାର ଆତସବାଜିରେ ଆଲୋକିତ ଆକାଶ ।

# ଉଚ୍ଚଶିକ୍ଷା ପାଇଁ ୬୭୬.୭ କୋଟି

## ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ

### କେନ୍ଦ୍ରରୁ ୪୦୮.୭ କୋଟି, ରାଜ୍ୟରୁ ୨୬୮ କୋଟି ଟଙ୍କା ପ୍ରଦାନ ନିଷ୍ପତ୍ତି

**ଓଡ଼ିଶାର ଉଚ୍ଚଶିକ୍ଷା ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାର ୪୦୮.୭ କୋଟି ଟଙ୍କା ଦେବେ। ରାଜ୍ୟ ସରକାର ମଧ୍ୟ ଏଥିପାଇଁ ୨୬୮ କୋଟିର ଆର୍ଥିକ ପ୍ୟାକେଜ୍ ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) ଯୋଜନାରେ ରାଜ୍ୟରେ ମୋଟ ୬୭୬.୭ କୋଟି ଟଙ୍କା ବ୍ୟୟ ହେବ ବୋଲି ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।**

ଭୁବନେଶ୍ୱର,୩୧।୧୨ (ସୁନିତ୍ ମିଶ୍ର)

ଭାଜପା ସରକାର ଆସିବାର ୮୧ ଦିନ ମଧ୍ୟରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) ପ୍ରଣୟନ ନିମନ୍ତେ ଅନୁଷ୍ଠିତ ହୋଇଥିବା ୩ୟ ପ୍ରୋଜେକ୍ଟ ଆପ୍ରୁଭାଲ୍ ବୋର୍ଡ (ଥାର୍ଡ ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ) ବୈଠକର ନିଷ୍ପତ୍ତି ଅନୁଯାୟୀ ପିଏମ୍-ଉଷା ଯୋଜନାରେ ଓଡ଼ିଶାକୁ ୬୭୬.୭ କୋଟି ଟଙ୍କାର ଆର୍ଥିକ ରାଶି ଅନୁଦାନ ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହା ନିଶ୍ଚିତ ଓଡ଼ିଶାରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ସହ ମାନବ ସମ୍ବଳ, ଗବେଷଣା ଏବଂ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଦିଗରେ ସହାୟକ ହେବ ବୋଲି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ☞ପୃଷ୍ଠା-୨

# ୨୦୨୫: ଓଡ଼ିଶା ଦେଖିବ ନୂଆ ବିକାଶ

ଭୁବନେଶ୍ୱର,୩୧।୧୨ (ଅନିଲ ଦାସ)

ନୂଆବର୍ଷରେ ନୂଆ ସମ୍ଭାବନା ନେଇ ଆଗକୁ ବଢ଼ିବେ ନୂଆ ସରକାର। ଓଡ଼ିଶା ଦେଖିବ ନୂଆ ବିକାଶ। ଆଗାମୀ ଦଶନ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିକଶିତ ରାଜ୍ୟବାସୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ନୂଆବର୍ଷରୁ ହିଁ ଏହାର ମୂଳଦୁଆ ପଡ଼ିବ। ଅନ୍ନଦାତା(କୃଷକ), ନାରୀ ଶକ୍ତି, ସାମାଜିକ ନ୍ୟାୟ, ଉତ୍ତମ ସ୍ୱାସ୍ଥ୍ୟସେବା, ଶିକ୍ଷା, ଶିଳ୍ପ, ରୋଜଗାର, ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତିକୁ ମିଳିବ ନୂଆ ଦିଗ।

ବର୍ଷ ଆରମ୍ଭରୁ ପ୍ରବାସୀ ଭାରତୀୟ ଦିବସ ଆୟୋଜନ କରି ରାଜ୍ୟ ସରକାର ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ସମାରୋହରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ☞ପୃଷ୍ଠା-୨











A quality product from
PAN BAHAR
ସବୁଆଡ଼େ
बहार
ଅଛି!
Happy New Year
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in

ଧରିତ୍ରୀ
DHARITRI
ଧରିତ୍ରୀ 51 Years
୨୦୨୫ର ଶୁଭେଚ୍ଛା



# ହଉ କିଛି ନୂଆ

ରାଜନୈତିକ ଦୃଷ୍ଟିକୋଣରୁ ୨୦୨୪ ଓଡ଼ିଶା ପାଇଁ ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ବିଜୁ ଜନତା ଦଳ(ବିଜେଡି)ର ୨୪ ବର୍ଷ ଶାସନର ଅବସାନ ଘଟିଥିଲା। ଲୋକଙ୍କର ଏକ ନୀରବ ବିପ୍ଳବ ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। ଭୋଟର ସ୍ପଷ୍ଟ କରିଦେଲେ ଯେ, ଗଣତନ୍ତ୍ରରେ ସାମନ୍ତବାଦର ସ୍ଥାନ ନାହିଁ। କେତେକ ଗୋଷ୍ଠୀ ଏହି ନିର୍ବାଚନୀ ବିପର୍ଯ୍ୟୟ ଭି.କେ.ପାଣ୍ଡିଆନଙ୍କ ଯୋଗୁ ହୋଇଥିବା କହୁଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାଜୟ ପାଇଁ ଭାରତୀୟ ଜନତା ପାର୍ଟି (ଭାଜପା)କୁ ଶ୍ରେୟ ଦେଉଛନ୍ତି। ନିକଟରେ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସରେ ଦଳୀୟ ସଭାପତି ନବୀନ କହିଥିଲେ, ଭାଜପାର ନକାରାତ୍ମକ ପ୍ରଚାରକୁ କାଉଣ୍ଟର କରିପାରିଲୁ ନାହିଁ। ବାସ୍ତବରେ ଦେଖିବାକୁ ଗଲେ ଏହି ପରାଜୟ ପାଇଁ ପାଣ୍ଡିଆନ ନୁହନ୍ତି କି ଭାଜପା ନୁହେଁ, ନିଜେ ନବୀନ ଦାୟୀ। ସାଧାରଣତଃ ପ୍ରଶାସନିକ ବ୍ୟବସ୍ଥାରେ ଜଣେ ଆଇଏଏସ୍ ଅଧିକାରୀ ସରକାରୀ ଚାକିରିରୁ ଅବସର ନେବାପରେ ନିଜ ଜନ୍ମସ୍ଥାନକୁ ଫେରିଯିବା ଲକ୍ଷ୍ୟ କରାଯାଏ। କିନ୍ତୁ ପାଣ୍ଡିଆନଙ୍କୁ ଦଳର ମଙ୍ଗ ଧରାଇ ନବୀନ ନିଜେ ଓଡ଼ିଆ ଲୋକଙ୍କୁ ତାଚ୍ଛଲ୍ୟ କରିଥିଲେ। ନବୀନ ଭାବିଥିଲେ ଯେ ସେ ଛେଳି, ମେଣ୍ଢା, ବଳଦ, ବିଲୁଆ ଯାହାକୁ ନାହିଁ ତାକୁ ଛିଡ଼ା କରିଦେଲେ ସେ ଜିତିଯିବ। ଓଡ଼ିଶାକୁ ନିଜର ଜାଗିରି ବୋଲି ଧରି ନେଇଥିଲେ। ବିଜେଡିର ଜନ୍ମଲଗ୍ନକୁ ଦେଖିଲେ ୧୯୯୭ରେ ପ୍ରତିଷ୍ଠା ସମୟରେ ନବୀନଙ୍କ ଭୂମିକା ଅତି ନଗଣ୍ୟ ଥିଲା। ଯେଉଁମାନେ ଦଳ ଗଢ଼ିଥିଲେ ଧୀରେ ଧୀରେ ସେମାନଙ୍କୁ ଅଣଦେଖା କରାଯାଇ ମୁଷ୍ଟିମେୟ ଗୋଷ୍ଠୀଙ୍କୁ ଧରି ସେ ଶାସନ ଚଳାଇଥିଲେ। ତାଙ୍କ କାନି ଧରି କେତେକେ ପାରି ହୋଇଗଲେ। ହେଲେ ନବୀନ ବୁଝିବା ଦରକାର ଥିଲା ଯେ, ସେ କ୍ଷମତାକୁ ଆସିବା ପଛରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରତି ରାଜ୍ୟବାସୀଙ୍କ ପ୍ରଚୁର ଘୃଣାଭାବ ନିଆଁ ପକାଇଥିଲା। ଦୀର୍ଘ ୧୪ ବର୍ଷ କଂଗ୍ରେସ ଶାସନରେ ଜାନକୀଙ୍କ ଜଘନ୍ୟ କାର୍ଯ୍ୟକଳାପ ଓଡ଼ିଶା ଲୋକଙ୍କୁ ଅନ୍ତରରୁ ଘୃଣା କରିବା ପାଇଁ ବାଧ୍ୟ କରିଥିଲା। ସେହି ଭାବନା ଆଜି ପର୍ଯ୍ୟନ୍ତ ଓଡ଼ିଆଙ୍କ ମନରେ ଅଛି ବୋଲି କଂଗ୍ରେସ ଭଳି ଏକ ଜାତୀୟ ଦଳ ସମ୍ପୂର୍ଣ୍ଣ ଭାବେ ପଙ୍ଗୁ ହୋଇଯାଇଛି। ଏପରିକି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପରିବାର ଓ ସମ୍ପର୍କୀୟ ରାଜନୈତିକ ସଫଳତା ଦେଖିପାରୁ ନାହାନ୍ତି। ଏତିକିବେଳେ ନେତୃତ୍ୱବିହୀନ କଂଗ୍ରେସର ଅଧୋଃଗତି ମଧ୍ୟ ବିଜେଡିକୁ ଆଗକୁ ବଢ଼ିବାରେ ସହାୟକ ହୋଇଥିଲା। ତେବେ ୧୯୯୭ରେ ବିଜେଡି ଗଠନ ହେବା ପରେ ୧୯୯୮ ଲୋକ ସଭା ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଭାବେ ସଫଳତା ପାଇଥିଲା। ତା'ପରେ ଭାଜପା ସମର୍ଥନରେ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡି କ୍ଷମତା ଧରି ରଖିବାରେ ସକ୍ଷମ ହୋଇଥିଲା। ଏହି ସମୟ ମଧ୍ୟରେ ପ୍ୟାରୀମୋହନ ମହାପାତ୍ର ଯେଉଁ ଭିତ୍ତିଭୂମି ସୃଷ୍ଟି କରିପାରିଥିଲେ, ତାହା ଉପରେ ନିର୍ଭର କରି ବିଜୁ ଜନତା ଦଳ ଏକାକୀ ୨୦୦୯ ନିର୍ବାଚନ ଲଢ଼ି ଜିତିପାରିଥିଲା। ଏହା ସତ୍ୟ ଯେ, ନବୀନଙ୍କ ନାମରେ ଭୋଟ ଆସୁଥିଲା। କିନ୍ତୁ ପ୍ୟାରୀଙ୍କ ଭଳି ଦଳର ଆହୁରି ଅନେକ ସଦସ୍ୟ କଳସରେ ଆଞ୍ଜୁଳେ ପାଣି ଢାଳିବା ହେତୁ ବିଜୁ ଜନତା ଦଳ ୨୪ ବର୍ଷ ତିଷ୍ଠିଲା। ୨୦୧୯ ପରେ ପାଗଳାମି ଆରମ୍ଭ ହୋଇଥିଲା। ଆଜି ଯଦି କେହି କହୁଥାଏ ଯେ, ବିଜେଡି କେବଳ ନବୀନଙ୍କ ନାମରେ ୫ ଥର ଜିତିଥିଲା, ତେବେ ୬ଷ୍ଠ ଥର ପରାଜୟ ପାଇଁ ମଧ୍ୟ ସେହି ନେତା ସମ୍ପୂର୍ଣ୍ଣ ଦାୟୀ ହେବେ।

ପ୍ରଥମଥର ପାଇଁ ଓଡ଼ିଶାରେ ଭାଜପା ସରକାର ଗଠନ କରିଛି। ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ ରାଜ୍ୟର କୋଣ ଅନୁକୋଣକୁ ନିଜେ ବୁଲିବା ସହିତ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଧାୟକମାନଙ୍କୁ ବିଭିନ୍ନ ଅଞ୍ଚଳ ଯାଇ ଲୋକଙ୍କ ଅଭିଯୋଗ ଓ ସମସ୍ୟା ବୁଝିବା ଉପରେ ଗୁରୁତ୍ୱ ଦେଉଛନ୍ତି। ସେ ଏଭଳି ଏକ ସକାରାତ୍ମକ ବାତାବରଣ ସୃଷ୍ଟି କରୁଛନ୍ତି, ଯାହା ଏକ ଦୃଢ଼ ଗଣତାନ୍ତ୍ରିକ ସରକାରର ସଙ୍କେତ ଦେଉଛି। ଏହା ଜଣାଶୁଣା ଯେ ଜଣେ ନେତା ଲୋକଙ୍କ ପାଖକୁ ଗଲେ ସାଧାରଣରେ ସରକାରଙ୍କ ଉପରେ ଆସ୍ଥା ଓ ଭରସା ବୃଦ୍ଧି ପାଇଥାଏ। ଗୋଟେ ମାନସିକତା ରହିଆସିଛି ଯେ ଆମକୁ ଶାସନ କରୁଥିବା ଜଣେ କେହି ରାଜା ବା ସମ୍ଭ୍ରାନ୍ତ ବର୍ଗର ହୋଇଥିବା ଦରକାର। କିନ୍ତୁ ନୂଆ ସରକାର ସେଭଳି ନେତାଙ୍କ ଠାଣିକୁ ଭାଙ୍ଗି ଲୋକଙ୍କ ସରକାର ହେବାକୁ ଚେଷ୍ଟା କରିବା ରାଜ୍ୟ ପାଇଁ ଏକ ଶୁଭ ସଙ୍କେତ। ଦେଶର ଅନ୍ୟାନ୍ୟ ଭାଜପା ଶାସିତ ରାଜ୍ୟ ବିଶେଷକରି ଉତ୍ତର ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ଅସୂୟାଭାବ ଦେଖାଦେବା ସହ ଧର୍ମୀୟ ବାଛବିଚାର ଓ ବିଭାଜନ ରାଜନୀତି ସର୍ବାଗ୍ରେ ରହୁଥିବାବେଳେ ଓଡ଼ିଶାରେ ତାହାର କୌଣସି ମାତ୍ର ପ୍ରଭାବ ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ଅର୍ଥାତ୍ ଜାତୀୟ ଭାଜପାର ଅଗଣତାନ୍ତ୍ରିକ ଚରିତ୍ରଠାରୁ ଓଡ଼ିଶାରେ ପ୍ରାରମ୍ଭିକ ସ୍ତରରେ, ଭାଜପା ସରକାର, ଏକ ସ୍ୱାଗତଯୋଗ୍ୟ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପସନ୍ଦ କରେ ବୋଲି ଦର୍ଶାଉଛି। ଏହିଭଳି ଆଭିମୁଖ୍ୟ ଭବିଷ୍ୟତରେ ରହିଲେ ସେହି ଦଳ ଓ ତା'ର ନେତୃବୃନ୍ଦଙ୍କୁ ଦୀର୍ଘମିଆଦୀ ରାଜନୈତିକ ଲାଭ ଆଣିଦେଇ ପାରିବ। କାରଣ ଓଡ଼ିଶାବାସୀ କେବେହେଲେ ହିଂସାତ୍ମକ କାର୍ଯ୍ୟକଳାପକୁ ପସନ୍ଦ କରନ୍ତି ନାହିଁ। ନିକଟରେ ବାଲେଶ୍ୱର ଜିଲା ରେମୁଣା ଥାନା ଛଣଖଣପୁରରେ ଘଟିଥିବା ଘଟଣା ରାଜ୍ୟ ପାଇଁ ଏକ ନକାରାତ୍ମକ ଛବି ଦେଖାଉଛି। ଅନ୍ୟପଟେ ବିଜେଡି ସରକାର ଅମଳରେ ଲୋକଙ୍କ ପାଖକୁ ପଦଯାତ୍ରାରେ ଯିବା ଗୋଟେ ଫେଶନ ହୋଇଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ୨ ଅକ୍ଟୋବରରୁ ୧୧ ଅକ୍ଟୋବର ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଯାଏ ଜନସମ୍ପର୍କ ଯାତ୍ରା କିଭଳି ଚାଲିଥିଲା ତାହା ଆମେ ଦେଖିଛୁ। ଶେଷରେ 'ନୂଆ-ଓ' ଏବଂ ନବୀନ ଓଡ଼ିଶା ଭଳି କାର୍ଯ୍ୟକ୍ରମ ବିଜେଡିକୁ କ୍ଷତି ପହଞ୍ଚାଇଥିଲା।

ନୂଆବର୍ଷ ୨୦୨୫ ଆସିଛି। ଏକ ସୁସ୍ଥ ଗଣତନ୍ତ୍ର ସକାଶେ ଶକ୍ତିଶାଳୀ ବିରୋଧୀ ଦଳର ମଧ୍ୟ ଆବଶ୍ୟକତା ଅଛି। କାରଣ ଆସନ୍ତାଦିନର ରାଜନୀତି ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ବିକଳ୍ପ ଦେଖିବା ଲାଗି ଓଡ଼ିଶା ଭୋଟରଙ୍କୁ ସୁଯୋଗ ମିଳିବା ଦରକାର। ଏବେ ସକାରାତ୍ମକ ରାଜନୀତି ଆରମ୍ଭ କରିବାକୁ ହେବ। ଓଡ଼ିଶାର ରାଜନୈତିକ ଇତିହାସ କହୁଛି ଯେ ଏହି ରାଜ୍ୟରେ ଜାତୀୟ ଦଳ ପରିବର୍ତ୍ତେ ସାଧାରଣ ଓଡ଼ିଆ ଭୋଟର ୧୯୬୦ ଦଶନ୍ଧିରୁ, ଯେତେବେଳେ ସୁଯୋଗ ମିଳିଛି, ଆଞ୍ଚଳିକ ନେତୃତ୍ୱକୁ ସମର୍ଥନ କରିଆସିଛନ୍ତି। ଜାନକୀଙ୍କୁ ବିରୋଧ କରି ନବୀନ ଆସିଥିଲେ। ୨୪ ବର୍ଷର ଶାସନ ପରେ ନବୀନଙ୍କୁ ନାପସନ୍ଦ କରି ଓଡ଼ିଆ ଭୋଟର ଭାଜପାକୁ ଆଣିଲେ। ଏବେ ସକାରାତ୍ମକ ଚିନ୍ତାରେ ବିରୋଧୀ ଛିଡ଼ାହେଲେ ନାପସନ୍ଦ ପରିବର୍ତ୍ତେ ପସନ୍ଦ ପାଇଁ ରାଜନୀତି କରିବାର ସୁଯୋଗ ସୃଷ୍ଟି ହୋଇପାରିବ।

**ତଥାଗତ ସତପଥୀ**



ନବବର୍ଷକୁ ସ୍ୱାଗତ ଜଣାଇ ମଙ୍ଗଳବାର ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ପ୍ରସ୍ତୁତ କରିଥିବା ବାଲୁକା କଳା।

## ଲୋକସେବା ଭବନ ଯିବାକୁ ଖବରଦାତାଙ୍କୁ ଅନୁମତି

ଭୁବନେଶ୍ୱର,୩୧।୧୨(ସୁନିତ୍ ମିଶ୍ର)

ଖବରଦାତାମାନେ ଏଣିକି ଲୋକସେବା ଭବନକୁ ଯାଇପାରିବେ। କୋଭିଡ୍-୧୯ ପରେ ପୂର୍ବ ସରକାର ଲୋକସେବା ଭବନ ଭିତରକୁ ଖବରଦାତାମାନଙ୍କୁ ଯିବାକୁ ବାରଣ କରିଥିଲେ। କୋଭିଡ୍ କଟକଣା ଉଠିଥିଲେ ମଧ୍ୟ ପ୍ରବେଶ ପାଇଁ ପୂର୍ବ ସରକାର ଅନୁମତି ଦେଇ ନ ଥିଲେ। ଭାଜପା ସରକାର କ୍ଷମତାକୁ ଆସିବା ପରେ ଲୋକସେବା ଭବନ ଭିତରକୁ ପ୍ରବେଶ ପାଇଁ ଖବରଦାତାଙ୍କୁ ଅନୁମତି ଦେଇଛନ୍ତି। ଏ ନେଇ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଗତ ୨୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଭୟ ସ୍ୱୀକୃତିପ୍ରାପ୍ତ ଓ ଅଣସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କୁ ପ୍ରବେଶ ଅନୁମତି ଦିଆଯାଇଛି।

# ଜନଜାତିଙ୍କ ସମ୍ପତ୍ତି ହସ୍ତାନ୍ତର ହୋଇପାରିବ ନାହିଁ

ଭୁବନେଶ୍ୱର,୩୧।୧୨(ଅନିଲ ଦାସ)

**ଟିଏସି ବୈଠକରେ ନିଷ୍ପତ୍ତି**

- **୨୦୨୩ର ହସ୍ତାନ୍ତର ସମ୍ପର୍କିତ ସଂଶୋଧନକୁ ନାମଞ୍ଜୁର**
- **ପେସା ନିୟମ ଉପରେ ଅଧିକ ତର୍ଜମା ହେବ**
- **୫ରେ ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ: ମୁଖ୍ୟମନ୍ତ୍ରୀ**


ମୋହନ ଚରଣ ମାଝୀ

ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ହସ୍ତାନ୍ତର କରିବା ପାଇଁ ବିଜେଡି ସରକାର ଅମଳରେ ହୋଇଥିବା ତ୍ରୁଟିକୁ ଭାଜପା ସରକାର ସୁଧାରିଛନ୍ତି। ଜମିଜମା ହସ୍ତାନ୍ତରଣ ଆଇନ-୧୯୫୬ ନିୟମାବଳୀ-୨ର ସଂଶୋଧନ ପ୍ରସ୍ତାବକୁ ନାମଞ୍ଜୁର କରାଯାଇଛି। ଏଥିସହିତ ପେସା ଆଇନ-୧୯୯୬ର ଡ୍ରାଫ୍ଟ ରୁଲ୍ ଉପରେ ଅଧିକ ତର୍ଜମା କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଆସନ୍ତା ୫ ତାରିଖରେ ମାଧୋ ସିଂ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ପ୍ରଥମ ଜନଜାତି ଉପଦେଷ୍ଟା ପରିଷଦ(ଟିଏସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

୨୦୨୩ ଜୁଲାଇ ୧୧ରେ ଅନୁଷ୍ଠିତ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ଜମିଜମା ହସ୍ତାନ୍ତରଣ ଆଇନ-୧୯୫୬ର ନିୟମାବଳୀ-୨ର ସଂଶୋଧନ ପ୍ରସ୍ତାବ ଆସିଥିଲା। ୨୦୨୩ ନଭେମ୍ବର ୧୪ରେ କ୍ୟାବିନେଟ ବୈଠକରେ ଏହାକୁ ଅନୁମୋଦନ କରାଯାଇଥିଲା। ତେବେ ୨୦୨୪ ଜାନୁଆରୀ ୨୯ରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହାକୁ ରଦ୍ଦ କରାଯାଇଥିଲା। ଏହା ଫଳରେ ଆଦିବାସୀମାନଙ୍କ ସମ୍ପତ୍ତିକୁ ହସ୍ତାନ୍ତର କରାଯାଇପାରିବ ନାହିଁ। ତେବେ ଜନଜାତି ଲୋକମାନେ ସେମାନଙ୍କର ବିଭିନ୍ନ ଜରୁରୀ କାମ, ଯେପରି ବିବାହ, ପିଲାଙ୍କ ଉଚ୍ଚଶିକ୍ଷା କିମ୍ବା ବ୍ୟବସାୟ ଆଦି କାମରେ ଋଣ ପାଇପାରିବେ, ସେଥିପାଇଁ ଆଗାମୀ ଦିନରେ ଅନ୍ୟାନ୍ୟ ବିକଳ୍ପ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନଜାତିମାନଙ୍କୁ ସବୁ କ୍ଷେତ୍ରରେ ନ୍ୟାୟ ମିଳିବା ଏବଂ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ହୋଇ କାମ କରୁଛନ୍ତି। ଏହି ନୂତନ ପରିଷଦରେ ଆଗାମୀ ୨ ବର୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଓ.ଆର୍.ଭି. ଆଇନରେ ଅନୁସୂଚିତ ଜନଜାତି ଓ ଜାତି ପିଲାମାନେ ଯେପରି ନ୍ୟାୟ ପାଇବେ ସେନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଜନଜାତିମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ। ବୈଠକରେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହାବ୍ୟତୀତ ଅନ୍ୟାନ୍ୟ ଜନଜାତି ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା ପାଇଁ ଆଲୋଚନା ହୋଇଥିଲା। ପେସା ଆଇନ-୧୯୯୬ର କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତ କରାଯାଇଥିବା ନିୟମାବଳୀ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ତେବେ ଏହି ନିୟମାବଳୀ ଉପରେ ଅଧିକ ଆଲୋଚନା କରାଯାଇ ନିଷ୍ପତ୍ତି ନେବା ପାଇଁ ସ୍ଥିର କରାଯାଇଥିଲା। ଏଥିପାଇଁ ଏକ ରାଜ୍ୟସ୍ତରୀୟ ୱାର୍କଶପ୍ ଆୟୋଜନ କରାଯାଇ ଏଥିରେ ବ୍ଲକ୍ ଓ ଜିଲାସ୍ତରୀୟ ଜନଜାତି ପ୍ରତିନିଧି, ପୌରାଞ୍ଚଳ, ବିଧାନସଭା, ଲୋକ ସଭା ଓ ରାଜ୍ୟ ସଭାର ଜନଜାତି ପ୍ରତିନିଧିମାନଙ୍କୁ ସାମିଲ କରାଯାଇ ଏହି ନିୟମାବଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜନଜାତିମାନଙ୍କ ସାମାଜିକ, ଆର୍ଥିକ ଓ ରାଜନୈତିକ ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ☞ପୃଷ୍ଠା-୨

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'କୃଷି ଜୀବନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

# ମଣିପୁର ହିଂସା: କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ

ଇମ୍ଫାଲ୍,୩୧।୧୨(ପି.ଟି.)


ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ

ମଣିପୁରରେ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ୨୦୨୩ ମେ'ରୁ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ଅନେକ ହଜାର ଲୋକ ଘରଦ୍ୱାର ହରାଇ ଆଶ୍ରୟ ସ୍ଥଳରେ ମୁଣ୍ଡ ଗୁଞ୍ଜିଛନ୍ତି। ଏହି ଜାତିଆଣ ସଂଘର୍ଷ ପାଇଁ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ୨୦୨୪ ବର୍ଷର ଶେଷ ଦିନରେ ରାଜ୍ୟବାସୀଙ୍କୁ କ୍ଷମା ମାଗିଛନ୍ତି। ରାଜ୍ୟରେ ଯାହାକିଛି ଘଟିଯାଇଛି, ସେଥିପାଇଁ ସେ ଦୁଃଖିତ। ଅନେକେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଥିବାବେଳେ ବହୁତ ଲୋକ ଘରଦ୍ୱାର ହରାଇଛନ୍ତି। ଏହି ହିଂସାକୁ ଭୁଲିଯିବା ସହ ଅତୀତର ଭୁଲ୍ ପାଇଁ କ୍ଷମା ଦେବାକୁ ମୁଖ୍ୟମନ୍ତ୍ରୀ ସବୁ ସମ୍ପ୍ରଦାୟକୁ ନିବେଦନ କରିଛନ୍ତି। ଏଥିସହିତ ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ରାଜ୍ୟରେ ସମସ୍ତେ ମିଳିମିଶି ଚଳିବାକୁ ସେ ଅପିଲ୍ କରିଛନ୍ତି।

ଏକ ଖବରଦାତା ସମ୍ମିଳନୀରେ ବୀରେନ୍ କହିଛନ୍ତି, ଗତ ୩ରୁ ୪ ମାସ ହେଲା ମଣିପୁରରେ ଆପାତତଃ ଶାନ୍ତି ଜାରି ରହିଛି। ନୂତନ ବର୍ଷରେ ସ୍ୱାଭାବିକ ସ୍ଥିତି ଫେରିଆସିବା ନେଇ ସେ ଆଶାବାଦୀ। ୨୦୨୩ ମେ'ରୁ ଅକ୍ଟୋବର ମଧ୍ୟରେ ମଣିପୁରରେ ୪୦୮ଟି ଗୁଳିକାଣ୍ଡ ଘଟଣା ଘଟିଥିଲା। ୨୦୨୩ ନଭେମ୍ବରରୁ ୨୦୨୪ ଏପ୍ରିଲ ମଧ୍ୟରେ ୩୪୫ଟି ଗୁଳିକାଣ୍ଡ ଏବଂ ମେ'ରୁ ଏପର୍ଯ୍ୟନ୍ତ ୧୧୨ଟି ଗୁଳିକାଣ୍ଡ ଘଟିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ହିଂସା ବେଳେ ଲୁଟ୍ ହୋଇଥିବା ସମସ୍ତ ୩,୧୧୨ଟି ଅସ୍ତ୍ର ଏବଂ ୨,୫୧୧ ବିସ୍ଫୋରକ ସାମଗ୍ରୀକୁ ଜବତ କରାଯାଇଛି। ହିଂସାକାଣ୍ଡ ଘଟଣାରେ ୬୨୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୨,୦୪୭ଟି ଏତଲା ଦାଏର ହୋଇଛି।

ମଣିପୁର ହିଂସା ଘଟଣାରେ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ କ୍ଷମା ମାଗିବା ପରେ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛି। ପ୍ରଧାନମନ୍ତ୍ରୀ ସାରା ☞ପୃଷ୍ଠା-୨

# ଓଡ଼ିଶା ଆସୁଛି 'ଜିନ୍ନତ'

ଭୁବନେଶ୍ୱର,୩୧।୧୨(ବନ୍ଦନା ସେଠୀ)


**ଦୂରହେଲା ଦ୍ୱନ୍ଦ୍ୱ**

ଓଡ଼ିଶା ଫେରିବ ବାଘୁଣୀ ଜିନ୍ନତ। ଏନେଇ ବନବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ଜିନ୍ନତ ଓଡ଼ିଶା ଫେରିବା ନେଇ ଯେଉଁ ସନ୍ଦେହ ସୃଷ୍ଟି ହୋଇଥିଲା, ତାହା ଦୂର ହୋଇଛି। ଜିନ୍ନତ ଓଡ଼ିଶା ଆସିବା ପାଇଁ ଆବଶ୍ୟକୀୟ କାଗଜପତ୍ର ଓ ସ୍ୱାସ୍ଥ୍ୟ ପରୀକ୍ଷା ସରିଛି। ମଙ୍ଗଳବାର ରାତିରେ ଜିନ୍ନତକୁ ସୁରକ୍ଷିତ ଭାବେ ଅଲିପୁର ଚିଡ଼ିଆଖାନାରୁ ଓଡ଼ିଶା ଅଭିମୁଖେ ପଠାଯିବା ସହ ମଧ୍ୟରାତ୍ରି ସୁଦ୍ଧା ଜିନ୍ନତକୁ ଶିମିଳିପାଳ ଜଙ୍ଗଲରେ ଛଡ଼ାଯିବ ବୋଲି ପିସିସିଏଫ୍ ପ୍ରେମ୍ କୁମାର ଝା ସୂଚନା ଦେଇଛନ୍ତି। ଅପରପକ୍ଷେ ଟ୍ରାଙ୍କୁଲାଇଜ୍ ହେବାର ୨ଦିନ ପରେ ବି ଜିନ୍ନତ୍‌କୁ ଓଡ଼ିଶା ଅଣାଯାଉ ନ ଥିବାରୁ ଏନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏପରିକି ପଶ୍ଚିମବଙ୍ଗ ସରକାର ବାଘୁଣୀକୁ ଛାଡୁ ନ ଥିବା ମଧ୍ୟ ଚର୍ଚ୍ଚା ହୋଇଥିଲା। ତେଣୁ ଏନେଇ ପିସିସିଏଫ୍‌ଙ୍କ ପକ୍ଷରୁ ଉଭୟ କେନ୍ଦ୍ର ସରକାର ଏବଂ ନ୍ୟାଶନାଲ ଟାଇଗର କଞ୍ଜରଭେଶନ୍ ଅଥରିଟି (ଏନ୍‌ଟିସିଏ)କୁ ଚିଠି ଲେଖାଯାଇଥିଲା। ସେହିପରି ଟ୍ରାଙ୍କୁଲାଇଜ୍ ☞ପୃଷ୍ଠା-୨

# ନୂଆବର୍ଷରେ ୮୦୯ କୋଟି ଜନସଂଖ୍ୟା

**୨୦୨୪ରେ ବିଶ୍ୱ ଜନସଂଖ୍ୟା ୭୧ ନିୟୁତ ବୃଦ୍ଧି ପାଇବା ସହ ନୂଆବର୍ଷରେ ୮.୦୯ କୋଟିରେ ପହଞ୍ଚିଛି। ୨୦୨୩ର ୭୫ ନିୟୁତ ଜନସଂଖ୍ୟା ବୃଦ୍ଧି ତୁଳନାରେ ଏହା କମ୍ ହୋଇଥିଲେ ମଧ୍ୟ ବିଦାୟୀ ବର୍ଷର ଅଭିବୃଦ୍ଧି ୦.୯% ରହିଛି। ୨୦୨୫ ଜାନୁଆରୀରେ ବିଶ୍ୱବ୍ୟାପୀ ସେକେଣ୍ଡ ପ୍ରତି ୪.୨ ଜଣ ଜନ୍ମ ହେବା ଓ ୨.୦ ମୃତ୍ୟୁ ଘଟିବା ଅନୁମାନ କରାଯାଉଛି। ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତରେ ୧୪୧ କୋଟି ଲୋକ ବସବାସ କରୁଥିବାବେଳେ ଚାଇନା ୧୪୦.୮ କୋଟି ଜନସଂଖ୍ୟା ସହ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି। ଆମେରିକା ତୃତୀୟ ଜନବହୁଳ ରାଷ୍ଟ୍ର ହୋଇଥିବାବେଳେ ଇଣ୍ଡୋନେସିଆ, ପାକିସ୍ତାନ ଓ ନାଇଜେରିଆ ଯଥାକ୍ରମେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। ନବବର୍ଷର ଅବ୍ୟବହିତ ପୂର୍ବରୁ ଆମେରିକା ସେନ୍‌ସସ୍ ବ୍ୟୁରୋ ପକ୍ଷରୁ ଏହି ତଥ୍ୟ ଜାରି କରାଯାଇଛି। ଏଥିରେ ଆହୁରି ଦର୍ଶାଯାଇଛି ଯେ, ୨୦୨୦ ଦଶକ ଆମେରିକାରେ ସବୁଠୁ କମ୍ ଜନସଂଖ୍ୟା ବୃଦ୍ଧିର ଦଶକ ହେବାକୁ ଯାଉଛି। ତେବେ ପ୍ରତି ୨୧ ସେକେଣ୍ଡରେ ଜଣେ ନୂଆ ବିଦେଶୀ ଆମେରିକାରେ ପ୍ରବେଶ କରୁଥିବାରୁ ଦେଶର ଜନସଂଖ୍ୟା ବୃଦ୍ଧିରେ ଅନ୍ତର୍ଜାତୀୟ ଆପ୍ରବାସୀଙ୍କ ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ହେବାକୁ ଯାଉଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।**

ୱାଶିଂଟନ, ୩୧।୧୨

- **ଭାରତରେ ସର୍ବାଧିକ ୧୪୧ କୋଟି**
- **୨୦୨୪ରେ ବିଶ୍ୱରେ ବଢ଼ିଛି ୭.୧ କୋଟି**

୨୦୨୫ ଜାନୁଆରୀ ୧ ସୁଦ୍ଧା ବିଶ୍ୱର ଜନସଂଖ୍ୟା ୮୦୯ କୋଟିରେ ପହଞ୍ଚିଛି। ଆମେରିକାର ଜନଗଣନା ବ୍ୟୁରୋ(ୟୁଏସ୍‌ସିବି) ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଏହି ଆକଳନ କରାଯାଇଛି। କେବଳ ୨୦୨୪ରେ ବିଶ୍ୱ ଜନସଂଖ୍ୟାରେ ୭.୧ କୋଟି ବୃଦ୍ଧି ଘଟିଛି। ୨୦୨୪ ଜାନୁଆରୀ ୧ ସୁଦ୍ଧା ବିଶ୍ୱର ସମୁଦାୟ ଜନସଂଖ୍ୟା ୮୦୧.୯ କୋଟି ଥିବାବେଳେ ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୮୦୯ କୋଟିରେ ପହଞ୍ଚିଛି। ୨୦୨୪ରେ ବିଶ୍ୱର ଜନସଂଖ୍ୟା ୦.୯% ହାରରେ ବୃଦ୍ଧି ପାଇଥିଲା, ଯାହା ୨୦୨୩ର ଜନସଂଖ୍ୟା ବୃଦ୍ଧି ହାରଠାରୁ କମ୍ ରହିଥିବା ନେଇ ୟୁଏସ୍‌ସିବି ଆକଳନ କରିଛି। ତେବେ କେବଳ ୨୦୨୩ରେ ବିଶ୍ୱ ଜନସଂଖ୍ୟାରେ ୭.୫ କୋଟି ବୃଦ୍ଧି ଘଟିଥିବା ନେଇ ୟୁଏସ୍‌ସିବି କହିଛି।

ଉକ୍ତ ରିପୋର୍ଟ ଅନୁଯାୟୀ, ୧୪୧ କୋଟି ଜନସଂଖ୍ୟା ସହ ଭାରତ ହେଉଛି ବିଶ୍ୱର ସବୁଠୁ ଜନବହୁଳ ଦେଶ। ୨୦୨୪ ଜୁଲାଇରେ ଭାରତ ଜନସଂଖ୍ୟା ପ୍ରଥମଥର ପାଇଁ ଚାଇନାକୁ ଟପିଥିଲା। ସର୍ବାଧିକ ଜନସଂଖ୍ୟା ତାଲିକାରେ ୧୪୦.୮ କୋଟି ଜନସଂଖ୍ୟା ସହ ଭାରତର ଠିକ୍ ପଛକୁ ଚାଇନା ରହିଛି। ସେହିପରି ୩୪.୧ କୋଟି ଲୋକଙ୍କ ସହ ଆମେରିକା ବିଶ୍ୱର ତୃତୀୟ ଜନବହୁଳ ଦେଶ ହୋଇଥିବା ଏହି ରିପୋର୍ଟ କହିଛି। ୨୦୨୪ରେ କେବଳ ଆମେରିକାରେ ୦.୭୮% ହାରରେ ☞ପୃଷ୍ଠା-୨

# ମହାକାଶରେ ୧୬ ଥର ନବବର୍ଷ ପାଳିବେ ସୁନୀତା

ୱାଶିଂଟନ, ୩୧।୧୨




ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ 'ଏକ୍ସପେଡିଶନ ୭୨' ମିଶନର କ୍ରିଉ ସଦସ୍ୟମାନେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ରେ ୧୬ଥର ନୂଆବର୍ଷ ପାଳନ କରିବେ। ଜାନୁଆରୀ ୧ରେ ସେମାନେ ୧୬ଥର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତକୁ ଦେଖି ନୂଆବର୍ଷକୁ ଅନୁଭବ କରିବେ। ସୁନୀତାଙ୍କ ନେତୃତ୍ୱରେ 'ଏକ୍ସପେଡିଶନ ୭୨'ର କ୍ରିଉ ସଦସ୍ୟମାନେ ଏବେ ଆଇଏସ୍‌ଏସ୍‌ରେ ୪୦୦ କିଲୋମିଟର ଉଚ୍ଚତାରେ ରହିଛନ୍ତି। ଆଇଏସ୍‌ଏସ୍ ହାରାହାରି ୯୦ ମିନିଟ ଅବଧିରେ ପୃଥିବୀ ପରିକ୍ରମା କରୁଛି। ତେଣୁ ସୁନୀତା ଏବଂ ସାଥୀ ମହାକାଶଚାରୀମାନେ ନୂଆବର୍ଷରେ ୧୬ଥର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖିବାକୁ ସକ୍ଷମ ହେବେ। 'ଏକ୍ସପେଡିଶନ ୭୨'ର କ୍ରିଉ ସଦସ୍ୟଙ୍କ ନୂଆ ବର୍ଷ ପାଳନ ନିମନ୍ତେ ନାସା ପକ୍ଷରୁ ପୃଥିବୀରୁ ଆଇଏସ୍‌ଏସ୍‌କୁ ସ୍ୱତନ୍ତ୍ର ଖାଦ୍ୟ ପଠାଯାଇଛି। ସୁନୀତା ଓ ସାଥୀ ମହାକାଶଚାରୀ ଭିଡିଓ କଲ୍ ମାଧ୍ୟମରେ ପରିବାର ଏବଂ ବନ୍ଧୁବାନ୍ଧବଙ୍କ ସହ ଯୋଡ଼ିହୋଇ ନୂଆବର୍ଷ ସେଲିବ୍ରେଶନରେ ସାମିଲ ହେବେ। ପ୍ରକାଶ ଯେ, ଜୁନ୍ ୨୦୨୪ରେ ସାଥୀ ମହାକାଶଚାରୀ ବୁଚ୍ ୱିଲମୋରଙ୍କ ସହ ସୁନୀତା ୮ ଦିନିଆ ମିଶନରେ ଆଇଏସ୍‌ଏସ୍‌କୁ ଯାଇଥିଲେ। ତେବେ ବୋଇଂର ଷ୍ଟାରଲାଇନର କ୍ୟାପସୁଲରେ ବୈଷୟିକ ତ୍ରୁଟି ଦେଖାଯିବା ହେତୁ ପ୍ରାୟ ୭ ମାସ ହେବ ଉଭୟ ଆଇଏସ୍‌ଏସ୍‌ରେ ଫସି ରହିଛନ୍ତି। 'କ୍ରିଉ-୯' ମିଶନ ଲଞ୍ଚିଂରେ ବିଳମ୍ବ ଘଟିଥିବାରୁ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସୁନୀତା ଓ ବୁଚ୍‌ଙ୍କୁ ପୃଥିବୀ ଫେରାଇ ଆଣିବା ସମ୍ଭବ ନୁହେଁ ବୋଲି ନାସା ସ୍ପଷ୍ଟ କରିଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ପ୍ରାର୍ଥନା ଦିବସ ପରିଚାଳନା କମିଟି ପକ୍ଷରୁ ବିଶ୍ୱଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା, ସ୍ଥାନ: ଶିବାନନ୍ଦ ଆଶ୍ରମ, ୟୁନିଟ୍-୯, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ସ୍ଥାନ: ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସମୟ: ସକାଳ ୯ଟା ୩୦।
- ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ସହ କଥା ଏବଂ ତତ୍ତ୍ୱଭିତ୍ତିକ ନାଟ୍ୟପୁସ୍ତକ 'କନକବିଦ୍ୟା' ଉନ୍ମୋଚନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ

- ଗୋପୀନାଥ ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ୪୨ତମ ଏକଦିବସୀୟ ବରାହୀପୁର କପ୍ ଫୁଟ୍‌ବଲ, ସ୍ଥାନ: କଣ୍ଟାପଡା ବ୍ଲକ ବରାହୀପୁର ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ପତିତପାବନଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ସପ୍ତବିଂଶତମ ଅଖଣ୍ଡ ଭଜନ ମହୋତ୍ସବ, ସ୍ଥାନ: ଦୋଳମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

### ପୁରୀ

- ମୋହନ ଦାସ ସ୍ମୃତି କମିଟି, ପତିତପାବନ ସେବାସଂଘ ଶହୀଦ ସ୍ମୃତି ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ୩୦ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଚଁଅରପଦା ପତିତପାବନ ସେବାସଂଘ, ନିମାପଡ଼ା, ସମୟ: ଅପରାହ୍ନ ୩ଟା।

### ବାଲେଶ୍ୱର

- ୩୫ତମ ଚନ୍ଦ୍ରଭାଗା ଉତ୍ସବର ପଞ୍ଚମ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ନବମ ଦିବସ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

### ଭଦ୍ରକ

- ବନ୍ତ ମିନି ମାରାଥନ, ସ୍ଥାନ: ଗିଲୋ କେନାଲ ଛକଠାରୁ ତାରିଣୀ ମନ୍ଦିର, ଶ୍ରୀବନ୍ତପୁର, ବନ୍ତ, ସମୟ: ସକାଳ ୮ଟା।
- ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ହାଇସ୍କୁଲ ପଡ଼ିଆ, ଚରମ୍ପା, ସମୟ: ସକାଳ ୯ଟା।
- ବିପ୍ଳବୀ ଚକ୍ରଧର ବେହେରାଙ୍କ ୫୨ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଘଣ୍ଟେଶ୍ୱର ବିବିସି ବିଦ୍ୟାପୀଠ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଗରପଡ଼ା ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

### ମୟୂରଭଞ୍ଜ

- ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ୱାକାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ୟଙ୍ଗ ମ୍ୟାନ୍ ଆସୋସିଏଶନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ:ବେତନଟୀ ଧମାକା ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମିଶ୍ରଣ ଦିବସ ପାଳନ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା ଗୃହ, ବାରିପଦା,ସମୟ: ଅପରାହ୍ନ ୪ଟା।

### ବ୍ରହ୍ମପୁର

- ଭାଷା ଆନ୍ଦୋଳନ ପକ୍ଷରୁ ଶଶୀଭୂଷଣ ରଥଙ୍କ ୧୪୧ ତମ ଜୟନ୍ତୀ ପାଳନ, ସ୍ଥାନ: ଶଶୀଭୂଷଣ ରଥ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।

### ଢେଙ୍କାନାଳ

- ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।

### ଜଗତ୍‌ସିଂହପୁର

- ଆହ୍ୱାନ ଫାଉଣ୍ଡେଶନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ଡକ୍ ୱାର୍କର୍ସ ଚିତ୍ତ ବିନୋଦର କେନ୍ଦ୍ର, ବୃନ୍ଦାବନ କଲୋନୀ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦ୍ରାପଡ଼ା

- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଶ୍ରଦ୍ଧା ଡ୍ୟାନ୍ସ ଷ୍ଟୁଡିଓ, ହଳଦିଡିହ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।

### ଯାଜପୁର

- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୨୫ ଉଦଘାଟନ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ୯ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା, ସ୍ଥାନ : ଯାଜପୁର ରୋଡ଼ କାଳୀମେଲଣ ପଡ଼ିଆ,ସମୟ : ଅପରାହ୍ନ ୩ଟା।
- ଧର୍ମଶାଳା ମହୋତ୍ସବରେ ତାରିକ ଅଜିଜ ଓ ସାଥୀମାନଙ୍କ ବଲିଉଡ ନାଇଟ, ସ୍ଥାନ: ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼

- ନୟାଗଡ଼ ଯୋଗୀ ଯୋଗିଆଣି ପୀଠରେ ସାଧୁମେଳା, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୋସ୍କା, ସମୟ: ପୂର୍ବାହ୍ନ ୧୦ ଟା।

### ସମ୍ବଲପୁର

- ନବବର୍ଷ ଉପଲକ୍ଷେ ସମଲେଶ୍ୱରୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୭ଟା।
- ସମ୍ବଲପୁର ଲୋକ ମହୋତ୍ସବ-୨୫ ଆୟୋଜନରେ ଚିତ୍ରକଳା କର୍ମଶାଳା, ସ୍ଥାନ: ସମଲେଶ୍ୱରୀ ମନ୍ଦିର ପରିସର, ସମୟ : ସକାଳ ୯ଟା।
- ଅଇଁଠାପାଲି ବ୍ୟବସାୟିକ ସଂଘ ବୈଠକ, ସ୍ଥାନ: ସମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଲୋକ ମହୋତ୍ସବ ଆୟୋଜନ କମିଟି ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ଅପରାହ୍ନ ୩ଟା ୩୦।

### ବଲାଙ୍ଗୀର

- ସଡ଼କ ସୁରକ୍ଷା ମାସ ୨୦୨୫ ପାଳନର ଶୁଭାରମ୍ଭ, ସ୍ଥାନ: ସରକାରୀ ବସ ଗ୍ୟାରେଜ୍ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୪ ତମ ଜୟନ୍ତୀ ସମାରୋହ, ସ୍ଥାନ: ପତିତପାବନ ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ସୁବର୍ଣ୍ଣପୁର

- ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସୁରକ୍ଷା ରଥର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା।
- ପଅଁରୀ ଉତ୍ସବ ଶୁଭାରମ୍ଭ ଅବସରରେ ମଶାଲ ଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା।
- ନବାହ୍ନ ପାରାୟଣର ଉଦ୍‌ଯାପନୀ, ସ୍ଥାନ:ମେଣ୍ଟିଲିପାଲି, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ନବବର୍ଷ ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ:ଭାଲପାବଲି ଶିବ ମନ୍ଦିର,ବଡ଼ମାଳ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।ହ୍

### ବରଗଡ଼

- ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ପାର୍ବତୀ ଗିରି ମହିଳା କଲେଜ ସମ୍ମୁଖ, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମହିମା ଆଶ୍ରମ, ପଲସାନୀ(ବୁକୁରାମୁଣ୍ଡା), ପଦ୍ମପୁର, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡହଥା, ବରଗଡ଼, ସମୟ: ସକାଳ ୯ଟା।

### ଝାରସୁଗୁଡ଼ା

- ସତସଙ୍ଗ କାର୍ଯ୍ୟକ୍ରମ ଓ ପ୍ରବଚନ, ସ୍ଥାନ: କାତିକେଲା ସତସଙ୍ଗ ମଣ୍ଡପ, ସମୟ: ସକାଳ ୮ଟା।
- ରାମାୟଣ ପାଠ ଓ କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ମଳଦା କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ସଡ଼କ ସପ୍ତାହ ପାଳନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଦୁଲ୍‌ଦୁଲି ପାଇଁ କଳସ ଶୋଭାଯାତ୍ରା, ପୂଜାର୍ଚ୍ଚନା, ସ୍ଥାନ: କନକ ଦୁର୍ଗା ମନ୍ଦିର, ବେହେରାମାଲ, ସମୟ: ମଧ୍ୟାହ୍ନ ୧୨ଟା।

### ରାଉରକେଲା

- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।
- ଗୋପବନ୍ଧୁ ପାଠାଗାରର ପ୍ରତିଷ୍ଠା ଦିବସ, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସନ୍ଧ୍ୟା ୬ଟା ୩୦।

### ଦେବଗଡ଼

- ୩୨ତମ ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସାଇକେଲ ମ୍ୟାଜିକ ଶୋ', ସ୍ଥାନ: ରିଆମାଳ ବ୍ଲକ, ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା

- ଶ୍ରୀମଦ୍ ଭାଗବତ ଉପଲକ୍ଷେ ଅଜାମିଳ, ପ୍ରହ୍ଲାଦ, ଗଜାନନ ମୋକ୍ଷ, ବାମନ ଚରିତ୍ର କଥା, ସ୍ଥାନ: ନୂଆପଡା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ଅପରାହ୍ନ ୧ଟା।

### ବୌଦ୍ଧ

- ଚକରାପଥର ଯାତ୍ରା ଅବସରରେ ଧନୁଯାତ୍ରା ମହୋତ୍ସବ, ସ୍ଥାନ: ମାର୍ଡୋଲ ବେହେରାପଡା, କନ୍ଧମାଳ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

# ମହାନଦୀରୁ ଶନି, ହନୁମାନଙ୍କ ମୂର୍ତ୍ତି ଉଦ୍ଧାର





ନୟାଗଡ଼/ଭାପୁର,୩୧।୧୨

(ଲୋକନାଥ ମିଶ୍ର/ ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ଗାଁ ନିକଟସ୍ଥ ମହାନଦୀରୁ ମଙ୍ଗଳବାର ଶନି ଓ ହନୁମାନଙ୍କ ମୂର୍ତ୍ତି ଉଦ୍ଧାର କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ନଦୀକୂଳରେ ଲୋକଙ୍କ ଭିଡ଼ ଜମିଥିଲା। ତେବେ ଏହି ମୂର୍ତ୍ତି କେଉଁଠୁ ଆସିଲା ତାହା ସ୍ପଷ୍ଟ ହୋଇନାହିଁ। ଗ୍ରାମବାସୀ ଗାଁ ମନ୍ଦିରରେ ଉଭୟ ମୂର୍ତ୍ତିଙ୍କୁ ରଖି ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟାରେ ପଦ୍ମାବତୀ ଗ୍ରାମର ବାବୁଲି ବେହେରା, କୁନା ବେହେରା, ଜୟକୃଷ୍ଣ ଖଟୁଆ ପ୍ରମୁଖ ମହାନଦୀର ରାଇସର ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ପାଣି ଭିତରେ ଥିବା କୌଣସି କଠିନ ବସ୍ତୁ ସେମାନଙ୍କ ଗୋଡ଼ରେ ବାଜିଥିଲା। ସେମାନେ ଗ୍ରାମକୁ ଆସି ଏହି କଥା କହିଥିଲେ। ପଦ୍ମାବତୀ ଗ୍ରାମବାସୀ ଅପରାହ୍ନ ପ୍ରାୟ ୩ଟାରେ ଘଟଣାସ୍ଥଳକୁ ଡଙ୍ଗାରେ ଯାଇ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ ନଦୀର ଜଳରାଶିରୁ ଶନି ଓ ହନୁମାନଙ୍କ ମୂର୍ତ୍ତି ଉଦ୍ଧାର କରାଯାଇଥିଲା। ଏ କଥା ଜଣାପଡ଼ିବା ପରେ ଉଭୟ ମୂର୍ତ୍ତିଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଅପରାହ୍ନରେ ପଦ୍ମାବତୀ ଗ୍ରାମବାସୀ ନାମ ସଂକୀର୍ତ୍ତନ କରି ଉଭୟ ମୂର୍ତ୍ତିଙ୍କୁ ଆଣି ପଦ୍ମାବତୀ ବଉଳାକ୍ଷେତ୍ର ଜଗନ୍ନାଥ ମନ୍ଦିର ରଖି ପୂଜା କରିବାର ବ୍ୟବସ୍ଥା କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୨୩ରେ ମହାନଦୀରୁ ୮ଟି ନାଗ ମୂର୍ତ୍ତି ଉଦ୍ଧାର କରାଯାଇଥିଲା। ୨୦୨୦ ଜୁନ୍‌ରେ ମହାନଦୀର ଅତଳ ଜଳରାଶିରେ ୫୦୦ ବର୍ଷ ତଳର ଗୋପୀନାଥ ମନ୍ଦିର ଦୃଶ୍ୟମାନ ହୋଇଥିଲା। ଏହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ହେବା ସହ ମନ୍ଦିରର ପୁନରୁଦ୍ଧାର ପାଇଁ ଭାପୁର ବ୍ଲକ ଜନସାଧାରଣ ଦାବି କରିଥିଲେ। ତତ୍କାଳୀନ ନୟାଗଡ଼ ଜିଲାପାଳ ଗୋପୀନାଥ ମନ୍ଦିର ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ବୁଡ଼ାଳି ସବିର ବକ୍ସ ପାଣି ତଳୁ ଏକ ଭିଡିଓ କରାଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଉଚ୍ଚଶିକ୍ଷା ପାଇଁ...

ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂରଜ କହିଛନ୍ତି, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପ୍ରଣୟନ ନିମନ୍ତେ ସର୍ବମୋଟ ୬୭୬.୭ କୋଟି ଟଙ୍କା ଆର୍ଥିକ ରାଶି ଅନୁଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରୁ ୩୮ଟି ପ୍ରସ୍ତାବ ନିମନ୍ତେ ୬୭୦ କୋଟି ଟଙ୍କା ଏବଂ ମ୍ୟାନେଜମେଣ୍ଟ ମନିଟରିଙ୍ଗ ଇଭାଲ୍ୟୁଶନ ଆଣ୍ଡ ରିସର୍ଚ୍ଚ (ଏମ୍‌ଏମ୍‌ଇଆର୍) ଗ୍ରାଣ୍ଟ ନିମନ୍ତେ ୬.୭ କୋଟି ଟଙ୍କା ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ସର୍ବମୋଟ ୬୭୬.୭ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ର ସରକାରଙ୍କ ତରଫରୁ ୪୦୮.୭ କୋଟି ଏବଂ ରାଜ୍ୟ ସରକାରଙ୍କ ତରଫରୁ ୨୬୮ କୋଟି ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯିବ। ସର୍ବମୋଟ ଅନୁଦାନ ରାଶିକୁ ୫ଟି ବର୍ଗରେ ବିଭକ୍ତ କରାଯାଇଛି। ମଲ୍ଟି ଡିସିପ୍ଲିନାରୀ ଏଜୁକେଶନ ଏବଂ ରିସର୍ଚ୍ଚ ୟୁନିଭରସିଟି ବର୍ଗରେ ୪ଟି ବିଶ୍ୱବିଦ୍ୟାଳୟକୁ ୧୦୦ କୋଟି ଲେଖାଏ (ପ୍ରତ୍ୟେକକୁ ୧୦୦ କୋଟି, ସର୍ବମୋଟ ୪୦୦ କୋଟି), ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ବର୍ଗରେ ୫ଟି ବିଶ୍ୱବିଦ୍ୟାଳୟକୁ ୨୦ କୋଟି ଲେଖାଏ, ମହାବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ବର୍ଗରେ ୨୪ଟି ମହାବିଦ୍ୟାଳୟକୁ ୫ କୋଟି ଲେଖାଏ ଜେଣ୍ଡର ଇନ୍‌କ୍ଲୁଜନ ଓ ଇକ୍ୱାଲିଟି ଇନିସିଏଟିଭ ବର୍ଗରେ ୫ଟି ଜିଲାକୁ ୧୦ କୋଟି ଲେଖାଏ ଏବଂ ଏମ୍‌ଏମ୍‌ଇଆର୍ ଗ୍ରାଣ୍ଟ ନିମନ୍ତେ ୬.୭ କୋଟି ଟଙ୍କା ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ମଲ୍ଟି ଡିସିପ୍ଲିନାରୀ ଏଜୁକେଶନ ଏବଂ ରିସର୍ଚ୍ଚ ୟୁନିଭରସିଟି ବର୍ଗରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତ୍ୟେକଙ୍କୁ ୧୦୦ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ ଆକାଂକ୍ଷୀ ଜିଲାଗୁଡ଼ିକରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବିକାଶ ନିମନ୍ତେ ମଧ୍ୟ ଆର୍ଥିକ ରାଶି ଅନୁଦାନ ପ୍ରଦାନ କରାଯିବ, ଯାହାକି ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣରେ ମଧ୍ୟ ସହାୟକ ହେବ।

ମନ୍ତ୍ରୀ ସୂରଜ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସରୁମ, ଲାବରେଟୋରି, କମ୍ପ୍ୟୁଟର ଲାବୋରେଟୋରି, ଏକାଡେମିକ ବିଲ୍ଡିଂ, ଲାଇବ୍ରେରି ଆଦି ନିର୍ମାଣ କରାଯିବ। ଏହାସହ ଉଚ୍ଚକୋଟୀର ଗବେଷଣା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ପ୍ରଦାନ କରାଯିବ। ଯୋଜନାରେ ଛାତ୍ରୀ ଓ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷାରୁ ଯେପରି ବଞ୍ଚିତ ନ ହେବେ ସେହି ଦିଗରେ ମଧ୍ୟ ଧ୍ୟାନ ଦିଆଯିବ ବୋଲି କହିଛନ୍ତି।

## ୨୦୨୫: ଓଡ଼ିଶା ଦେଖିବ...

ଅବସର। ଏହି ସମାରୋହରେ ଦେଶ ବିଦେଶରୁ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ଅତିଥି ଯୋଗଦେବେ। ରାଜ୍ୟ ପର୍ଯ୍ୟଟନ ହେବ ଚଳଚଞ୍ଚଳ। ସେହିପରି ଜାନୁଆରୀ ଶେଷ ଭାଗରେ ଉତ୍କର୍ଷ ଓଡ଼ିଶା ମେକ୍ ଇନ କନ୍‌କ୍ଲେଭ ଆୟୋଜନ କରି ରାଜ୍ୟ ସରକାର ଏକ ନୂଆ ଶିଳ୍ପ ବିପ୍ଳବର ଅୟମାରମ୍ଭ କରିବେ। ଉତ୍କର୍ଷ ଉତ୍କଳ ସମ୍ମିଳନୀ ମାଧ୍ୟମରେ ୨୦୨୯ ସୁଦ୍ଧା ରାଜ୍ୟକୁ ଅଢ଼େଇ ଲକ୍ଷ କୋଟି ଟଙ୍କାର ଘରୋଇ ପୁଞ୍ଜି ଏବଂ ୨ ବିଲିୟନ ଡଲାରରୁ ଅଧିକ ବିଦେଶୀ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ନୂଆ ବର୍ଷରେ ନୂଆ ସରକାର ନୂତନ ଯୋଜନାର ଫର୍ଦ୍ଦ ଖୋଲିବେ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାଠାରୁ ଆରମ୍ଭ କରି 'ସେତୁ ବନ୍ଧନ ଯୋଜନା', 'ପଞ୍ଚସଖା ଶିକ୍ଷା ସେତୁ ଯୋଜନା', 'ଗ୍ରାମାଞ୍ଚଳ ପରିବହନ ଯୋଜନା', 'ବିକଶିତ ଗାଁ ବିକଶିତ ଓଡ଼ିଶା', 'ସିଏମ୍-କିଷାନ ଯୋଜନା', 'ଅନ୍ତ୍ୟୋଦୟ ଗୃହ ଯୋଜନା' ଭଳି ଅନେକ ଜନହିତକର ଯୋଜନା କାର୍ଯ୍ୟକାରୀ କରି ବିକଶିତ ଓଡ଼ିଶା ଲକ୍ଷ୍ୟକୁ କେଇପାଦ ଆଗେଇ ନେବେ। 'ସମୃଦ୍ଧ କୃଷକ ଯୋଜନା'ରେ ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ଟଙ୍କା ଦେବା ପାଇଁ ବଜେଟରେ ଅତିରିକ୍ତ ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରି କୃଷକମାନଙ୍କର ସହାନୁଭୂତି ସାଉଁଟିବାକୁ ଲକ୍ଷ୍ୟ ରଖିଛନ୍ତି। ସୁଭଦ୍ରା ଯୋଜନାରେ ୧୦ହଜାର କୋଟିର ଅର୍ଥ ବରାଦ କରି ମହିଳାଙ୍କୁ ସଶକ୍ତ କରିବା ଲକ୍ଷ୍ୟକୁ ସାକାର କରିବେ। ସେହିପରି ଅନୁସୂଚିତ ଜନଜାତି ବର୍ଗର ଅଷ୍ଟମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରୁଥିବା ଏବଂ ନବମ ଓ ଏକାଦଶରେ ନାମ ଲେଖାଉଥିବା ପିଲାଙ୍କୁ ବାର୍ଷିକ ୫ ହଜାର ଟଙ୍କାର ସହାୟତା ପ୍ରଦାନ ପାଇଁ 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା ଆଦିବାସୀ ଶିକ୍ଷାର ପ୍ରସାରକୁ ଦେବ ନୂଆ ଦିଗନ୍ତ। ନୂଆବର୍ଷରେ 'ଆୟୁଷ୍ମାନ ଭାରତ ଯୋଜନା' ଓ 'ପିଏମ୍ ସୂର୍ଯ୍ୟଘର ଯୋଜନା' ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। 'ମଧୁବାବୁ ପେନ୍‌ସନ ଯୋଜନା' ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ୮୦ ବର୍ଷରୁ ଊର୍ଦ୍ଧ୍ୱ, ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ମାସିକ ୩ ହଜାର ୫ ଶହ ଟଙ୍କା ଭତ୍ତା ଦେବା ପାଇଁ ବଜେଟରେ ବ୍ୟୟବରାଦ କରାଯାଇଛି। ନୂଆବର୍ଷରେ ତାହା ଲାଗୁ କରିବାକୁ ସରକାର ଯୋଜନା କରିଛନ୍ତି।

ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରିକଳ୍ପନା। ଓଡ଼ିଆ ଅସ୍ମିତା ହିଁ ଓଡ଼ିଶାବାସୀଙ୍କ ପରିଚୟ। ପ୍ରଥମ କ୍ୟାବିନେଟରେ ଶ୍ରୀମନ୍ଦିର ପାଇଁ ୫ ଶହ କୋଟିର କର୍ପସ ପାଣ୍ଠି ଗଠନ ଐତିହ୍ୟର ମାଇଲଖୁଣ୍ଟରେ ଯୋଡ଼ିବ ନୂଆ ଅଧ୍ୟାୟ। ଆସିବ ରାଜ୍ୟ ସମବାୟ ନୀତି। ସବ୍‌ଡିଭିଜନ ସ୍ତରରେ ସ୍ଥାପନ ହେବ ଶୀତଳ ଭଣ୍ଡାର। ଆସନ୍ତା ୨ ବର୍ଷରେ ବ୍ଲକ ସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ କରି ଖାଦ୍ୟଶସ୍ୟର ଅଭାବ ଉପରେ ଲାଗିବ ଅଙ୍କୁଶ। କାର୍ଯ୍ୟକାରୀ ହେବ ଲକ୍ଷପତି ଦିଦି କାର୍ଯ୍ୟକ୍ରମ। ସଶକ୍ତ ହେବେ ଗ୍ରାମାଞ୍ଚଳ ମହିଳା। ୨୦୨୭ ସୁଦ୍ଧା ରାଜ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟର ଶୁଭାରମ୍ଭ ନୂଆ ବର୍ଷରୁ ଆରମ୍ଭ ହେବ। ରାଜ୍ୟର ଆଦିବାସୀ ଗ୍ରାମଗୁଡ଼ିକର ବିକାଶର ଆହ୍ୱାନକୁ ମୁକାବିଲା କରିବାକୁ 'ଆଦର୍ଶ ଆଦିବାସୀ ଗ୍ରାମ କାର୍ଯ୍ୟକ୍ରମ' ଶୁଭାରମ୍ଭ କରିବା ଲକ୍ଷ୍ୟ ରଖାଯାଇଛି। ଅନୁସୂଚିତ ଜାତି ସମ୍ପ୍ରଦାୟ ମଧ୍ୟରେ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା କାର୍ଯ୍ୟକାରୀ କରାଯିବ।

କ୍ରୀଡ଼ାକୁ ମିଳିବ ନୂଆ ଦିଗ। ରାଜ୍ୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ନୂଆ ଷ୍ଟାଡିୟମ ପାଇଁ ନୂଆବର୍ଷରେ ୯୫୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଗ୍ରାମାଞ୍ଚଳରେ ମିଳିବ ସହରାଞ୍ଚଳ ସୁବିଧା। ରାଜ୍ୟ ସରକାର 'ବିକଶିତ ଗାଁ ବିକଶିତ ଓଡ଼ିଶା' ନାଁରେ ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏଥି ପାଇଁ ବଜେଟରେ ୧ ହଜାର କୋଟି ବ୍ୟୟ ବରାଦ କରାଯାଇଛି। ଶକ୍ତି ସଙ୍କଟକୁ ଦୃଷ୍ଟିରେ ରଖି ସୌରଶକ୍ତି ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ ହେବ।

## ଜନଜାତିଙ୍କ ସମ୍ପତ୍ତି...

ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ପାଳନ କରି ସାରା ଦେଶରେ ଆଦିବାସୀଙ୍କ ବିକାଶ ପାଇଁ ୬୬୪୦ କୋଟି ଟଙ୍କାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସେହିପରି 'ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ' ଆରମ୍ଭ କରିଛନ୍ତି। ଏଥିରେ ଓଡ଼ିଶାର ୨୭ଟି ଜିଲାର ୭,୬୬୭ଟି ଆଦିବାସୀ ବହୁଳ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ୧୦ ଲକ୍ଷ ୮୦ ହଜାରରୁ ଅଧିକ ଜନଜାତି ପରିବାର ଉପକୃତ ହେବେ। ସେହିପରି ପିଏମ୍ ଜନମନ୍ ଯୋଜନା ଆରମ୍ଭ କରାଯାଇଛି। ଏଥିରେ ଓଡ଼ିଶାର ୧୪ଟି ଜିଲାର ୧୩ଟି ବର୍ଗର ପିଭିଟିଜିମାନେ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟ ସରକାର ମଧ୍ୟ ଜନଜାତିମାନଙ୍କ ବିକାଶ ପାଇଁ ଅନେକ ଯୋଜନା ହାତକୁ ନେଇଛନ୍ତି। ଅନୁସୂଚିତ ଜନଜାତିମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଜାନୁଆରୀ ୫ ତାରିଖରେ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇ ଥିବା ଛାତ୍ରୀଛାତ୍ରମାନଙ୍କୁ ବାର୍ଷିକ ୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। ସେହିପରି ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ୭୦୫ଟି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି।

ସୂଚନାଯୋଗ୍ୟ, ଜନଜାତି ଉପଦେଷ୍ଟା ପରିଷଦରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଅଛନ୍ତି ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଉପାଧ୍ୟକ୍ଷ ଅଛନ୍ତି। ଏହାବ୍ୟତୀତ ଆଉ ୧୮ ଜଣ ସଦସ୍ୟ ଅଛନ୍ତି। ଏଥିରେ ୧୫ ଜଣ ବିଧାନସଭା ସଦସ୍ୟ, ୨ ଜଣ ସାଂସଦ ଏବଂ ଜନଜାତି ବିକାଶ ପାଇଁ କାର୍ଯ୍ୟ କରୁଥିବା ଜଣେ ଆଦିବାସୀ ମହିଳା ସଦସ୍ୟା ଭାବେ ସ୍ଥାନ ପାଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଅତିଥି ସଦସ୍ୟ ଭାବେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ।

## ମଣିପୁର ହିଂସା...

ବିଶ୍ୱ ଭ୍ରମଣ କରୁଥିବାବେଳେ ହିଂସାଗ୍ରସ୍ତ ମଣିପୁର କାହିଁକି ଯାଉ ନାହାନ୍ତି ଓ ରାଜ୍ୟବାସୀଙ୍କୁ କ୍ଷମା ମାଗୁନାହାନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ପ୍ରଧାନମନ୍ତ୍ରୀ ମଣିପୁର ପ୍ରତି କିପରି ଅବହେଳା କରିଛନ୍ତି, ତାହା ସେଠାର ସରଳ ଜନସାଧାରଣ ବୁଝିପାରିବେ ନାହିଁ। ମୋଦି ଜାଣିଶୁଣି ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟକୁ ଯାଉ ନ ଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ଲେଖିଛନ୍ତି।

## ଓଡ଼ିଶା ଆସୁଛି...

ପରେ ଓଡ଼ିଶାକୁ ନ ଫେରାଇ କାହିଁକି ଅଲିପୁର ଚିଡ଼ିଆଖାନାକୁ ନିଆଗଲା ବୋଲି ଏନ୍‌ସିଏ ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିଥିଲେ। ତେବେ ସମସ୍ତ ଦ୍ୱନ୍ଦ୍ୱର ଅନ୍ତ ହେବା ସହିତ ମଙ୍ଗଳବାର ରାତିରେ ଜିନ୍ନତକୁ ଓଡ଼ିଶା ଫେରାଇ ଅଣାଯାଉଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜିନ୍ନତ ଓଡ଼ିଶାର ସମ୍ପତ୍ତି, ତାକୁ ଅନ୍ୟ କେହି ନେଇପାରିବେ ନାହିଁ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ସୂଚନାଯୋଗ୍ୟ, ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ୩ବର୍ଷର ବାଘୁଣୀ ଜିନ୍ନତକୁ ଶିମିଳିପାଳ ଅଣାଯାଇଥିଲା। ତେବେ ଡିସେମ୍ବର ୯ ତାରିଖ ରାତିରେ ସେ ଶିମିଳିପାଳ ଛାଡି ଝାଡ଼ଖଣ୍ଡ ଜଙ୍ଗଲକୁ ପଳାଇଥିଲା। ଝାଡ଼ଖଣ୍ଡ ଚକୁଲିଆ ରେଞ୍ଜ ଜଙ୍ଗଲରେ ୧୦ଦିନ ରହିବା ପରେ ହାତୀକୁ ଦେଖି ସେ ସ୍ଥାନ ପରିବର୍ତ୍ତନ କରିଥିଲା। ଡିସେମ୍ବର ୨୦ରେ ଜିନ୍ନତ ଝାଡ଼ଖଣ୍ଡ ଛାଡ଼ି ପଶ୍ଚିମବଙ୍ଗର ଝାଡ଼ଗ୍ରାମ ଜଙ୍ଗଲରେ ପ୍ରବେଶ କରିଥିଲା। ତାକୁ ବନବିଭାଗ ଧରିବା ପାଇଁ ଏକ ଅପରେଶନ ଚଳାଇଥିଲା। ଏଥିରେ ୩ ରାଜ୍ୟର ବନବିଭାଗ କର୍ମଚାରୀ, ସୁନ୍ଦରବନର ସ୍ୱତନ୍ତ୍ର ବାଘଧରାଳି ଓ ହୁଳା ପାର୍ଟି ନିୟୋଜିତ ହୋଇଥିଲେ। ଦୀର୍ଘ ୨୨ଦିନର ଅପରେଶନ ପରେ ରବିବାର ଜିନ୍ନତକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା।

## ନୂଆବର୍ଷରେ ୮୦୯ କୋଟି...

୨୬ ଲକ୍ଷ ଜନସଂଖ୍ୟା ବଢ଼ିଥିବା ୟୁଏସ୍‌ସିବି ଆକଳନ କରିଛି। ସେହିପରି ସର୍ବାଧିକ ଜନସଂଖ୍ୟା ତାଲିକାରେ ଚତୁର୍ଥ, ପଞ୍ଚମ ଏବଂ ଷଷ୍ଠ ସ୍ଥାନରେ ଯଥାକ୍ରମେ ଇଣ୍ଡୋନେସିଆ, ପାକିସ୍ତାନ ଓ ନାଇଜେରିଆ ରହିଛି। ମାତ୍ର ୭୬୪ ଜନସଂଖ୍ୟା ସହ ଭାଟିକାନ ସିଟି ବିଶ୍ୱର ସବୁଠାରୁ କମ୍ ଜନସଂଖ୍ୟା ଥିବା ଦେଶ ହୋଇଥିବା ନେଇ ଉକ୍ତ ରିପୋର୍ଟ ପ୍ରକାଶ କରିଛି।

ତେବେ ୟୁଏସ୍‌ସିବିର ଆକଳନ ଅନୁଯାୟୀ, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଯୁଦ୍ଧ ଏବଂ ସଂଘର୍ଷର ପ୍ରଭାବ ମଧ୍ୟ ଜନସଂଖ୍ୟା ଉପରେ ପଡ଼ିଛି। ୟୁକ୍ରେନ, ବୁଲଗାରିଆ ଏବଂ ଲାଟଭିଆରେ ମୃତ୍ୟୁ ହାର ସର୍ବାଧିକ ରହିଛି। ସେହିପରି ସମସ୍ତ ମହାଦେଶ ମଧ୍ୟରେ ଆଫ୍ରିକା ମହାଦେଶରେ ଜନ୍ମ ହାର ସର୍ବାଧିକ ରହିଛି। ଏହି ରିପୋର୍ଟରେ ପ୍ରକାଶ ପାଇଥିବା ଆକଳନ ଅନୁଯାୟୀ, ୨୦୨୫ ଜାନୁଆରୀରେ ସେକେଣ୍ଡ ପ୍ରତି ଜନ୍ମ ହାର ୪.୨ ଏବଂ ମୃତ୍ୟୁ ହାର ୨.୦ ରହିବ। ସେହିପରି ଏହି ମାସ ଆମେରିକାରେ ପ୍ରତି ୯ ସେକେଣ୍ଡରେ ଜଣେ ଶିଶୁ ଜନ୍ମ ହେବେ ବୋଲି ଆକଳନ କରାଯାଇଥିବାବେଳେ ପ୍ରତି ୯.୪ ସେକେଣ୍ଡରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିବ। ସେହିପରି ପ୍ରତି ୨୩.୨ ସେକେଣ୍ଡରେ ଆମେରିକାର ଜନସଂଖ୍ୟାରେ ଜଣେ ପ୍ରବାସୀ ଯୋଡ଼ି ହେବେ। ଅନ୍ୟପକ୍ଷରେ, ପ୍ରତି ୨୧.୨ ସେକେଣ୍ଡରେ ଦେଶର ଜନସଂଖ୍ୟାରେ ହାରାହାରି ଜଣେ ବ୍ୟକ୍ତିଙ୍କର ବୃଦ୍ଧି ଘଟିବ ବୋଲି ୟୁଏସ୍‌ସିବି ଆକଳନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ନୂଆ ବର୍ଷର ପହିଲି ଦିନରେ ଚନ୍ଦ୍ର କର୍ମ ସ୍ଥାନରେ ଅବସ୍ଥାନକରି ବନ୍ଧୁମିଳନରେ ଆନନ୍ଦ ପ୍ରଦାନ କରିବେ। ଉତ୍ତମ ସ୍ୱାସ୍ଥ୍ୟ, ଉନ୍ନତ ଚିନ୍ତାଧାରା, ସୁନ୍ଦର ପାରିବାରିକ ସ୍ଥିତି ସୁସ୍ଥ ମାନସିକତା ସୃଷ୍ଟି କରିବ। ନୂଆ ଯୋଜନା ମାଧ୍ୟମରେ ବ୍ୟବସାୟରେ ଶାଖା ପ୍ରଶାଖା ଖୋଲିବାର ପରିକଳ୍ପନା କରିବେ। ଅସଜଡ଼ା ପରିସ୍ଥିତିକୁ ସୁଧାରିବାର ପ୍ରଯତ୍ନ କରିପାରନ୍ତି।

**ବୃଷ** କର୍ମଭାବସ୍ଥ ୨ ମିତ୍ର ଗ୍ରହ ଆପଣଙ୍କ ପରିଜନ ସହ ଯାତ୍ରା, ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ସୁସ୍ୱାଦୁ ଭୋଜନାଦିର ପ୍ରବନ୍ଧ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ସହଯୋଗରୁ ଉତ୍ସାହିତ ହେବେ। ସମ୍ପର୍କୀୟ ଦୂରେଇଯିବା ଭଳି ଅନୁଭବ କରିବେ। ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ, ଜମିଜମା ସମ୍ବନ୍ଧୀୟ ଆଲୋଚନା କରିପାରନ୍ତ।

**ମିଥୁନ** ରବି ଓ ବୁଧଙ୍କ ସ୍ଥିତିଜନିତ ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସନ୍ତୁଷ୍ଟ ହୋଇପାରିବେନି। ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିବା ସକାଶେ ଆଲୋଚନା କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ ସାଙ୍ଗକୁ ବ୍ୟବସାୟିକ ସ୍ଥିତିକୁ ସଜାଡ଼ିନେବେ। ପ୍ରକାଶନ, ପ୍ରଶାସନ, ଏଜେନ୍ସିପ୍, ବାଣିଜ୍ୟ, ବ୍ୟବସାୟ ଦିଗର ସମୀକ୍ଷା କରିପାରନ୍ତି।

**କର୍କଟ** ରାଶ୍ୟାଧିପ ଚନ୍ଦ୍ର ସପ୍ତମ ଅଷ୍ଟମାଧିପ ଶନି କ୍ଷେତ୍ରରେ ଅବସ୍ଥାନ କରୁଥିବାରୁ ମନରେ ଶିଥିଳତା ଅନୁଭବ କରିବେ। ପାରିବାରିକ ଅସ୍ଥିରତା ରହିଥିଲେ ମଧ୍ୟ ସମ୍ପର୍କୀୟଙ୍କ ସହଯୋଗରୁ ମନ ହାଲୁକା ରହିବ। ସଭାସମିତିରେ ଆଲୋଚନା, ସାଙ୍ଗଠନିକ ପ୍ରକ୍ରିୟା, ପ୍ରଶାସନିକ ତତ୍ପରତା, ଆନୁଷ୍ଠାନିକ କ୍ଷେତ୍ରରେ ଲୋକ ସମ୍ପର୍କ ଅକ୍ଷୁଣ୍ଣ ରହିବ।

**ସିଂହ** ରାଶ୍ୟାଧିପ ଗୁରୁକ୍ଷେତ୍ରସ୍ଥ ଯୋଗୁ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ସଭାସମିତିକୁ ସ୍ୱତନ୍ତ୍ରଭାବରେ ଆହୂତ ହୋଇ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରିପାରନ୍ତି। କର୍ମକ୍ଷେତ୍ରରେ ଉନ୍ନତ ଚିନ୍ତା ଓ ସୁପରିକଳ୍ପିତ ଯୋଜନାକୁ ବାସ୍ତବମୁଖୀ କରାଇବାରେ ସମର୍ଥ ହେବେ। ଭାବିଚିନ୍ତି କାମ କରିବା ସହ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି।

**କନ୍ୟା** ଆଜି ଚନ୍ଦ୍ର ଓ ମଙ୍ଗଳଙ୍କ ପାରସ୍ପରିକ ଦୃଷ୍ଟିରୁ ବନ୍ଧୁଙ୍କ ବଦାନ୍ୟତା, ସହକର୍ମୀଙ୍କ ସହଯୋଗ ଏବଂ ପାରିବାରିକ ସହାନୁଭୂତି ପ୍ରାପ୍ତହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପ୍ରିୟଭାଜନ ହେବେ। ନିଜ ପରିସରରେ ବନ୍ଧୁ ଗହଣରେ ବିବାଦୀୟ ପରିସ୍ଥିତିକୁ ସୁଧାରିନେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଆଶାନୁଯାୟୀ ଅର୍ଥ ପ୍ରାପ୍ତି ହୋଇପାରେ।

**ତୁଳା** ବୁଧ ଓ ବୃହସ୍ପତିଙ୍କ ଦୃଷ୍ଟି ବିନିମୟରୁ ପଦସ୍ଥ ବ୍ୟକ୍ତିଙ୍କ ପରାମର୍ଶରେ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପରିବାରରେ ଦୁର୍ବଳ ମଙ୍ଗଳଙ୍କ କୁପ୍ରଭାବରେ କଠୋର ବାକ୍ୟାଳାପ ସାଙ୍ଗକୁ ସନ୍ଦେହ ଓ ଭୁଲ୍ ବୁଝାମଣା ପରିସ୍ଥିତିକୁ ସଙ୍ଗିନ କରିପାରେ। ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ଦେଖାଦେବ। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ପାଇବେ।

**ବିଛା** ଶୁକ୍ର ଓ ଶନିଙ୍କ ଚତୁର୍ଥାବସ୍ଥାନ ପରିବାର ଓ କର୍ମକ୍ଷେତ୍ର ସକାଶେ ଅନୁକୂଳ ଫଳ ପ୍ରଦାନ କରିବ। ସମ୍ପର୍କୀୟ କାର୍ଯ୍ୟରେ ସାହାଯ୍ୟ କରିବେ। କୌଣସି ନୂତନ କର୍ମାରମ୍ଭରୁ ଦିନଟିରେ କାର୍ଯ୍ୟବ୍ୟସ୍ତତା ବଢ଼ିଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରତ୍ୟୁଷ ଯାତ୍ରା, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇବେ।

**ଧନୁ** ରାଶ୍ୟାଧିପତି ଦୁଃସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ଗଡ଼ବଡ଼ ହେବା ସାଙ୍ଗକୁ ମାନସିକ ଅସ୍ଥିରତା ଦେଖାଦେବ। ତଥାପି କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ବନ୍ଧୁଙ୍କ ସହାନୁଭୂତି, ସମ୍ପର୍କୀୟଙ୍କ ସଦ୍‌ଭାବ ଊଣା ହେବନାହିଁ। ବୁଝାମଣାରେ ଉନ୍ନତି ସାଙ୍ଗକୁ ପରିବାରରେ ସୁଖ, ଶାନ୍ତି ଫେରି ଆସିବ। ସାମାଜିକ କାର୍ଯ୍ୟଦକ୍ଷତାକୁ ନେଇ ବନ୍ଧୁବର୍ଗ ପ୍ରଶଂସା କରିପାରନ୍ତି।

**ମକର** ନୂଆ ବର୍ଷରୁ ରାଶିରେ ଚନ୍ଦ୍ର ଅବସ୍ଥାନକରି ସୁଖ, ସମ୍ମାନ ସହ ଅଭିଳାଷ ପୂରଣ କରିବେ। ମନରେ ଉଙ୍କି ମାରୁଥିବା ନୂଆ ଭାବନାକୁ ବିଭିନ୍ନ ରଙ୍ଗରେ ରୂପାୟିତ କରିପାରନ୍ତି। ଆର୍ଥିକ ପରିସ୍ଥିତି ସୁଧାରିନେବା ସକାଶେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବେ। ଆଲୋଚନା ପରିସରରେ ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**କୁମ୍ଭ** ରାଶିରେ ଶୁକ୍ର ବିଳାସବ୍ୟସନ ମଧ୍ୟରେ ବୁଡ଼ାଇ ରଖିବା ସହ ମାନସିକ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରେ। ଷଷ୍ଠାଧିପଙ୍କ ପ୍ରଭାବରେ ଋଣଭାର ବୃଦ୍ଧି, ପରୋକ୍ଷ ଶତ୍ରୁତା ଓ କାର୍ଯ୍ୟହାନିଜନିତ ବ୍ୟସ୍ତତା ବଢ଼ିଯିବ। ମଜାମଉଜର ସୁଯୋଗ ପାଇପାରନ୍ତି। ଦୂରଯାତ୍ରା, ଜମିଜମା ବିବାଦ କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମୀନ** ରାହୁଜନିତ କର୍ମଜଞ୍ଜାଳ ପରିସର ବୃଦ୍ଧିପାଉଥିବାରୁ ମାନସିକ ଅସ୍ଥିରତା ପରିଲକ୍ଷିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି, କାମରେ ଅଗ୍ରଗତି ସାଙ୍ଗକୁ ପାରିବାରିକ ସମର୍ଥନରୁ ଆତ୍ମତୃପ୍ତି ପାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ପ୍ରତିଶ୍ରୁତି ହାସଲକରି ସମସ୍ୟାର ସମାଧାନ ପାଇଁ ଆଶାୟୀ ହେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଦିଗ ମନ୍ଦ ହେବନାହିଁ।

ଆଜି ଇଂରାଜୀ ନୂତନ ବର୍ଷ-୨୦୨୫ ମସିହାର ପ୍ରଥମ ଦିବସ, ପୌଷ ଶୁକ୍ଳ ଦ୍ୱିତୀୟା ବୁଧବାର, ଖ୍ରୀଷ୍ଟୀୟ ନବବର୍ଷ। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୫ ଗତେ, ଘ.୦୮।୩୫ ମଧ୍ୟେ, ୧୦।୪୫ ଗତେ, ଘ.୧୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୦ ଗତେ, ଘ.୦୧।୧୧ ମଧ୍ୟେ ରାହୁକାଳ।




# ସଫଳ ରୂପାୟନରେ ଅଂଶୀଦାର ହୁଅନ୍ତୁ: ମୁଖ୍ୟମନ୍ତ୍ରୀ

## ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି



ଭୁବନେଶ୍ୱର,୩୧।୧୨
(ଅନିଲ ଦାସ)

ଆସନ୍ତା ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବାକୁ ଯାଉଛି। ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ମହାସମାରୋହରେ ଏହା ପାଳନ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଭାରତୀୟ ସଂସ୍କୃତି ସାରା ବିଶ୍ୱରେ ନିଜର ସମୃଦ୍ଧ ଐତିହ୍ୟ ଓ ପରମ୍ପରା ପାଇଁ ପ୍ରସିଦ୍ଧ। ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ଅବସର। ଏହି ସମାରୋହରେ ଦେଶ ବିଦେଶରୁ ପ୍ରାୟ ୭ ହଜାର ଅତିଥି ଯୋଗଦେବେ। ଅଦ୍ୟାବଧି ୨୭୪୮ ଅତିଥି ଅଂଶ ଗ୍ରହଣ ନିମନ୍ତେ ପଞ୍ଜୀକରଣ କରି ସାରିଲେଣି। ମୁଖ୍ୟ ଅତିଥି ଭାବେ ତ୍ରିନିଦାଦ ଓ ଟବାଗୋ ରାଷ୍ଟ୍ରପତି କ୍ରିଷ୍ଟାଇନ୍ କାର୍ଲ କାଙ୍ଗାଲୁ ଯୋଗଦେବେ। ଏହି ଅବସରରେ ସେ ଚନ୍ଦକାସ୍ଥିତ ଗୋଡ଼ିବାରି ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ପ୍ରମୁଖ ଏହି ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ'ର ଉଦ୍‌ଘାଟନ କରିବେ। ଏହାକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ହାଇ ସିକ୍ୟୁରିଟି ଫୋର୍ସ, ୨୫୦ ଟ୍ରାଫିକ ନିୟନ୍ତ୍ରଣକାରୀ ଏବଂ ୧୪୦ ଲିଆଇସନିଂ ଅଫିସରଙ୍କୁ ନିୟୋଜିତ କରାଯାଇଛି। ସେହିପରି ବିଦେଶରୁ ଆସୁଥିବା ଅତିଥିମାନଙ୍କୁ ଏକ ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ ପାଇଁ ଟୁଇନ୍‌ସିଟି ଭୁବନେଶ୍ୱର ଓ କଟକକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଓ ନିର୍ମଳ କରାଯାଇଛି । ସହରର ରାସ୍ତାଘାଟ, ଅଫିସ୍ ବିଲ୍‌ଡିଂ, ବିଡିଏ ପାର୍କ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରାଯାଇ ସୁସଜ୍ଜିତ ଆଲୋକମାଳାରେ ସଜାଇ ଦିଆଯାଉଛି। ପ୍ରବାସୀ ଭାରତୀୟ ଦିବସ ମହାସମାରୋହରେ ଆୟୋଜନ ବେଳେ ସହରର ବିଭିନ୍ନ ସ୍ଥାନରେ ପଥ ଉତ୍ସବ, ଏକାମ୍ର ଉତ୍ସବ, ଆଦିବାସୀ ମେଳା ପ୍ରଭୃତି ଦ୍ୱାରା ରାଜଧାନୀକୁ ଉତ୍ସବମୁଖର କରାଯିବ। ଭୁବନେଶ୍ୱର ସହିତ ଏହାର ଆଖପାଖ ଅଞ୍ଚଳର ପରିମଳ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ ଉପରେ ସ୍ୱତନ୍ତ୍ର ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଏମ୍‌ସି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସହରର ସ୍ୱଚ୍ଛତା, ଶୃଙ୍ଖଳା ଓ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମାବଳୀର ଅନୁପାଳନ କରି ସମାରୋହର ସଫଳ ରୂପାୟନରେ ଭାଗୀଦାରି ହେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ସମାରୋହରେ ଓଡ଼ିଶାର ସମୃଦ୍ଧ କଳା ଓ ଐତିହ୍ୟର ପ୍ରଦର୍ଶନ ରାଜାରାଣୀ ସଙ୍ଗୀତ ଉତ୍ସବ, ଓଡ଼ିଶୀ ନୃତ୍ୟ, ମୁକ୍ତେଶ୍ୱର ଡ୍ୟାନ୍ସ ଫେଷ୍ଟିଭାଲ, ଦେଶଜ ନୃତ୍ୟ ଇତ୍ୟାଦି ମାଧ୍ୟମରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯିବ। ଦୂରଦର୍ଶନରେ ଏହାର ସିଧା ପ୍ରସାରଣ ମଧ୍ୟ କରାଯିବ। ଭୁବନେଶ୍ୱର, କଟକ, ପୁରୀ, କୋଣାର୍କ ଆଦି ବିଭିନ୍ନ ସହରର ପ୍ରାୟ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ଅତିଥିମାନଙ୍କୁ ନେବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡ଼ିଶାର ଏକ ପ୍ୟାଭିଲିୟନ ଜନତା ମଇଦାନରେ ରହିବ, ଯେଉଁଥିରେ ଶ୍ରୀଜଗନ୍ନାଥ ସଂସ୍କୃତି, କଳିଙ୍ଗ ଯୁଦ୍ଧ, ସମ୍ରାଟ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରଣ, ଐତିହ୍ୟ ବାଲିଯାତ୍ରା ଓ ଅନ୍ୟାନ୍ୟ କୀର୍ତ୍ତିରାଜିଗୁଡ଼ିକର ପ୍ରଦର୍ଶନ କରାଯିବ। ଏଥିସହ ଏକ ଡିଜିଟାଲ୍ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ଅତିଥିମାନଙ୍କ ଭ୍ରମଣ ତଥା ଯାତାୟାତ ନିମନ୍ତେ ୧୦ଟି ଉନ୍ନତ ମାନର ବସ୍ ଏବଂ ୫ଟି ଡବଲ୍ ଡେକର ବସ୍‌ର ବ୍ୟବସ୍ଥା କରାଯାଇଛି। ୨୦୦ରୁ ଅଧିକ ପ୍ରବାସୀ ଖବରଦାତା, ୭ଟି ଦେଶରୁ ୟୁଟୁବର ଓ ବ୍ଲଗର ଏଥିରେ ଅଂଶ ଗ୍ରହଣ କରୁଛନ୍ତି। ଏହି ଉତ୍ସବର ପ୍ରଚାର ଓ ପ୍ରସାରଣ ନିମନ୍ତେ ସୋସିଆଲ ମିଡିଆ, ଟିଭି ଓ ବିଜ୍ଞାପନ ଇତ୍ୟାଦି ମାଧ୍ୟମରେ ଜନସାଧାରଣଙ୍କୁ ୩ଟି ଭାଷା ଯଥା–ଓଡ଼ିଆ, ହିନ୍ଦୀ, ଇଂରାଜୀରେ ଅବଗତ କରାଯାଉଛି। ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

# ଚାଇନା ପରେ ଆମେରିକାରେ ନୋରୋଭାଇରସ୍ ସଂକ୍ରମଣ ବଢୁଛି

ବେଜିଂ/ୱାଶିଂଟନ,୩୧।୧୨



ଚାଇନାର ଅନେକ ଅଞ୍ଚଳରେ ଗତ ଅକ୍ଟୋବରରୁ ନୋରୋଭାଇରସ୍ ସଂକ୍ରମଣ ବଢ଼ିଚାଲିଛି। ଏହି ଭୂତାଣୁରେ ସ୍କୁଲ୍ ପିଲାମାନେ ବେଶି ପ୍ରଭାବିତ ହେଉଛନ୍ତି। ଫଳରେ ଝେଜିଆଙ୍ଗ ସ୍କୁଲ୍‌ର ୩ଟି ଶ୍ରେଣୀକୁ ବନ୍ଦ କରାଯାଇ ଅନ୍‌ଲାଇନ ପାଠପଢ଼ା ହେଉଛି। ପିଲାମାନଙ୍କଠାରେ ବାନ୍ତି, ପେଟ ଯନ୍ତ୍ରଣା, ତରଳ ଝାଡ଼ା ଆଦି ଲକ୍ଷଣ ଦେଖାଦେବା ପରେ ସେମାନେ ନୋରୋ ଭାଇରସ୍‌ରେ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହେଉଛି। ଶାନ୍‌କ୍ସି ପ୍ରଦେଶର ଜିଆନ୍‌ରେ ଥିବା କିଣ୍ଡରଗାର୍ଟେନର ୪୮ ପିଲା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ରୋକିବା ପାଇଁ ଚାଇନା ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ ନଭେମ୍ବରରେ ପ୍ରଯୁକ୍ତି ମାର୍ଗଦର୍ଶିକା ଜାରି କରିଥିଲା। ସ୍କୁଲ୍, ନର୍ସିଂହୋମ୍, ଶିଶୁଯତ୍ନ ସଂସ୍ଥାଗୁଡ଼ିକରେ ପିଲାଙ୍କ ପାଇଁ କେତେକ ପ୍ରତିକାର ପଦକ୍ଷେପ ଏଥିରେ ଦିଆଯାଇଥିଲା। ନିୟମିତ ପାଇଖାନା ପରିଷ୍କାର ରଖିବା, ପ୍ରମୁଖ ଅଞ୍ଚଳଗୁଡ଼ିକ ବିଶୋଧନ କରିବା, ଲକ୍ଷଣ ସମ୍ପର୍କରେ ଜାଣିବା ସହ ଗହଳି ସ୍ଥାନଠାରୁ ଦୂରେଇ ରହିବା ପାଇଁ କୁହାଯାଇଥିଲା। ଗୁରୁତର ଲକ୍ଷଣ ଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ଗାଇଡ୍‌ଲାଇନରେ କୁହାଯାଇଥିଲା।

ଚାଇନା ପରେ ଏବେ ଆମେରିକାର ବିଭିନ୍ନ ଭାଗରେ ନୋରୋଭାଇରସ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଠାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ (ସିଡିସି) ତଥ୍ୟ ଅନୁଯାୟୀ, ଡିସେମ୍ବର ୫ରେ ଶେଷ ହୋଇଥିବା ସପ୍ତାହରେ ୯୧ଟି ନୋରୋ ଭାଇରସ୍ ମାମଲା ଚିହ୍ନଟ ହୋଇଥିଲା। ନଭେମ୍ବର ଶେଷ ସପ୍ତାହରେ ଏହି ରୋଗୀଙ୍କ ସଂଖ୍ୟା ୬୯ ଥିଲା। ବିଶେଷ କରି କ୍ରୁଜ୍ ଜାହାଜ, ନର୍ସିଂ ହୋମ୍, ସ୍କୁଲ୍ ଆଦି ଗହଳି ସ୍ଥାନରେ ନୋରୋଭାଇରସ୍ ସଂକ୍ରମଣ ଅଧିକ ହେଉଥିବା ଦେଖାଯାଇଛି। ଭୂତାଣୁ ସଂସ୍ପର୍ଶରେ ଆସିବାର ୧୨ରୁ ୪୮ ଘଣ୍ଟା ମଧ୍ୟରେ ରୋଗର ଲକ୍ଷଣ ଦେଖିବାକୁ ମିଳିଥାଏ। ଏହି ରୋଗ ଦିନେରୁ ୩ ଦିନ ପର୍ଯ୍ୟନ୍ତ ରହିଥାଏ। ଅଧିକାଂଶ ଲୋକ ବିନା ଚିକିତ୍ସାରେ ଭଲ ହୋଇଥାନ୍ତି। ତେବେ ବିବିଧ ରୋଗ ଥିବା ଏବଂ ବରିଷ୍ଠ ଲୋକଙ୍କ ପାଇଁ ଏହା ଅଧିକ କ୍ଷତିକାରକ ହୋଇଥାଏ।

## ୟୁଏଇ ବିମାନ ଦୁର୍ଘଟଣାରେ ଭାରତୀୟ ବଂଶୋଦ୍ଭବ ଡାକ୍ତର ମୃତ

ନୂଆଦିଲ୍ଲୀ,୩୧।୧୨

ୟୁଏଇର ରାସ୍ ଅଲ୍ ଖାଇମା ଉପକୂଳରେ ଏକ ହାଲୁକା ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ସୁଲୟମାନ୍ ଅଲ୍ ମଜିଦ ନାମକ ଏହି ଡାକ୍ତର ଗତ ରବିବାର ବିମାନ ଉଡ଼ାଉଥିବାବେଳେ ତାଙ୍କ ସହ ଜଣେ ୨୬ ବର୍ଷୀୟ ପାକିସ୍ତାନୀ ମହିଳା ଥିଲେ। ଦୁର୍ଘଟଣାରେ ଉଭୟ ପ୍ରାଣ ହରାଇଛନ୍ତି। ୟୁଏଇରେ ଜନ୍ମିତ ସୁଲୟମାନ(୨୬)ଙ୍କ ବିମାନ ଉଡ଼ାଣ ଦେଖିବା ପାଇଁ ଅଭିଏଶନ କ୍ଲବ୍‌ଠାରେ ତାଙ୍କ ବାପା, ମାଆ ଓ ସାନଭାଇ ଉପସ୍ଥିତ ଥିଲେ। ସୁଲୟମାନଙ୍କ ପରେ ତାଙ୍କ ସାନଭାଇ ବିମାନ ଉଡ଼ାଇଥାନ୍ତେ। ତେବେ ବିମାନଟି ଉଡାଣ ଆରମ୍ଭ କରିବା ପରେ ଏହା ଉପକୂଳଠାରେ ଥିବା କୋଭ୍ ରୋଟାନା ହୋଟେଲ୍ ନିକଟରେ ଖସିପଡ଼ିଥିଲା।

DSPL - 287







ବିକାଶ ଦିଗରେ ଉଡାଣ
ପ୍ରଗତି ପଥେ ଓଡ଼ିଶା

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ସରକାରଙ୍କ ଗନ୍ତବ୍ୟ ସ୍ଥଳ ନୀତି ଅର୍ନ୍ତଭୁକ୍ତ
ନବବର୍ଷରେ ଓଡ଼ିଶା ପାଇଁ ନୂତନ ବିମାନ ସେବା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

| ଏୟାରଲାଇନ୍ ଅପରେଟର୍ | ମାର୍ଗ | ଫ୍ରିକ୍ୱେନ୍ସି | ଆରମ୍ଭ ତାରିଖ |
|---|---|---|---|
| ଷ୍ଟାର ଏୟାର | ଝାରସୁଗୁଡା → ହାଇଦ୍ରାବାଦ → ଝାରସୁଗୁଡା | ପ୍ରତିଦିନ ବିମାନ ସେବା | ୧ ଜାନୁଆରୀ ୨୦୨୫ |
| | ଝାରସୁଗୁଡା → ରାଇପୁର → ଝାରସୁଗୁଡା | ସୋମବାର, ବୁଧବାର, ଶୁକ୍ରବାର ଓ ରବିବାର | ୧ ଫେବୃଆରୀ ୨୦୨୫ |
| | ଝାରସୁଗୁଡା → ଲକ୍ଷ୍ନୌ → ଝାରସୁଗୁଡା | ମଙ୍ଗଳବାର, ଗୁରୁବାର ଓ ଶନିବାର | ୧ ଫେବୃଆରୀ ୨୦୨୫ |
| ଏୟାର ଇଣ୍ଡିଆ ଏକ୍ସପ୍ରେସ୍ | ଭୁବନେଶ୍ୱର → କୋଚି → ଭୁବନେଶ୍ୱର | ପ୍ରତିଦିନ ବିମାନ ସେବା | ୩ ଜାନୁଆରୀ ୨୦୨୫ |
| | ଭୁବନେଶ୍ୱର → ଜୟପୁର → ଭୁବନେଶ୍ୱର | ସୋମବାର, ବୁଧବାର, ଶୁକ୍ରବାର ଓ ରବିବାର | ୩ ଜାନୁଆରୀ ୨୦୨୫ |
| | ଭୁବନେଶ୍ୱର → ଲକ୍ଷ୍ନୌ → ଭୁବନେଶ୍ୱର | ମଙ୍ଗଳବାର, ଗୁରୁବାର ଓ ଶନିବାର | ୪ ଜାନୁଆରୀ ୨୦୨୫ |

ହାଇଦ୍ରାବାଦ | ରାୟପୁର | ଲକ୍ଷ୍ନୌ | କୋଚି | ଜୟପୁର



ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର
OIPR-38001/13/0008/2425

ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। –ଶ୍ରୀମା

-ଇଂରାଜୀ ନୂତନ ବର୍ଷ ପ୍ରବେଶ, ଦ୍ୱିତୀୟାର ଚନ୍ଦ୍ର ଦର୍ଶନ, ଶରଣ ଆରମ୍ଭ



# ପିତୃତ୍ୱ: ଏକ ଆହ୍ୱାନ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ମନୁ ସଂହିତାରେ ଉଲ୍ଲେଖ ଅଛି 'ଉପାଧ୍ୟାୟାତ୍ ଦଶାଚାର୍ଯ୍ୟଃ ଆଚାର୍ଯ୍ୟାଣାଂ ଶତଂ ପିତା' ଅର୍ଥାତ୍ ଉପାଧ୍ୟାୟଠାରୁ ଆଚାର୍ଯ୍ୟ ଦଶଗୁଣ ଓ ଆଚାର୍ଯ୍ୟଠାରୁ ପିତା ଶହେ ଗୁଣ ବଡ଼। ପଦ୍ମପୁରାଣରେ ପୁଣି କୁହାଯାଇଛି 'ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ/ ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ ' ପିତାଙ୍କୁ ସନ୍ତୁଷ୍ଟକଲେ ସମସ୍ତ ଦେବତା ତୃପ୍ତ ହୁଅନ୍ତି। ଏଣୁ ଶ୍ରବଣ କୁମାର ମାତାପିତାଙ୍କୁ ଭାରରେ ବହନକରି ତୀର୍ଥ ଦର୍ଶନ କରାଇଲେ। ପିତାଙ୍କୁ ଖୁସି କରିବା ପାଇଁ ଦେବବ୍ରତ (ଭୀଷ୍ମ) ଆଜୀବନ ଅବିବାହିତ ରହିବା ପାଇଁ ପ୍ରତିଜ୍ଞା କଲେ ଓ ରାମଚନ୍ଦ୍ର ପିତୃସତ୍ୟ ପାଳନ କରିବା ପାଇଁ ୧୪ ବର୍ଷ ବନବାସ ଗଲେ। ଏହା ହେଉଛି ଭାରତୀୟ ସଂସ୍କୃତି।

ପିତୃତ୍ୱ ଯେମିତି ଏକ ଆନନ୍ଦ, ସେମିତି ଏକ ଦୁଃଖ। ପିଲାଟିଏ ଜନ୍ମ ନେଲେ ବାପା ଭାବେ 'ମୋ ପୁଅ ମୋଠାରୁ ଅଧିକ ଗୁଣବାନ୍ ହେବ, ମୋର ସ୍ୱପ୍ନକୁ ସାକାର କରିବ ଓ ବୃଦ୍ଧାବସ୍ଥାରେ ମୋର ସାହାରା ହେବ'। ମାତ୍ର ସବୁ ବାପାଙ୍କ କ୍ଷେତ୍ରରେ ଏହି ଇଚ୍ଛା ପୂରଣ ହୁଏ ନାହିଁ। ଅନେକ କ୍ଷେତ୍ରରେ ବାପାଙ୍କ ଏହି ସ୍ୱପ୍ନ ଚୂର୍ମାର ହୋଇଯାଏ। ସନ୍ତାନସନ୍ତତି ତା'ଠାରୁ ଦୂରେଇଯାନ୍ତି। ସେ ପରିବାର ପାଇଁ ଅଦରକାରୀ ହୋଇଯାଏ, ଫକୀରମୋହନଙ୍କ 'ଡାକମୁନ୍‌ସୀ' ଗଳ୍ପରେ ପୁଅ ବାପାକୁ ଇଂରାଜୀ ଘୁଷି ମାରେ। ମନୋଜ ଦାସଙ୍କ 'ଦାନ୍ତ' ଗପରେ ପିତା ପୁଅବୋହୂର ବ୍ୟବହାରରେ ଅତିଷ୍ଠ ହୋଇ ଘରକୁ ଫେରିଆସେ। ଅବଶ୍ୟ ଏହିପରି ଘଟଣା ଯେ ଆଜି ଘଟୁଛି ତାହା ମଧ୍ୟ ଠିକ୍ ନୁହେଁ। ଯୁଗେ ଯୁଗେ ପୁତ୍ର ଖଳନାୟକର ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଅଜାତଶତ୍ରୁ ପିତା ବିମ୍ବିସାରଙ୍କୁ ଓ ଆଉରଙ୍ଗଜେବ ଶାହାଜାହାନଙ୍କୁ ବନ୍ଦୀକରି କାରାଗାରରେ ନିର୍ଯାତନା ଦେଇଛନ୍ତି। ପୁରାଣର ବର୍ଣ୍ଣନା ଅନୁସାରେ କଂସ ପିତା ଉଗ୍ରସେନକୁ ବନ୍ଦୀ କରିଛି। ଅପର ପକ୍ଷରେ ଶ୍ରବଣ କୁମାର ଓ ଧର୍ମପଦ ଭଳି ପିତୃଭକ୍ତ ସନ୍ତାନ ମଧ୍ୟ ଅଛନ୍ତି।

ସନ୍ତାନସନ୍ତତିଙ୍କ ପିତୃଦ୍ରୋହ ଆଚରଣ ସମ୍ପର୍କରେ ପ୍ରାଚୀନ ଇଂରେଜ ନାଟ୍ୟକାର ସେକ୍ସପିଅର ତାଙ୍କ କାଳଜୟୀ ନାଟକ 'କିଙ୍ଗ୍-ଲିଅର' ରେ ଏହା ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି। ରାଜା ଲିଅରଙ୍କ ଥିଲେ ୩ ଝିଅ–ଗନେରିଲ୍, ରେଗାନ୍ ଓ କଡେଲିଆ। ସେ ତାଙ୍କ ରାଜ୍ୟକୁ ଝିଅମାନଙ୍କ ପିତୃପ୍ରେମକୁ ଆଧାରକରି ୩ଜଣଙ୍କ ମଧ୍ୟରେ ବାଣ୍ଟିବା ପାଇଁ ନିଷ୍ପତ୍ତି ନେଲେ ଓ ତାଙ୍କୁ କେଉଁ ଝିଅ କେତେ ଭଲ ପାଆନ୍ତି ଜାଣିବାକୁ ଚାହିଁଲେ। ଗନେରିଲ୍ କହିଲା, "ମୁଁ ଆପଣଙ୍କୁ ଏତେ ଭଲ ପାଏ ଯେ ତାହା ଭାଷାରେ ପ୍ରକାଶ କରିପାରିବି ନାହିଁ। ମୁଁ ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଅପେକ୍ଷା ଆପଣଙ୍କୁ ବେଶି ଭଲ ପାଏ।" ରେଗାନ୍ କହିଲା, "ମୋ ଭଉଣୀ ଗନେରିଲ୍‌ର ପ୍ରେମଠାରୁ ମୋ ପ୍ରେମ କୌଣସି ଗୁଣରେ କମ୍



ନୁହେଁ। ମୁଁ ବି ତୁମକୁ ଭଲ ପାଇ ଜୀବନର ଶ୍ରେଷ୍ଠ ଆନନ୍ଦ ଅନୁଭବ କରେ।" ମାତ୍ର କଡେଲିଆ କହିଲା, "ବାପା, ଆପଣ ମୋତେ ଜନ୍ମ ଦେଇଛନ୍ତି, ପାଳନ କରିଛନ୍ତି ଓ ଭଲ ପାଉଛନ୍ତି। ସେହି ଦୃଷ୍ଟିରୁ ଆପଣଙ୍କ ପ୍ରତି ମୁଁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ମୋର କର୍ତ୍ତବ୍ୟ ସମ୍ପାଦନ କରିବି। ଯେତେବେଳେ ମୁଁ ବିବାହ କରିବି ମୋ ସ୍ୱାମୀ ନ୍ୟାୟତଃ ମୋର ପ୍ରେମ ଓ କର୍ତ୍ତବ୍ୟର ଅର୍ଦ୍ଧେକ ଦାବି କରିବେ। ମୋ ଭଉଣୀମାନଙ୍କ ଭଳି ମୁଁ ମୋର ସବୁତକ ପ୍ରେମ କେବଳ ତୁମ ପାଇଁ ରଖିପାରିବି ନାହିଁ। ମୋ ପ୍ରେମ ଦୁଇଭାଗ ହେବା ସ୍ୱାଭାବିକ।" କଡେଲିଆ ମୁହଁରୁ ଏହା ଶୁଣି ରାଜା ଲିଅର୍ କ୍ରୋଧ ଜର୍ଜରିତ ହୋଇ ସମଗ୍ର ରାଜ୍ୟକୁ ଗନେରିଲ୍ ଓ ରେଗାନ୍‌ଙ୍କ ମଧ୍ୟରେ ବାଣ୍ଟିଦେଇ କଡେଲିଆକୁ ନିର୍ବାସନ ଦଣ୍ଡ ଦେଲେ। ଜଣେ ନିର୍ଲୋଭ ଫରାସୀ ରାଜା ତାକୁ ବିବାହ କଲେ ଓ ନିଜ ରାଜ୍ୟକୁ ନେଇଗଲେ। ଗନେରିଲ୍ ଓ ରେଗାନ୍‌କୁ ରାଜ୍ୟ ଅର୍ପଣକଲା ପରେ ୨ଜଣ ଝିଅଙ୍କ ପାଖରେ ପାଳିକରି ମାସେ ଲେଖାଏ ରହିଲେ। କ୍ରମେ ଦୃଶ୍ୟପଟ ପରିବର୍ତ୍ତନ ହେଲା। ସ୍ୱାର୍ଥପର ଭଉଣୀ ଦ୍ୱୟ ରାଜ୍ୟ ପାଇସାରିବା ପରେ ବାପା ଲିଅର୍‌ଙ୍କୁ ନିର୍ଯାତନା ଦେଲେ ଓ ଶେଷରେ ରାଜ ଉଆସରୁ ସେ ବିତାଡ଼ିତ ହେଲେ। ରାଜା କୃତଘ୍ନ ଝିଅମାନଙ୍କର ନିର୍ଯାତନାରେ ପାଗଳପ୍ରାୟ ହୋଇ ଘୂରି ବୁଲିଲେ। ଶେଷରେ କଡେଲିଆ ହିଁ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲା ଯଦିଓ ଘଟଣାକ୍ରମେ ସେ ଜୀବନ ହାରିଲା ଓ ଶେଷରେ ଲିଅର୍‌ଙ୍କ ମଧ୍ୟ ମୃତ୍ୟୁ ହେଲା।

ତାଙ୍କ ନାଟକରେ ସେକ୍ସପିଅର୍ ସୂଚାଇ ଦେବାପାଇଁ ଚାହିଁଛନ୍ତି, ମୁହଁରେ ପ୍ରକାଶ ପାଉଥିବା ପ୍ରେମ ହୃଦୟର ଭାଷା ହୋଇ ନ ପାରେ। ଦ୍ୱିତୀୟତଃ ବାପାମାନଙ୍କୁ ମଧ୍ୟ ବାସ୍ତବତାକୁ ସ୍ୱୀକାର କରିବାକୁ ହେବ। ସ୍ନେହ ଆଧିପତ୍ୟର ରୂପ ନେବା ଠିକ୍ ନୁହେଁ। ପୁଅ ହେଉ ବା ଝିଅ, ବିବାହ କଲା ପରେ ସେମାନଙ୍କ ଜୀବନରେ ଆଉ ଜଣେ ମଣିଷର ଆବିର୍ଭାବ ହେବ ଓ ପିତା ପ୍ରତି ଥିବା ସେମାନଙ୍କ ପ୍ରେମ ୨ଭାଗ ହେବା ଏକ ବାସ୍ତବତା। ଯେତେବେଳେ ଏହାକୁ ସ୍ୱୀକାର କରାଯାଏ ନାହିଁ, ସେତେବେଳେ ସୃଷ୍ଟି ହୁଏ ଦ୍ୱନ୍ଦ୍ୱ ଓ ଅଶାନ୍ତି। ପିତୃତ୍ୱ ଆଘାତ ପାଏ, ମାତ୍ର ତାକୁ ଗ୍ରହଣ କରିନେବା ହେଉଛି ବାସ୍ତବ ଦୃଷ୍ଟିଭଙ୍ଗୀ।

ଜଣେ ଆଦର୍ଶ ପିତା ହେବା ସହଜ କଥା ନୁହେଁ। ଏହା ମଧ୍ୟ ଏକ ସାଧନା। ମହାଭାରତରେ ବର୍ଣ୍ଣିତ ରାଜା ଶାନ୍ତନୁଙ୍କ ପାଇଁ ଭୀଷ୍ମ ଓ ରାଜା ଯଯାତିଙ୍କ ପାଇଁ ପୁରୁ ଆଦର୍ଶ ପୁତ୍ର ହୋଇପାରନ୍ତି, ମାତ୍ର ଶାନ୍ତନୁ ଓ ପୁରୁ ଜଣେ ଆଦର୍ଶ ପିତାର କର୍ତ୍ତବ୍ୟ କରିନାହାନ୍ତି। ଲାବଣ୍ୟବତୀ ସତ୍ୟବତୀଙ୍କୁ ସ୍ତ୍ରୀ ରୂପେ ପାଇବା ପାଇଁ ରାଜା ଶାନ୍ତନୁ ଖାଦ୍ୟପେୟ ତ୍ୟାଗ କରି ଦୁର୍ବଳ ହୁଅନ୍ତେ ସତ୍ୟବତୀଙ୍କ ସହ ପିତାଙ୍କ ବିବାହ କରିବା ପାଇଁ କୈବର୍ତ୍ତରାଜାଙ୍କ ଦୁଇଟି କଠୋର ସର୍ତ୍ତକୁ ଗ୍ରହଣ କରିନେଲେ ପୁତ୍ର ଦେବବ୍ରତ। ସର୍ତ୍ତାନୁସାରେ ସେ ପ୍ରତିଜ୍ଞା କଲେ ରାଜାଙ୍କ ଅନ୍ତେ ସେ ସିଂହାସନ ଆରୋହଣ କରିବେ ନାହିଁ, ଆରୋହଣ କରିବେ ସତ୍ୟବତୀଙ୍କ ପୁତ୍ର ଏବଂ ପରବର୍ତ୍ତୀ ଦ୍ୱନ୍ଦ୍ୱ ଓ ଆଶଙ୍କା ଦୂରକରିବା ପାଇଁ ସେ ଆଜୀବନ ଅବିବାହିତ ରହିବେ। ଏହିଭଳି ଭୀଷଣ ପ୍ରତିଜ୍ଞା କରି ସେ ଭୀଷ୍ମ ନାମରେ ପରିଚିତ ହେଲେ। ରାଜା ଶାନ୍ତନୁ ସତ୍ୟବତୀଙ୍କୁ ପାଇ ଜୀବନକୁ ଉପଭୋଗ କଲେ ସିନା, ପିତାଙ୍କୁ ସୁଖୀ କରିବା ପାଇଁ ଦେବବ୍ରତଙ୍କ ଜୀବନ ଅପରିପୂର୍ଣ୍ଣ ରହିଗଲା। ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କୁ ବିବାହ କରିବା ପରେ ମଧ୍ୟ ରାଜା ଯଯାତି ଶର୍ମିଷ୍ଠାଙ୍କୁ ଗୁପ୍ତରେ ବିବାହ କରିବାରୁ ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପରେ ଯଯାତି ବାର୍ଦ୍ଧକ୍ୟଗ୍ରସ୍ତ ହେଲେ। ଏକମାତ୍ର ଉପାୟ ଥିଲା କେହି ଯଦି ସ୍ୱଇଚ୍ଛାରେ ଯୌବନ ଦାନ କରି ବାର୍ଦ୍ଧକ୍ୟ ଗ୍ରହଣ କରେ ତା'ହେଲେ ରାଜା ପୁଣି ଯୌବନପ୍ରାପ୍ତ ହେବେ। ପିତା ଚାହୁଁଥିଲେ ସ୍ତ୍ରୀଙ୍କ ସହ ଏକ ଭୋଗମୟ ଜୀବନ। ତାଙ୍କୁ ଖୁସି କରିବା ପାଇଁ ପଞ୍ଚମ ପୁତ୍ର ପୁରୁ ସ୍ୱଇଚ୍ଛାରେ ଯୌବନ ଦାନକରି ପିତାଙ୍କ ବାର୍ଦ୍ଧକ୍ୟକୁ ଗ୍ରହଣ କଲେ। ମାତ୍ର ପୁରୁ ବିନା କାରଣରେ ବାପାଙ୍କ ସୁଖ ପାଇଁ ବାର୍ଦ୍ଧକର ଯନ୍ତ୍ରଣା ଭୋଗିଲେ। ମହର୍ଷି ବ୍ୟାସଦେବ ଏହି ଦୁଇ ଚରିତ୍ର ମାଧ୍ୟମରେ ସୂଚାଇ ଦେଇଛନ୍ତି, ଏମାନେ ଆଦର୍ଶ ପିତା ନୁହନ୍ତି। ଶାନ୍ତନୁଙ୍କ ସମ୍ଭୋଗରୁ ଜନ୍ମ ନେଲେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ। ଏମାନେ ଅକାଳରେ ମୃତ୍ୟୁବରଣ କଲା ପରେ ବିଚିତ୍ରବୀର୍ଯ୍ୟଠାରୁ ଜନ୍ମ ନେଲେ ଧୃତରାଷ୍ଟ୍ର ଓ ପଣ୍ଡୁ। ସେଠାରୁ ଆରମ୍ଭ ହେଲା ମହାଭାରତ ଯୁଦ୍ଧ ଓ କୌରବ ବଂଶର ଧ୍ୱଂସ। ଏହି ଧ୍ୱଂସଲୀଳାର ବୀଜ ଥିଲେ ଶାନ୍ତନୁ। ଯଯାତି ବହୁବର୍ଷ ଧରି ସ୍ତ୍ରୀମାନଙ୍କୁ ନେଇ ଯୌବନକୁ ଉପଭୋଗ କଲେ ସିନା, ଅକାରଣେ ବାର୍ଦ୍ଧକ୍ୟ ଯନ୍ତ୍ରଣା ଭୋଗିଲେ ପୁତ୍ର ପୁରୁ।

ପିତାପୁତ୍ରର ସମ୍ପର୍କ ଏକ ଆଦର୍ଶଗତ ସମ୍ପର୍କ। ପିତୃତ୍ୱ ଏକ ଆହ୍ୱାନ। ପିତାପୁତ୍ର ସମ୍ପର୍କ ଏକ ସାମାଜିକ ସମସ୍ୟା ନୁହେଁ। ଏଥିପାଇଁ ଯେଉଁଭଳି ପିତାର ପ୍ରଶସ୍ତ ହୃଦୟ ଦରକାର, ସେଭଳି ପୁତ୍ର, କନ୍ୟାର କୃତଜ୍ଞତା ଓ ସମ୍ବେଦନଶୀଳତା ଦରକାର। ଏହିଭଳି ଦୃଷ୍ଟିଭଙ୍ଗୀ ପୋଷଣ କଲେ ପିତା –ପୁତ୍ର–କନ୍ୟା ସମ୍ପର୍କ ମଧୁର ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

**ପ୍ରାକ୍ତନ ଅଧ୍ୟକ୍ଷ, ଡିଏଭି ସ୍ୱୟଂଶାସିତ କଲେଜ,ଟିଟିଲାଗଡ଼, ମୋ: ୭୦୦୮୩୬୯୯୨୦**

# ଯାତ୍ରା ସମ୍ପର୍କରେ



ଅନୀତା ପଟ୍ଟନାୟକ

ଶ୍ରଦ୍ଧାଙ୍କର ପୁଅ ଦାସିଆ ଓ ତା'ର ସାଙ୍ଗ ସାଲବେଗ ଦିନେ ଶ୍ରଦ୍ଧାଙ୍କୁ ପଚାରିଲେ ଏତେ ପ୍ରକାରର ଯାତ୍ରା କ'ଣ? ହିନ୍ଦୁ ଧର୍ମରେ ବାର ମାସରେ ତେର ଯାତ୍ରା ହେଉଛି। ଯଥା ରଥଯାତ୍ରା, ପାଦୁକାଯାତ୍ରା, ଚଭାଡ଼ି ଯାତ୍ରା, ଧନୁଯାତ୍ରା, ରୁକୁଣା ରଥ ଯାତ୍ରା, ଚନ୍ଦନ ଯାତ୍ରା ଇତ୍ୟାଦି । ଏହା ଆମକୁ କ'ଣ ସୂଚନା ଦିଏ। ଶ୍ରଦ୍ଧା ଦାସିଆର ମୁଣ୍ଡକୁ ଆଉଁଷି ଦେଇ କହିଲେ – 'ଜୀବନ ଏକ ଯାତ୍ରା। କେତେକ ବର୍ଷ, ମାସ ଓ ଋତୁର। ମନୁଷ୍ୟ ଜାଗତିକ ଜୀବନଯାପନ, ବସ୍ତୁଗତ ପଦାର୍ଥ ହାସଲର ଯାତ୍ରାରେ ତା'ର ବିଶ୍ରାମ ସ୍ଥଳର ରାସ୍ତାକୁ ଭୁଲିଯାଇଥାଏ। ରଥଯାତ୍ରାଗୁଡ଼ିକ ତାହାକୁ ମନେପକାଇ ଦେଇଥାନ୍ତି।'

ଦାସିଆ କହିଲା, ଆମ ଘର ପାଖ ରାଧାମାଉସୀ କହୁଥିଲେ, ଅଗ୍ନି ସଂଯୋଗ ବିନା ବତି ଯେପରି ଜଳିପାରି ନଥାଏ, ଜୀବନ ଯାତ୍ରାରେ ଆଧ୍ୟାତ୍ମିକତାର ସଂଯୋଗ ବିନା ଜୀବନଯାତ୍ରା ସଫଳ ହୋଇପାରି ନ ଥାଏ। ଦାସିଆର ସାଙ୍ଗ ସାଲବେଗ କହିଲା, ଆମର ବିଜ୍ଞାନ ଶିକ୍ଷକ କହୁଥିଲେ ସୂର୍ଯ୍ୟଙ୍କର ଚତୁଃପାର୍ଶ୍ୱରେ ପୃଥିବୀ ଘୂରି ବୁଲିବା ବିନା ତା'ର ଯାତ୍ରା ସଫଳ ନ ହେଲେ ଦିନରାତି ହୋଇପାରି ନ ଥାଏ। ସେହିପରି ନିଜଠାରୁ ମହତ୍ତର ସତ୍ତା ଆଡ଼କୁ ଗତି କରିବାକୁ ଯାତ୍ରା କୁହାଯାଏ। ଶ୍ରଦ୍ଧା କହିଲେ, ମଣିଷ ଅନେକ ଯାତ୍ରା କରିଛି। ଅନେକ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିଛି। ମାଇଲ ମାଇଲ ଯାତ୍ରା ଗତି କରି ଗନ୍ତବ୍ୟସ୍ଥଳରେ ପହଞ୍ଚିଛି। କିନ୍ତୁ ଗନ୍ତବ୍ୟସ୍ଥଳୀ କୁହେ ତୋର ଆହୁରି ଅନେକ ଯାତ୍ରା ବାକି ଅଛି। ଗନ୍ତବ୍ୟସ୍ଥଳୀରେ ଆମେ ପୁରସ୍କାର ଖୋଜୁ। ଗୀର୍ଜାର ଘଣ୍ଟି, ମସ୍‌ଜିଦର ନମାଜର ସ୍ୱର, ମନ୍ଦିରର ଘଣ୍ଟ, ମାର୍ଦ୍ଦଳ, ଶଙ୍ଖଧ୍ୱନି ସୂଚାଇ ଦିଏ ଯେ, ରେ ମାନବ କାମନା ବାସନାଶୂନ୍ୟ ଜୀବନରେ ହିଁ ଦୈବତ୍ୱ ନିହିତ। ହେଲେ ତୁ ଆଗେଇ ଚାଲ। ଜୀବନର ବିଶ୍ରାମସ୍ଥଳୀ ନିକଟକୁ। ହେଲେ ମନୁଷ୍ୟ ଯେତେବେଳେ ପଚାରେ ଆମେ ଏ ଯାତ୍ରାକୁ ଆସିଥିଲୁ କାହିଁକି? ଏହି ସମୟରେ ଯାତ୍ରାର ଭାସ୍ୟକାରର ସ୍ୱର ଶୁଭେ 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭତେ।' ସାଲବେଗ କହିଲା, ଏ ଉକ୍ତି କ'ଣ ମଣିଷର ମନ ଭରେ। ସେ ସମୁଦ୍ରକୂଳକୁ ଯାତ୍ରା କରେ। ଦାସିଆ ଶ୍ରଦ୍ଧାଙ୍କୁ ପଚାରିଲା, ତୁ ରଥଯାତ୍ରା ପରେ ସମୁଦ୍ର କୂଳକୁ କାହିଁକି ବୁଲାଇ ନେଉ? ମୁଁ ସମୁଦ୍ରର ନୀଳ ତରଙ୍ଗକୁ ଦେଖି ବିମୋହିତ ହୁଏ। ତରଙ୍ଗ ମତେ କୁହେ ମୁଁ କେତେବେଳଠାରୁ ଉତ୍ପନ୍ନ ହୋଇ କେତେ ପଥ ଗତି କରିଆସିଲିଣି। ନିଜକୁ ଭୁଲି ଯାଇଛି। ଏପରି କାହିଁକି ମୋ ଭିତରେ ଭାବନା ଆସେ? ଶ୍ରଦ୍ଧାଙ୍କର ମଧୁସୂଦନ ରାଓଙ୍କର ଉକ୍ତି ମନେପଡ଼େ, ସେ ଦାସିଆ ଓ ସାଲବେଗଙ୍କର ମୁଣ୍ଡକୁ ଆଉଁଷି କହନ୍ତି 'ରେ ଆତ୍ମନ ନୀଦ୍ରା ପରିହରି ଫେଡ଼ି ଚିନ୍ତାର ଲୋଚନ, କର କର ନିରୀକ୍ଷଣ ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରି।'

ରଥଯାତ୍ରା ସାରି ସମୁଦ୍ର କୂଳରେ ଆତ୍ମ ଚିନ୍ତନ ସମୟରେ ମନୁଷ୍ୟ ହୃଦୟଙ୍ଗମ କରେ ଏଥରର ରଥଯାତ୍ରା ତା'ର ଜୀବନର ଶେଷ ଯାତ୍ରା ନୁହେଁ। ଅନେକ ଯାତ୍ରା ତା'ର ଜୀବନରେ ବାକି ଅଛି। ସେତେବେଳେ ତା'ର ମନେପଡ଼େ ଜାତସ୍ୟ ହିଁ ଧ୍ରୁବମୃତ୍ୟୁ। ମୃତ୍ୟୁକୁ ଜୟ କରିବାକୁ ରଥଯାତ୍ରାରେ ଯୋଗ ଦେଇଥିଲି। ସାଲବେଗ କହିଲା, ମୋର ମା' ହାସିନା କହୁଥିଲେ, ହରି ହରି, ରାମ ରାମ, କୃଷ୍ଣ କୃଷ୍ଣ ତୁଣ୍ଡରେ ନ ଧରି ରଥରେ ନାଚି ନାଚି ବିଭୋର ନ ହୋଇ ଏ ଶରୀର ତ୍ୟାଗ ମୂଲ୍ୟହୀନ। ଏପରି ମନୁଷ୍ୟ କେବେ ବି ଅମୃତର ସନ୍ତାନ ହୋଇ ନ ପାରେ। ଶ୍ରଦ୍ଧା କହିଲେ, ମହାପ୍ରଭୁ କେଉଁ ଭକ୍ତର ଆବେଗ, କେଉଁ ଶବରୀର ପ୍ରତୀକ୍ଷା, କେଉଁ ଭକ୍ତର ଡାକ ଶୁଣି ଶ୍ରୀମନ୍ଦିର ପରିତ୍ୟାଗ କରି ଭକ୍ତଙ୍କୁ ଦର୍ଶନ ଦିଅନ୍ତି ତାହା କହି ହେବନାହିଁ। ଦାସିଆ ଓ ସାଲବେଗ ଏକ ସ୍ୱରରେ କହିଲେ, ପ୍ରଭୁ ଯେତେବେଳେ ସୁଯୋଗ ଦେଉଛନ୍ତି ତା'ର ସଦୁପଯୋଗ ଆମେ କରିବୁ। ତାଙ୍କର ପାଦୁକା ଯାତ୍ରାରେ ତାଙ୍କ ପୟରରେ ମଥାକୁ ରଖି ତୁଣ୍ଡରେ ହରିନାମ ଧରି ଜୀବନଯାତ୍ରାକୁ ସଫଳ କରିବୁ। ଶ୍ରଦ୍ଧା କହିଲେ, ଚାଲ ଆମେ ସମସ୍ତେ ମିଶି ପ୍ରାର୍ଥନା କରି ରଥଯାତ୍ରାରେ ଯୋଗଦେବା। ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପୁନଶ୍ଚ ଆମ ଜୀବନର ଯାତ୍ରା ନ ହେଉ ବୋଲି ପ୍ରାର୍ଥନା କରିବା। ଚିରନ୍ତନ ବିଶ୍ରାମସ୍ଥଳୀ ପାଇଁ ପ୍ରାର୍ଥନା କରିବା ଓ ଆନନ୍ଦରେ ନିଜକୁ ଭରିଦେବା।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
ମୋ : ୯୬୯୨୯୮୦୦୨୬

## ଏଇ ଭାରତରେ

ତେଲଙ୍ଗାନାର ଡ. ରବୀନ୍ଦ୍ର ଚୌକିଦାର ସୁଶ୍ରୁତ ଫାଉଣ୍ଡେଶନ ଗଠନ କରି ମାଗଣାରେ ଗରିବ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ସେ ମଧ୍ୟ ୪ ଜଣ ମେଧାବୀ ଗରିବ ପିଲାଙ୍କ ମେଡିକାଲ ପଢ଼ା ଖର୍ଚ୍ଚ ତୁଲାଉଛନ୍ତି। ଏଥିପାଇଁ ରବୀନ୍ଦ୍ର ଓ ତାଙ୍କ ସାଥୀ ୬ ଜଣ ଡାକ୍ତର ସେମାନଙ୍କ ମାସିକ ଆୟର ୨୦ ପ୍ରତିଶତ ଦାନ କରୁଛନ୍ତି । ତେଲଙ୍ଗାନାର ଆଦିବାସୀ ଅଧ୍ୟୁଷିତ ଗାଥୁପୁଅଣ୍ଡା ଗାଁରେ ଜନ୍ମିତ ରବୀନ୍ଦ୍ରଙ୍କ ପିଲାଦିନେ ବହୁ କଷ୍ଟରେ ସେ ପଢ଼ିଥିଲେ। ତାଙ୍କ ପିତା ଥିଲେ ଜଣେ ଦିନ ମଜୁରିଆ । ରବୀନ୍ଦ୍ର ସ୍କୁଲ ଓ କଲେଜ ଶିକ୍ଷା ଶେଷ କରି ହାଇଦ୍ରାବାଦର ଓସ୍‌ମାନିଆ ମେଡିକାଲ କଲେଜରେ ଏମ୍‌ବିବିଏସ୍ ଶେଷକରି ୱାରଙ୍ଗଲସ୍ଥିତ କାକତୀୟ ମେଡିକାଲ କଲେଜରୁ ଏମ୍‌ଏସ୍ କରିଥିଲେ। ପରେ ୨୦୦୯ରେ ଚାକିରିରେ ଯୋଗଦେବା ବେଳେ ତାଙ୍କ ପିତାଙ୍କ ଫୁସ୍‌ଫୁସ୍ କ୍ୟାନ୍‌ସର ଚିକିତ୍ସା ଖର୍ଚ୍ଚ ବହନ କରିବା କଷ୍ଟକର ହୋଇଯାଇଥିଲା। ଏହି ଅସୁବିଧାକୁ ଅନୁଭବ କରିବା ପରେ ସେ ଗରିବ ଲୋକଙ୍କୁ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିବା ପାଇଁ ସୁଶ୍ରୁତ ଫାଉଣ୍ଡେଶନ ଗଠନ କରି ସେବା ଯୋଗାଇ ଆସୁଛନ୍ତି। ରବୀନ୍ଦ୍ର ମେଡିକାଲ ଡ୍ୟୁଟି ସାରିବା ପରେ ରାତି ୧୦ଟା ପର୍ଯ୍ୟନ୍ତ ମାଗଣାରେ ରୋଗୀ ସେବା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧ ଜାନୁଆରୀ ୧୯୭୬

- ଚାସନାଲା ଖଣି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ରାଜ୍ୟପାଳ ଆକବର ଅଲ୍ଲୀ ଖାଁ ୧ ହଜାର ଟଙ୍କା ଦାନ କରିଛନ୍ତି।
- ଅପୂର୍ବ ସାହସିକତା, ନେତୃତ୍ୱ ଏବଂ କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରିଥିବା ଦେଶର ୧୨ ପୋଲିସଙ୍କୁ ସାହସିକତା ପୋଲିସ ପଦକ ପ୍ରଦାନ।
- ପ୍ରତିରକ୍ଷା ମନ୍ତ୍ରୀ ବଂଶୀଲାଲ୍‌ଙ୍କ ଦ୍ୱାରା ଆଗତ କରାଯାଇଥିବା ଅର୍ଥନୈତିକ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 4 | 9 | | 1 | |
| | | 8 | | | | | | 4 |
| 1 | | 7 | | | | | 3 | |
| | | | | | 2 | 7 | | 8 |
| | | 2 | | | | 6 | | |
| | | | 9 | 5 | | | | 1 |
| | 5 | | | 9 | 7 | 4 | 2 | |
| | | | | | 3 | | | |
| | 8 | | 1 | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 9 | 2 | 6 | 5 | 7 | 1 | 8 |
| 8 | 7 | 6 | 3 | 9 | 1 | 4 | 2 | 5 |
| 2 | 5 | 1 | 8 | 7 | 4 | 3 | 6 | 9 |
| 7 | 9 | 2 | 5 | 1 | 3 | 8 | 4 | 6 |
| 5 | 1 | 8 | 6 | 4 | 2 | 9 | 7 | 3 |
| 4 | 6 | 3 | 7 | 8 | 9 | 2 | 5 | 1 |
| 1 | 8 | 5 | 4 | 3 | 7 | 6 | 9 | 2 |
| 9 | 3 | 7 | 1 | 2 | 6 | 5 | 8 | 4 |
| 6 | 2 | 4 | 9 | 5 | 8 | 1 | 3 | 7 |

ଗତକାଲିର ଉତ୍ତର

# ପୁଣି ଚାଷକ୍ଷେତକୁ ଫେରିବା



ଡି. ଶୁଭମ୍

ସାଧାରଣତଃ ଆମେ ଯେବେ କୃଷିର କଥା କହୁ, ସେବେ ଗୋଟେ ରାଷ୍ଟ୍ର ବା ରାଜ୍ୟର ଅର୍ଥନୀତି କଥା ଆଗକୁ ଆସେ। ଆମେ ସବୁବେଳେ ଗୋଟେ କଥା ପଢ଼ିଆସିଛେ ଯେ, କୃଷି ହେଉଛି ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ। ଆମକୁ ବୁଝିବାକୁ ହେବ ଯେ ଯେବେଠୁ ଆମେ ଏ କଥା ପଢ଼ିଛେ କେବଳ ପାଠରେ ହିଁ ଏହାକୁ ନରଖି ଏହାର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଦିଗରେ ଅଧିକ ଚିନ୍ତା କରିବାର ସମୟ ଆସିଛି। କେବଳ ପୁସ୍ତକରେ ପଢ଼ି ସଭାସମିତିରେ ଉଚ୍ଚସ୍ୱରରେ ଭାଷଣ ଦେଲେ କାମ ସରିଯାଏନି। ଏହାକୁ କିପରି ଠିକ୍‌ଭାବରେ ଚାଷଜମିରେ ପ୍ରୟୋଗ କରିହେବ, ସେ ଦିଗରେ ସମସ୍ତଙ୍କ ସହଭାଗିତା ଆବଶ୍ୟକ। କାରଣ ଆପଣମାନେ ଜଳବାୟୁ ପରିବର୍ତ୍ତନର ସମସ୍ୟାକୁ ଅନୁଭବ କରୁଥିବେ। ଓଡ଼ିଶା ପରିପ୍ରେକ୍ଷୀରେ ମଧ୍ୟ ଏହାକୁ ଆମେ ଲକ୍ଷ୍ୟ କରୁଛେ। ୨୦୫୦ରେ ବିଶ୍ୱର ୯୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ଉତ୍ପାଦନ ହାର ୬୦-୭୦ ପ୍ରତିଶତ ବଢ଼ାଇବାକୁ ପଡ଼ିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଉଲ୍ଲେଖ ଯେ, ବର୍ଦ୍ଧିତ ଜନସଂଖ୍ୟା ପାଇଁ ଆମକୁ କୃଷିର ପରିଭାଷାକୁ ପରିବର୍ତ୍ତନ କରିବାକୁ ହେବ । ଆମେ ସବୁବେଳେ କୃଷିକୁ ଶେଷ ବିକଳ୍ପ ଭାବେ ଗ୍ରହଣ କରୁଛେ। ପିଲାଦିନେ ପାଠପଢ଼ାରେ ବ୍ୟତିକ୍ରମ ହେଲେ ମା'ବାପାଙ୍କର ଗୋଟେ କଥା –ଆରେ ପାଠ ନ ପଢ଼ିଲେ ଚାଷ କରିବୁ ନ ହେଲେ ଗାଈ ଚରେଇବୁ। ଏସବୁ ମାନସିକତା ଆମ ଭିତରେ ଏକ ନିରାଶ ଭାବନା ତିଆରି କରିଛି କୃଷିକୁ ନେଇ। ଏହାର ପରିବର୍ତ୍ତନ ଜରୁରୀ। କେବଳ ସାଧାରଣ ଜନତା ନୁହେଁ ଅନେକ ଉଦ୍ୟୋଗୀ ଚାକିରି ପରେ ଗାଁକୁ ଫେରି ଅନେକ କୃଷି ଉଦ୍ୟୋଗ ପ୍ରତିଷ୍ଠାକରିବା ଉଦାହରଣ ଆମେ ଓଡ଼ିଶାରେ ଦେଖୁଛୁ। ତେବେ କୃଷି କ'ଣ ଆମର ପ୍ରଥମ ବିକଳ୍ପ ହୋଇପାରିବନି? ଯଦି କୃଷିକୁ ପ୍ରଥମ ବିକଳ୍ପ ଭାବରେ ରଖିବା ତେବେ ନିଶ୍ଚୟ କୃଷି କ୍ଷେତ୍ରରେ ଅଭିବୃଦ୍ଧି ଆସିବ, ଏଥିରେ ସନ୍ଦେହ ନାହିଁ। ବ୍ୟାକ୍ ଟୁ ବେସିକ୍ସର ବାର୍ତ୍ତାକୁ ପ୍ରଧାନମନ୍ତ୍ରୀ ସବୁବେଳେ ଦୋହରାଇଛନ୍ତି। ଏହାର ଅର୍ଥ ଆମେ ପୁଣି ମୂଳକୁ ଫେରିବା। ତେବେ କୃଷିକୁ ପ୍ରଥମ କି ଶେଷ ବିକଳ୍ପ କରିବା, ତାହାର ଦାୟିତ୍ୱ ଆପଣମାନଙ୍କର। ଏ ନିଷ୍ପତ୍ତି ଆମ ପରବର୍ତ୍ତୀ ପିଢ଼ି ପାଇଁ ଏକ ଉଦାହରଣ ସୃଷ୍ଟି କରିବ। ଯଦି ଏବେଠାରୁ ଏହାକୁ ଶେଷ ବିକଳ୍ପ ନେଇ ଚାଲିବା ଆଉ ୫୦ ବର୍ଷ ପରେ ଆମ ବଂଶଜମାନେ ଏହି ଶବ୍ଦକୁ ନିଶ୍ଚିହ୍ନ କରିବାକୁ ବି ସମୟ ଲାଗିବନି। ତେଣୁ ଆମକୁ ଏବେଠୁ ସଜାଗ ହେବାକୁ ପଡ଼ିବ।

ଆଲୋଚନାରେ ପ୍ରଥମେ ଆମେ ଚାଷଜମିର କଥା ଦେଖିବା। ଆପଣମାନେ ସମସ୍ତେ ଜାଣିଥିବେ ମାଟି ପାଇଁ ହିଁ ଚାଷ। ଯେମିତି ମାଟି ସେମିତି ଚାଷ। ଏହି ମାଟିର କ୍ଷୟ ହିଁ ଚାଷକୁ ସଙ୍କଟରେ ପକାଇଛି। ଏହାକୁ ଠିକ୍ ଭାବରେ ଅନୁଧ୍ୟାନ କରିବାର ସମୟ ଆସିଛି। ଏକ ସର୍ବେକ୍ଷଣରୁ ଜଣାଯାଇଛି, ୧୯୯୦ ରୁ ୨୦୧୪ ମଧ୍ୟରେ ପାଖାପାଖି ୫୦୦୦ଏକର ଜମି ମାଟି ଲବଣୀକରଣ ଯୋଗୁ ନଷ୍ଟ ହୋଇଛି। ଚାଷୀଭାଇମାନେ ଜମିରେ ରାସାୟନିକ ସାର ପ୍ରୟୋଗକରି ଅଧିକ ଫସଲ କରିପାରୁଥିଲେ ମଧ୍ୟ ମାଟିର ଉର୍ବରତା ପ୍ରତି ସାଧାରଣତଃ ଦୃଷ୍ଟି ଦିଅନ୍ତି ନାହିଁ। କାରଣ ରାସାୟନିକ ସାର ଫସଲକୁ ତା'ର



ଆବଶ୍ୟକତା ଅନୁସାରେ ସମସ୍ତ ପୋଷକତତ୍ତ୍ୱ ପ୍ରଦାନ କରିପାରିଲେ ମଧ୍ୟ ଏହି ଉର୍ବରତା କ୍ଷଣସ୍ଥାୟୀ ହୋଇଥାଏ। ୧୯୭୩, ୧୯୮୫, ଏବଂ ୨୦୦୬ରେ ଯଥାକ୍ରମେ ୩୧, ୩୮ଏବଂ ୫୬ ଟନ୍ ହେକ୍ଟର ପ୍ରତି ମୃତ୍ତିକା କ୍ଷୟ ବୃଦ୍ଧି ପାଇଲା। ମାଟିର ଉର୍ବରତା ଉପରେ ଫସଲର ମାନ ନିର୍ଭର କରେ। କାରଣ ମାଟି ଯେତେ ଉର୍ବର ହୁଏ ଫସଲର ଗୁଣବତ୍ତା ଠିକ୍ ପରିମାଣରେ ବଜାୟ ରହେ। ଉର୍ବର ମାଟି ନ ହେଲେ ଆଶାନୁରୂପ ଖାଦ୍ୟ ଉତ୍ପାଦନ କରିପାରିବା ନାହିଁ। ଆମେ ଯଦି ଚାଷକୁ ପ୍ରଥମ ବିକଳ୍ପ ଭାବେ ଗ୍ରହଣ କରିବାକୁ ଚାହୁଁଛୁ ତାହେଲେ ମାଟିର କଥାକୁ ପ୍ରଥମରେ ଚନ୍ତାକରି ଏହାର ଗଠନ ଓ ସୁରକ୍ଷା ଦିଗରେ ଯଥୋଚିତ ପଦକ୍ଷେପ ନେବା ଆବଶ୍ୟକ।

ଦ୍ୱିତୀୟରେ ଆମେ ଆମର ମାନସିକତାକୁ ପରିବର୍ତ୍ତନ କରି ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ସମୟ ଆସିଛି। ପ୍ରକୃତିକୁ ନେଇ ଚାଷକରିବା କଥା ହେଉ କି ପରିବେଶୀୟ ଗ୍ରାମ ଗଠନ, ଜୈବିକ ଚାଷ ହେଉ କି ଜୈବହାଟ, ଚାଷ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ହେଉ କି ନୂଆ ଜ୍ଞାନକୌଶଳ ଏସବୁକୁ ଚାଷୀ କିପରି ଠିକ୍ ଭାବରେ ପାଇପାରିବ ସେ ଦିଗରେ ଚିନ୍ତାକରିବା ଆବଶ୍ୟକତା ଅଛି। କାରଣ ଚାଷୀ ଆଖିରେ ନ ଦେଖିଲେ ବିଶ୍ୱାସ କରେନାହିଁ। ତେଣୁ ଚାଷୀକୁ ଚାଷ କୌଶଳକୁ ଶିଖାଇବାକୁ ପଡ଼ିବ। ଆମେ ଯାହା ପାଠରେ ପଢ଼ିଲେ ତାହାକୁ ଚାଷଜମିରେ ଉପଯୋଗ କରିବା ହିଁ ବର୍ତ୍ତମାନ ସମୟର ଆହ୍ୱାନ।

ତୃତୀୟରେ ଚାଷ ଆମ ପାଇଁ ପ୍ରଥମ ବିକଳ୍ପ ହେବ ଯେତେବେଳେ ସମସ୍ତଙ୍କ ମିଳିତ ସହଭାଗିତା ରହିବ। ପ୍ରତି ପଞ୍ଚାୟତରେ ସଫଳ ଚାଷୀମାନଙ୍କୁ ନେଇ କୃଷି ମେଳାରେ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ଲୋକଲୋଚନକୁ ଆଣିବା ସହ ଆଜିକାଲି ଅନେକ ଯୁବ ଉଦ୍ୟୋଗୀଙ୍କ କୃଷି ଉଦ୍ୟୋଗକୁ କିପରି ଲୋକଙ୍କ ପାଖରେ ପହଞ୍ଚାଯାଇପାରିବ, ସେ ଦିଗରେ ବିଚାର କରିବାର ଅଛି। ପ୍ରତି ପଞ୍ଚାୟତରେ ଲୋକଙ୍କୁ ସେ ଅଞ୍ଚଳର ସଫଳ ଚାଷୀଙ୍କ ଚାଷଜମିର ନୂଆକୌଶଳକୁ ଶିକ୍ଷା ଦେବାର ଅଛି। ବ୍ଲକସ୍ତରରେ କୃଷି ସମ୍ପ୍ରସାରଣର ଏ ଦିଗରେ ପ୍ରମୁଖ ଭୂମିକା ରହିଛି। ପଞ୍ଚାୟତସ୍ତରରେ ଚାଷୀମାନଙ୍କୁ ସଚେତନ କରାଇବାର ଅଛି।

ଚତୁର୍ଥରେ ଆମେ କୃଷି ଉଦ୍ୟୋଗକୁ ଅଧିକ ପ୍ରାଧାନ୍ୟ ଦେବାର ସମୟ ଅଛି। ସରକାରଙ୍କ ତରଫରୁ ଷ୍ଟାର୍ଟଅପ ଦିଗରେ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଯୁବ ଉଦ୍ୟୋଗୀମାନେ ଏହାର ଲାଭ ନେବା ଉଚିତ। ଆମେ ଗାଁକୁ ଫେରିବା, ଚାଷଜମିକୁ ଫେରିବା– ଏ ସ୍ଲୋଗାନ ଏବେ ଶୁଣିବାକୁ ମିଳୁଛି । ଏହାର ସଫଳ କାର୍ଯ୍ୟକାରିତା ଉପରେ ବି ସେତିକି ତଦାରଖ ହେବା ଆବଶ୍ୟକ। ଉପଯୁକ୍ତ ଫସଲ ପ୍ଲାନିଂ ମାଧ୍ୟମରେ ଉଦ୍ୟୋଗଟିଏ ପ୍ରତିଷ୍ଠାକରି ନିଜକୁ ସ୍ୱାବଲମ୍ବୀ କରିହେବ। ଏ ଦିଗରେ କୃଷି ବିଶେଷଜ୍ଞମାନଙ୍କର ମତାମତ ନେଇ କରିପାରିଲେ ଭଲ। କଥାରେ ଅଛି 'କାଲି କାମ ଆଜି କର, ଆଜି କାମ ଏବେ କର' ସମୟକୁ ସାଥୀକଲେ ହାରିବନି କେବେ। ଏ ଦିଗରେ ଏବେଠାରୁ ସଂକଳ୍ପ ନେବା ଦରକାର।

ପଞ୍ଚମରେ ଗାଁ ଗାଁରେ ଏଥିପାଇଁ ସଚେତନତା ଶିବିର ଆୟୋଜନ କରିବା। ଫଳରେ ରୋଜଗାର ନଥିବା ଯୁବକମାନେ କିପରି ଚାଷ କରି ରୋଜଗାରକ୍ଷମ ହୋଇପାରିବେ, ସେ ଦିଗରେ ବୁଝାଇହେବ। ଚାଷ କଲେ ବି ଜଣେ କିପରି ଉଦ୍ୟୋଗୀ ହୋଇପାରିବ ତାହାକୁ ଅନୁଧ୍ୟାନ କରିବାର ସମୟ ଉପନୀତ। ଆମକୁ ପୁଣି କୃଷି କ୍ଷେତକୁ ଫେରିବାର ଯେଉଁ ସଂକଳ୍ପ ସେସବୁକୁ ଏକ ମିଶନ୍ ଆଗକୁ ନେବାର ଅଛି। ଆମେ ଆଜି ଯେଉଁ ସ୍ୱପ୍ନ ଦେଖୁଛେ ଚାଷକୁ ନେଇ ତାହା କିପରି ଦୀର୍ଘମିଆଦୀ ହେବ ସେ ଦିଗରେ କାମ କରିବାକୁ ହେବ।

**ଜୈବନିରୀକ୍ଷକ,ଓଡ଼ିଶାରାଜ୍ୟଜୈବପ୍ରମାଣନ ସଂସ୍ଥା, ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯**

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦର ରେଟ୍‌ଚାର୍ଟ

ମହାଶୟ,

ଶ୍ରୀମନ୍ଦିର ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରିର ରେଟ୍‌ଚାର୍ଟ ଲଗାଇବା ନେଇ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିବା ଖବର ପ୍ରକାଶ ପାଇଛି। ଯଦ୍ଦ୍ୱାରା ଶ୍ରଦ୍ଧାଳୁମାନେ ଶୋଷଣର ଶିକାର ନ ହୋଇ ନିର୍ଦ୍ଧାରିତ ଦରରେ ମହାପ୍ରସାଦ ସେବନ କରିପାରିବେ। ତେବେ ଏପର୍ଯ୍ୟନ୍ତ ଏହା ଉପରେ ଶ୍ରୀମନ୍ଦିର ପ୍ରଶାସନ କି ପଦକ୍ଷେପ ଗ୍ରହଣ କଲା ତାହା ଜଣାଯାଇ ନାହିଁ। ଅବଶ୍ୟ ଏହି ପ୍ରସଙ୍ଗରେ ପରିଚାଳନା କମିଟିରେ କେତେଥର ଆଲୋଚନା ହୋଇଛି। ପ୍ରଥମେ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ଯେଉଁ ଖାଦ୍ୟ ସାମଗ୍ରୀ ଯଥା ଚାଉଳ, ଡାଲି, ଘିଅ, ପନିପରିବା, ଜାଳେଣି, ହାଣ୍ଡି କୁଡୁଆ, ରୋଷେଇ କରୁଥିବା ସୁଆର, ମହାସୁଆରଙ୍କ ପାରିଶ୍ରମିକ ଓ ସେମାନଙ୍କ ସହାୟକଙ୍କ ମଜୁରି ଆଦି ଯଥେଷ୍ଟ ଖର୍ଚ୍ଚ ହିସାବକୁ ନେଇ ବିକ୍ରି ଦର ଧାର୍ଯ୍ୟ କରାଯାଏ। ଏବେ ଶ୍ରୀମନ୍ଦିରରେ ଓମ୍‌ଫେଡ୍ ଘିଅର ବ୍ୟବହାର ନିମନ୍ତେ ସରକାର ପ୍ରସ୍ତାବ ରଖିଛନ୍ତି, ଯାହାର ମୂଲ୍ୟ ଅତ୍ୟଧିକ। ଦୀର୍ଘ ବର୍ଷ ଧରି ଶ୍ରୀମନ୍ଦିରରେ ବନସ୍ପତି ଡାଲ୍‌ଡାକୁ ଘିଅ କହି ମହାପ୍ରସାଦ ଓ ଶୁଖୁଲି ତିଆରି ହେଉଥିଲା ଓ ଦୀପରେ ବ୍ୟବହାର ମଧ୍ୟ ହେଉଥିଲା। ଯେଉଁ ସମୟରେ ବଜାର ଦରକୁ ନେଇ ରେଟ୍‌ଚାର୍ଟ ତିଆରି ହେବ, ତହିଁର ମୂଲ୍ୟ ପରବର୍ତ୍ତୀ ସମୟରେ ଅକାମୀ ହୋଇଯିବ। ଏ ପରିପ୍ରେକ୍ଷୀରେ ସମ୍ଭବ ନୁହେଁ। ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କେତେଦୂର ସମ୍ଭବ ତା' ବିଚାରସାପେକ୍ଷ।

**– ହରମୋହନ ମହାନ୍ତି, ଦରତୋଟା, ପୁରୀ**

### ଚିରନ୍ତନୀ

ତା' ବ୍ୟଥାରେ ବଥାଏ ଯେ
ମୋର ପ୍ରାଣ ମନ
ବାରତା ତାହାର ତୁମ୍ଭେ
ଅଧର ନୟନ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବାଇକ୍ ମୁହାଁମୁହିଁ: ୨ ଯୁବକ ମୃତ**

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୩୧।୧୨ (ସଦାଶିବ ପ୍ରହରାଜ/ ଚିଦାନନ୍ଦ ସାହୁ) : ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ କୁଜାଜାନିଗୁଡ଼ା ଛକ ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାହେବା ଯୋଗୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିତ୍ରକୋଟ ଗ୍ରାମର ପୂର୍ଣ୍ଣ ମାଝି (୨୩) ଏବଂ ହେମନ୍ତ ବାଣୁଆ(୨୨)। ଦୁର୍ଘଟଣାରେ ପୂଜାରୀଗୁଡ଼ା ଗ୍ରାମର ସନ୍ଦୀପ ଭତ୍ରା(୨୧) ଗୁରୁତର ଆହତ ହୋଇଛନ୍ତି। ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ସନ୍ଦୀପଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କୋରାପୁଟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



# ପାରାଗ୍ଲାଇଡିଂ, ପାରା ଲ୍ୟାଣ୍ଡିଂର ମଜା ନେଉଛନ୍ତି ପର୍ଯ୍ୟଟକ

## ଆକୃଷ୍ଟ କରୁଛି ଦେଓମାଳି

କୋରାପୁଟ,୩୧।୧୨ (ଅମିତାଭ ବେହେରା)



କୋରାପୁଟ ଜିଲା ସେମିଳିଗୁଡ଼ାର କୁନ୍ଦୁଲିରୁ କୋଟିଆ ଆଡ଼କୁ ଦେଓମାଳି ପର୍ବତ ରହିଛି। ସମୁଦ୍ର ପତ୍ତନଠାରୁ ୧୬୭୨ ମିଟର ଉଚ୍ଚତାରେ ଥିବା ଏହା ଓଡ଼ିଶାର ଉଚ୍ଚତମ ପର୍ବତ ଶୃଙ୍ଗ। ଏହାର ଜଳବାୟୁ ପରିବେଶପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପର୍ବତ ଉପରେ ୨୦୨୩ ଡିସେମ୍ବର ୨ରେ ନ୍ୟାଶନାଲ ଆଡଭେଞ୍ଚର ଫାଉଣ୍ଡେଶନ ସଂସ୍ଥା ପକ୍ଷରୁ ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପ୍ରତୀମ ପାଢ଼ୀଙ୍କ ଦ୍ୱାରା ପାରାଗ୍ଲାଇଡିଂ ଓ ପାରା ଲ୍ୟାଣ୍ଡିଂ ଭଳି ରୋମାଞ୍ଚକର କ୍ରୀଡ଼ାର ସଫଳ ପରୀକ୍ଷା କରାଯାଇଥିଲା। ସମ୍ପୃକ୍ତ ସଂସ୍ଥା ପର୍ଯ୍ୟଟକଙ୍କୁ ଏହି ସେବା ଯୋଗାଇ ଆସୁଛି। ଉଚ୍ଚତା ଅନୁସାରେ ପ୍ରତି ଘଣ୍ଟାକୁ ୫ ଶହରୁ ୮୦୦ ଟଙ୍କା ନିଆଯାଇଥାଏ। ସେନାର ଅବସରପ୍ରାପ୍ତ ଓ ପ୍ରଶିକ୍ଷିତ ଅଧିକାରୀଙ୍କ ଦ୍ୱାରା ସଂସ୍ଥା ପକ୍ଷରୁ ଜିଲା ପ୍ରଶାସନର ଅନୁମତି ନେଇ ଏହି ସେବା କେବଳ ପିକ୍ ସିଜନରେ ପର୍ଯ୍ୟଟକମାନଙ୍କୁ ଯୋଗାଇ ଦିଆଯାଉଥିବା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି, ଯାହା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି। ବର୍ଷାଋତୁ ଜୁଲାଇରୁ ସେପ୍ଟେମ୍ବରକୁ ଛାଡ଼ିଦେଲେ ଅନ୍ୟ ୯ ମାସ ଏହି ସ୍ଥାନକୁ ପର୍ଯ୍ୟଟକ ଆସିପାରିବେ। ନଭେମ୍ବରରୁ ମାର୍ଚ୍ଚ ଯାଏ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ୨୦୨୨ରେ ଦେଓମାଳିକୁ ୩ ଲକ୍ଷ ୯୯ ହଜାର ୯୮୦ ଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୬୭ ଜଣ ବିଦେଶୀ ଆସିଥିବା ଜଣାଯାଇଛି। ସେହିପରି ୨୦୨୩ରେ ୩ ଲକ୍ଷ ୯୫ ହଜାର ୭୧୦ ଦେଶୀ ପର୍ଯ୍ୟଟକ ଓ ୨୦୬ ବିଦେଶୀ ପର୍ଯ୍ୟଟକ ଏଠାକୁ ଆସିଥିବା ଜିଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନ ସୂଚନା ଦେଇଛନ୍ତି। ୨୦୨୪ରେ କେତେଜଣ ପର୍ଯ୍ୟଟକ ଏଠାକୁ ଆସିଛନ୍ତି ସେ ନେଇ ବର୍ତ୍ତମାନ ସୁଦ୍ଧା ସର୍ଭେ କରାଯାଇପାରି ନାହିଁ। କିନ୍ତୁ ପୂର୍ବ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ପର୍ଯ୍ୟଟକ ଆସିଥିବା ପର୍ଯ୍ୟଟନ ଅଧିକାରୀ କହିଛନ୍ତି। ପର୍ଯ୍ୟଟକମାନଙ୍କ ଏଠାରେ ରହିବା ପାଇଁ କୋରାପୁଟ ବନ ବିଭାଗ ପକ୍ଷରୁ ୧୦ କଟେଜ କରାଯାଇଛି। ୨୪ ଘଣ୍ଟା ପାଇଁ ଏହାର ମୂଲ୍ୟ ୬,୧୯୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଟଙ୍କାରେ ଜଳଖିଆ, ଲଞ୍ଚ,ଡିନର ଓ ସ୍ନାକ୍ସ ବ୍ୟବସ୍ଥା ରହିଛି। ସେହିପରି ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଶତାଧିକ ତମ୍ବୁ ବ୍ୟବସ୍ଥା କରାଯାଇଛି। ୨୪ ଘଣ୍ଟା ତମ୍ବୁ ସହ ଟି, ସ୍ନାକ୍ସ, ପାଣି ବ୍ୟବସ୍ଥା ପାଇଁ ପର୍ଯ୍ୟଟକଙ୍କୁ ୧୨ ହଜାର ଟଙ୍କା ଦେୟ ଧାର୍ଯ୍ୟ ହୋଇଛି।

ନିକଟରେ ପରବ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କୋରାପୁଟ ଆସିଥିବାବେଳେ ଦେଓମାଳିରେ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଘୋଷଣା କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କୋରାପୁଟ ଗସ୍ତ ସମୟରେ ଦେଓମାଳି ପରିଦର୍ଶନକରି ଏଠାରେ ପ୍ରାକୃତିକ ପରିବେଶର ଏକ ହବ୍ କରିବା ନେଇ ରାଜ୍ୟ ସରକାର ଚିନ୍ତା କରୁଥିବା କହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଦେଓମାଳିକୁ ଟ୍ରାକିଂ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ କରାଯିବା ଉପରେ ପର୍ଯ୍ୟଟକମାନଙ୍କୁ ଅଧିକ ପ୍ରୋତ୍ସାହନ ନିମନ୍ତେ ପରବରେ ପର୍ବତାରୋହଣ ପ୍ରତିଯୋଗିତା କରାଯାଇଥିଲା ବୋଲି ଜିଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି। ଏହାର ବିକାଶ ଓ ଏଥିରେ ସ୍ଥାନୀୟ ଯୁବତୀଯୁବକମାନଙ୍କୁ ନିଯୁକ୍ତି ଦେବା ସ୍ଥାନୀୟ ଅଞ୍ଚଳର ଏସ୍‌ଏଚ୍‌ଜି ମହିଳାଙ୍କୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଥିବା ପଟ୍ଟାଙ୍ଗି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ କହିଛନ୍ତି।

## ଭୀମକୁଣ୍ଡର ସାନକୁଣ୍ଡ ଉପରେ ଝୁଲି ରହିଥିବା ନାବାଳକ ଉଦ୍ଧାର

ପାଟଣା, ୩୧।୧୨(ବୀରକିଶୋର ଦାଶ)

କଥାରେ ଅଛି, ରଖେ ହରି ତ ମାରେ କିଏ। କେନ୍ଦୁଝର ଜିଲା ପାଟଣା ବ୍ଲକର ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡର ସାନକୁଣ୍ଡ ଉପରେ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିଲେ ଜଣେ ନାବାଳକ। ମଙ୍ଗଳବାର ସକାଳେ ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରିଛନ୍ତି। ନାବାଳକଙ୍କ ବୟସ ୧୪ରୁ ୧୫ ବର୍ଷ ହେବ। ସେ ନିଜ ବିଷୟରେ କିଛି କହିପାରୁ ନ ଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ୨ ଯୁବକ ସାନକୁଣ୍ଡଠାରେ ଜଣେ ନାବାଳକ ଏକ ବଡ଼ ପଥରକୁ ଧରି ବିପଦପୂର୍ଣ୍ଣ ଭାବେ ଝୁଲିରହିଥିବା ଦେଖିବାକୁ ପାଇଥିଲେ। ଯୁବକମାନେ ୨ଟି ଗାମୁଛାକୁ ଗଣ୍ଠି କରି ନାବାଳକଙ୍କ ପାଖରେ ପହଞ୍ଚାଇଥିଲେ। ନାବାଳକ ଜଣକ ଗାମୁଛାକୁ ଧରି ଉପରକୁ ଆସିଥିଲେ। ସେ ଏକ ଓଦା ହାଫ୍ ପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିବା ବେଳେ ଶୀତରେ ଥରୁଥିଲେ। କେବଳ ଭୋକ ଲାଗୁଛି ବ୍ୟତୀତ ଆଉ କିଛି କହିପାରି ନ ଥିଲେ। ଚନ୍ଦନ ତାଙ୍କୁ ଆଳୁଦମ୍ ଦହିବରା ଖାଇବାକୁ ଦେବା ସହ ଶୁଖିଲା ପ୍ୟାଣ୍ଟ ଶାର୍ଟ ପିନ୍ଧିବାକୁ ଦେଇଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପାଟଣା



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପାଟଣା ଥାନାକୁ ନିଆଯାଇଥିଲା। ସେ ବୈତରଣୀରେ ଭାସିଆସିଲେ କିମ୍ବା ଗାଧୋଉଥିବା ବେଳେ ସ୍ରୋତ ତାଙ୍କୁ ଭସାଇ ଆଣିଛି, ତାହା ଜଣାପଡିନାହିଁ। ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ ନାବାଳକଙ୍କ ଫଟୋ ବିଭିନ୍ନ ଥାନାକୁ ପଠାଇ ତଦନ୍ତ କରୁଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ ସାମନ୍ତରାୟଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ସନ୍ଧ୍ୟାରେ ପାଟଣା ପୋଲିସ ପକ୍ଷରୁ ଏଏସ୍‌ଆଇ ଗୌରହରି ଗରଡିଆ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ମାନସିକ ବିଭାଗରେ ନାବାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନେଇଥିଲେ। ଏନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସାମନ୍ତରାୟ କହିଛନ୍ତି, ଆଶ୍ରମ ସ୍କୁଲ ଡିଏମ୍‌ଏଫ୍ ପ୍ରୋଜେକ୍ଟ କୋଅର୍ଡିନେଟରଙ୍କୁ ନାବାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପଠାଯାଇଛି। ତାଙ୍କ କାଟାଗୋରିରେ ନାବାଳକ ହୋଇଥିଲେ ଚାଇଲ୍ଡଲାଇନରେ ଥଇଥାନ ବ୍ୟବସ୍ଥା କରାଯିବ। ସନ୍ଧ୍ୟା ସୁଦ୍ଧା ନାବାଳକଙ୍କ ପରିଚୟ ଓ ଘଟଣା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ପୁରୁଷ କମିଶନ ଗଠନ ଆବଶ୍ୟକ: ବାବା ବଳିଆ

ଭୁବନେଶ୍ୱର,୩୧।୧୨(ଶୁଚିସ୍ମିତା ସାହୁ)

ନିର୍ଯାତୀତ ମହିଳାଙ୍କ ସମସ୍ୟାର ସମାଧାନ ପାଇଁ ଯେପରି ମହିଳା କମିଶନ ରହିଛି, ସେହିପରି ନିର୍ଯାତୀତ ପୁରୁଷ ଓ ବୃଦ୍ଧ ମାତାପିତାଙ୍କ ପାଇଁ ମଧ୍ୟ କମିଶନ ଗଠନର ଆବଶ୍ୟକତା ରହିଛି ବୋଲି ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ ମତବ୍ୟକ୍ତ କରିଛନ୍ତି। ସାରା ପୃଥିବୀ ଆଜି ଏକ ସଙ୍କଟମୟ ସ୍ଥିତି ଦେଇ ଗତି କରୁଛି। ଯେଉଁ ସ୍ତମ୍ଭଗୁଡ଼ିକ ଉପରେ ପୃଥିବୀ ସ୍ଥିର, ଶାନ୍ତ ଓ ଅମୃତମୟ ରହିବା କଥା, ସେଗୁଡ଼ିକ ଆଜି ଅଶାନ୍ତ ଓ ପ୍ରଦୂଷିତ ହୋଇଯାଇଛି। ଯେପର୍ଯ୍ୟନ୍ତ ସେହି ସ୍ତମ୍ଭଗୁଡ଼ିକ ଶୁଦ୍ଧ, ଅମୃତମୟ, ଆଦର୍ଶଯୁକ୍ତ, ଦୁର୍ନୀତିମୁକ୍ତ ଓ ପ୍ରେମପୂର୍ଣ୍ଣ ନ ହୋଇଛି ସେପର୍ଯ୍ୟନ୍ତ ସାରା ପୃଥିବୀରେ ସୁସ୍ଥ ଜୀବନ ଧାରଣ ସମ୍ଭବ ନୁହେଁ। ଏଭଳି ସମସ୍ୟାର ସମାଧାନ କରିବା ନିମନ୍ତେ ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ୧୪ତମ ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଜାନୁଆରୀ ୨ରୁ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ରେଡକ୍ରସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାବା ବଳିଆ ଏହା କହିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସରେ ନିଆଁ

ବ୍ରହ୍ମପୁର,୩୧।୧୨ (ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସାବେରୀ ଛାତ୍ରୀ ନିବାସ ଦ୍ୱିତୀୟ ମହଲାର ୩୫ ନଂ. ରୁମ୍‌ରେ ମଙ୍ଗଳବାର ପୂର୍ବାହ୍ଣରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେତେଜଣ ଛାତ୍ରୀଙ୍କ ବହି, ପୋଷାକ, ଲାପଟପ୍ ପୋଡିଯାଇଛି। ସାବେରୀ ହଷ୍ଟେଲ ଦ୍ୱିତୀୟ ମହଲାର ୩୫ ନଂ. ରୁମ୍‌ର ଜଣେ ଛାତ୍ରୀ ସକାଳେ ମେସ୍‌ରେ ଖାଇ ଫେରିବାରେ ରୁମ୍‌ରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟ ଛାତ୍ରୀମାନଙ୍କୁ ଡାକିଥିଲେ। ଉକ୍ତ ରୁମ କବାଟ ଖୋଲିବା ପରେ ନିଆଁ ଲାଗିଥିବା ଦେଖି ହଷ୍ଟେଲ ଦାୟିତ୍ୱରେ ଥିବା ମାଟ୍ରୋନଙ୍କୁ ଜଣାଇଥିଲେ। ଏ ନେଇ ବିଶ୍ୱବିଦ୍ୟାଳୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇଥିଲେ। କେତେଜଣ କର୍ମଚାରୀ ଆସି ମେନ ସୁଇଚ ବନ୍ଦ କରି ରୁମ୍‌ରେ ପାଣି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ରୁମ୍‌ରେ ଅଗ୍ନିକାଣ୍ଡ ଘଟିଥିବା ଓ ବହିପତ୍ର, ଡ୍ରେସ, ଲାପଟପ, ଖଟ ଆଦି ପୋଡ଼ି ଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ପଚାରିବାରୁ, କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହାର ତଦନ୍ତ ସହ ବିଶ୍ୱବିଦ୍ୟାଳୟରେ ଥିବା ସମସ୍ତ ହଷ୍ଟେଲର ଇଲେକ୍ଟ୍ରିଫିକେଶନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କରାପଲ୍ଲୀ ଆରଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରୁମରେ ୩ ଜଣ ଛାତ୍ରୀ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଘରକୁ ଚାଲି ଯାଇଥିଲେ। ଜଣେ ଛାତ୍ରୀ ଉକ୍ତ ରୁମରେ ରହୁଥିଲେ। ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି, ରୁମର ସମସ୍ତ ସୁଇଚ ଅଫ ଥିବା ବେଳେ ଗୋଟିଏ ଲାଇଟ୍ ଲାଗିଥିଲା। ହଷ୍ଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା। ଦ୍ୱିତୀୟ ମହଲାର ସମସ୍ତ ରୁମର ବିଦ୍ୟୁତ ବିଚ୍ଛିନ୍ନ କରି ଛାତ୍ରୀମାନଙ୍କୁ ଅନ୍ୟ ରୁମରେ ରଖାଯାଇଥିବା କହିଛନ୍ତି।



୩୫ ନଂ. ରୁମରେ ନିଆଁ ଲାଗି ବହିପତ୍ର ପୋଡିଯାଇଛି।

## ବିଲରେ ଗଜାଧାନ ଦେଖି ଟଳିପଡ଼ିଲେ ଚାଷୀ

ନିଆଳି,୩୧।୧୨ (ସୁକାନ୍ତ କୁମାର ସିଂହ)

ଲଘୁଚାପଜନିତ ଅଦିନିଆ ବର୍ଷା ଯୋଗୁ ବିଭିନ୍ନ ଜିଲାରେ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏନେଇ ଅନେକ ଚାଷୀ ଭାଙ୍ଗି ପଡିଛନ୍ତି। ବିଲରେ ଗଜା ହୋଇଥିବା ଧାନ ଦେଖି ମଙ୍ଗଳବାର ସକାଳେ କଟକ ଜିଲା ନିଆଳି ବ୍ଲକ ଅଁଲୋ ପଞ୍ଚାୟତର ମହଙ୍ଗପଡା ଗ୍ରାମର ଜଣେ ଚାଷୀ ଟଳି ପଡ଼ିଛନ୍ତି। ମୃତକ ହେଲେ କୈଳାସ ପ୍ରଧାନ (୭୪)। ସେ ୨ ଏକର ଜମିରେ ଭାଗଚାଷ କରିଥିଲେ। ସୋମବାର ବିଲକୁ ଯାଇ ବର୍ଷାପାଣିରେ ବୁଡି ରହିଥିବା ଧାନ କଚଡ଼ାକୁ ଉଚ୍ଚ ସ୍ଥାନକୁ ଆଣି ଶୁଖାଇଥିଲେ। ଆଉ କିଛି ଧାନ କଚଡ଼ା ପାଣିରେ ପଡିଥିଲା। ମଙ୍ଗଳବାର ସକାଳେ ସେ ତରବରିଆ ଭାବେ ବିଲକୁ ଯାଇ ଧାନ କଚଡା ନଷ୍ଟ ହେବା ସହ ଗଜା ହୋଇଯାଇଥିବା ଦେଖି ବର୍ଷକର ଆହାର ଓ ହାତ ଉଦ୍ଧାରି ଶୁଝିବା ଚିନ୍ତାରେ ସେଠାରେ ଟଳିପଡିଥିଲେ। ବିଲ ନିକଟରେ ଥିବା ଅନ୍ୟଚାଷୀ କୈଳାସଙ୍କ ନିକଟକୁ ଆସି ଦେଖିଥିବାବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ନିଆଳି ତହସିଲଦାର ଲେଲିନ୍ ପ୍ରସାଦ ସାହୁ ଘଟଣାସ୍ଥଳରେ ପହଞ୍ଚି ଜିଲାପାଳଙ୍କୁ ଜଣାଇବା ସହ ରେଡ୍‌କ୍ରସ୍ ପାଣ୍ଠିରୁ ମୃତଦେହ ସତ୍କାର ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କୈଳାସଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ସାହୁ କହିଛନ୍ତି।













## ସଂକ୍ଷେପରେ

### ମୁକ୍ତ ଓ ସ୍ଥିର ଇଣ୍ଡୋ-ପାସିଫିକ୍ ଦିଗରେ କାର୍ଯ୍ୟ କରିବ କ୍ୱାଡ୍

ନୂଆଦିଲ୍ଲୀ,୩୧।୧୨(ପି.ଟି.)

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନା ଏହାର ସାମରିକ ସାମର୍ଥ୍ୟ ବଢ଼ାଉଥିବାବେଳେ ଉକ୍ତ ଅଞ୍ଚଳକୁ ମୁକ୍ତ, ସ୍ଥିର ଓ ଶାନ୍ତିପୂର୍ଣ୍ଣ ରଖିବା ଦିଗରେ କାର୍ଯ୍ୟ କରିବା ଲାଗି ଭାରତ ଏବଂ କ୍ୱାଡ୍‌ର ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଙ୍ଗଳବାର ସେମାନଙ୍କ ନିଷ୍ଠାବାନ୍ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି। କ୍ୱାଡ୍ ସହଯୋଗର ୩୦ତମ ବାର୍ଷିକୀ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବହିର୍ବ୍ୟାପାର ମନ୍ତ୍ରୀମାନେ ଏକ ମିଳିତ ବିବୃତିରେ ସଂକଳ୍ପ କରିଛନ୍ତି। ୨୦୦୪ରେ ଭାରତ ମହାସାଗରରେ ଭୂକମ୍ପ ଏବଂ ସୁନାମି ପରେ ପରସ୍ପର ମଧ୍ୟରେ ସହଯୋଗ ବଢ଼ାଇବା ପାଇଁ ୨୦ ବର୍ଷ ପୂର୍ବେ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନ୍ ଏକାଠି ହୋଇଥିଲେ। ଏହି ମେଣ୍ଟ କ୍ୱାଡ୍‌ରେ ପରିଣତ ହୋଇଥିଲା। ଇଣ୍ଡୋ-ପାସିଫିକ୍ ଅଞ୍ଚଳର ଆହ୍ୱାନଗୁଡ଼ିକର ମୁକାବିଲା ଲାଗି କ୍ୱାଡ୍ ଗତ କିଛିବର୍ଷ ହେଲା ଅନେକ ପଦକ୍ଷେପ ନେଇଆସୁଛି। ସେଥିରେ ସାମୁଦ୍ରିକ ସୁରକ୍ଷା, ଭିତ୍ତିଭୂମି ଏବଂ ଯୋଗାଯୋଗ ଆଦି ରହିଛି। ୨୦୨୫ ମଧ୍ୟଭାଗରେ ଭାରତ ପରବର୍ତ୍ତୀ କ୍ୱାଡ୍ ସମିଟ୍ ଆୟୋଜନ କରିବାକୁ ଯାଉଛି।

### କଲେଜ ଫି ନ ଦେବାରୁ ପରୀକ୍ଷା ବାରଣ: ଦଳିତ ଛାତ୍ରୀଙ୍କ ଆତ୍ମହତ୍ୟା

ଚଣ୍ଡିଗଡ଼, ୩୧।୧୨

ହରିୟାଣାର ଭିୱାନି ଜିଲା ଲୋହାରୁସ୍ଥିତ ସିଂଘାନି ଗ୍ରାମର କଳାରେ ସ୍ନାତକ ପଢୁଥିବା ଦୀକ୍ଷା(୨୨) ନାମ୍ନୀ ଜଣେ ଛାତ୍ରୀ ମଙ୍ଗଳବାର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଭିୱାନି ସହରର ଏକ ଘରୋଇ କଲେଜରେ ପଢୁଥିଲେ। କଲେଜ ଫି' ବାବଦକୁ ୩୫ ହଜାର ଟଙ୍କା ବକେୟା ଥିବାରୁ ତାଙ୍କୁ ପଞ୍ଚମ ସେମିଷ୍ଟର ପରୀକ୍ଷା ଦେବାକୁ କଲେଜ କର୍ତ୍ତୃପକ୍ଷ ବାରଣ କରିଥିଲେ। ଫଳରେ ଦୀକ୍ଷା ହତୋତ୍ସାହିତ ହୋଇ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ଜଗଦୀଶ ଭିୱାନି ଥାନାରେ ଅଭିଯୋଗ କରିଛନ୍ତି। ଜଗଦୀଶଙ୍କ ଅଭିଯୋଗ ଆଧାରରେ ପୋଲିସ କଲେଜ ମାଲିକଙ୍କ ସମେତ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୟେମେନ୍‌ରେ କେରଳ ନର୍ସଙ୍କୁ ମୃତ୍ୟୁଦଣ୍ଡ

**ରାଷ୍ଟ୍ରପତିଙ୍କ ମଞ୍ଜୁରୀ**

**ମୁକୁଳାଇବା ପାଇଁ ସହାୟତା ଯୋଗାଇ ଦିଆଯିବ: ଭାରତ**

ନୂଆଦିଲ୍ଲୀ,୩୧।୧୨

ହତ୍ୟା ଅଭିଯୋଗରେ ୟେମେନ୍‌ରେ ମୃତ୍ୟୁ ଦଣ୍ଡାଦେଶର ସମ୍ମୁଖୀନ ହୋଇଥିବା ଜଣେ ଭାରତୀୟ ନର୍ସଙ୍କୁ ଏହି ଦଣ୍ଡରୁ ମୁକୁଳାଇବା ପାଇଁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସରକାର ମଙ୍ଗଳବାର କହିଛନ୍ତି। ୟେମେନ୍ ନାଗରିକ ତଲାଲ ଅବ୍‌ଦୋ ମେହଦିଙ୍କୁ ହତ୍ୟା ଅଭିଯୋଗରେ କେରଳ ପାଲାକ୍କାଡ୍ ଜିଲା ଅନ୍ତର୍ଗତ କୋଲେଙ୍ଗୋଡ୍ ଅଞ୍ଚଳର ନର୍ସ ନିମିଶା ପ୍ରିୟାଙ୍କୁ ୨୦୨୦ରେ ସେଠାର ଏକ ତଳକୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ୟେମେନ୍ ସୁପ୍ରିମକୋର୍ଟ ନ୍ୟାୟିକ ପରିଷଦ ୨୦୨୩ ନଭେମ୍ବରରେ ଉକ୍ତ ଦଣ୍ଡାଦେଶକୁ କାଏମ ରଖିଥିଲେ। ୟେମେନ୍ ରାଷ୍ଟ୍ରପତି ରଶଦ ଅଲ୍-ଅଲିମି ସୋମବାର ପ୍ରିୟାଙ୍କ ମୃତ୍ୟୁଦଣ୍ଡକୁ ଅନୁମୋଦନ କରିଛନ୍ତି। ଏହି ମାମଲାରେ ପ୍ରିୟାଙ୍କ ପାଇଁ ନୂଆଦିଲ୍ଲୀ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗଣମାଧ୍ୟମକୁ କହିଛନ୍ତି।



ନିମିଶା ପ୍ରିୟା

୨୦୧୭ ଜୁଲାଇରୁ ପ୍ରିୟା ଗିରଫ ହୋଇ ୟେମେନ୍‌ର ଏକ ଜେଲରେ ରହିଛନ୍ତି। ତାଙ୍କ ମୁକ୍ତି ମୃତକଙ୍କ ପରିବାରର କ୍ଷମା ଉପରେ ନିର୍ଭର କରୁଛି। ଯଦି ଉକ୍ତ ପରିବାର କ୍ଷମା ନ ଦିଅନ୍ତି, ତେବେ ମାସେ ମଧ୍ୟରେ ପ୍ରିୟାଙ୍କୁ ଫାଶୀ ଦିଆଯିବ। ସାନାସ୍ଥିତ ଟ୍ରାଏଲ୍ କୋର୍ଟଙ୍କ ମୃତ୍ୟୁ ଦଣ୍ଡାଦେଶ ରାୟ ବିରୋଧରେ ପ୍ରିୟାଙ୍କ ଆବେଦନକୁ ୨୦୨୩ ନଭେମ୍ବରରେ ୟେମେନ୍ ସୁପ୍ରିମକୋର୍ଟ ଜୁଡିସିଆଲ୍ କାଉନ୍‌ସିଲ ଖାରଜ କରିଦେଇଥିଲେ। ଏବେ ମୃତ୍ୟୁଦଣ୍ଡରୁ ମୁକୁଳିବାର ଗୋଟିଏ ବିକଳ୍ପ ହେଲା ମୃତକଙ୍କ ପରିବାରକୁ ପ୍ରିୟାଙ୍କ ପରିବାର ପକ୍ଷରୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରାଯିବା। କ୍ଷତିପୂରଣ ପାଇବା ପରେ ମେହଦିଙ୍କ ପରିବାର ଓ ସେମାନଙ୍କ ସମ୍ପ୍ରଦାୟର ନେତା ପ୍ରିୟାଙ୍କୁ କ୍ଷମା ପ୍ରଦାନ କରିବେ। ଏହା ପରେ ତାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଖାରଜ କରାଯାଇପାରିବ।

କ୍ଷତିପୂରଣ ଦେଇ ମାମଲାର ଆପୋସ ସମାଧାନ ପାଇଁ ବୁଝାମଣା ଚାଲିଥିଲା। ତେବେ ପ୍ରିୟାଙ୍କ ତରଫରୁ ନିଯୁକ୍ତ ଓକିଲଙ୍କୁ ଦେୟ ପୈଠ କରିବାରେ ବିଳମ୍ବ ହେବାରୁ ବୁଝାମଣା ଅଟକି ଯାଇଥିଲା। ପ୍ରାକ୍ ବୁଝାମଣା ଦେୟ ବାବଦରେ ଓକିଲ ଜଣକ ୨ କିସ୍ତିରେ ୪୦,୦୦୦ ଆମେରିକୀୟ ଡଲାର ଦାବି କରିଥିଲେ। ସମ୍ପୂର୍ଣ୍ଣ ଦେୟ ପୈଠ କରା ନ ଗଲେ, ସେ ବୁଝାମଣା ପ୍ରକ୍ରିୟାକୁ ଆଗେଇବେ ନାହିଁ ବୋଲି କହିଥିଲେ। ପ୍ରିୟାଙ୍କ ମା' ପ୍ରେମକୁମାରୀ ଗତ ଏପ୍ରିଲରେ ୟେମେନ୍ ଯାଇ ଝିଅଙ୍କୁ ଜେଲରେ ଦେଖାକରିଥିଲେ। ସେବେଠାରୁ ପ୍ରେମକୁମାରୀ ସେଠାରେ ରହି ଝିଅଙ୍କ ମୁକ୍ତି ପାଇଁ ଉଦ୍ୟମ ଚଳାଇଛନ୍ତି।

ସୂଚନାଯୋଗ୍ୟ, ୨୦୦୮ରେ ପ୍ରିୟା ୟେମେନ୍ ଯାଇ ସେଠାର କେତେକ ହସ୍ପିଟାଲରେ କାମ କରିବା ପରେ ୨୦୧୫ରେ ନିଜସ୍ୱ କ୍ଲିନିକ୍ ଆରମ୍ଭ କରିଥିଲେ। ୟେମେନି ଆଇନର ବ୍ୟବସ୍ଥା ଅନୁଯାୟୀ ସେ କ୍ଲିନିକ୍‌ରେ ମେହଦିଙ୍କୁ ସ୍ଥାନୀୟ ସହଯୋଗୀ ରଖିଥିଲେ। ତେବେ ମେହଦି କ୍ଲିନିକ୍‌ରୁ ଅର୍ଥ ହଡ଼ପ କରୁଥିବା ଅଭିଯୋଗ ସମ୍ପର୍କରେ ପ୍ରିୟା ତାଙ୍କୁ ପଚାରିବାରୁ, ଉଭୟଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ମେହଦିଙ୍କ ପାଖରେ ରହିଥିବା ନିଜ ପାସ୍‌ପୋର୍ଟ ଫେରିପାଇବା ପାଇଁ ପ୍ରିୟା ତାଙ୍କୁ ସଂଜ୍ଞାହୀନ କରିବା ଉଦ୍ଦେଶ୍ୟରେ ନିଶା ଇଞ୍ଜେକ୍‌ଶନ ଦେଇଥିଲେ। ତେବେ ନିଶାର ମାତ୍ରା ଅଧିକ ହେବାରୁ ମେହଦିଙ୍କର ମୃତ୍ୟୁ ଘଟିଥିଲା। ପ୍ରିୟା ସେହି ସମୟରେ ୟେମେନ୍ ଛାଡ଼ି ପଳାଇଆସିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା।

## ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କୁ ଗିରଫ ପାଇଁ ୱାରେଣ୍ଟ ଜାରି

ସିଓଲ,୩୧।୧୨

ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲଙ୍କ ବିରୋଧରେ ମହାଭିଯୋଗ ଗୃହୀତ ହୋଇଥିବାବେଳେ ତାଙ୍କୁ ଗିରଫ କରିବା ସହ ତାଙ୍କ କାର୍ଯ୍ୟାଳୟର ତଲାସି ନେବା ପାଇଁ ସେଠାର ଏକ ଅଦାଲତ ୱାରେଣ୍ଟ ଜାରି କରିଛନ୍ତି। ଦୁର୍ନୀତି ନିବାରଣ ସଂସ୍ଥା ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଦେଶରେ ସାମରିକ ଆଇନ ଲାଗୁ କରିବା ଘଟଣାରେ ସିଓଲ୍ ୱେଷ୍ଟର୍ନ ଡିଷ୍ଟ୍ରିକ୍ଟ କୋର୍ଟ ୱାରେଣ୍ଟ ଜାରି କରିଛି। ଦେଶରେ ବିଦ୍ରୋହ ସୃଷ୍ଟିର କାରଣ ସାମରିକ ଆଇନ ଲାଗୁ କି ନୁହେଁ, କରପ୍‌ସନ ଇନ୍‌ଭେଷ୍ଟିଗେଶନ କାର୍ଯ୍ୟାଳୟ ତାହାର ତଦନ୍ତ କରୁଛି।



ୟୁନ୍ ସୁକ୍ ୟେଓଲ

ଗତ ୧୪ ତାରିଖରେ ବିରୋଧୀ ଦଳ ନିୟନ୍ତ୍ରିତ ନ୍ୟାଶନାଲ ଆସେମ୍ବ୍ଲିରେ ୟୁନ୍‌ଙ୍କ ବିରୋଧରେ ମହାଭିଯୋଗ ଗୃହୀତ ହେବା ପରେ ତାଙ୍କ କ୍ଷମତା କାଢ଼ିନିଆଯାଇଛି। ତାଙ୍କୁ ରାଷ୍ଟ୍ରପତି ପଦରୁ ବରଖାସ୍ତ କରାଯିବ କି ଉକ୍ତ ପଦରେ ପୁନଃ ଅବସ୍ଥାପିତ କରାଯିବ, ସେ ନେଇ ସାମ୍ବିଧାନିକ ଅଦାଲତ ନିଷ୍ପତ୍ତି ନେବେ।

## ପାକିସ୍ତାନରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଭଗତ ସିଂ ଗ୍ୟାଲେରି

ଲାହୋର, ୩୧।୧୨

ପାକିସ୍ତାନର ରାୱଲପିଣ୍ଡିସ୍ଥିତ ଐତିହାସିକ ପୁଞ୍ଛ୍ ହାଉସରେ ଥିବା ଭଗତ ସିଂ ଗ୍ୟାଲେରିକୁ ପର୍ଯ୍ୟଟକଙ୍କ ପାଇଁ ଖୋଲି ଦିଆଯାଇଛି। ଏହି ଗ୍ୟାଲେରିରେ ଭାରତର ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କର ବିଭିନ୍ନ ଫଟୋ, ଚିଠି, ତାଙ୍କ ସମ୍ବନ୍ଧିତ ପ୍ରକାଶିତ ଖବର, ତାଙ୍କ ମୃତ୍ୟୁଦଣ୍ଡର ପ୍ରମାଣ ପତ୍ର ଏବଂ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମ ସହ ଜଡ଼ିତ ବିଭିନ୍ନ ଐତିହାସିକ ଦସ୍ତାବିଜ୍ ରହିଛି। ପାକିସ୍ତାନ ପଞ୍ଜାବ ସରକାରଙ୍କ ମୁଖ୍ୟ ସଚିବ ଜାହିଦ୍ ଅଖତର ମଙ୍ଗଳବାର ଏହି ଗ୍ୟାଲେରିର ଉଦ୍‌ଘାଟନ କରିଛନ୍ତି।



ନବବର୍ଷ ୨୦୨୫କୁ ସ୍ୱାଗତ ପାଇଁ ରାଞ୍ଚିଠାରେ ଯୁବତୀମାନେ ମଙ୍ଗଳବାର ଫଟୋ ପୋଜ୍ ଦେଉଛନ୍ତି।

## ଧର୍ମ ପରିବର୍ତ୍ତନ ଅଭିଯୋଗରେ ଦଳିତଙ୍କୁ ମାଡ଼

ଲକ୍ଷ୍ନୌ, ୩୧।୧୨

ଉତ୍ତରପ୍ରଦେଶର ଫତେପୁର ଜିଲା ବହଲୋପୁର ଅଲାଇ ଗ୍ରାମରୁ ଧର୍ମ ପରିବର୍ତ୍ତନ କରୁଥିବା ଅଭିଯୋଗରେ ଶିବବଦନ ନାମକ ଜଣେ ୪୭ ବର୍ଷୀୟ ଦଳିତ ବ୍ୟକ୍ତିଙ୍କୁ ବଜରଙ୍ଗଦଳର କର୍ମୀମାନେ ମାଡ଼ ମାରିଥିବାର ମାମଲା ସାମ୍ନାକୁ ଆସିଛି। ଏନେଇ ଶିବବଦନ ସୋମବାର ଫତେପୁର ଥାନାରେ ଅଭିଯୋଗ କରିଛନ୍ତି। ଯିଶୁ ଖ୍ରୀଷ୍ଟଙ୍କର ଉପାସନା କରିଥିବାରୁ ବହଲୋପୁର ଅଲାଇ ଗ୍ରାମର କିଛି ଉଚ୍ଚ ଶ୍ରେଣୀର ବ୍ୟକ୍ତି ଏବଂ ବଜରଙ୍ଗ ଦଳର କର୍ମୀମାନେ ତାଙ୍କୁ ମାଡ଼ ମାରିଥିଲେ ଏବଂ ଲଣ୍ଡା କରି ରାସ୍ତାରେ ଚଲାଇଥିଲେ ବୋଲି ଶିବବଦନ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଶିବବଦନ କହିଛନ୍ତି, ସେ ଦୀର୍ଘ ୨ ବର୍ଷ ଧରି ଯିଶୁ ଖ୍ରୀଷ୍ଟଙ୍କର ଉପାସନା କରୁଥିଲେ। ତାଙ୍କର ଏହି କାର୍ଯ୍ୟରେ କିଛି ଉଚ୍ଚ ଜାତିର ଲୋକ ଅସନ୍ତୁଷ୍ଟ ଥିଲେ ଏବଂ ତାଙ୍କୁ ଉଚିତ ଶିକ୍ଷା ଦିଆଯିବ ବୋଲି ଧମକ ଦେଇ ଆସୁଥିଲେ। ପୋଲିସ ୩ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ଚିକିତ୍ସା ସେବାରେ ଅସନ୍ତୋଷ, ଡାକ୍ତରୀ ଅବହେଳା ନୁହେଁ: ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୩୧।୧୨

୨୦୧୬ରେ ସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ଜଣେ ବ୍ୟକ୍ତି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦିଲ୍ଲୀ ହାଇକୋର୍ଟଙ୍କ ନିକଟରେ ଏକ ଆବେଦନ ଦାଖଲ କରିଥିଲେ। ଦିଲ୍ଲୀ ହାଇକୋର୍ଟ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ କହିଛନ୍ତି, ଚିକିତ୍ସା ସେବାରେ କୌଣସି ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିବାର ଅର୍ଥ ଡାକ୍ତରୀ ଅବହେଳା ନୁହେଁ। ଶୁଣାଣି ବେଳେ ଜଷ୍ଟିସ୍ ସଞ୍ଜୀବ ନରୁଲା କହିଛନ୍ତି, ଡାକ୍ତରଙ୍କର ଦାୟିତ୍ୱ ହେଉଛି ରୋଗୀଙ୍କର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଏବଂ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା। ରୋଗୀଙ୍କ ପରିବାରର ଆଶା ଅନୁଯାୟୀ, ନିର୍ଦ୍ଧାରିତ ସମୟସୀମାରେ ଚିକିତ୍ସା ଯୋଗାଇବାକୁ ଡାକ୍ତରମାନେ ବାଧ୍ୟ ନୁହନ୍ତି।

# ଫୋକସ୍‌ରେ ବିମାନବନ୍ଦର ଏମ୍‌ବାଙ୍କମେଣ୍ଟ

**ଦକ୍ଷିଣ କୋରିଆ ବିମାନ ଦୁର୍ଘଟଣାର ତଦନ୍ତ**

ସିଓଲ,୩୧।୧୨

ଦକ୍ଷିଣ କୋରିଆ ଜେଜୁ ଏୟାରର ବୋଇଂ ୭୩୭-୮୦୦ ବିମାନ ଦୁର୍ଘଟଣାରେ ସମସ୍ତ ୧୭୫ ଯାତ୍ରୀ ଏବଂ ୪ ଜଣ କ୍ରିଉ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା। ମୃତକମାନଙ୍କ ଚିହ୍ନଟ କାର୍ଯ୍ୟରେ ପୋଲିସ ବ୍ୟସ୍ତ ଥିବାବେଳେ କେଉଁ କାରଣରୁ ଏଭଳି ଭୟାବହ ଦୁର୍ଘଟଣା ଘଟିଲା, ତାହାର ତଦନ୍ତକୁ ମଙ୍ଗଳବାର ଜୋର୍‌ଦାର କରାଯାଇଛି। ରବିବାର ମୁଆନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନଟି ବେଲି-ଲ୍ୟାଣ୍ଡିଂ କରିବା ପରେ ରନ୍‌ୱେରୁ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏୟାରପୋର୍ଟର ଏମ୍ବାଙ୍କମେଣ୍ଟରେ ରଖାଯାଇଥିବା ନାଭିଗେଶନ ଉପକରଣଗୁଡ଼ିକ ସହ ବିମାନଟି ଧକ୍କା ଦେବା ଫଳରେ ଜଳିଯାଇଥିଲା। ବିମାନବନ୍ଦର ଅପରେଟିଂ ମାନୁଆଲ ଅନୁଯାୟୀ, ଏମ୍ବାଙ୍କମେଣ୍ଟ ରନ୍‌ୱେ ଶେଷଭାଗର ଅତି ନିକଟରେ ଥିବାବେଳେ ସେଠାରେ ୨୦୨୪ ପ୍ରଥମ ଭାଗରୁ ଏହି ଉପକରଣଗୁଡ଼ିକ ରଖାଯାଇଥିଲା। ସମ୍ପ୍ରସାରଣ ଯୋଜନା ପାଇଁ ଉପକରଣକୁ ସ୍ଥାନାନ୍ତର କରାଯିବା ନିମନ୍ତେ ସୁପାରିସ କରାଯାଇଥିଲା। ପ୍ରଶ୍ନଗୁଡ଼ିକର ଜବାବ ଦେବା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଉକ୍ତ ଦସ୍ତାବିଜ୍ ଯାଞ୍ଚ କରିବା ଆବଶ୍ୟକ ବୋଲି ପରିବହନ ମନ୍ତ୍ରଣାଳୟ କହିଛି।



ଦୁର୍ଘଟଣା ସ୍ଥଳରୁ ବିମାନର ଡେଟା ରେକର୍ଡର ବ୍ଲାକ୍ ବକ୍ସ ମିଳିଥିବାବେଳେ ଏକ ମୁଖ୍ୟ କନେକ୍ଟର ମିଳୁ ନ ଥିବାରୁ ତଥ୍ୟ କିପରି ବାହାର କରାଯିବ, ସେ ନେଇ କର୍ତ୍ତୃପକ୍ଷ ସମୀକ୍ଷା କରୁଛନ୍ତି। ଦେଶର ଏୟାରଲାଇନ୍ସଗୁଡ଼ିକ ଦ୍ୱାରା ପରିଚାଳିତ ସମସ୍ତ ବୋଇଂ ୭୩୭-୮୦୦ ବିମାନର ସୁରକ୍ଷା ଯାଞ୍ଚ କାର୍ଯ୍ୟ ଜାନୁଆରୀ ୩ ସୁଦ୍ଧା ଶେଷ କରିବାକୁ ସୋମବାର ଦେଶର ନୂଆ କାମଚଳା ରାଷ୍ଟ୍ରପତି ଚୋଇ ସାଙ୍ଗ-ମୋକ୍ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ଆମେରିକାର ଜାତୀୟ ପରିବହନ ନିରାପତ୍ତା ବୋର୍ଡ (ଏନ୍‌ଟିଏସ୍‌ବି), ସଂଘୀୟ ବିମାନ ଚଳାଚଳ ପ୍ରଶାସନ ଏବଂ ବିମାନ ନିର୍ମାତା କମ୍ପାନୀ ବୋଇଂ ସାମିଲ ହୋଇଛି। ବିମାନରେ ପକ୍ଷୀ ମାଡ଼ ହେବା, ବିମାନର କଣ୍ଟ୍ରୋଲ ସିଷ୍ଟମ୍ କାମ ନ କରିବା ଆଦି ଦୁର୍ଘଟଣାର ସମ୍ଭାବ୍ୟ କାରଣ ଉପରେ ତଦନ୍ତକାରୀ ଅଧିକାରୀମାନେ ତଦନ୍ତ ଚଳାଇଛନ୍ତି। ଏହା ବ୍ୟତୀତ ବିମାନବନ୍ଦରର ଡିଜାଇନ୍ ବିଶେଷକରି ରନ୍‌ୱେ ଶେଷଭାଗ ନିକଟରେ ବୃହତ୍ କଳା ରଙ୍ଗର କଂକ୍ରିଟ୍ ଏମ୍ବାଙ୍କମେଣ୍ଟକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ଯାହା ନାଭିଗେଶନ ଉପକରଣ ଗଚ୍ଛିତ ରଖିବା ପାଇଁ ବ୍ୟବହୃତ ହେଉଥିଲା।


















## ଏକ ସମୃଦ୍ଧ, ବିକଶିତ ଓଡ଼ିଶା ଗଢ଼ିବା ଲକ୍ଷ୍ୟ ହେଉ



ଜୟ ଜଗନ୍ନାଥ, ନମସ୍କାର। ଇଂରାଜୀ ନୂଆବର୍ଷ ୨୦୨୫ ଉପଲକ୍ଷେ ରାଜ୍ୟର ସମସ୍ତ ଭଉଣୀଭାଇମାନଙ୍କୁ ଆନ୍ତରିକ ଶୁଭକାମନା ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ ଜୀବନରେ ଆନନ୍ଦ, ସମୃଦ୍ଧି ଓ ଶୁଖ ଭରିଦେଉ। ନୂଆବର୍ଷ ଅବସରରେ ସମସ୍ତେ ସଂକଳ୍ପ ନେଇ ଏକ ସମୃଦ୍ଧ, ବିକଶିତ ଓଡିଶା ଗଢ଼ିବା ଦିଗରେ ନିଜର ଶ୍ରେଷ୍ଠ ଯୋଗଦାନ ରଖିବାକୁ ସମସ୍ତେ ଆଗେଇ ଆସନ୍ତୁ। ନୂଆବର୍ଷ ଲାଗି ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ବନ୍ଦେ ଉତ୍କଳ ଜନନୀ।

**- ମୁଖ୍ୟମନ୍ତ୍ରୀ, ମୋହନ ଚରଣ ମାଝୀ**

## ଓଡ଼ିଶା ସଫଳତାର ନୂଆ ଅଧ୍ୟାୟ ଯୋଡ଼ୁ



ନୂଆବର୍ଷ ସବୁବେଳେ ନୂଆ ଆଶା ଓ ନୂଆ ସମ୍ଭାବନାର ପ୍ରତୀକ ଭାବରେ ଆସିଥାଏ । ଆମ ଦକ୍ଷତା ଓ ପ୍ରତିବଦ୍ଧତା ହିଁ ସେ ଆଶାକୁ ବାସ୍ତବ ରୂପ ଦେବା ସହ ସମ୍ଭାବନାକୁ ସୁଯୋଗରେ ପରିଣତ କରିଥାଏ। ସାହସ ଓ ନିଷ୍ଠା ସଫଳତାର ଏହି ଦୁଇଟି ସ୍ତମ୍ଭକୁ ଆଧାର କରି ଓଡ଼ିଆ ଜାତି ସବୁ ବାଧା ଅତିକ୍ରମ କରି ଜାତି ଇତିହାସରେ ସଫଳତାର ନୂଆ ଅଧ୍ୟାୟ ଯୋଡ଼ୁ। ୨୦୨୫ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ମହାପ୍ରଭୁଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ଆନନ୍ଦ,ଶାନ୍ତି ଓ ସମୃଦ୍ଧିରେ ଭରି ଦେଉ।

**- ନବୀନ ପଟ୍ଟନାୟକ,ବିରୋଧୀ ଦଳ ନେତା**
















### ୨୦୨୫ ବର୍ଷ ରାଜ୍ୟବାସୀଙ୍କ ପାଇଁ ସୁଖ ସମୃଦ୍ଧି ଆଣିଦେଉ। ଏହି ବର୍ଷରେ ରାଜ୍ୟର ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ମନୋରଞ୍ଜନ ଆଦି କ୍ଷେତ୍ର ପାଇଁ ନୂଆ ଆଶା ଓ ସମ୍ଭାବନା ସୃଷ୍ଟି ହେଉ ବୋଲି ସମସ୍ତେ ଆଶାବାଦୀ।

## ସମ୍ଭାବନା, ନୂତନ ଉନ୍ମାଦନାର ବର୍ଷ ହେଉ



ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଇଂରାଜୀ ନବବର୍ଷ ୨୦୨୫ର ଶୁଭେଚ୍ଛା ଜଣାଉଛି। ବର୍ଷ ୨୦୨୫ ସମସ୍ତଙ୍କ ପାଇଁ ସମ୍ଭାବନା ଓ ନୂତନ ଉନ୍ମାଦନାର ବର୍ଷ ହେଉ। ଡିସେମ୍ବର ୨୦୨୪ର ଅନ୍ତିମ ଦିନରେ ସୂର୍ଯ୍ୟର ଅସ୍ତ ହୋଇଛି। ତେବେ ଅସ୍ତଗାମୀ ସୂର୍ଯ୍ୟ ସବୁବେଳେ ଏକ ନୂତନ ଆରମ୍ଭର ପ୍ରତିଶ୍ରୁତି ନିଜ ସହିତ ବହନ କରିଥାଏ। ନୂଆ ବର୍ଷରେ ନୂତନ ସମ୍ଭାବନା ଏବଂ ସକରାତ୍ମକ ଆରମ୍ଭକୁ ଆମେ ସମସ୍ତେ ସ୍ୱାଗତ କରିବା ଦରକାର। ୨୦୩୬ରେ ଓଡ଼ିଶା ଓ ୨୦୪୭ରେ ଭାରତକୁ ଦେଖିଲେ ଆମ ରାଜ୍ୟ ଏବଂ ଦେଶର ପରିବର୍ତ୍ତନ ରାସ୍ତାରେ ଅଛି। ଆଗକୁ ଯାତ୍ରା ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଆମେ ଆଗାମୀ ଦିନରେ ଏକ ସମୃଦ୍ଧମୟ ଏବଂ ନୂଆ ଭାରତର ସ୍ୱପ୍ନ ନେଇ ଏକ ନୂଆ ଭବିଷ୍ୟତ ତିଆରି କରିବା ପାଇଁ ପ୍ରସ୍ତୁତ ଅଛୁ। ସମସ୍ତଙ୍କୁ ଓ ସଶକ୍ତ କରିବା ଏବଂ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ୨୦୨୫ରେ ଅଧିକ ପରିଶ୍ରମ କରିବାକୁ ସଂକଳ୍ପବଦ୍ଧ।

**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**

## ନୂଆବର୍ଷ ଚ୍ୟାଲେଞ୍ଜର ବର୍ଷ ହେଉ



୨୦୨୫ ଇଂଲିଶ କ୍ୟାଲେଣ୍ଡର ନୂଆବର୍ଷ ଆମ ସମସ୍ତଙ୍କ ପାଇଁ ଗୋଟେ ଚ୍ୟାଲେଞ୍ଜର ବର୍ଷ ହେଉ। ସମସ୍ତ ପ୍ରକାର ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ସଂକଳ୍ପ ନେବା। ବିଶେଷକରି ଅଳସୁଆମିକୁ ଦୂର କରି ନିଜକୁ ଆଉ ସମାଜକୁ ଠକିବାର ମନୋବୃତ୍ତିକୁ ପରିହାର କରିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ। ଯେଉଁମାନେ କହୁଛନ୍ତି ୨୦୨୪କୁ ବିଦାୟ ଦେଲେ, ସେମାନଙ୍କୁ ନିବେଦନ ଆପଣ ଚାହିଁଲେ ବି ୨୦୨୪କୁ ବିଦାୟ ଦେଇପାରିବେ ନାହିଁ। ଯାହା ଇତିହାସକୁ ଚାଲିଯାଏ, ତାହା ସାଇତା ହୋଇ ରହିଯାଏ। ତେବେ ପୁରୁଣା ବର୍ଷ ସମସ୍ତଙ୍କ ପାଇଁ ସ୍ମୃତିର ବର୍ଷ ହୋଇ ରହିବ।

**- ଅରୁଣ ସାହୁ, ବିଧାୟକ**

## ଭିତ୍ତିଭୂମି, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ହେବ ମୁଖ୍ୟ ଫୋକସ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ନୂଆବର୍ଷ ରାଜ୍ୟବାସୀଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ। ୨୦୨୫ ନୂଆବର୍ଷ ଏକ ଅନନ୍ୟ ପ୍ରବାସୀ ଭାରତୀୟ ଦିବସରୁ ଆରମ୍ଭ ହେବ। ଏହାପରେ ଉତ୍କର୍ଷ ଓଡ଼ିଶା ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ ମହାପର୍ବ ଅନୁଷ୍ଠିତ ହେବ। ଏଥିରେ ଭିତ୍ତିଭୂମି, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ମୁଖ୍ୟ ଫୋକସ ରହିବ। ରାଜ୍ୟ ବିକାଶ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

**- ନିକୁଞ୍ଜ ବିହାରୀ ଧଳ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ**

## ସହରକୁ ଏକନମ୍ବର କରିବା ଆମର ଲକ୍ଷ୍ୟ



ଆମେ ସର୍ବଦା ଭୁବନେଶ୍ୱର ସହରକୁ ଏକନମ୍ବର କରିବା ପାଇଁ କାମ କରୁଛୁ। ନୂଆବର୍ଷରେ ମଧ ଏହି ଧାରା ବଜାୟ ରହିବ। ସହରକୁ ସୁନ୍ଦର ରଖିବା ସହ ଏଠାକାର ଅଧିବାସୀଙ୍କୁ ଏକ ସୁନ୍ଦର ଏବଂ ସୁସ୍ଥ ପରିବେଶ ଯୋଗାଇଦେବା ଆମର ଲକ୍ଷ୍ୟ। ଏଥିସହ ଡ୍ରେନେଜ୍, ରାସ୍ତାଘାଟ, ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ କରିବା ସବୁଠାରୁ ବଡ ଆହ୍ୱାନ ଏବଂ ଦାୟିତ୍ୱ। ସହରବାସୀ ପୂର୍ବରୁ ମଧ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ସହଯୋଗ କରିଛନ୍ତି ଏବଂ ଆଶୀର୍ବାଦ ରଖିଛନ୍ତି, ନୂଆବର୍ଷରେ ମଧ ସେହିଭଳି ଆଶୀର୍ବାଦ ରହିବ। ତେବେ ସହରର ଉନ୍ନତି କେବଳ ସରକାର, ମେୟର କିମ୍ବା ବିଏମ୍‌ସି ଚାହିଁଲେ ହେବନାହିଁ, ଏଥିପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ।

**- ସୁଲୋଚନା ଦାସ, ମେୟର**

## 'ବିକଶିତ ଓଡ଼ିଶା' ଗଠନ ନୂତନ ବର୍ଷର ଆହ୍ୱାନ



ଇଂରାଜୀ ନବବର୍ଷ ୨୦୨୫ ପାଇଁ ସମଗ୍ର ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ନିଶ୍ଚିତ ପୂରଣ ହେବ। ଏହି ଲକ୍ଷ୍ୟ ହାସଲ କରିବା ହେଉଛି ଆମ ସମସ୍ତଙ୍କ ଦାୟିତ୍ୱ। 'ବିକଶିତ ଓଡ଼ିଶା' ଗଠନ ହେଉଛି ନୂତନ ବର୍ଷର ଆହ୍ୱାନ। ୨୦୨୫ ବର୍ଷରେ ସମସ୍ତ ଆହ୍ୱାନକୁ ସାମ୍ନା କରି ଓଡ଼ିଶାକୁ ଆହୁରି ଆଗେଇ ନେବାକୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଓଡ଼ିଶା ଲୋକଙ୍କ ଆଶୀର୍ବାଦରେ ରାଜ୍ୟର ଶାସନ ବ୍ୟବସ୍ଥା ଆମକୁ ମିଳିଛି। ତେଣୁ ରାଜ୍ୟ ବିକାଶର ସମ୍ଭାବନାକୁ ପୂରଣ କରିବା ଲାଗି ସରକାର ଓ ଦଳ ମିଳିମିଶି ପୂରଣ କରିବେ। ନିର୍ବାଚନ ପୂର୍ବରୁ ସଂକଳ୍ପ ପତ୍ରରେ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାହା ମଧ ପୂରଣ ହେବ। ଓଡିଶାକୁ ଭାରତର ବିକାଶ ଦିଗରେ ବିକଶିତ କରିବା ପାଇଁ କାର୍ଯ୍ୟ କରାଯିବ।

**- ଭାଜପା ରାଜ୍ୟ ସଭାପତି, ମନମୋହନ ସାମଲ**

## ଲୋକଙ୍କ ପାଇଁ ରାଜ୍ୟବ୍ୟାପୀ ଲଢ଼େଇ କରିବ କଂଗ୍ରେସ



୨୦୨୫ ବର୍ଷ ରାଜ୍ୟର ସମସ୍ତ ଜନସାଧାରଣଙ୍କ ଲାଗି ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ। ବିରୋଧୀ ଦଳ ହିସାବରେ କଂଗ୍ରେସ ଲୋକଙ୍କ ସମସ୍ୟାକୁ ନିଜର ବୋଲି ଭାବି କାର୍ଯ୍ୟ କରିଆସୁଛି, ଆଗକୁ ମଧ ଏହା ଜାରି ରଖିବ। ନୂଆ ବର୍ଷରେ ଦଳକୁ ନୂଆ ସଭାପତି ମିଳିବାକୁ ଯାଉଛି। ଯିଏ ସଭାପତି ଭାବେ ନୂଆ କରି ଦାୟିତ୍ୱ ନେବେ, ତାଙ୍କ ନେତୃତ୍ୱରେ ଦଳ କିପରି ରାଜ୍ୟରେ ସଙ୍ଗଠନକୁ ଆଗକୁ ବଢ଼ାଇବ ସେଥିପାଇଁ ଦଳର ସମସ୍ତ କର୍ମୀ ଅପେକ୍ଷା କରି ରହିଛନ୍ତି। ଏହି ବର୍ଷରୁ ଦଳର ସଙ୍ଗଠନ ମଜଭୁତ ହେବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସ ଲୋକଙ୍କ ପାଇଁ ରାଜ୍ୟବ୍ୟାପୀ ଲଢେଇ ଜୋରଦାର କରିବ।

**- ରାମ ଚନ୍ଦ୍ର କାଡାମ, କଂଗ୍ରେସ ବିଧାୟକ ଦଳ ନେତା**












**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**SALES AND MARKETING STAFF REQUIREMENT**
Portable container sales and marketing experienced staff requirement in Bhubaneswar.
CONTACT
**6370860262 / 9777264796**

See Career Appointment on every Wednesday & Saturday

**WANTED**
**Diploma Mechanical Engineers required**, For a factory in **Hyderabad,** we are Looking for **DME in Our Production Deptt.** Candidates from Cement/ sponge Iron/ Ferro Alloys, having working experience of 5 year or more, in production and maintenance dept. can apply Accommodation, food and medical insurance will be provided by company. Pl apply :- **info@rdipurification.com**

**INTERNATIONAL INSTITUTE FOR POPULATION SCIENCES, MUMBAI**
Walk-in Interview for 12 Female field investigators and 2 field Supervisors for data collection from households and health facilities in Odisha. **Duration:** 45-60 days. **Qualification:** Bachelor's Degree in Social Science, Proficiency in Odia and English and 2+ years of experience in household & facility surveys. **Venue:** Panthanivas, Bhubaneswar, **Jan. 2, 2025 at 2 P.M.**

**SBI**
**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ପ୍ରୋବେସନାରୀ ଅଫିସରମାନଙ୍କ ନିଯୁକ୍ତି**
ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି
**ଖାଲି ପଦବୀ ସଂଖ୍ୟା: 600**
ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ବିଜ୍ଞାପନ ନମ୍ବର **CRPD/PO/2024-25/22** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।
- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 27.12.2024 ରୁ 16.01.2025 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"** ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ ।
**ସ୍ଥାନ:** ମୁମ୍ବାଇ
**ତାରିଖ:** 27.12.2024
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**














# ପ୍ରବାସୀ ଭାରତୀୟ ଦିବସ ପାଇଁ ସଜେଇ ହେଉଛି ରାଜଧାନୀ



## କାନ୍ଥରେ ଝଲସୁଛି ପାରମ୍ପରିକ ଚିତ୍ରକଳା

ଭୁବନେଶ୍ୱର,୩୧।୧୨(ସୁଚିସ୍ମିତା ସାହୁ)

ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ସଜେଇ ହେଉଛି ରାଜଧାନୀ ଭୁବନେଶ୍ୱର। ବିଭିନ୍ନ ସ୍ଥାନରେ କାନ୍ଥଗୁଡ଼ିକ ପାରମ୍ପରିକ ଚିତ୍ରକଳାରେ ଝଲସୁଛି। ଏଥିରେ ଓଡ଼ିଶାର ଲୋକକଳା, ପରମ୍ପରା, ନୃତ୍ୟ ଭଳି ବିଭିନ୍ନ ପ୍ରକାର ଚିତ୍ରକଳା ଦେଖିବାକୁ ମିଳୁଛି। ଏହି ଚିତ୍ରକଳାଗୁଡ଼ିକରେ ଓଡ଼ିଆ ଅସ୍ମିତା ବାରି ହୋଇପଡୁଛି।

ସୌନ୍ଦର୍ଯ୍ୟକରଣରେ ସମ୍ବଲପୁରୀ ଓ ଆଦିବାସୀ ଚିତ୍ର, ଟେରାକୋଟା, ପଟ୍ଟଚିତ୍ର, ଝୋଟିଚିତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଯୁବପିଢ଼ିଙ୍କ ପାଇଁ ହଜିଯାଇଥିବା ଲୋକନୃତ୍ୟ ଓ ପାରମ୍ପରିକ ନୃତ୍ୟଗୁଡିକୁ ମଧ୍ୟ ସ୍ଥାନିତ କରାଯାଇଛି। କୀର୍ତ୍ତନ ଦଳ, ନବଗୁଞ୍ଜର, ଓଡ଼ିଶୀ, କଲ୍‌କୀ ଅବତାର ଭଳି ବିଭିନ୍ନ ଚିତ୍ର ଆକର୍ଷଣ ସାଜିଛି। ଏହା ସମସ୍ତଙ୍କୁ ବେଶ୍ ଆକର୍ଷିତ କରୁଛି। ରାସ୍ତାରେ ଯାଉଥିବା ଲୋକେ କଳାକୃତିକୁ ଦେଖିବା ପାଇଁ କିଛି ସମୟ ଅଟକି ଯାଉଛନ୍ତି ତ ପୁଣି ଯୁବତୀ ଯୁବକ ସେଲ୍‌ଫି ଉଠାଇବାକୁ ପଛାଉନାହାନ୍ତି। ପ୍ରବାସୀ ଭାରତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶାର ସଂସ୍କୃତି ସହିତ ପରିଚିତ କରାଇବାର ଏହା ହେଉଛି ଏକ ନିଆରା ପ୍ରୟାସ। ରାସ୍ତା ପାର୍ଶ୍ୱସ୍ଥ ବେଞ୍ଚରେ ବସି ଲୋକେ ଏହି ଚିତ୍ରକଳାକୁ ଉପଭୋଗ କରିପାରିବେ। ଚିତ୍ରଶିଳ୍ପୀ ମନୋରଞ୍ଜନ ସାହୁ କହିଛନ୍ତି, ରାଜଧାନୀର ଗଳିକନ୍ଦିରେ ଶୋଭାପାଉଛି ଓଡ଼ିଆ ଚିତ୍ରକଳା। କାନ୍ଥରେ ବହୁ ଦିନ ପର୍ଯ୍ୟନ୍ତ ଏହି ରଙ୍ଗ ରହିବ। କେବଳ ପ୍ରବାସୀ ନୁହେଁ, ବରଂ ରାଜ୍ୟବାସୀ ମଧ୍ୟ ଏହି ଚିତ୍ରକଳାକୁ ଉପଭୋଗ କରିପାରିବେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଆମର ଚିତ୍ରଶିଳ୍ପୀ ଭଉଣୀଭାଇମାନେ କାମ କରୁଛନ୍ତି। ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ବହୁ ଚିତ୍ରଶିଳ୍ପୀ ଉପକୃତ ହେଉଥିବାବେଳେ ସେମାନଙ୍କ ପ୍ରତିଭା ମଧ୍ୟ ଦେଖିବାକୁ ମିଳୁଛି।

## ରାସ୍ତାଘାଟ ପରିଷ୍କାର ରଖିବାକୁ ମେୟରଙ୍କ ନିର୍ଦ୍ଦେଶ

### ଗଠନ ହେବ କମିଟି

ଭୁବନେଶ୍ୱର, ୩୧।୧୨(ବନ୍ଦନା ସେଠୀ)

କେବଳ ସହରର ମୁଖ୍ୟରାସ୍ତା ନୁହେଁ, ପ୍ରତି ୱାର୍ଡର ଗଳିକନ୍ଦିରେ ଯେପରି ଅଳିଆ ନ ପଡ଼େ, ସେଥିପାଇଁ ଯତ୍ନବାନ ହେବାକୁ ପଡ଼ିବ। ଏଥିସହ ଆବଶ୍ୟକ ପଡ଼ିଲେ ଅଧିକ ଲୋକ ଓ ଗାଡ଼ି ଲଗାଇ ତୁରନ୍ତ ସହରର ସମସ୍ତ ଅଞ୍ଚଳ ସହ ପ୍ରବେଶପଥକୁ ଭଲଭାବେ ପରିଷ୍କାର କରିବାକୁ ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଏଥିରେ ଖିଲାପ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ମଙ୍ଗଳବାର ମେୟରଙ୍କ ଅଧ୍ୟକ୍ଷତାରେ ବିଏମ୍‌ସି ମୁଖ୍ୟାଳୟରେ ପରିମଳ ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୮ରୁ ଭୁବନେଶ୍ୱରରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପାଇଁ ସହରର ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଜ୍ଜା ଯାଉଛି। ସେଥିପାଇଁ ୫୫ଟି ପ୍ରମୁଖ ରାସ୍ତା ସହିତ ପ୍ରତି ୱାର୍ଡର ଗଳିକନ୍ଦି ରାସ୍ତା ପରିଷ୍କାର ରଖିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଗଳିକନ୍ଦିରେ ଅଳିଆ ଗଦା ହେବନାହିଁ। ବର୍ଜ୍ୟ ସଂଗ୍ରହ ହେବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକୁ ପଠାଇବା ବ୍ୟବସ୍ଥା କରାଯିବା ଦରକାର। ଏହାବ୍ୟତୀତ ସହରର ସମସ୍ତ ଗୋଷ୍ଠୀ ଶୌଚାଳୟ, ଇ-ଟଏଲେଟ୍ ଓ ସର୍ବସାଧାରଣ ଟଏଲେଟ୍‌କୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସଂପୃକ୍ତ ସଂସ୍ଥାକୁ ସେ ତାଗିଦ୍ କରିଥିଲେ।

ସହରର ପରିମଳ ବ୍ୟବସ୍ଥା ତଦାରଖ କରିବା ପାଇଁ କିଛି ୱାର୍ଡକୁ ନେଇ ଗୋଟିଏ ଲେଖାଏ କମିଟି ଗଠନ କରାଯିବ। ସେହି କମିଟିରେ ସ୍ଥାନୀୟ କର୍ପୋରେଟରମାନଙ୍କ ସହ ବିଏମ୍‌ସି ଅଧିକାରୀମାନେ ରହିବେ। ଏହି କମିଟି ସଂପୃକ୍ତ ୱାର୍ଡର ପରିମଳ ବ୍ୟବସ୍ଥା ତଦାରଖ କରିବ। ପ୍ରବାସୀ ଭାରତୀୟ ଦିବସ ଶେଷହେବା ପର୍ଯ୍ୟନ୍ତ ଦିନକୁ ଦୁଇଥର ସଫେଇ କରିବାକୁ କୁହାଯାଇଛି। ବର୍ଜ୍ୟ ପରିଚାଳନା ସହିତ ବିଭିନ୍ନ ସ୍ଥାନର ସୌନ୍ଦର୍ଯ୍ୟକରଣ କାମ ତଦାରଖ କରାଯିବ। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ରହି କାମ କରିଥିବା ପ୍ରବାସୀ ଭାରତୀୟମାନେ ଭୁବନେଶ୍ୱର ଆସି ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ, ସେଥିପାଇଁ ସହରକୁ ସରସ, ସୁନ୍ଦର ଓ ଚିତ୍ତାକର୍ଷକ କରିବାକୁ ମେୟର ସମସ୍ତଙ୍କୁ କହିଛନ୍ତି। ବୈଠକରେ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ତଥା ଭୁବନେଶ୍ୱର ସବ୍‌କଲେକ୍ଟର ଡ. ମନୋରଞ୍ଜନ ସାହୁ, ଜୋନାଲ କମିଶନର ରାକେଶ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଜୀକରଣ କଲେଣି ୫୦ ଦେଶର ୨୫୦୦ରୁ ଅଧିକ ପ୍ରତିନିଧି

ଭୁବନେଶ୍ୱର,୩୧।୧୨(ଅନୁରାଧା ମହାରଣା)

ଜାନୁଆରୀ ୮ରୁ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯିବ। ପ୍ରଥମ ଥର ପାଇଁ ଓଡ଼ିଶାରେ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଭୁବନେଶ୍ୱର ଜନତା ମଇଦାନରେ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୭୦୦୦ ହଜାର ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତି ୨ବର୍ଷ ବ୍ୟବଧାନରେ ଆୟୋଜନ ହେଉଥିବା ଏହି ସମ୍ମିଳନୀରେ ଯୋଗଦେବା ପାଇଁ ପଞ୍ଜୀକରଣ ଜାରି ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୫୦ଟି ଦେଶର ୨୫୦୦ରୁ ଅଧିକ ପ୍ରତିନିଧି ଏଥିରେ ଅଂଶଗ୍ରହଣ ପାଇଁ ପଞ୍ଜୀକରଣ କରିସାରିଲେଣି। ଆମେରିକା, ଫ୍ରାନ୍ସ, ଡେନମାର୍କ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ସଂଯୁକ୍ତ ଆରବ, ଜର୍ମାନୀ, ସିଙ୍ଗାପୁର, ମାଲେସିଆ, ରୁଷିଆ, କାନାଡ଼ା, କତାର, କେନିଆ, ମରିସସ୍, ଓମାନ, ଶ୍ରୀଲଙ୍କା, ମ୍ୟାନ୍‌ମାର୍ ପରି ଦେଶରୁ ପ୍ରବାସୀମାନେ ମଧ୍ୟ ଏଥିରେ ସାମିଲ ହେବେ। ବିଶେଷକରି ମରିସସ୍, ଓମାନ, ସଂଯୁକ୍ତ ଆରବ, ଆମେରିକା, ଇଂଲଣ୍ଡ ଓ ମାଲେସିଆ ଆଦି ଦେଶରୁ ଅଧିକ ସଦସ୍ୟ ସମ୍ମିଳନୀରେ ସାମିଲ ହେବାକୁ ପଞ୍ଜୀକରଣ କରିଛନ୍ତି । କେବଳ ପ୍ରବାସୀ ନୁହନ୍ତି, ଦେଶର ବିଭିନ୍ନ ରାଜ୍ୟରୁ ଅନେକ ପ୍ରତିନିଧି ଏଥିରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ଓଡ଼ିଶା, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, ତେଲଙ୍ଗାନା, ରାଜସ୍ଥାନ, ଗୁଜରାଟ, ପଞ୍ଜାବ ଓ କେରଳ ପରି ୨୨ଟି ରାଜ୍ୟର ୪୭୭ ଜଣ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବାକୁ ପଞ୍ଜୀକରଣ କରିଛନ୍ତି। ଓଡ଼ିଶାରୁ ସର୍ବାଧିକ ୭୪ଜଣ ପଞ୍ଜୀକରଣ କରିଛନ୍ତି। ଜାନୁଆରୀ ୭ତାରିଖ ପଞ୍ଜୀକରଣର ଶେଷ ଦିବସ ରହିଛି । ତେଣୁ କାର୍ଯ୍ୟକ୍ରମ ତାରିଖ ନିକଟତର ହେବାବେଳକୁ ପଞ୍ଜୀକରଣ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ଅନ୍ୟପଟେ ଓଡ଼ିଶାରେ ପ୍ରଥମ ଥର ପ୍ରବାସୀ ଭାରତୀୟ ଦିବସ ଆୟୋଜନ ହେଉଥିବାରୁ ଏହାକୁ ଅତ୍ୟନ୍ତ ଆକର୍ଷଣୀୟ ଓ ସଫଳ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ସେଥିପାଇଁ ଭୁବନେଶ୍ୱରରେ ରାସ୍ତାଘାଟର ମରାମତି, ନବୀକରଣ କାର୍ଯ୍ୟ ଚାଲିଛି। ପ୍ରମୁଖ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତା ଓ ପର୍ଯ୍ୟଟନ ସ୍ଥାନଗୁଡିକର ସୌନ୍ଦର୍ଯ୍ୟକରଣ ସହ ଆଲୋକୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଅତିଥିମାନଙ୍କ ପାଇଁ ହୋଟେଲ ବୁକିଂ ଆଦି ଜାରି ରହିଛି। ୨୦୦ଟି ହୋଟେଲରେ ପ୍ରବାସୀଙ୍କ ରହିବା ବ୍ୟବସ୍ଥା କରାଯାଇଛି। ସେମାନଙ୍କ ସମସ୍ତ ସୁବିଧା ସହ ଗସ୍ତ ଅନୁଭୂତି ଯେପରି ସୁରୁଖୁରୁରେ ସମ୍ପାଦନା ହେବ, ସେ ନେଇ ଓଡ଼ିଶା ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିସହ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ପ୍ରଦର୍ଶିତ କରୁଥିବା ସାଂସ୍କୃତିକ ମହୋତ୍ସବ ଆୟୋଜନ କରାଯାଉଛି। ଏହା ଅତିଥିଙ୍କ ମନୋରଞ୍ଜନ କରିବା ସହ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ଏକ ନୂଆ ପରିଚୟ ଦେବ ଏବଂ ଓଡ଼ିଶା ବିଷୟରେ ଅଧିକ ଆଗ୍ରହ, ଜ୍ଞାନ ତଥା ଲୋକପ୍ରିୟତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି।




ବିଏମ୍‌ସି ପକ୍ଷରୁ ୟୁନିଟ୍-୨ ଅଞ୍ଚଳରେ ଉଠାଦୋକାନୀଙ୍କ ଉଚ୍ଛେଦକୁ ବିରୋଧ କରି ନିଖିଳ ଓଡ଼ିଶା ରାସ୍ତା ପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଠକ ଯୋଡ଼ିଙ୍କ ଅଫିସ ସିଲ୍

### ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ, ଜ୍ୱାଇଁ କହି ଠକେଇ ଘଟଣା

ଭୁବନେଶ୍ୱର,୩୧।୧୨ (ସତ୍ୟଜିତ୍ ରାଉତ)

ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ ଦେଇ ବଡ଼ବଡ଼ିଆଙ୍କୁ ଠକୁଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ଏବେ ଝାରପଡ଼ା ଜେଲରେ ଥିବାବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ଏକ କୋଠାରେ ଥିବା ଅଭିଯୁକ୍ତ ହଂସିତା ଅଭିଲିପ୍‌ସା ଏବଂ ଅନିଲ କୁମାର ମହାନ୍ତିଙ୍କ ଅଫିସକୁ ମଙ୍ଗଳବାର ସିଲ୍ କରାଯାଇଥିବା ଜୋନ-୬ ଏସିପି ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ତେବେ ବଡ଼ କଥା ହେଉଛି, ପୋଲିସ ଆସିବା ସୂଚନା ପାଇ କର୍ମଚାରୀମାନେ ଅଫିସ୍‌ର ଗୋଟିଏ ପଟେ ତାଲା ପକାଇ ଫେରାର ହୋଇଯାଇଥିଲେ। ପୋଲିସ ଟିମ୍ ଉକ୍ତ ଅଫିସ ତାଲା ଭାଙ୍ଗି ପ୍ରବେଶ କରି ତନ୍ନ ତନ୍ନ କରି ସବୁ ଯାଞ୍ଚ କରିବା ସହ ଅଫିସକୁ ସିଲ୍ କରିଥିଲା। ଏହି ମାମଲାରେ ଆଗକୁ ଅଭିଯୋଗ ସଂଖ୍ୟା ବଢ଼ିବା ନେଇ ପୋଲିସ ଆଶଙ୍କା କରୁଛି। ହଂସିତା ଓ ଅନିଲଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରି ତଥ୍ୟ ହାସଲ କରିବାକୁ ପୋଲିସ ଯୋଜନା କରିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭଲକ୍ଷ୍ମୀ



@ କୃଷ୍ଣପ୍ରସାଦ



@ ଦେବାଶିଷ



@ ଶିବରାମ



@ ସସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଧରାପଡ଼ିଲେ ନକଲି ନାବାଳକ ଡାକ୍ତର

ପୁରୀ,୩୧।୧୨ (ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ମୁଖ୍ୟ ଚକିତ୍ସାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମାଳ ମାଳ ଡାକ୍ତର ଓ ନର୍ସ ସଦର ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିବାବେଳେ ଜଣେ ୧୭ ବର୍ଷରୁ କମ୍ ବୟସର ଯୁବକ ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀସେବା କରୁଥିବା ଘଟଣା ପୁରୀବାସୀଙ୍କୁ ଚକିତ କରିଛି। ଗୋଟିଏ ଦିନ ନୁହେଁ, ଦୀର୍ଘ ୭ ଦିନ ହେବ ଯୁବକ ଜଣଙ୍କ ନକଲି ଡାକ୍ତର ହୋଇ ରୋଗୀମାନଙ୍କ ସ୍ୱାସ୍ଥ୍ୟଯାଞ୍ଚ କରି ଆସୁଥିଲେ ମଧ୍ୟ ମେଡିକାଲ୍ କର୍ତ୍ତୃପକ୍ଷ ଟିକେ ବି ଟେର୍ ପାଇ ନ ଥିଲା।

ସୂଚନାଯୋଗ୍ୟ, ସଦର ମୁଖ୍ୟ ଚିକିତ୍ସାଳୟର ପୁରୁଷ ବିଭାଗରେ ଜଣେ ଯୁବକ ପ୍ରାୟ ୭ ଦିନ ହେବ ବେକରେ ଷ୍ଟେଥୋ ସ୍କୋପ ପକାଇବା ସହ ଆପ୍ରନ ପିନ୍ଧି ରୋଗୀଙ୍କ ସେବା କରୁଥିଲେ। ତେବେ ଜଣେ କମ୍ ବୟସ୍କ ଯୁବକ କିଭଳି ଡାକ୍ତର ହୋଇପାରେ ତା'କୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଉକ୍ତ ୱାର୍ଡରେ କାର୍ଯ୍ୟ କରୁଥିବା ନର୍ସମାନେ ସନ୍ଦେହରେ ଥିଲେ ମଧ୍ୟ ଯୁବକଙ୍କୁ ପଚାରିବାକୁ ସାହାସ କରିପାରି ନ ଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ଯୁବକ ଜଣଙ୍କ ପ୍ରତିଦିନ ମେଡିକାଲ ଆସି ରୋଗୀଙ୍କୁ ଚିକିତ୍ସା କରୁଥିଲେ ମଧ୍ୟ କୌଣସି ମେଡିସିନ ଲେଖୁ ନ ଥିଲେ, ଯାହାକୁ ନେଇ ସନ୍ଦେହ ହୋଇଥିଲା। ନର୍ସମାନେ ଉକ୍ତ ଯୁବକଙ୍କୁ ପରିଚୟ ପଚାରିଥିଲେ। ଯୁବକ ଜଣଙ୍କ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଯୁକ୍ତଦୁଇ ବିଜ୍ଞାନ ବିଭାଗର ଛାତ୍ର ବୋଲି କହିଥିଲେ। ଫଳରେ ନର୍ସମାନେ ସଙ୍ଗେ ସଙ୍ଗେ ମେଡିକାଲ ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ପ୍ରଥମେ ମେଡିକାଲ୍ ଫାଣ୍ଡିରେ ଅଟକ ରଖି କୁମ୍ଭାରପଡ଼ା ଥାନାକୁ ଖବର ଦେଇଥିଲା। ଖବରପାଇ କୁମ୍ଭାରପଡ଼ା ପୋଲିସ ଫାଣ୍ଡିରେ ପହଞ୍ଚିବା ପରେ ଫାଣ୍ଡି ପକ୍ଷରୁ ପୋଲିସ ଜିମା ଦିଆଯାଇଥିଲା। ଘଟଣା ସମ୍ପର୍କରେ ସମ୍ପୃକ୍ତ ଯୁବକର ପରିବାର ଲୋକଙ୍କୁ ପୋଲିସ ପକ୍ଷରୁ ଖବର ଦିଆଯାଇଛି।

ଅପରପକ୍ଷରେ କୁମ୍ଭାରପଡ଼ା ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ସିଡବ୍ଲୁସିକୁ ହସ୍ତାନ୍ତର କରାଯାଇଛି। ନାବଳକ ଯୁବକଙ୍କ ଘର ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମମନ୍ଦିର ନିକଟର ବୋଲି ଜଣାପଡ଼ିଛି। ନାବାଳକ ଯୁବକ ଜଣଙ୍କ କହିଛନ୍ତି, ସେ ଡାକ୍ତର ଭାବେ କାର୍ଯ୍ୟ କରୁ ନ ଥିଲେ। ସେ କେବଳ ଅଭିଜ୍ଞତା ନେବା ଉଦ୍ଦେଶ୍ୟରେ ଡାକ୍ତରଖାନାକୁ ଆସି ରୋଗୀଙ୍କୁ ଦେଖିଥିଲେ। ଏନେଇ କାହାଠାରୁ ଅନୁମତି ପତ୍ର ଆଣିଛ ବୋଲି ପଚାରିବାରେ ସେ ଅନୁମତି ପତ୍ର ଆଣିନଥିବା କହିବା ସହ ତାଙ୍କର ଭୁଲ୍ ହେଇଛି ବୋଲି କହିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ କହିଛନ୍ତି, ତାଙ୍କ ନଜରରେ ଏପରି ଘଟଣା ଆସିନାହିଁ। ଯଦି ଏପରି କିଛି ଘଟିଛି, ତେବେ ଆଇନ ଅନୁଯାୟୀ ଉକ୍ତ ଯୁବକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନନ୍ଦନକାନନରେ ଗାଡ଼ଭାଲୁର ମୃତ୍ୟୁ

ତ୍ରିଶୂଳିଆ,୩୧।୧୨ (ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୭ ନମ୍ବର(ଙ) ଖୁଆଡ଼ରେ ରହୁଥିବା ଅଣ୍ଡିରା ଗାଡ଼ଭାଲୁର ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବୟସାଧିକ କାରଣରୁ ସେ ବିଭିନ୍ନ ରୋଗରେ ପୀଡ଼ିତ ଥିଲା। ବନ୍ୟପ୍ରାଣୀ ଚିକିତ୍ସକମାନେ ଭାଲୁର ଚିକିତ୍ସା କରୁଥିଲେ ମଧ୍ୟ ତା'ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି। ସାଧାରଣତଃ ଏହି ପ୍ରଜାତିର ଗାଡ଼ଭାଲୁ ଭାରତ, ଆଫ୍ରିକା ଓ ପଶ୍ଚିମ ଏସିଆରେ ଦେଖାଯାଆନ୍ତି। ଏମାନେ ଛୋଟ ଛୋଟ ସ୍ତନ୍ୟପାୟୀ ପ୍ରାଣୀ, ପକ୍ଷୀ, ସରୀସୃପ ତଥା ବିଭିନ୍ନ ପ୍ରକାର ପଚା ମୃତଦେହ, ଫଳ ଓ ମହୁ ଖାଇଥାନ୍ତି। ମରୁଭୂମି ଓ ଶୁଷ୍କ ଓ ଆର୍ଦ୍ର ପର୍ଣ୍ଣମୋଚି ଜଙ୍ଗଲରେ ଏମାନେ ବସବାସ କରନ୍ତି।

## ବୈଜ୍ଞାନିକଙ୍କୁ ୧.୦୬ କୋଟି ସାଇବର ଠକେଇ ମାମଲା: ଆଉ ୨ ଗିରଫ

କଟକ,୩୧।୧୨ (କାର୍ତ୍ତିକ ସାହୁ)

ଭୁବନେଶ୍ୱରର ଜଣେ ବରିଷ୍ଠ ବୈଜ୍ଞାନିକଙ୍କୁ ଡିଜିଟାଲ ଆରେଷ୍ଟ କରି ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଆଉ ୨ଜଣଙ୍କୁ ତାମିଲନାଡୁ ଓ କେରଳରୁ ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ଚେନ୍ନାଇର ସତୀଶ କୁମାର କେ ଏବଂ କେରଳ କୋଝିକୋଡ୍‌ର ହରିଶ ସିଏମ୍। ଠକେଇ ହୋଇଥିବା ୧.୦୬ କୋଟି ଟଙ୍କା ମଧ୍ୟରୁ ୬୮ ଲକ୍ଷ ସତୀଶ ଏବଂ ୩୦ ଲକ୍ଷ ହରିଶଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା କ୍ରାଇମବ୍ରାଞ୍ଚ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ କ୍ରାଇମବ୍ରାଞ୍ଚ ଥାନାରେ ମାମଲା(ନଂ. ୪୭/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଏହି ଘଟଣାରେ ପୂର୍ବରୁ ରାଜସ୍ଥାନ, ଗୁଜରାଟ ଓ କେରଳରୁ ୩ ଜଣ ଗିରଫ ହୋଇଛନ୍ତି।

ସୂଚନା ଅନୁସାରେ, ଅଭିଯୋଗକାରୀ ବରିଷ୍ଠ ବୈଜ୍ଞାନିକ ୨୦୨୪ ଅଗଷ୍ଟ ୯ରେ ଠକେଇର ଶିକାର ହୋଇଥିଲେ।



ଜିରୋ ନାଇଟରେ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ଏବଂ ଡିସିପି ପିନାକ ମିଶ୍ର ଭୁବନେଶ୍ୱରର ବିଭିନ୍ନ ଥାନାର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ନୂଆ ବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

(ଫଟୋ- ମନୋରଞ୍ଜନ ମିଶ୍ର)

# ଚାଷୀଙ୍କ ସମସ୍ୟା ଶୁଣିଲେ ନବୀନ

■ ବିରୋଧୀ ଦଳ ନେତାଙ୍କ ପୁରୀ ଜିଲା ଗସ୍ତ

■ ନବୀନଙ୍କୁ ପାଖରେ ପାଇ ଚାଷୀଙ୍କ ଆଖି ଛଳଛଳ

ପୁରୀ/ସାକ୍ଷୀଗୋପାଳ/କଣାସ,୩୧।୧୨(ଅଜିତ କୁମାର ମହାନ୍ତି/ଭରତ ରାଉତ/ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ବିଭୁତି ଭୂଷଣ ତ୍ରିପାଠୀ)



ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମଙ୍ଗଳବାର ପୁରୀ ଜିଲା ସାକ୍ଷୀଗୋପାଳ ଗସ୍ତରେ ଆସିଥିଲେ। ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସେମାନଙ୍କର ଦୁଃଖ ବୁଝିଥିଲେ। ଅଞ୍ଚଳର କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିଥିଲେ। ସବୁଠାରୁ ବଡ଼କଥା ହେଲା ନବୀନଙ୍କର ସାମାନ୍ୟ ଝଲକ ପାଇବା ପାଇଁ ଲୋକଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସୁକତା ଦେଖିବାକୁ ମିଳିଥିଲା। ସତ୍ୟବାଦୀ ଶୁକଳଠାରେ ଅସ୍ଥାୟୀ ହେଲିପ୍ୟାଡ୍ ପଡ଼ିଆ ଲୋକାରଣ୍ୟ ହୋଇଥିଲା। କ୍ଷତିଗ୍ରସ୍ତ ଚାଷୀମାନଙ୍କର ଭରସା ଥିଲେ ନବୀନ ପଟ୍ଟନାୟକ। ତାଙ୍କୁ ଗୁହାରି କଲେ ସେମାନଙ୍କ ସମସ୍ୟାର ସମାଧାନ ହୋଇଯିବାର ବିଶ୍ୱାସ ଜଳ ଜଳ ଦିଶୁଥିଲା।

ନବୀନଙ୍କୁ ଦେଖିବା ବେଳେ ଚାଷୀ, ମହିଳା ଅନେକଙ୍କ ଆଖିରୁ ଲୁହ ଝରି ଆସୁଥିଲା। ନବୀନଙ୍କ ପାଇଁ ଲୋକଙ୍କ ମନରେ ଥିବା ଆବେଗ ଆଜି ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳ ଗସ୍ତବେଳେ ସ୍ପଷ୍ଟ ଦେଖିବାକୁ ମିଳିଥିଲା। ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳ ବୁଲି ଦେଖିବା ସହ ଚାଷୀମାନଙ୍କ ସହିତ ଆଲୋଚନା କରିଛନ୍ତି। କ୍ଷମତାରେ ଥାଏ ବା ନ ଥାଏ ଆପଣଙ୍କ ସହ ମୁଁ ସବୁଦିନ ଥିଲି, ଏବେ ବି ରହିଛି, ଭବିଷ୍ୟତରେ ରହିବି ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଶ୍ୱାସନା ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ଅଦିନିଆ ଲଗାଣ ବର୍ଷା ଫଳରେ ପୁରୀ ଜିଲାର ୧୧ଟି ବ୍ଲକର ଚାଷୀକୁଳ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଶେଷ କରି ଚାଷୀକୁଳର ଖରିଫ୍ ଫସଲ ଉଜୁଡ଼ି ଯାଇଛି, ସାକ୍ଷୀଗୋପାଳ ବ୍ଲକର ଧାନ, ମୁଗ, ବିରି, କୃଷ୍ଣପ୍ରସାଦ ବ୍ଲକର ଚିନାବାଦାମ, ଡେଲାଙ୍ଗ ଓ ପିପିଲି ବ୍ଲକର କୋବି ଫସଲ ସହିତ ରବି ଫସଲ ମଧ୍ୟ ବିଶେଷ କ୍ଷତି ହୋଇଛି। ବିରୋଧୀ ଦଳନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସତ୍ୟବାଦୀ ଅଞ୍ଚଳ ବୁଲି ଦେଖି ଚାଷୀମାନଙ୍କର ସମସ୍ୟା ବୁଝିଥିଲେ। ସରକାର ଖରିଫ୍ ଏବଂ ରବି ଫସଲ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ଦାସବର୍ମା ଦାବି କରିଛନ୍ତି। ସରକାରଙ୍କ ଅପାରଗତାକୁ କଟୁ ସମାଲୋଚନା କରିଛନ୍ତି। ନବୀନ ସରକାର କିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା ପାଉଥିଲେ ଓ ଏବେ କିପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତାହାକୁ ବଖାଣିଛନ୍ତି। ପୂର୍ବ ସରକାରଙ୍କ ଅମଳରେ କିପରି ଚାଷୀମାନଙ୍କ ସମସ୍ୟା ବୁଝାଯାଇ ବିହିତ ପଦକ୍ଷେପ ନିଆଯାଉଥିଲା ଆଉ ଏବେ କିପରି ଚାଷୀଙ୍କୁ ହତାଦର କରାଯାଉଛି ତାହା ସେମାନେ ନବୀନଙ୍କ ଆଗରେ ବଖାଣିଥିଲେ।

ଏତେଦିନଧରି ବର୍ଷା ପାଣିରେ ସୁନାର ଫସଲ ଭିଜି ଭିଜି ନଷ୍ଟ ହେଲା ପରେ ସରକାରୀ ଅଧିକାରୀଙ୍କ ଦେଖା ମିଳୁନାହିଁ। ଫସଲ ବୀମା ମିଳିବ କି ନାହିଁ, ସରକାରୀ କ୍ଷତିପୂରଣ ମିଳିବ କି ନାହିଁ ତାହା ମଧ୍ୟ ସରକାର ସ୍ପଷ୍ଟ କରୁନାହାନ୍ତି ବୋଲି କ୍ଷତିଗ୍ରସ୍ତ ଚାଷୀମାନେ ନବୀନଙ୍କ ଆଗରେ ଅଭିଯୋଗ କରିଛନ୍ତି। ଏହି ଅବସରରେ ନବୀନ ତୁରନ୍ତ ଚାଷୀଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ନବୀନଙ୍କ ଗସ୍ତ ସମୟରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ସଦର ବିଧାୟକ ସୁନୀଲ ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୁରୀ ଜିଲା ବିଜେଡି ସଭାପତି ଦିବାକର ପାତ୍ର, ନିମାପଡ଼ା ଯୁବନେତା ସୁବ୍ରତ ଛାଟୋଇ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଜିଲା ପରିଷଦଙ୍କ ପ୍ରତିନିଧି, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ, କଣାସ ବ୍ଲକ ଅଧ୍ୟକ୍ଷା, ସତ୍ୟବାଦୀ ଓ କଣାସ ବ୍ଲକ ବିଜେଡି ସଭାପତି ଏବଂ ବହୁ ଚାଷୀ ଉପସ୍ଥିତ ଥିଲେ।

## ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

ପୁରୀ,୩୧।୧୨(ଅଜିତ୍ କୁମାର ମହାନ୍ତି)

ନୂଆବର୍ଷକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ମହାପ୍ରଭୁଙ୍କ ନୀତିକାନ୍ତି ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇ କହିଛନ୍ତି, ଇଂଲିଶ୍ ନବବର୍ଷରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେପରି କିଛି ସ୍ୱତନ୍ତ୍ର ନୀତିକାନ୍ତି ନାହିଁ। ତେବେ ନୂଆବର୍ଷରେ ଆସୁଥିବା ପର୍ଯ୍ୟଟକ ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ନୀତି ନିର୍ଘଣ୍ଟ ଅନୁସାରେ ସମସ୍ତ ନୀତି ସୂଚାରୁ ରୂପେ ସମ୍ପାଦନ କରାଯାଇଛି। ୩୧ ତାରିଖ ରାତି ୧୦ଟା ୩୦ କିମ୍ବା ୧୧ଟା ସୁଦ୍ଧା ରାତ୍ରପହୁଡ଼ କରାଯାଇ ଜାନୁଆରୀ ୧ ରାତି ୧୨ଟା ୩୦ରୁ ରାତି ୧ଟା ଭିତରେ ଦ୍ୱାରଫିଟା ନୀତି କରିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଭକ୍ତ ଭଲ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଅପରପକ୍ଷେ ପ୍ରଶାସନ ପକ୍ଷରୁ କରାଯାଇଥିବା ଦର୍ଶନ ବ୍ୟବସ୍ଥାକୁ ଭକ୍ତମାନେ ସ୍ୱାଗତ କରିବା ସହ ସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେବେ ପ୍ରବଳ ଗହଳି ଯୋଗୁ କିଛିଟା ସମସ୍ୟା ହୋଇପାରେ। ସେଥିପାଇଁ ଦୁଃଖିତ ହେବା ସହ ପ୍ରଶାସନକୁ ସହଯୋଗ କରିବାକୁ ପାଢ଼ୀ ସୂଚନା ଦେଇଛନ୍ତି। ସେହିପରି ସହଳ ଦ୍ୱାର ଖୋଲା ଯିବାକୁ ଥିବାରୁ ଭକ୍ତମାନେ ଶୀଘ୍ର ମହାପ୍ରସାଦ ପାଇବା ନେଇ ମୁଖ୍ୟ ପ୍ରଶାସକ ପାଢ଼ୀ ଆଶା କରିଛନ୍ତି। ନୂଆବର୍ଷରେ ଭକ୍ତମାନେ ନୂଆ ଓ ସୁଖଦ ଅନୁଭୂତି ନେବେ। ଶ୍ରୀମନ୍ଦିର ଗୁମୁଟ ମଣିମନ୍ଦ ଏବଂ ପତିତପାବନଙ୍କ ମନ୍ଦିରର ଉପରପାର୍ଶ୍ୱର ରୁପା ଛାଉଣି କାର୍ଯ୍ୟ ଶେଷ ହୋଇଛି, ଯାହା ଭକ୍ତଙ୍କୁ ଏକ ନୂତନ ଅନୁଭୂତି ପ୍ରଦାନ କରିବ। ଇଂଲିଶ୍ ନବବର୍ଷ ସମସ୍ତଙ୍କ ନିମନ୍ତେ ଶୁଖମୟ ହେବା ସହ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ କରି ଆଶୀର୍ବାଦ ନେବାକୁ ପାଢ଼ୀ ଅନୁରୋଧ କରିଛନ୍ତି।




ପୁରୀ ବେଳାଭୂମିରେ ଶିଳ୍ପୀ ମାନସ କୁମାର ସାହୁ ବାଲୁକାକଳା ମାଧ୍ୟମରେ ଇଂଲିଶ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀଜଗନ୍ନାଥ ଭଜନ, ଶ୍ରୀମନ୍ଦିର ନୀତି ପ୍ରସାରଣ ସଂପ୍ରସାରିତ ହେଉ

ପୁରୀ,୩୧।୧୨(ଅଜିତ୍ କୁମାର ମହାନ୍ତି)

ଠାକୁରଙ୍କ ଭଜନ ମାଇକ୍ ଯୋଗେ ସବୁଦିନ ବଡ଼ଦାଣ୍ଡରେ ବାଜିବା ସହ ଶ୍ରୀମନ୍ଦିରର ନୀତିର ସୂଚନା ପ୍ରସାରଣ ହେଉଛି। ଏହା ସମସ୍ତ ତଥ୍ୟ ଭକ୍ତ ଓ ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚିପାରୁନି। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ବଡ଼ଦାଣ୍ଡରୁ ଅଠରନଳା, ବଡ଼ଦାଣ୍ଡରୁ ସ୍ୱର୍ଗଦ୍ୱାର, ବଡ଼ଦାଣ୍ଡରୁ ରେଲୱେ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ବ୍ୟବସ୍ଥାର ସଂପ୍ରସାରଣ କରିବା ପାଇଁ ଓଡ଼ିଶା ଯୁବ ଚେତନା ସଂଗଠନ ଓ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ପକ୍ଷରୁ ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରି କହିଛନ୍ତି, ୨୦୦୨ ମସିହାରେ ବଡ଼ଦାଣ୍ଡରେ ଭଜନ ବାଜିବା ପାଇଁ ଏହି ୨ ଅନୁଷ୍ଠାନର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ସରକାରଙ୍କ ସହ ଆଲୋଚନା କରିବା ପରେ ବଡ଼ଦାଣ୍ଡରେ ଭଜନ ବାଜିବା ଆରମ୍ଭ ହୋଇଥିଲା। ପରେ ଏହି ପ୍ରସାର ସହ ଭକ୍ତ ଓ ପର୍ଯ୍ୟଟକଙ୍କ ସୂଚନା ପାଇଁ ଶ୍ରୀମନ୍ଦିରର ଦୈନିକ ନୀତିରେ ଖବର ପ୍ରସାରଣ ପାଇଁ ଦାବି କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହା ଏବେ କାର୍ଯ୍ୟକ୍ଷମ ହୋଇଛି ଯାହା ପ୍ରଶଂସନୀୟ। ସରକାର ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଆବଶ୍ୟକଠାରୁ ଅଧିକ ଅର୍ଥ ପ୍ରଦାନ କରୁଛନ୍ତି। ଜଣେ ଦକ୍ଷ ପ୍ରଶାସକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରହିଛନ୍ତି ତେଣୁ ଏ ଦିଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ମିଶ୍ର ଅନୁରୋଧ କରିବା ସହ ଆଶାବ୍ୟକ୍ତ କରିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୧୨।୨୦୨୪

| | |
|---|---|
| ୭,୭୧,୬୭୪ ଟଙ୍କା | |
| ସୁନା | ୮୧.୩୦୦ ଗ୍ରାମ୍ |
| ରୁପା | ୨୨୨.୭୦୦ ଗ୍ରାମ୍ |

### ସଂକ୍ଷେପରେ

## ସାନଭାଇ ଆକ୍ରମଣରେ ବଡ଼ଭାଇ, ଭାଉଜ ଗୁରୁତର

ନିମାପଡ଼ା,୩୧।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ତଳଅଣ୍ଡିଆ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ସାନଭାଇ ଦିଲୀପ ସାମଲଙ୍କ ଆକ୍ରମଣରେ ବଡ଼ଭାଇ ରାଜକିଶୋର ସାମଲ ଓ ଭାଉଜ ଶକୁନ୍ତଳା ସାମଲ ଗୁରୁତର ଆହତ ହୋଇଛନ୍ତି। ଶକୁନ୍ତଳାଙ୍କ ଡାହାଣ ହାତ ଭାଙ୍ଗି ଯାଇଛି। ଏଥିସହ ତାଙ୍କୁ ଟଣାଓଟରା, ଦୁର୍ବ୍ୟବହାର କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା (କେସ୍ ନଂ. ୩୯୩/୨୪) ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣକାରୀ ଦିଅର ଦିଲୀପଙ୍କୁ ଗିରଫ କରିବାକୁ ଶକୁନ୍ତଳା ପୋଲିସ ନିକଟରେ ନିବେଦନ କରିଛନ୍ତି।

## ଚାରିଛକ ଥାନା ପକ୍ଷରୁ ବଜାର ସଫେଇ

ଚାରିଛକ,୩୧।୧୨(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ମଙ୍ଗଳବାର ଅନେକ ଲୋକ ମିଶି ଚାରିଛକ ବଜାର ସଫେଇ କରିଛନ୍ତି। ବର୍ଷ ୨୦୨୪କୁ ବିଦାୟ ଜଣାଇ ନବବର୍ଷକୁ ସ୍ୱାଗତ କରି ଏହି ସଫେଇ କରାଯାଇଥିଲା। ସଫେଇରେ ବଜାର ବ୍ୟବସାୟୀ କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନ, କବିରାଜ କୁଳମଣି ସାହୁ, ମେମୋରିଆଲ ଟ୍ରଷ୍ଟ ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ପରିଡ଼ା, ତୁଳସୀପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅରକ୍ଷିତ ଭୋଇ, ଭାଜପା ନେତା ଭକ୍ତବନ୍ଧୁ ବିଶ୍ୱାଳ, ଭାଗୀରଥି ମଲ୍ଲିକ, ଜୟନ୍ତ ସେଠୀ, ଶିଶିର କୁମାର ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ବର୍ଦ୍ଧିତ ଭତ୍ତା ଦାବି କରି ବୈଠକ

କଣାସ,୩୧।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ, କଣ୍ଠପଡ଼ା ଗ୍ରାମର ଆରାଧ୍ୟ ଠାକୁରାଣୀ କାଳେନ୍ଦୀ ମନ୍ଦିର ପ୍ରାଙ୍ଗଣରେ ଭତ୍ତା ହିତାଧିକାରୀଙ୍କ ଭତ୍ତା ବୃଦ୍ଧି ଦାବି କରି ରବିବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତ୍ରିଲୋଚନପୁର ପଞ୍ଚାୟତର ଭତ୍ତା ଅଧିକାରୀ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ରାଜ୍ୟ ନୀଳାଚଳ ମହାସଂଘ ଆବାହକ ମାନସ କୁମାର ପ୍ରଧାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବଡ଼ଦୁଃଖର ବିଷୟ, ୨୦୧୮ ଡିସେମ୍ବର ୨୫ଠାରୁ ଏ ପର୍ଯ୍ୟନ୍ତ ଏହି ଆନ୍ଦୋଳନଟି ସରକାରଙ୍କ ପାଖରେ ଜାରି ରହିଛି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ରାଜ୍ୟପାଳ ରଘୁବର ଦାସ, ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭତ୍ତା ବୃଦ୍ଧି ସମ୍ପର୍କରେ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ଗତ ୧୬ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁରୀ ଜିଲାପାଳଙ୍କ ମାଧ୍ୟମରେ ୧୧ଟି ବ୍ଲକର ଭତ୍ତା ହିତାଧିକାରୀଙ୍କ ରାଜ୍ୟ ଆବାହକ ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଧରାପଡ଼ିଲେ ନକଲି ନାବାଳକ ଡାକ୍ତର

ପୁରୀ,୩୧।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ମୁଖ୍ୟ ଚକିତ୍ସାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମାଳ ମାଳ ଡାକ୍ତର ଓ ନର୍ସ ସଦର ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିବାବେଳେ ଜଣେ ୧୭ ବର୍ଷରୁ କମ୍ ବୟସର ଯୁବକ ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀସେବା କରୁଥିବା ଘଟଣା ପୁରୀବାସୀଙ୍କୁ ଚକିତ କରିଛି। ଗୋଟିଏ ଦିନ ନୁହେଁ, ଦୀର୍ଘ ୭ ଦିନ ହେବ ଯୁବକ ଜଣଙ୍କ ନକଲି ଡାକ୍ତର ହୋଇ ରୋଗୀମାନଙ୍କ ସ୍ୱାସ୍ଥ୍ୟଯାଞ୍ଚ କରି ଆସୁଥିଲେ ମଧ୍ୟ ମେଡିକାଲ୍ କର୍ତ୍ତୃପକ୍ଷ ଟିକେ ବି ଟେର୍ ପାଇ ନ ଥିଲା।

ସୂଚନାଯୋଗ୍ୟ, ସଦର ମୁଖ୍ୟ ଚିକିତ୍ସାଳୟର ପୁରୁଷ ବିଭାଗରେ ଜଣେ ଯୁବକ ପ୍ରାୟ ୭ ଦିନ ହେବ ବେକରେ ଷ୍ଟେଥୋ ସ୍କୋପ ପକାଇବା ସହ ଆପ୍ରନ ପିନ୍ଧି ରୋଗୀଙ୍କ ସେବା କରୁଥିଲେ। ତେବେ ଜଣେ କମ୍ ବୟସ୍କ ଯୁବକ କିଭଳି ଡାକ୍ତର ହୋଇପାରେ ତା'କୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଉକ୍ତ ୱାର୍ଡରେ କାର୍ଯ୍ୟ କରୁଥିବା ନର୍ସମାନେ ସନ୍ଦେହରେ ଥିଲେ ମଧ୍ୟ ଯୁବକଙ୍କୁ ପଚାରିବାକୁ ସାହାସ କରିପାରି ନ ଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ଯୁବକ ଜଣଙ୍କ ପ୍ରତିଦିନ ମେଡିକାଲ ଆସି ରୋଗୀଙ୍କୁ ଚିକିତ୍ସା କରୁଥିଲେ ମଧ୍ୟ କୌଣସି ମେଡିସିନ ଲେଖୁ ନ ଥିଲେ, ଯାହାକୁ ନେଇ ସନ୍ଦେହ ହୋଇଥିଲା। ନର୍ସମାନେ ଉକ୍ତ ଯୁବକଙ୍କୁ ପରିଚୟ ପଚାରିଥିଲେ। ଯୁବକ ଜଣଙ୍କ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଯୁକ୍ତଦୁଇ ବିଜ୍ଞାନ ବିଭାଗର ଛାତ୍ର ବୋଲି କହିଥିଲେ। ଫଳରେ ନର୍ସମାନେ ସଙ୍ଗେ ସଙ୍ଗେ ମେଡିକାଲ ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ପ୍ରଥମେ ମେଡିକାଲ୍ ଫାଣ୍ଡିରେ ଅଟକ ରଖି କୁମ୍ଭାରପଡ଼ା ଥାନାକୁ ଖବର ଦେଇଥିଲା। ଖବରପାଇ କୁମ୍ଭାରପଡ଼ା ପୋଲିସ ଫାଣ୍ଡିରେ ପହଞ୍ଚିବା ପରେ ଫାଣ୍ଡି ପକ୍ଷରୁ ପୋଲିସ ଜିମା ଦିଆଯାଇଥିଲା। ଘଟଣା ସମ୍ପର୍କରେ ସମ୍ପୃକ୍ତ ଯୁବକର ପରିବାର ଲୋକଙ୍କୁ ପୋଲିସ ପକ୍ଷରୁ ଖବର ଦିଆଯାଇଛି।

ଅପରପକ୍ଷରେ କୁମ୍ଭାରପଡ଼ା ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ସିଡବ୍ଲୁସିକୁ ହସ୍ତାନ୍ତର କରାଯାଇଛି। ନାବଳକ ଯୁବକଙ୍କ ଘର ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମମନ୍ଦିର ନିକଟର ବୋଲି ଜଣାପଡ଼ିଛି। ନାବାଳକ ଯୁବକ ଜଣଙ୍କ କହିଛନ୍ତି, ସେ ଡାକ୍ତର ଭାବେ କାର୍ଯ୍ୟ କରୁ ନ ଥିଲେ। ସେ କେବଳ ଅଭିଜ୍ଞତା ନେବା ଉଦ୍ଦେଶ୍ୟରେ ଡାକ୍ତରଖାନାକୁ ଆସି ରୋଗୀଙ୍କୁ ଦେଖିଥିଲେ। ଏନେଇ କାହାଠାରୁ ଅନୁମତି ପତ୍ର ଆଣିଛ ବୋଲି ପଚାରିବାରେ ସେ ଅନୁମତି ପତ୍ର ଆଣିନଥିବା କହିବା ସହ ତାଙ୍କର ଭୁଲ୍ ହେଇଛି ବୋଲି କହିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ କହିଛନ୍ତି, ତାଙ୍କ ନଜରରେ ଏପରି ଘଟଣା ଆସିନାହିଁ। ଯଦି ଏପରି କିଛି ଘଟିଛି, ତେବେ ଆଇନ ଅନୁଯାୟୀ ଉକ୍ତ ଯୁବକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶୁଭଲକ୍ଷ୍ମୀ



@ କୃଷ୍ଣପ୍ରସାଦ



@ ଦେବାଶିଷ



@ ଶିବରାମ



@ ସସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିୟମ ପାଳନ କଲେ ଦୁର୍ଘଟଣା ହ୍ରାସ ପାଇପାରିବ

### ଜିଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ

ପୁରୀ,୩୧।୧୨(ଅଜିତ୍ କୁମାର ମହାନ୍ତି)

ସଡ଼କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ସର୍କିଟ ହାଉସଠାରେ ପରିବହନ ବିଭାଗ ପକ୍ଷରୁ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ବେହେରା ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି, ସଡ଼କ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସପାଇବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଧରପଗଡ଼ ଜାରି ରଖିବା, ଲୋକମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ।

ପ୍ରାରମ୍ଭରେ ପରିବହନ କାର୍ଯ୍ୟାଳୟର ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମହାପାତ୍ର, ସ୍ୱତନ୍ତ୍ର ଅଧିକାରୀ ରବୀନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାର ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓଙ୍କ ପ୍ରତିନିଧି ଡ. ରୂପଭାନୁ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡିଆଇବି ଡିଏସପି ରମେଶ ଚନ୍ଦ୍ର ଦାଶ, ସହକାରୀ ଏମ୍‌ଭିଆଇ ଅମିତ କୁମାର ରଣା, ଶିକ୍ଷା କାର୍ଯ୍ୟାଳୟର ଆଇପିଇ ମହେନ୍ଦ୍ର କୁମାର ବିଶ୍ୱାଳ, ଟୁରିଷ୍ଟ ବସ ମାଲିକ ସଂଘ ସମ୍ପାଦକ ପ୍ରଦୀପ କୁମାର ଦାସ, ପୁରୀ ବେସରକାରୀ ବସ୍ ମାଲିକ ସଂଘର ରାଜବଲ୍ଲଭ ମିଶ୍ର, ଅନନ୍ତ ସିଂ, ଟାଉନ ବସ ମାଲିକ ସଂଘର ପ୍ରତିନିଧି, ଜାତୀୟ ରାଜପଥ ପ୍ରତିନିଧି ବରଦାକାନ୍ତ ସାହୁ, ଅନ୍ୟାନ୍ୟ ବିଭାଗର ଅଧିକାରୀ, ବସ୍ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ ଥିଲେ।

**ନନ୍ଦନକାନନରେ ଗାଡ଼ଭାଲୁ ମୃତ**

ତ୍ରିଶୂଳିଆ,(ତୁଷାରକାନ୍ତ ବେହେରା): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୭ ନମ୍ବର(ଡ଼) ଖୁଆଡ଼ରେ ରହୁଥିବା ଅଣ୍ଡିରା ଗାଡ଼ଭାଲୁର ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବୟସାଧିକ କାରଣରୁ ସେ ବିଭିନ୍ନ ରୋଗରେ ପୀଡ଼ିତ ଥିଲା। ବନ୍ୟପ୍ରାଣୀ ଚିକିତ୍ସକମାନେ ଭାଲୁର ଚିକିତ୍ସା କରୁଥିଲେ ମଧ୍ୟ ତା'ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି। ସାଧାରଣତଃ ଏହି ପ୍ରଜାତିର ଗାଡ଼ଭାଲୁ ଭାରତ, ଆଫ୍ରିକା ଓ ପଶ୍ଚିମ ଏସିଆରେ ଦେଖାଯାଆନ୍ତି। ଏମାନେ ଛୋଟ ଛୋଟ ସ୍ତନ୍ୟପାୟୀ ପ୍ରାଣୀ, ପକ୍ଷୀ, ସରୀସୃପ ତଥା ବିଭିନ୍ନ ପ୍ରକାର ପଚା ମୃତଦେହ, ଫଳ ଓ ମହୁ ଖାଇଥାନ୍ତି। ମରୁଭୂମି ଓ ଶୁଷ୍କ ଓ ଆର୍ଦ୍ର ପର୍ଣ୍ଣମୋଚି ଜଙ୍ଗଲରେ ଏମାନେ ବସବାସ କରନ୍ତି।

# ୨୦୦ ଆପରାଧିକ ମାମଲା, ୧୬୦ ସରକାରୀ ବାବୁ ଗିରଫ

ଭୁବନେଶ୍ୱର,୩୧।୧୨(ସତ୍ୟଜିତ୍ ରାଉତ)

**ଭିଜିଲାନ୍ସର ବାର୍ଷିକ ରିପୋର୍ଟ-୨୦୨୪**

- ୧୩୧ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ
- ୫୦ କ୍ଲାସ୍-୧ ଅଫିସରଙ୍କ ନାଁରେ ମାମଲା
- ସହଅଭିଯୁକ୍ତ ଭାବେ ୩୮ ଜଣଙ୍କ ସ୍ତ୍ରୀ ଫସିଛନ୍ତି

ସରକାରୀ ଅର୍ଥ ଆତ୍ମସାତ୍ ହେଉ କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସହ ଲାଞ୍ଚ ମାମଲା। ଦୁର୍ନୀତିଗ୍ରସ୍ତ ସରକାରୀ ବାବୁମାନେ ଭିଜିଲାନ୍ସ ଜାଲରେ ଫସିବା ପରେ ସେମାନଙ୍କ କଳାକାରନାମା ପଦାକୁ ଆସୁଛି। ୨୦୨୪ରେ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟ ୨୦୦ ଆପରାଧିକ ମାମଲା ରୁଜୁ କରିଥିବାବେଳେ ୧୮୧ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୧୬୦ ସରକାରୀ ବାବୁ ରହିଛନ୍ତି। ସେହିପରି ଭିଜିଲାନ୍ସ ଟିମ୍ ୪୮୩ ସ୍ଥାନରେ ଚଢ଼ାଉ କରିଥିବା ବେଳେ ମୋଟ୍ ୧୩୧ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛି। ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବାର୍ଷିକ ରିପୋର୍ଟ-୨୦୨୪ରୁ ଏହା ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ, ୨୦୦ ଆପରାଧିକ ମାମଲା ମଧ୍ୟରୁ ୪୪ଟି ସରକାରୀ ଅର୍ଥ ଆତ୍ମସାତ ସଂକ୍ରାନ୍ତୀୟ ଦୁର୍ନୀତି ମାମଲା ରହିଥିବାବେଳେ ୬୦ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ୯୬ଟି ଲାଞ୍ଚ ମାମଲା ରହିଛି। ୩୦୮ଜଣ ବ୍ୟକ୍ତିଙ୍କ ବିରୋଧରେ ଏସବୁ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରେ ୫୦ କ୍ଲାସ୍-୧ ଅଫିସର, ୩୬ କ୍ଲାସ୍-୨ ଅଫିସର, ୧୩୧ ତୃତୀୟ ଶ୍ରେଣୀ କର୍ମଚାରୀ, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୧୮ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୭୨ ବେସରକାରୀ ବ୍ୟକ୍ତି ରହିଛନ୍ତି। ଗିରଫ ହୋଇଥିବା ୧୮୧ ଅଭିଯୁକ୍ତଙ୍କ ମଧ୍ୟରେ ୩୭ କ୍ଲାସ୍-୧ ଅଫିସର, ୨୭ କ୍ଲାସ୍-୨ ଅଫିସର, ୮୫ ତୃତୀୟ ଶ୍ରେଣୀ କର୍ମଚାରୀ, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୧୦ ଅନ୍ୟ ସରକାରୀ କର୍ମଚାରୀ ଓ ୨୧ ବେସରକାରୀ ବ୍ୟକ୍ତି ରହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୧୬ ଯନ୍ତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ବିଭିନ୍ନ ବିଭାଗର ୬ ମୁଖ୍ୟଯନ୍ତ୍ରୀ ରହିଛନ୍ତି। ୬୦ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୬୬ ସରକାରୀ କର୍ମଚାରୀ ଓ ୩୬ ବେସରକାରୀ ବ୍ୟକ୍ତି ରହିଛନ୍ତି। ତେବେ ଏସବୁ ମାମଲାରେ ୧୩୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବାବେଳେ ସହଅଭିଯୁକ୍ତ ଭାବେ ୩୮ଜଣଙ୍କ ସ୍ତ୍ରୀ ଫସିଛନ୍ତି। ସେହିଭଳି ମୋଟା ଅଙ୍କର ଟଙ୍କା ଧରି ଯାଉଥିବା ୫ ସରକାରୀ ବାବୁଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଜଣେ କ୍ଲାସ୍-୧ ଅଫିସର, ୨ କ୍ଲାସ୍-୨ ଅଫିସର, ଜଣେ କ୍ଲାସ୍-୩ ଅଫିସର ଏବଂ ଜଣେ ଅନ୍ୟ ସରକାରୀ କର୍ମଚାରୀ ରହିଛନ୍ତି। ଏଥିସହ ୯୬ ଲାଞ୍ଚ ମାମଲାରେ ୧୦୫ ସରକାରୀ କର୍ମଚାରୀ ଓ ୧୦ ବେସରକାରୀ ବ୍ୟକ୍ତି ଧରାପଡ଼ିଥିଲେ। ସରକାରୀ ଅର୍ଥ ଆତ୍ମସାତ୍ ସଂକ୍ରାନ୍ତୀୟ ୪୪ ମାମଲାରେ ୯୧ ଅଭିଯୁକ୍ତ ରହିଥିବାବେଳେ ଏମାନଙ୍କ ମଧ୍ୟରେ ୬୫ ସରକାରୀ କର୍ମଚାରୀ ଏବଂ ୨୬ ବେସରକାରୀ ବ୍ୟକ୍ତି ରହିଛନ୍ତି। ତଦନ୍ତ ବେଳେ ଭିଜିଲାନ୍ସ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ୭୯୨ଟି ବ୍ୟାଙ୍କ୍ ଆକାଉଣ୍ଟକୁ ଫ୍ରିଜ୍ କରିଛି। ୨୦୨୪ରେ ୧୦୫ଟି ମାମଲାରେ ଦଣ୍ଡାଦେଶ ହୋଇଛି। ଏସବୁ ମାମଲାରେ ୧୪୭ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଏହିବର୍ଷ ୨୫ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବାବେଳେ ଦଣ୍ଡାଦେଶ ଆଧାରରେ ୬୫ଜଣ ଦୋଷୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନ୍‌ସନ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ୨୦୨୪ରେ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍ ପକ୍ଷରୁ ୧୦୧ ସ୍ଥାନରେ ଚଢ଼ାଉ କରାଯାଇ ୪.୮୨ କୋଟି ଟଙ୍କାର ସାମଗ୍ରୀ ଜବତ ସହ ୩୯ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।




କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସନ୍ଧ୍ୟାରେ ସାରସ୍ୱତ ସାଧକ ଡକ୍ଟର ଭାଗବତ ଶୁକ୍ଳଙ୍କୁ ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ପୁରସ୍କାର ପ୍ରଦାନ କରାଯାଉଛି।

## ଟ୍ରାକ୍ଟର ତଳେ ଚାପି ହୋଇ ମହିଳା ମୃତ

କଟକ ସଦର,୩୧।୧୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବେଣ୍ଟକାରଠାରେ ମଙ୍ଗଳବାର ସକାଳେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝର ଅଞ୍ଚଳର ଜୁଲି ବାରି (୩୫)। ସୂଚନା ଅନୁଯାୟୀ, ଏକ ଇଟାଭାଟିରୁ ଟ୍ରାକ୍ଟର(ନଂ.ଓଆର୦୫ଏଭି-୭୮୬୪)ଟି ଆସୁଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହି ସମୟରେ ରାସ୍ତାରେ ଚାଲି ଚାଲି ଯାଉଥିବା ମହିଳା ଜଣଙ୍କ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡ଼ାକ୍ତରଖାନା ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିଛି।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଶୋକସଭା

ଖୁଣ୍ଟୁଣୀ, ୩୧।୧୨(ସଚ୍ଚିଦାନନ୍ଦ ପଣ୍ଡା)

ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ଆଠଗଡ଼ ବ୍ଲକ କଖଡ଼ିଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ବରିଷ୍ଠ ନାଗରିକ ସଂଘ ନଦୀକୂଳ ପକ୍ଷରୁ ଆୟୋଜିତ ସଭାରେ ସଂଘ ସଭାପତି ବେଣୁଧର ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରଥମେ ଦିବଂଗତ ନେତା ମନମୋହନଙ୍କ ଫଟୋଚିତ୍ରରେ ବରିଷ୍ଠ ନାଗରିକମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସଭାରେ ବିଷ୍ଣୁଚରଣ ମହାରଣା, ଗଙ୍ଗାଧର ଶତପଥୀ, ଚନ୍ଦ୍ରଶେଖର ପରିଡା, ପ୍ରହ୍ଲାଦ ବିଶ୍ୱାଳ, ଗୋଲକ ମହାନ୍ତି, ପ୍ରଫୁଲ୍ଲ ଖଟୁଆ, ରସାନନ୍ଦ ସ୍ୱାଇଁ, ମିହିର ଶତପଥୀ, ବାମଦେବ ସୂତାର, ଫକୀର ଚରଣ ଖଟୁଆ ପ୍ରମୁଖ ଯୋଗଦେଇ ଦେଶ ସେବାରେ ମନମୋହନଙ୍କ ବଳିଷ୍ଠ ନିର୍ଦ୍ଦେଶନ ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ କିରଣ ବିହାରୀ ଖଟୁଆ ଓ ପ୍ରମୋଦ କୁମାର ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବେଣୁଧର ମହାନ୍ତି ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭଲକ୍ଷ୍ମୀ



@ କୃଷ୍ଣପ୍ରସାଦ



@ ଦେବାଶିଷ



@ ଶିବରାମ



@ ସସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବର୍ଷର ଶେଷଦିନରେ ନନ୍ଦନକାନନ ବୁଲିଲେ ୨୯ ହଜାର ପର୍ଯ୍ୟଟକ

ବାରଙ୍ଗ,୩୧।୧୨(ଲିଙ୍ଗରାଜ ରାଉତ)

୨୦୨୪କୁ ବିଦାୟ ଓ ନୂଆବର୍ଷକୁ ସ୍ୱାଗତ କରିବାକୁ ମଙ୍ଗଳବାର କିଏ ଭୋଜିଭାତରେ ମସ୍‌ଗୁଲ ଥିଲେ ତ ଆଉ କେହି ପର୍ଯ୍ୟଟନସ୍ଥଳୀ ବୁଲାବୁଲି କରିଥିଲେ। ବର୍ଷର ଶେଷଦିନରେ ନନ୍ଦନକାନନରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ଏହାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ବିଭିନ୍ନ ବ୍ୟବସ୍ଥା କରିଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ସହ ପ୍ରାଣୀ ଉଦ୍ୟାନର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ନନ୍ଦନକାନନ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ, ପକେଟ୍‌ମାର ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ସାଙ୍ଗକୁ ରାସ୍ତାକଡ଼ରେ ଗାଡ଼ି ରଖୁଥିବା ଅମାନିଆଙ୍କୁ ମନାଇବାକୁ ପୋଲିସକୁ ନୟାନ୍ତ ହେବାକୁ ପଡ଼ିଥିଲା। ଶେଷ ଦିନରେ ୨୯,୧୨୬ ଜଣ ପର୍ଯ୍ୟଟକ ନନ୍ଦନକାନନକୁ ଆସି ଜୀବଜନ୍ତୁ ଦେଖିବା ସହ ରୋପ୍‌ୱେ, ଟଏ ଟ୍ରେନ, ସଫାରିର ମଜା ଉଠାଉଥିବାବେଳେ ବୋଟିଂ ବନ୍ଦ ରହିଥିବାରୁ କେତେଜଣ ପର୍ଯ୍ୟଟକ ନିରାଶ ହୋଇଥିଲେ। ନନ୍ଦନକାନନ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହ ସିସିଟିଭି ମାଧ୍ୟମରେ ପର୍ଯ୍ୟଟକଙ୍କ ସୁବିଧା ଓ ଅସୁବିଧା ଉପରେ ଦୃଷ୍ଟିଦିଆଯାଇଥିଲା। ଅନ୍ୟପଟେ ଚଳିତବର୍ଷ ବଟାନିକାଲ ଗାର୍ଡେନରେ ବଣଭୋଜି ବନ୍ଦ ରହିଥିବାରୁ ଭୋଜିଭାତର ମଜା ଉଠାଇ ନ ପାରି ବହୁ ପର୍ଯ୍ୟଟକ ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା।

## ଜମିଲା ଜିରୋନାଇଟ୍ ସେଲିବ୍ରେଶନ

କଟକ,୩୧।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ପୁରୁଣା ବର୍ଷକୁ ବିଦାୟ ଓ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଗାଁଠୁ ସହର ପର୍ଯ୍ୟନ୍ତ ସେଲିବ୍ରେଶନର ମାହୋଲ ଦେଖିବାକୁ ମିଳିଥିଲା। ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା ପାର୍ଟି। ରଙ୍ଗିନ୍ ଆଲୋକମାଳାରେ ଝଲସି ଉଠିଥିଲା କଟକରେ ଥିବା ବିଭିନ୍ନ ହୋଟେଲ ଓ ଶପିଂ ମଲ୍‌ର କୋଠା। କଟକ ମିଶନ ରୋଡ଼ସ୍ଥିତ ୟୁନିୟନ କ୍ଲବ, ବାରବାଟୀ ଦୁର୍ଗ ନିକଟସ୍ଥ କଟକ କ୍ଲବ, ତଥାସ୍ତୁ କନ୍‌ଭେନ୍‌ଶନ ସମେତ ଅନ୍ୟାନ୍ୟ କ୍ଲବ୍‌ରେ ଜିରୋନାଇଟ୍ ସେଲିବ୍ରେଶନ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ଧୁମ୍‌ଧଡ଼କା ବାଦ୍ୟରେ କମ୍ପିଥିଲା ହୋଟେଲ ପରିବେଶ। ଓଲିଉଡ୍ ଓ ବଲିଉଡ୍ କଳାକାରଙ୍କ ନୃତ୍ୟ ସଙ୍ଗୀତରେ ଲୋକମାନେ ଝୁମିଥିଲେ। ଏଥିସହ ଭଳିକି ଭଳି ସୁସ୍ୱାଦ ଖାଦ୍ୟର ମଜା ନେଇଥିଲେ। ଘଣ୍ଟାର ମିନିଟ୍, ସେକେଣ୍ଡ ଓ ଘଣ୍ଟାକଣ୍ଟା ୧୨ ଉପରେ ପହଞ୍ଚିବା ମାତ୍ରେ ନୂଆବର୍ଷ ସ୍ୱାଗତ ବାର୍ତ୍ତାରେ ପ୍ରକମ୍ପିତ ହୋଇଥିଲା ପରିବେଶ। ବାଜା, ବାଣ ଫୁଟାଇ ସମସ୍ତେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରିଥିଲେ।

## ନୂଆବର୍ଷରେ ଜମିବ ଆମିଷ ବେପାର

କଟକ,୩୧।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ନୂଆବର୍ଷ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ସହରବାସୀ ଉତ୍ସାହିତ ହୋଇପଡିଛନ୍ତି। ବର୍ଷର ପ୍ରଥମଦିନକୁ ଆଧ୍ୟାତ୍ମିକ ପରିବେଶରେ କେତେକ ଲୋକ କାଟିବାକୁ ଚାହୁଁଥିବାବେଳେ ଆଉ କେତେଜଣ ଭୋଜି କରି ସାଙ୍ଗସାଥୀ ଓ ପରିବାର ଲୋକଙ୍କ ସହ ପାଳିବାକୁ ପସନ୍ଦ କରିଛନ୍ତି। ତେବେ ବୁଧବାର ଆମିଷ ବାରରେ ନୂଆବର୍ଷ ପଡୁଥିବାରୁ ଲୋକମାନେ ଏହାକୁ ହାତଛଡା କରିବାକୁ ଚାହୁଁନାହାନ୍ତି। ଭୋଜି ପାଇଁ ମଙ୍ଗଳବାରଠାରୁ ପ୍ରସ୍ତୁତ ହୋଇ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଆଗୁଆ ମଟନ, ଚିକେନ୍ ଓ ମାଛ ଅର୍ଡର କରିଛନ୍ତି। ତେବେ ନୂଆବର୍ଷ ପାଇଁ ମଟନ କିଲୋ ୭୫୦ ଟଙ୍କା, ଚିକେନ୍ କିଲୋ ୨୨୦ରୁ ୨୫୦ ଟଙ୍କା, ଦେଶୀ କୁକୁଡ଼ା କିଲୋ ୪୫୦ ଟଙ୍କା, କଲର ବାର୍ଡ କିଲୋ ୨୫୦ରୁ ୪୦୦ ଟଙ୍କା ରହିଛି। ସେହିପରି ରୋହି ମାଛ କିଲୋ ୨୦୦ ଟଙ୍କା, ଭାକୁର କିଲୋ ୩୦୦ ଟଙ୍କା, ମିରକାଳି କିଲୋ ୨୫୦ରୁ ୩୫୦ ଟଙ୍କା, ପାମ୍ପଲେଟ କିଲୋ ୧୦୦୦ରୁ ୧୪୦୦ ଟଙ୍କା, ଖଙ୍ଗା ମାଛ କିଲୋ ୪୦୦ରୁ ୬୦୦ ଟଙ୍କା, ଇଲିସି କିଲୋ ୧୦୦୦ରୁ ୨୫୦୦ ଟଙ୍କା ଓ ଚିଙ୍ଗୁଡ଼ି କିଲୋ ୪୦୦ରୁ ୧୨୦୦ ଟଙ୍କା ପର୍ଯ୍ୟନ୍ତ ଦର ରହିଛି। ଏନେଇ ବ୍ୟବସାୟୀ କିରଣ କୁମାର ବେହେରା କହିଛନ୍ତି, ଯୋବ୍ରାଠାରେ ଦୀର୍ଘଦିନ ହେବ ବ୍ୟବସାୟ କରୁଛି। ସାଧାରଣତଃ ନୂଆବର୍ଷରେ ଅଧିକାଂଶ ଲୋକ ମନ୍ଦିର ଯାଇ ଠାକୁର ଦର୍ଶନ ସହ ପୂଜା କରିବାକୁ ପସନ୍ଦ କରିଥାନ୍ତି। ହେଲେ ଆମିଷ ବାର ପଡ଼ିଲେ ଭୋଜି କରି ସାଙ୍ଗସାଥୀଙ୍କ ମେଳରେ ଦିନ କାଟିଥାନ୍ତି। ଏଥର ନୂଆବର୍ଷ ବୁଧବାର ପଡୁଥିବାରୁ ୬୦ କୁଇଣ୍ଟାଲ ବିଭିନ୍ନ ପ୍ରକାରର ମାଛ ଓ ଚିଙ୍ଗୁଡ଼ି ଆଗୁଆ ଅର୍ଡର କରିଛୁ। ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି। ସେହିପରି ଅନ୍ୟ ଜଣେ ବ୍ୟବସାୟୀ ଜୋୟୀ ଖାନ୍ କହିଛନ୍ତି, ଖାନ୍‌ନଗରଠାରେ ବହୁ ବର୍ଷ ହେବ ମାଂସ ବ୍ୟବସାୟ କରିଆସୁଛି। ନୂଆବର୍ଷ ଆମିଷ ବାରରେ ପଡିଲେ ଲୋକମାନେ ବୁଲାବୁଲି କରିବା ସହ ଭୋଜି କରି ଦିନ କାଟିବାକୁ ପସନ୍ଦ କରିଥାନ୍ତି। ବୁଧବାର ଆମିଷ ବାରରେ ନୂଆବର୍ଷ ପଡୁଥିବାରୁ ମଟନ ବିକ୍ରି ପାଇଁ ପ୍ରସ୍ତୁତ ରହିଛୁ। ଦର ସୁହାଇଲା ଭଳି ରହିଛି। ମଟନ ପାଇଁ ଗ୍ରାହକ ଆଗୁଆ ଅର୍ଡର ଦେଇଛନ୍ତି।

## ଏସ୍‌ସିବିରେ ସ୍ଥାନାନ୍ତର ହେଲା ନନ୍‌ଟ୍ରମା କାଜୁଆଲ୍‌ଟି

କଟକ,୩୧।୧୨(ଶିକ୍ଷା ପ୍ରିୟଦର୍ଶିନୀ)

**ବେଡ୍ ସଂଖ୍ୟା ୭୦କୁ ବୃଦ୍ଧି**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ନନ୍‌ଟ୍ରମା କାଜୁଆଲ୍‌ଟି ମେଡିକାଲ ପରିସରରେ ଥିବା ଆନାଟମି ବିଭାଗ ନିକଟକୁ ମଙ୍ଗଳବାର ସ୍ଥାନାନ୍ତର କରାଯାଇ କାର୍ଯ୍ୟକ୍ଷମ ହୋଇଛି। ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ, ଅତିରିକ୍ତ ଅଧୀକ୍ଷକ ତଥା ସିଟିଭିଏସ୍ ବିଭାଗୀୟ ମୁଖ୍ୟ ମନୋଜ ପଟ୍ଟନାୟକ, ଅର୍ଥୋପେଡ଼ିକ ବିଭାଗର ମୁଖ୍ୟ ପ୍ରଫେସର ଡା. ନିର୍ମଳ ମହାପାତ୍ର, ମେଡିକାଲ କୁଳସଚିବ ଡ. ଅବିନାଶ ରାଉତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଏହି ନନ୍‌ଟ୍ରମା କାଜୁଆଲ୍‌ଟିରେ ବେଡ୍ ସଂଖ୍ୟା ୨୦ ଥିବାବେଳେ ଏବେ ଏହା ୭୦କୁ ବୃଦ୍ଧି କରାଯାଇଛି। ନନ୍‌ଟ୍ରମା କାଜୁଆଲ୍‌ଟିରେ ରୋଗୀ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି। ପୂର୍ବରୁ ନନ୍‌ଟ୍ରମା କାଜୁଆଲ୍‌ଟି କାର୍ଯ୍ୟ କରୁଥିବା ସ୍ଥାନକୁ ରୋଗୀ ସମ୍ପର୍କୀୟଙ୍କ ଆଶ୍ରୟସ୍ଥଳୀ କରାଯିବ। ମେଡିକାଲ କୁଳସଚିବ ଡ. ରାଉତ କହିଛନ୍ତି, ରୋଗୀ ସଂଖ୍ୟା ବଢ଼ିବାରୁ ବେଡ୍ ସଂଖ୍ୟା ବୃଦ୍ଧି କରାଯାଇଛି।



ନନ୍‌ଟ୍ରମା କାଜୁଆଲ୍‌ଟି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେଡିକାଲ କଲେଜ ଅଧ୍ୟକ୍ଷା ଓ ଡାକ୍ତରଙ୍କ ସମେତ ଅନ୍ୟମାନେ।

## ବୈଜ୍ଞାନିକଙ୍କୁ ୧.୦୬ କୋଟି ସାଇବର ଠକେଇ ମାମଲା: ଆଉ ୨ ଗିରଫ

କଟକ,୩୧।୧୨(କାର୍ତ୍ତିକ ସାହୁ)

ଭୁବନେଶ୍ୱରର ଜଣେ ବରିଷ୍ଠ ବୈଜ୍ଞାନିକଙ୍କୁ ଡିଜିଟାଲ ଆରେଷ୍ଟ କରି ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଆଉ ଦୁଇ ଜଣଙ୍କୁ ତାମିଲନାଡୁ ଓ କେରଳରୁ ଗିରଫ କରିଛି। ସେମାନେ ହେଲେ ତାମିଲନାଡୁର ଚେନ୍ନାଇ ସତୀଶ କୁମାର କେ ଏବଂ କେରଳର କୋଝିକୋଡେରୁ ହରିଶ ସିଏମ। ଠକେଇ ହୋଇଥିବା ୧.୦୬ କୋଟି ଟଙ୍କା ମଧ୍ୟରୁ ୬୮ ଲକ୍ଷ ସତୀଶଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୩୦ ଲକ୍ଷ ହରିଶଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା କ୍ରାଇମବ୍ରାଞ୍ଚ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ କ୍ରାଇମବ୍ରାଞ୍ଚ ଥାନାରେ ମାମଲା(ନଂ. ୪୭/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି।

ସୂଚନା ଅନୁସାରେ, ଅଭିଯୋଗକାରୀ ଭୁବନେଶ୍ୱରର ଜଣେ ବରିଷ୍ଠ ବୈଜ୍ଞାନିକ ୨୦୨୪ ଅଗଷ୍ଟ ୯ରେ ଠକେଇର ଶିକାର ହୋଇଥିଲେ। ସେ ଏକ ଅଜଣା ମୋବାଇଲ ନମ୍ବରରୁ ଫୋନ୍ କଲ୍ ପାଇଥିଲେ। ଅପରପାର୍ଶ୍ୱରେ ଥିବା ବ୍ୟକ୍ତି ନିଜକୁ ଏକ କୋରିଅର ସଂସ୍ଥାର କର୍ମଚାରୀ ଭାବେ ପରିଚୟ ଦେଇଥିଲେ। ସେ କହିଥିଲେ, ଅଭିଯୋଗକାରୀଙ୍କ ନାମ ଓ ଆଧାର ନମ୍ବର ବ୍ୟବହାର କରି ଜାପାନକୁ ଏକ ପାର୍ସଲ ପଠାଯାଇଥିଲା। ସେଥିରେ ୫ଟି ପାସ୍‌ପୋର୍ଟ, ୩ଟି କ୍ରେଡିଟ୍ କାର୍ଡ, ୨୦୦ ଗ୍ରାମ୍ ଡ୍ରଗ୍ସ, ୪ କେଜି କପଡ଼ା, ଗୋଟିଏ ଲାପ୍‌ଟପ୍ ଓ ୩୫,୦୦୦ ଟଙ୍କା ରହିଥିଲା। ଉକ୍ତ ପାର୍ସଲ କଷ୍ଟମସ୍ ବିଭାଗ ଦ୍ୱାରା ଅଟକା ଯାଇଛି ଓ ମାମଲା ରୁଜୁ ପାଇଁ ପଠାଯାଇଛି। ତେଣୁ ମୁମ୍ବାଇ କ୍ରାଇମବ୍ରାଞ୍ଚ ସହ ତୁରନ୍ତ କଥା ହେବା ଆବଶ୍ୟକ ବୋଲି ଅଭିଯୋଗକାରୀଙ୍କୁ ସେ କହିଲେ। ଏହି କଲ୍‌ଟି ସରିବା ମାତ୍ରେ ଏକ ଆନ୍ତର୍ଜାତିକ ଫୋନ୍ କଲ୍ ଆସିଥିଲା ସମାନ ଅଭିଯୋଗରେ। କ୍ଷଣକ ମଧ୍ୟରେ ସେହି ମୋବାଇଲ୍ କଲ୍ ଭିଡିଓ କଲ୍‌ରେ ପରିଣତ ହୋଇଗଲା। ଅଭିଯୋଗକାରୀ ଦେଖିଲେ ଯେ, ମୁମ୍ବାଇ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟ ସଦୃଶ ଦେଖାଯାଉଛି। ସେଠାରେ ଜଣେ ପୋଲିସ ଅଧିକାରୀ ମାମଲା ରୁଜୁ ନ କରିବା ପାଇଁ ଡିସିପିଙ୍କୁ କହୁଛନ୍ତି। ଅଭିଯୋଗକାରୀଙ୍କ ବିଷୟରେ ସେମାନଙ୍କ ପାଖରେ ସବୁ ତଥ୍ୟ ରହିଥିବା ଦର୍ଶାଇ ସେମାନେ ବିଶ୍ୱାସ ସୃଷ୍ଟି କରାଇଥିଲେ। ଅଭିଯୋଗକାରୀଙ୍କୁ ଫୋନ୍ ନ କାଟିବାକୁ ସେମାନେ କହିଥିଲେ। ଅଭିଯୋଗକାରୀଙ୍କ ଆଧାରକାର୍ଡ ବ୍ୟବହାର କରି ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ବିହାରରେ ୪ଟି ବେଆଇନ ଆକାଉଣ୍ଟ ଖୋଲାଯାଇଛି। ନିର୍ବାଚନ ସମୟରେ ନୱାବ ମଲ୍ଲିକ ଓ ଦାଉଦ୍ ଇବ୍ରାହିମ୍ ଗୋଷ୍ଠୀ ମନି ଲଣ୍ଡରିଂ ପାଇଁ ଏପରି କରିଛନ୍ତି। ତେଣୁ ତଦନ୍ତ ସରିବା ଯାଏ ସେ କୁଆଡ଼େ ଯାଇପାରିବେ ନାହିଁ ବୋଲି ସେମାନେ କହିଥିଲେ। ଏଭଳି ବାକ୍ ଚାତୁରୀ ମାଧ୍ୟମରେ ସେମାନେ ଅଭିଯୋଗକାରୀଙ୍କୁ ତାଙ୍କର ବ୍ୟାଙ୍କ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା କ୍ରାଇମବ୍ରାଞ୍ଚ ବୋଲାଉଥିବା ବ୍ୟକ୍ତି ଦେଇଥିବା ଆକାଉଣ୍ଟରେ ଜମା କରିବାକୁ ପରାମର୍ଶ ଦେଇଥିଲେ। ତଦନ୍ତ ସରିବା ପରେ ପୁଣି ସମସ୍ତ ଅର୍ଥ ତାଙ୍କ ଆକାଉଣ୍ଟକୁ ଫେରସ୍ତ ଆସିବ ବୋଲି କହିଥିଲେ। ମାତ୍ର ସେସବୁ କିଛି ହେଲାନି। ଉପରୋକ୍ତ ୧.୦୬ କୋଟି ଟଙ୍କା ସେମାନେ ଠକେଇ କରି ନେଇଯାଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଅଭିଯୋଗକାରୀ କ୍ରାଇମବ୍ରାଞ୍ଚରେ ଏତଲା ଦେଇଥିଲେ। ଏହି ଘଟଣାରେ ପୂର୍ବରୁ ରାଜସ୍ଥାନ, ଗୁଜରାଟ ଓ କେରଳରୁ ୩ ଜଣ ଗିରଫ ହୋଇଛନ୍ତି।

# ସିଲ୍ ହେଲା ଏକାଧିକ ଦୋକାନ



ପ୍ରଶାସନ ପକ୍ଷରୁ ଦୋକାନ ସିଲ୍ କରାଯାଉଛି।

**ଖୋର୍ଦ୍ଧା,୩୧।୧୨(ପ୍ରଭାତ ପାଣିଗ୍ରାହୀ)**

ପୌରାଞ୍ଚଳରେ ଦୋକାନ ଖୋଲିବାକୁ ହେଲେ ଟ୍ରେଡ୍ ଲାଇସେନ୍ସ ନେବାକୁ ପଡ଼ିଥାଏ। ବିନା ଲାଇସେନ୍ସରେ କୌଣସି ଦୋକାନ ଖୋଲିପାରିବ ନାହିଁ ବୋଲି ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ(ଇଓ) ରିଜୱାନା କଅକବ କହିଛନ୍ତି। ଅନ୍ୟପଟେ ବର୍ଷାସାରା ବିନା ଟ୍ରେଡ୍ ଲାଇସେନ୍ସରେ ଖୋର୍ଦ୍ଧା ସହରର ବହୁ ଦୋକାନ ଚାଲିଥିବା ବେଳେ ୨୦୨୪ ଡିସେମ୍ବର ଶେଷ ତାରିଖରେ ପ୍ରଶାସନର ମନେପଡିବାକୁ ନେଇ କେତେଜଣ ବ୍ୟବସାୟୀ ବିରୋଧ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୌର ପ୍ରଶାସନ ପକ୍ଷରୁ ଗଠିତ ଏନ୍‌ଫୋର୍ସମେଣ୍ଟ ଟିମ୍ ସହରରେ ଥିବା ଦୋକାନର ଲାଇସେନ୍ସ ଚେକିଂ କରିଥିଲେ। ଲାଇସେନ୍ସ ନବୀକରଣ ନ ଥିବା ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି।

ମଙ୍ଗଳବାର ପୌର ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଟ୍ରାଫିକ ଛକ, ଟାଉନ ହଲ୍ ଛକ, ପୁରୁଣା ମେଡିକାଲ ରୋଡ୍ ଏବଂ ପୌର କାର୍ଯ୍ୟାଳୟ ରୋଡ୍‌ରେ ଚଢ଼ାଉ କରି ପୋଲିସ ଫୋର୍ସ ଉପସ୍ଥିତିରେ ଏକାଧିକ ଦୋକାନକୁ ସିଲ୍ କରିଛନ୍ତି। ଦୋକାନ ସିଲ୍ ହେବା ଭୟରେ ବହୁ ଦୋକାନୀ ତରବରିଆଭାବେ ଦୋକାନ ବନ୍ଦ କରିଦେଇଥିଲେ। ଗାଇଡ୍‌ଲାଇନ ଅନୁସାରେ ଲାଇସେନ୍ସ ନବୀକରଣ ନ ହେବା ପର୍ଯ୍ୟନ୍ତ ଦୋକାନ ଖୋଲିପାରିବେ ନାହିଁ ବୋଲି ନିର୍ବାହୀ ଅଧିକାରୀ ଦୋକାନୀମାନଙ୍କୁ ସ୍ପଷ୍ଟ କରିଛନ୍ତି। ତେବେ ବିନା ସୂଚନା ଏବଂ ନୋଟିସରେ ଲାଇସେନ୍ସ ନ ଥିବା କହି ଦୋକାନ ବନ୍ଦ କରିବାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନର ମନମୁଖି କାର୍ଯ୍ୟକୁ ନେଇ ଆଗକୁ ଏକ ବଡ଼ଧରଣର ଆନ୍ଦୋଳନ ମୁଣ୍ଡ ଟେକିବା ସମ୍ଭାବନା ରହିଥିବା ଆଲୋଚନା ହେଉଛି।

ପ୍ରକାଶ ଯେ, ପୌର ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଡିସେମ୍ବର ୧୦ରେ ପ୍ରଶାସନର ଉଚ୍ଛେଦକୁ ବିରୋଧ କରି କେତେଜଣ ବ୍ୟବସାୟୀ ହାଇକୋର୍ଟରେ ଆବେଦନପତ୍ର ଦାଖଲ କରି ରହିତାଦେଶ ଆଣିଛନ୍ତି। ତେବେ ରହିତାଦେଶ ରହିଥିବା ଦୋକାନକୁ ବାଦ୍ ଦେଇ ପ୍ରଶାସନ ପକ୍ଷରୁ ପୁରୁଣା ଆଲ୍ଲାହାବାଦ ବ୍ୟାଙ୍କଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱ, ପଞ୍ଚସଖା ଓ ଲକ୍ଷ୍ମୀ ମାର୍କେଟ ଏବଂ ହାବେଳି ପଡିଆସ୍ଥିତ ଅସ୍ଥାୟୀ ପରିବା ଦୋକାନକୁ ଉଚ୍ଛେଦ କରାଯାଇଛି। ତେବେ ରହିତାଦେଶ ଯୋଗୁ ଟ୍ରାଫିକ ଛକଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ଏବଂ ଟ୍ରାଫିକ ଛକଠାରୁ ଡାକବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୋକାନୀ ଏଥିରୁ ବାଦ୍ ପଡିଛନ୍ତି। ତେବେ ପ୍ରଶାସନ ସମ୍ପୃକ୍ତ ଦୋକାନୀଙ୍କ ଉପରେ ଆକ୍ରୋଶମୂଳକ ଭାବେ ଟାର୍ଗେଟ କରୁଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପଟେ ବ୍ୟବସାୟୀଙ୍କ ଅଭିଯୋଗକୁ ନିର୍ବାହୀ ଅଧିକାରୀ ଖଣ୍ଡନ କରିଛନ୍ତି।

## ଶ୍ମଶାନ ପଡ଼ିଆରେ ଖୋଲିଲା ପରିବା ହାଟ



**ଖୋର୍ଦ୍ଧା,୩୧।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ସୋମବାର ଲଟେରି ମାଧ୍ୟମରେ ପରିବା ଉଠାଦୋକାନୀଙ୍କୁ ପିଣ୍ଡି ଆବଣ୍ଟିତ ହୋଇଥିଲା। ଟିଏଲ୍‌ସିସ୍ଥିତ ଶ୍ମଶାନ ପଡ଼ିଆରେ ସେମାନଙ୍କୁ ଥଇଥାନ କରାଯାଇଛି। ମଙ୍ଗଳବାର ପରିବା ହାଟ ଖୋଲିଥିବା ବେଳେ ଜିଲାପାଳ ଚଞ୍ଚଳ ରାଣା ଏହାକୁ ଉଦ୍‌ଘାଟନ କରିଛନ୍ତି। ବ୍ୟବସାୟୀମାନଙ୍କୁ ପୌର ପ୍ରଶାସନ ଦ୍ୱାରା ପ୍ରସ୍ତୁତ ପରିଚୟପତ୍ର ଏବଂ ଛତା ବଣ୍ଟନ କରିଥିଲେ। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠି, ନିର୍ବାହୀ ଅଧିକାରୀ ରିଜୱାନା କଅକବଙ୍କ ସମେତ ଭେଣ୍ଡିଜୋନ୍ କମିଟି ସଦସ୍ୟ କାଉନ୍‌ସିଲର କମଳ ପ୍ରଧାନ, ଶୋଭନ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସେମାନଙ୍କୁ ଆବଣ୍ଟିତ ନମ୍ବର ଅନୁଯାୟୀ ୮/୧୦ରେ ଜାଗା ଚିହ୍ନଟ କରି ଦିଆଯାଇଛି। ପରବର୍ତ୍ତି ସମୟରେ ପିଣ୍ଡି କରାଯିବ। ପ୍ରଶାସନ ପକ୍ଷରୁ ଏଠାରେ ଆଲୋକୀକରଣ, ପାନୀୟଜଳ ଏବଂ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ପରବର୍ତ୍ତୀ ସମୟରେ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ଉପଜିଲାପାଳ କହିଛନ୍ତି।

ପ୍ରକାଶ ଯେ, ଗତବର୍ଷ ସ୍ୱାୟତ୍ତ ଶାସନ ଦିବସରେ ପୌର ପ୍ରଶାସନ ପକ୍ଷରୁ ଉକ୍ତ ଶ୍ମଶାନ ପଡ଼ିଆ ସମ୍ମୁଖରେ ୧ କୋଟି ଟଙ୍କା ବ୍ୟୟରେ ଆଦର୍ଶ ଶ୍ମଶାନ କରାଯାଇଛି। ଉକ୍ତ ଆଦର୍ଶ ଶ୍ମଶାନ ଲୋକଙ୍କ କାମରେ ଆସିବା ପରିବର୍ତ୍ତେ ପୌର ପ୍ରଶାସନର ଅଳିଆ ବୁହା ଗାଡ଼ି ରହିବା ସହ ଅସ୍ଥାୟୀ ପାର୍କିଂ ସ୍ଥଳ ପାଲଟିଛି। ଅନ୍ୟପଟେ ଶ୍ମଶାନ ପଡ଼ିଆରେ ଉଠାଦୋକାନୀଙ୍କୁ ଥଇଥାନକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ସୋଚ୍ ଅନୁଷ୍ଠାନର ବାର୍ଷିକୋତ୍ସବ

**ଜଟଣୀ,୩୧।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ସୋଚ୍ ଅନୁଷ୍ଠାନର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରଦୀପ ଘୋଷାଲ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନୃସିଂହ ପ୍ରସାଦ ମହାପାତ୍ର, ମୁଖ୍ୟ ବକ୍ତା ଡା.ହାଡିବନ୍ଧୁ ପଟ୍ଟନାୟକ, ପ୍ରଫୁଲ୍ଲ ସାହୁ, ନିର୍ମଳ ବେହେରା, ଷ୍ଟାଲିନ ନାୟକ, ଅଶୋକ ଗୋଚ୍ଛାୟତ, ଆର୍. ଶଙ୍କର ରାଓ, ବିପିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା ଉନ୍ମୋଚନ ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ ମନୋଜ ସ୍ୱାଇଁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ସଭା ଆରମ୍ଭ କରିଥିଲେ। ରୋଜାଲିନ ବେହେରା ଏବଂ ବର୍ଷା ପ୍ରିୟଦର୍ଶିନୀ ସଭା ପରିଚାନା କରିଥିବା ବେଳେ ଲକ୍ଷ୍ମୀପ୍ରିୟା ସିଂ ବିବରଣୀ ପାଠ କରିଥିଲେ।

## ୧୨୫ ୟୁନିଟ ରକ୍ତ ସଂଗ୍ରହ

**କୃଷ୍ଣପ୍ରସାଦ,୩୧।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ଥାନା ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ବସନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ ହୋଇଥିଲା। ବ୍ରହ୍ମପୁର ମେଡିକାଲ ରକ୍ତ ଭଣ୍ଡାର କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ମୋଟ୍ ୧୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏସ୍‌ଆଇ ସୁଜିତ ସାହୁ, ଅଜୟ ବିଶ୍ୱାଳ, ଶରତ ଚନ୍ଦ୍ର ଜେନା, ମିଟୁ ସିଂହ ସାମନ୍ତ, ସୁଶାନ୍ତ ବୈରୀଗଞ୍ଜନ,ସଂଗ୍ରାମ କେଶରୀ ଜେନା, କେଦାରନାଥ ବିଶ୍ୱାଳଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସେମିରେ ସାଲୁଣୀ କ୍ରିକେଟ୍ କ୍ଲବ

**ବୋଲଗଡ଼,୩୧।୧୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଅନୁଷ୍ଠିତ ଚତୁର୍ଦ୍ଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସାଲୁଣୀ କ୍ଲବ ଏବଂ ଘୋରଡ଼ିଆ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ସାଲୁଣୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୬୭ ରନ ସଂଗ୍ରହ କରିଥିଲା। ଜବାବରେ ଘୋରଡିଆ ଟିମ୍ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୪୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ସାଲୁଣୀ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମଧୁ ମଙ୍ଗରାଜ ଏବଂ ଦିଲୀପ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ କଂଗ୍ରେସ ଯୁବନେତା ସଦାଶିବ ମହାପାତ୍ର, ପ୍ରମୋଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ ସଭାପତି ନିରଞ୍ଜନ ନାୟକ, ବିକାଶ, ରାଜା, ରାଜକିଶୋର, ରଘୁନାଥ, ଚଗଲା, ଟୁନା, ବବ୍‌ଲି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ଦାବି



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଖୋର୍ଦ୍ଧା,୩୧।୧୨(ପ୍ରଭାତ ପାଣିଗ୍ରାହୀ)**

### ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ, ଦାବିପତ୍ର

ଲଘୁଚାପ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଧାନ ଫସଲ ସହ ପନିପରିବା ନଷ୍ଟ ହୋଇଛି। ପ୍ରତି ଚାଷୀଙ୍କୁ ବୀମାଭୁକ୍ତ, ଭାଗଚାଷୀଙ୍କୁ ଚିହ୍ନଟ, ଋଣ ଛାଡ କରନ୍ତୁ ସରକାର। ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ଦାବି କରିଛି ସିପିଆଇ(ଏମ୍) ଖୋର୍ଦ୍ଧା ଶାଖା। ପ୍ରତି ଗ୍ରାମକୁ ଏକକ ୟୁନିଟ ଭାବେ ଗ୍ରହଣ, ଆଗାମୀ ଫସଲ ପାଇଁ ବିନାମୂଲ୍ୟରେ ସାର ବିହନ ଯୋଗାଇବା ସହ ପିଲାଙ୍କ ପରୀକ୍ଷା ଫି ଛାଡ କରିବାକୁ ଦାବି କରିଛନ୍ତି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ସଂଯୋଜକ ଅନନ୍ତ ମଙ୍ଗରାଜ, ସାରଙ୍ଗଧର ବେହେରା, ଶୈଳେସ ବଳିୟାରସିଂହ, ବିଧୁ ଭୂଷଣ ମହାରଣା, ଶ୍ରୀଜୟକୃଷ୍ଣ ବେହେରା, କିଶୋର ଚନ୍ଦ୍ର ପରମଗୁରୁ, ପ୍ରଭାକର ବେହେରା, ଧନେଶ୍ୱର ବେହେରା, ଲକ୍ଷ୍ମଣ ପରିଡ଼ା, ନିରଞ୍ଜନ ବେହେରା ପ୍ରମୁଖ ଚାଷୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ କହିଥିଲେ। ଚାଷୀ ଲକ୍ଷାଧିକ ଟଙ୍କାର କ୍ଷତି ସହିଛନ୍ତି। ଉଜୁଡ଼ା ଫସଲ ଦେଖି ଚାଷୀ ଚାଷୀ ହତାଶ ହୋଇପଡିଛି। ଏଭଳି ସମୟରେ ସରକାର ସହଯୋଗର ହାତ ବଢ଼ାଇ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

# ପକ୍ଷୀ ସୁରକ୍ଷା, ସ୍ୱଚ୍ଛ ଚିଲିକା ସଚେତନତା ଅଭିଯାନ

**ବାଲୁଗାଁ,୩୧।୧୨(ସଂଗ୍ରାମ ପାଇକରାୟ)**



ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ମିଳିତ ଆନୁକୂଲ୍ୟରେ 'ପକ୍ଷୀ ବଞ୍ଚାଅ-ଚିଲିକା ବଞ୍ଚାଅ' ଶୀର୍ଷକ ପ୍ରସଙ୍ଗ ନେଇ ସାଇକେଲ ଅଭିଯାନ ମାଧ୍ୟମରେ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଡ.କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ରୀନା ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଯୁକ୍ତ ୨ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ବାଲୁଗାଁ ବନ୍ୟପ୍ରାଣୀ ରେଞ୍ଜର ରଶ୍ମିତା ଜେନା ମିଳିତଭାବେ ଉଦ୍‌ଘାଟନ କରିବା ପରେ ସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଡିଏଫ୍‌ଓ ଅମ୍ଲାନ ନାୟକ, ଅଧକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦିଗ୍‌ଦର୍ଶନରେ ଆୟୋଜିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଡ. ମୋନାଲିସା ମାନସିଂହ, ଅଧ୍ୟାପକ ମୃଢ଼ାଣି ଶଙ୍କର ପ୍ରସାଦ ମିଶ୍ର, ଚନ୍ଦନ ନାୟକ, ସ୍ୱାତୀ ସ୍ୱାଗତିକା ସାହୁ, ପ୍ରିୟମ୍ୱଦା ମହାପାତ୍ର, ବିଶ୍ୱଜିତ୍ ଦାସ ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ସ୍ୱେଚ୍ଛାସେବୀମାନେ ଚିଲିକାକୂଳ ଏବଂ ବାଲୁଗାଁ ବଜାର ପରିକ୍ରମା କରି ବିଦେଶାଗତ ପକ୍ଷୀଙ୍କୁ ଅତିଥିଭାବେ ବିବେଚନା କରି ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସଚେତନ କରାଇଥିଲେ। ଏହା ପରେ ସ୍ୱେଚ୍ଛାସେବୀମାନେ ଚିଲିକା କୂଳ ସଫେଇ କରିଥିଲେ।

## ପାଇଡିଗିରିଆ ଏ.ଜି. କ୍ଲବ ଚାମ୍ପିୟନ

**ବାଣପୁର,୩୧।୧୨(ଦିଲୀପ କୁମାର ସ୍ୱାଇଁ)**

ଚିଲିକା ବ୍ଲକ ଅନ୍ତର୍ଗତ ନଇରୀର କାଳିଜାଇ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ କାଳିଜାଇ ଷ୍ଟାଡିୟମରେ ଅନୁଷ୍ଠିତ କାଳିଜାଇ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ଏବଂ ପାଇଡିଗିରିଆ ଏ.ଜି କ୍ଲବ ମଧ୍ୟରେ ହୋଇଥିଲା। ୧-୦ ଗୋଲରେ ପାଇଡିଗିରିଆ ଏ.ଜି କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅବିନାଶ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଦିଲୀପ କୁମାର ବେହେରା, ଅନୀଲ କୁମାର ସାମନ୍ତରାୟ ଏବଂ ଧ୍ରୁବଚରଣ ଘଡ଼େଇ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ଜିଲାପରିଷଦର ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା, ପୂର୍ବତନ ଚିଲିକା ବ୍ଲକର ଉପାଧ୍ୟକ୍ଷ ଡା.ଉତ୍ପଳ କୁମାର ପାଇକରାୟ, ଡ.ସୁଶାନ୍ତ କୁମାର ସାହୁ, ରୋଟାରିଆନ ଡା. ମଧୁସୂଦନ ସେନାପତି ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ସମସ୍ତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ସାମାଜିକ କର୍ମୀ କାଶୀନାଥଙ୍କ ପରଲୋକ

**କଳାପଥର,୩୧।୧୨(ଗଙ୍ଗାଧର ସାହୁ)**

ବୋଲଗଡ଼ ବ୍ଲକ ଅଧୀନ ଧଳାପଥର ଗ୍ରାମର କାଶୀନାଥ ପଣ୍ଡାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୫୯ବର୍ଷ ବୟସ ହୋଇଥିଲା। ସେ ଜଣେ ସାମାଜିକ କର୍ମୀ, ମିଷ୍ଟଭାଷୀ, ପରୋପକାରୀ, ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ୍ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତୁରା କୁନା ପଣ୍ଡା, ପୁଅ ଟୁନା ପଣ୍ଡା ଉପସ୍ଥିତ ଥିଲେ।

# ମେଣ୍ଟାଶାଳ ଇଗଲ କ୍ଲବକୁ ହରାଇ କୁମାରବସ୍ତ ଚାମ୍ପିୟନ

**ବେଗୁନିଆ,୩୧।୧୨**
**(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କଣ୍ଟାବାଡ଼ସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ୫ମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ କୁମାରବସ୍ତ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ମଙ୍ଗଳବାର ଫାଇନାଲ ମ୍ୟାଚ୍ କୁମାରବସ୍ତ କ୍ରିକେଟ କ୍ଲବ ଏବଂ ମେଣ୍ଟାଶାଳ ଇଗଲ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରବସ୍ତ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୨୩୧ ରନ ସଂଗ୍ରହ କରିଥିଲା। ଜବାବରେ ମେଣ୍ଟାଶାଳ ଟିମ୍ ୨୦ଓଭରରେ ୭ ଉଇକେଟ ବିନିମୟରେ ୨୧୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରମାକାନ୍ତ ପାତ୍ର ଏବଂ ବିନୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅଭିମନ୍ୟୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ଶିଳ୍ପପତି ଶିବ ନାରାୟଣ ମିଶ୍ର, ଇଂ.ଅମୂଲ୍ୟ ବାହିନୀପତି, ସାମାଜିକ କର୍ମୀ ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୨୫ହଜାର ଟଙ୍କା ସହ ପଦ୍ମଚରଣ ପାଣିଗ୍ରାହୀ ଟ୍ରଫି ଏବଂ ରନର୍ସଅପ୍ ଟିମକୁ ୨୦ହଜାର ଟଙ୍କା ସହ ବିଶ୍ୱନାଥ ବାହିନୀପତି ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଛି।

ଆଇ.ଏସ୍.ଗିରି ମ୍ୟାନ ଅଫ ଦି ଟୁର୍ନାମେଣ୍ଟ, ଚାନଣ୍ଡା ଶିବା ଶ୍ରେଷ୍ଠ ବୋଲର, ରଶ୍ମି ରଞ୍ଜନ ବଡ଼ଜେନା ଶ୍ରେଷ୍ଠ ଫିଲ୍ଡର ଏବଂ ସନ୍ଦୀପ ମିଶ୍ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ପୁରସ୍କୃତ ହୋଇଥିଲେ। ଦିଲୀପ ପାଣିଗ୍ରାହୀ ପୁରସ୍କାର ବିତରଣ ସଭା ସଂଯୋଜନା କରଥିଲେ। ଆୟୋଜକ କ୍ଲବର ସଭ୍ୟ ବଂଶୀଧର ପାଣିଗ୍ରାହୀ, ମାନସ ରଞ୍ଜନ ଦାଶ, ସୌମ୍ୟରଞ୍ଜନ ଦାଶ, ମିଥୁନ ପ୍ରଧାନ, ଶ୍ରୀବତ୍ସ ପାଣିଗ୍ରାହୀ, ସୀତିକଣ୍ଠ ଦାଶ, ନରସିଂହ ପ୍ରଧାନ, ବାମଦେବ ମହାନ୍ତି, ଓମ୍ ପ୍ରକାଶ ବ୍ରହ୍ମା, ଦେବବ୍ରତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳି ଏବଂ ଅନ୍ୟମାନେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଶୁଭଲକ୍ଷ୍ମୀ


@ କୃଷ୍ଣପ୍ରସାଦ


@ ଦେବାଶିଷ


@ ଶିବରାମ


@ ସସ୍ମିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାବୀର ଚାଲେଞ୍ଜ କପ୍ ଜିତିଲା ଏୟାରପୋର୍ଟ ଆସେସ୍ ଭୁବନେଶ୍ୱର

**ଟାଙ୍ଗୀ/ନିରାକାରପୁର,୩୧।୧୨**
**(ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ)**

ମହାବୀର ଚାଲେଞ୍ଜ କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଏୟାରପୋର୍ଟ ଆସେସ୍ ଭୁବନେଶ୍ୱର ଟିମ୍ ଚାମ୍ପିୟନ ହୋଇଛି। ମଙ୍ଗଳବାର ଫାଇନାଲ ମ୍ୟାଚ୍ ଓସ୍କାର ଏକାଦଶ ଭୁଷଣ୍ଡପୁର ଏବଂ ଏୟାରପୋର୍ଟ ଆସେସ୍ ଭୁବନେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଏୟାରପୋର୍ଟ ଆସେସ୍ ଟିମ୍ ୨୦ ଓଭରରେ ୧୯୬ ରନ ସଂଗ୍ରହ କରିଥିଲା। ଜବାବରେ ଓସ୍କାର ଏକାଦଶ ଟିମ୍ ୯.୫ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଏୟାରପୋର୍ଟ ଆସେସ୍ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଆନନ୍ଦ ଚନ୍ଦ୍ର ସାହୁ ଏବଂ ପୁଷ୍ପକ ରଥ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ କୈବର୍ତ୍ତ ଯୁବମଞ୍ଚ ଦିଲୀପ ବେହେରା, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୨୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମକୁ ୨୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏୟାରପୋର୍ଟ ଆସେସ୍ ଟିମ୍‌ର ଖେଳାଳି ଖୁସି ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ଓସ୍କାର ଏକାଦଶ ଟିମ୍‌ର ଖେଳାଳି ନାଗାର୍ଜୁନ ରଣା ମ୍ୟାନ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଗୌରହରି ମଲ୍ଲିକ, ପ୍ରଶାନ୍ତ ଦାସ, ରମେଶ ସାହୁ, ମନୋଜ ଜେନା, ମାନସ ରଞ୍ଜନ ମଲ୍ଲିକ, ମନୋଜ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।



**ସହର ଜଗିବେ ୧୪ ପ୍ଲାଟୁନ୍ ଫୋର୍ସ**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ନୂଆବର୍ଷରେ ବୁଧବାର ରାଜଧାନୀର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯିବ। ସେଗୁଡ଼ିକ ହେଲା ନନ୍ଦନକାନନ, ଧଉଳି, ଶ୍ରୀଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଡେରାସ ଡ୍ୟାମ ଓ ଝୁମୁକା ଡ୍ୟାମ। ଏଥିସହିତ ସହରର ନିକୋ ପାର୍କ, ଏକାମ୍ର ପାର୍କ, ବିଜୁ ପଟ୍ଟନାୟକ ପାର୍କ, ଇମ୍ଫା ପାର୍କ, ବଟାନିକାଲ ଗାର୍ଡେନ୍, ଆଇଜି ପାର୍କ, ଗୌତମ ବୁଦ୍ଧ ପାର୍କ ଆଦିରେ ମଧ୍ୟ ପୋଲିସ ଜଗିବେ। ଏଥିପାଇଁ ୧୪ ପ୍ଲାଟୁନ୍ ଫୋର୍ସ ସମେତ ଜଣେ ଇନ୍ସପେକ୍ଟର, ୪ ଏସ୍ଆଇ ଏବଂ ଏଏସ୍ଆଇ, ୨୬ ଏପିଆର, ୨୭ ମହିଳା କନଷ୍ଟେବଲଙ୍କୁ ମୁତୟନ ବ୍ୟବସ୍ଥା କରାଯାଇଛି।



## ନୂଆ ସମ୍ଭାବନା

### ରୋଗୀ ଖୁସିରେ ଫେରିବା ଆମର ପ୍ରାଥମିକତା



ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଆହୁରି ଉନ୍ନତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ରୋଗୀମାନେ ଯେପରି ସୁସ୍ଥ ହେବା ସହିତ ଖୁସିରେ ଘରକୁ ଫେରିବେ ତାହା ଆମର ପ୍ରାଥମିକତା ହେବ। ଏହି କ୍ରମରେ ସ୍ୱାସ୍ଥ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିସହ ବିଭିନ୍ନ ମେଡିକାଲରେ ବେଡ୍ ସଂଖ୍ୟା ବୃଦ୍ଧି, ବିଭିନ୍ନ ସରଞ୍ଜାମ ଆଦି ବୃଦ୍ଧି କରାଯିବ। ବିଭିନ୍ନ ୟୁପିଏଚ୍‌ସି, ଏଚ୍ଏସ୍‌ସିଗୁଡ଼ିକରେ ମଧ୍ୟ ବେଡ୍ ସଂଖ୍ୟା ବୃଦ୍ଧି କରିବା ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ।

**– ଡା. ବିଜୟ ମହାପାତ୍ର, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ**

### ପିଲାଙ୍କ ଶିକ୍ଷା, ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଅଧିକ ପ୍ରାଧାନ୍ୟ



ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ଓ ଶୁଭଙ୍କର ହେଉ। ରାଜ୍ୟର ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସୁରକ୍ଷା ପ୍ରତି ଶିଶୁ ସୁରକ୍ଷା ଆୟୋଗ ଆହୁରି ସୁଦୃଢ଼ ଭାବେ କାର୍ଯ୍ୟ କରିବ। ନୂଆବର୍ଷଠାରୁ ଆୟୋଗର ସମସ୍ତ କର୍ମଚାରୀ ପିଲାଙ୍କ ନିକଟତର ହେବାକୁ ଚେଷ୍ଟା କରିବେ। ପିଲାଙ୍କ ସୁରକ୍ଷା ଦିଗରେ ଆୟୋଗ ପକ୍ଷରୁ ବିଶେଷ ଧ୍ୟାନ ଦିଆଯିବ। ବସ୍ତିଠାରୁ ଆରମ୍ଭକରି ବ୍ଲକ ପର୍ଯ୍ୟନ୍ତ ପିଲାଙ୍କୁ ଅନ୍‌ଲାଇନ ଗେମ୍, ନିଶାସେବନ ଭଳି କାର୍ଯ୍ୟଠାରୁ ଦୂରେଇ ରହିବା ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ।

**–ମନ୍ଦାକିନୀ କର, ଅଧ୍ୟକ୍ଷା, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ**

### ନୂଆ ସଙ୍ଗୀତ ଭେଟିଦେବୁ



ମ୍ୟୁଜିକ୍‌ରେ ସବୁବେଳେ ନୂଆ ସମ୍ଭାବନା ରହିଛି। ମ୍ୟୁଜିକ୍ ଜଗତରେ ସର୍ବଦା କିଛି ନୂଆ ହିଁ ହୋଇଥାଏ। ୨୦୨୪ରେ ଯାହା ପରିବର୍ତ୍ତନ ହେବାର ଥିଲା, ତାହା ହୋଇଗଲା। ୨୦୨୫ରେ ନୂଆ ସମ୍ଭାବନା ସହିତ କିଛି ନୂଆ ରୂପରେ ସଙ୍ଗୀତ ଭେଟି ଦେବାକୁ ଚେଷ୍ଟା କରିବୁ। ୨୦୨୪ରେ ଯାହା ନ ହୋଇପାରିଛି, ତାହା ଏବର୍ଷ ହେବ। ଭଲ ଖବର ହେଉଛି, ବଲିଉଡ୍‌ରେ ମୋ' ନିର୍ଦ୍ଦେଶିତ ସଙ୍ଗୀତକୁ ନୂଆବର୍ଷରେ ଭେଟିଦେବାକୁ ଯାଉଛି। ମହାପ୍ରଭୁ ସମସ୍ତଙ୍କର ଭଲ କରିବେ। ମୁଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛି ଯେ, ନୂଆବର୍ଷରେ ସମସ୍ତଙ୍କ ମନ ଓ ସ୍ୱାସ୍ଥ୍ୟ ଭଲ ରହୁ।

**– ପ୍ରେମ ଆନନ୍ଦ, ସଙ୍ଗୀତ ନିର୍ଦ୍ଦେଶକ**

# ୨୦୦ ଆପରାଧିକ ମାମଲା, ୧୬୦ ସରକାରୀ ବାବୁ ଗିରଫ

ଭୁବନେଶ୍ୱର,୩୧।୧୨
(ସତ୍ୟଜିତ୍ ରାଉତ)

ସରକାରୀ ଅର୍ଥ ଆତ୍ମସାତ୍ ହେଉ କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସହ ଲାଞ୍ଚ ମାମଲା। ଦୁର୍ନୀତିଗ୍ରସ୍ତ ସରକାରୀ ବାବୁମାନେ ଭିଜିଲାନ୍ସ ଜାଲରେ ଫସିବା ପରେ ସେମାନଙ୍କ କଳାକାରନାମା ପଦାକୁ ଆସୁଛି। ୨୦୨୪ରେ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟ ୨୦୦ ଆପରାଧିକ ମାମଲା ରୁଜୁ କରିଥିବାବେଳେ ୧୮୧ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୧୬୦ ସରକାରୀ ବାବୁ ରହିଛନ୍ତି। ସେହିପରି ଭିଜିଲାନ୍ସ ଟିମ୍ ୪୮୩ ସ୍ଥାନରେ ଚଢ଼ାଉ କରିଥିବା ବେଳେ ମୋଟ୍ ୧୩୧ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛି। ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବାର୍ଷିକ

**ଭିଜିଲାନ୍ସର ବାର୍ଷିକ ରିପୋର୍ଟ-୨୦୨୪**

- ୧୩୧ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ
- ୫୦ କ୍ଲାସ୍-୧ ଅଫିସରଙ୍କ ନାଁରେ ମାମଲା
- ସହଅଭିଯୁକ୍ତ ଭାବେ ୩୮ଜଣଙ୍କ ସ୍ତ୍ରୀ ଫସିଛନ୍ତି

ରିପୋର୍ଟ-୨୦୨୪ରୁ ଏହା ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ, ୨୦୦ ଆପରାଧିକ ମାମଲା ମଧ୍ୟରୁ ୪୪ଟି ସରକାରୀ ଅର୍ଥ ଆତ୍ମସାତ ସଂକ୍ରାନ୍ତୀୟ ଦୁର୍ନୀତି ମାମଲା ରହିଥିବାବେଳେ ୬୦ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ୯୬ଟି ଲାଞ୍ଚ ମାମଲା ରହିଛି। ୩୦୮ଜଣ ବ୍ୟକ୍ତିଙ୍କ ବିରୋଧରେ ଏସବୁ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରେ ୫୦ କ୍ଲାସ୍-୧ ଅଫିସର, ୩୬ କ୍ଲାସ୍-୨ ଅଫିସର, ୧୩୧ ତୃତୀୟ ଶ୍ରେଣୀ କର୍ମଚାରୀ, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୧୮ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୭୨ ବେସରକାରୀ ବ୍ୟକ୍ତି ରହିଛନ୍ତି। ଗିରଫ ହୋଇଥିବା ୧୮୧ ଅଭିଯୁକ୍ତଙ୍କ ମଧ୍ୟରେ ୩୭ କ୍ଲାସ୍-୧ ଅଫିସର, ୨୭ କ୍ଲାସ୍-୨ ଅଫିସର, ୮୫ ତୃତୀୟ ଶ୍ରେଣୀ କର୍ମଚାରୀ, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୧୦ ଅନ୍ୟ ସରକାରୀ କର୍ମଚାରୀ ଓ ୨୧ ବେସରକାରୀ ବ୍ୟକ୍ତି ରହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୧୬ ଯନ୍ତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ବିଭିନ୍ନ ବିଭାଗର ୬ ମୁଖ୍ୟଯନ୍ତ୍ରୀ ରହିଛନ୍ତି। ୬୦ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୬୬ ସରକାରୀ କର୍ମଚାରୀ ଓ ୩୬ ବେସରକାରୀ ବ୍ୟକ୍ତି ରହିଛନ୍ତି। ତେବେ ଏସବୁ ମାମଲାରେ ୧୩୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବାବେଳେ ସହଅଭିଯୁକ୍ତ ଭାବେ ୩୮ଜଣଙ୍କ ସ୍ତ୍ରୀ ଫସିଛନ୍ତି। ସେହିଭଳି ମୋଟା ଅଙ୍କର ଟଙ୍କା ଧରି ଯାଉଥିବା ୫ ସରକାରୀ ବାବୁଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଜଣେ କ୍ଲାସ୍-୧ ଅଫିସର, ୨ କ୍ଲାସ୍-୨ ଅଫିସର, ଜଣେ କ୍ଲାସ୍-୩ ଅଫିସର ଏବଂ ଜଣେ ଅନ୍ୟ ସରକାରୀ କର୍ମଚାରୀ ରହିଛନ୍ତି। ଏଥିସହ ୯୬ ଲାଞ୍ଚ ମାମଲାରେ ୧୦୫ ସରକାରୀ କର୍ମଚାରୀ ଓ ୧୦ ବେସରକାରୀ ବ୍ୟକ୍ତି ଧରାପଡ଼ିଥିଲେ। ସରକାରୀ ଅର୍ଥ ଆତ୍ମସାତ୍ ସଂକ୍ରାନ୍ତୀୟ ୪୪ ମାମଲାରେ ୯୧ ଅଭିଯୁକ୍ତ ରହିଥିବାବେଳେ ଏମାନଙ୍କ ମଧ୍ୟରେ ୬୫ ସରକାରୀ କର୍ମଚାରୀ ଏବଂ ୨୬ ବେସରକାରୀ ବ୍ୟକ୍ତି ରହିଛନ୍ତି। ତଦନ୍ତ ବେଳେ ଭିଜିଲାନ୍ସ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ୭୯୨ଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଛି। ୨୦୨୪ରେ ୧୦୫ଟି ମାମଲାରେ ଦଣ୍ଡାଦେଶ ହୋଇଛି। ଏସବୁ ମାମଲାରେ ୧୪୭ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଏହିବର୍ଷ ୨୫ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବାବେଳେ ଦଣ୍ଡାଦେଶ ଆଧାରରେ ୬୫ଜଣ ଦୋଷୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନ୍‌ସନ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ୨୦୨୪ରେ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍ ପକ୍ଷରୁ ୧୦୧ ସ୍ଥାନରେ ଚଢ଼ାଉ କରାଯାଇ ୪.୮୨ କୋଟି ଟଙ୍କାର ସାମଗ୍ରୀ ଜବତ ସହ ୩୯ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

## କଳିଙ୍ଗ ଷ୍ଟୁଡିଓ ପରିସରରୁ ଚୋରି, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୩୧।୧୨(ସତ୍ୟଜିତ୍ ରାଉତ):** କଳିଙ୍ଗ ଷ୍ଟୁଡିଓ ପରିସରରୁ ଚୋରି ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ମଙ୍ଗଳବାର ଭରତପୁର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଧୀନ ଶାମପୁର ଅଞ୍ଚଳରେ ରହୁଥିବା ଖୋର୍ଦ୍ଧାର ବିଭୁ ପ୍ରସାଦ ପ୍ରଧାନ (୨୯)। ତାଙ୍କଠାରୁ ଚୋରି ଲୁହାରଡ୍ ଓ ଅନ୍ୟାନ୍ୟ ଉପକରଣ ଆଦିକୁ ପୋଲିସ ଜବତ କରିଛି। କୋର୍ଟଚାଲାଣ ପରେ ବିଭୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## 'ଓଡ଼ିଶା ସୀମା ଆଜି ଅସୁରକ୍ଷିତ'

### ଉତ୍କଳ ସମ୍ମିଳନୀର ୧୨୨ତମ ପ୍ରତିଷ୍ଠା ଦିବସ ପାଳିତ




**ଭୁବନେଶ୍ୱର, ୩୧।୧୨(ବନ୍ଦନା ସେଠୀ):** ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଯେଉଁ ଓଡ଼ିଶା ପରିବ୍ୟାପ୍ତ ଥିଲା, ତାକୁ ଆଜି ମହାନଦୀ ପାଣି ମିଳୁନାହିଁ। ତାହାର ସୀମା ଆଜି ଅସୁରକ୍ଷିତ। ସମସ୍ତେ ନିଷ୍ଠାର ସହିତ କାମ କଲେ ୨୦୩୬ରେ ଓଡ଼ିଶାର ଚିତ୍ର ନିଶ୍ଚୟ ବଦଳିବ ବୋଲି ମଙ୍ଗଳବାର ଉତ୍କଳ ସମ୍ମିଳନୀର ୧୨୨ତମ ପ୍ରତିଷ୍ଠା ଦିବସରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ କୃଷି ବୈଜ୍ଞାନିକ ନଟବର ଖୁଣ୍ଟିଆ କହିଛନ୍ତି। ରେଡକ୍ରସ୍ ଭବନରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ୧୨୨ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ଗାନ୍ଧୀବାଦୀ ପଦ୍ମଚରଣ ନାୟକ ଉଦ୍‌ଘାଟନ କରିଥିଲେ। ଜୟଭାରତ ଫାଉଣ୍ଡେଶନର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ଏଥିରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ସମାରୋହରେ ଅତିଥିମାନଙ୍କ ସହିତ ନବକିଶୋର ବେଉରାଙ୍କୁ ମଧୁବାବୁଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଡ. ଦ୍ୱାରିକାନାଥ ମହାନ୍ତି, ନିରଞ୍ଜନ ଦାଶ ଓ ନିମାଇଁ ଦାସ, ସମ୍ପାଦିକା ବୀଣାପାଣି ଚୌଧୁରୀ, ବାସନ୍ତୀ ତ୍ରିପାଠୀ, ମଞ୍ଚେଶ୍ୱର ଶାଖା ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ ଏବଂ ଅକ୍ଷୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷର ଶେଷଦିନରେ ନନ୍ଦନକାନନ ବୁଲିଲେ ୨୯ ହଜାର ପର୍ଯ୍ୟଟକ

ବାରଙ୍ଗ,୩୧।୧୨(ଲିଙ୍ଗରାଜରାଉତ)

୨୦୨୪କୁ ବିଦାୟ ଓ ନୂଆବର୍ଷକୁ ସ୍ୱାଗତ କରିବାକୁ ମଙ୍ଗଳବାର କିଏ ଭୋଜିଭାତରେ ମସ୍‌ଗୁଲ ଥିଲେ ତ ଆଉ କେହି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲି ମଜା ଉଠାଇଥିଲେ। ବର୍ଷର ଶେଷଦିନରେ ନନ୍ଦନକାନନରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ଏହି ଭିଡ଼କୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ବିଭିନ୍ନ ବ୍ୟବସ୍ଥା କରିଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ସହ ପ୍ରାଣୀ ଉଦ୍ୟାନର ବିଭିନ୍ନ ସମ୍ବେଦଶୀଳ ସ୍ଥାନରେ ନନ୍ଦନକାନନ ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ, ପକେଟ୍‌ମାର ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ସାଙ୍ଗକୁ ରାସ୍ତାକଡ଼ରେ ଗାଡ଼ି ରଖୁଥିବା ଅମାନିଆଙ୍କୁ ମନାଇବାକୁ ପୋଲିସକୁ ନୟାନ୍ତ ହେବାକୁ ପଡ଼ିଥିଲା। ଶେଷ ଦିନରେ ୨୯,୧୨୬ ଜଣ ପର୍ଯ୍ୟଟକ ନନ୍ଦନକାନନକୁ ଆସି ବିଭିନ୍ନ ଜୀବଜନ୍ତୁ ଦେଖିବା ସହ ରୋପ୍‌ୱେ, ଟଏ ଟ୍ରେନ, ସଫାରିର ମଜା ଉଠାଉ ଥିବାବେଳେ ବୋଟିଂ ବନ୍ଦ ରହିଥିବାରୁ କେତେଜଣ ପର୍ଯ୍ୟଟକ ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା। ନନ୍ଦନକାନନ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା ସହ ସିସିଟିଭି ମାଧ୍ୟମରେ ପର୍ଯ୍ୟଟକଙ୍କ ସୁବିଧା ଓ ଅସୁବିଧା ଉପରେ ଦୃଷ୍ଟି ଦିଆଯାଇଥିଲା। ଅନ୍ୟପଟେ ଚଳିତବର୍ଷ ବଟାନିକାଲ ଗାର୍ଡେନରେ ବଣଭୋଜି ବନ୍ଦ ରହିଥିବାରୁ ଭୋଜିଭାତର ମଜା ଉଠାଇ ନ ପାରି ବହୁ ପର୍ଯ୍ୟଟକ ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା।

## ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ପାଇଁ ଆହ୍ୱାନ

ଭୁବନେଶ୍ୱର, ୩୧।୧୨
(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ମଙ୍ଗଳବାର ଶାସ୍ତ୍ରୀନଗର ଉନ୍ନୟନ କମିଟି ସଭା ଗୃହରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେଇ ବିଂଶ ଶତାବ୍ଦୀରେ ଭାଷାଭିତ୍ତିକ ପ୍ରଦେଶ ଗଠନ ଓ ଏକବିଂଶ ଶତାବ୍ଦୀରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନରେ ଉତ୍କଳ ସମ୍ମିଳନୀର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ପ୍ରଫେସର ଅମିୟ ପଟ୍ଟନାୟକ ଓ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର କରାଯାଇ ବିଶ୍ୱର ଦଶଟି ବହୁଳ ବ୍ୟବହୃତ ଭାଷାରେ ପରିଗଣିତ କରାଯାଉ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମଧୁସୂଦନ ଦାସ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ସମ୍ମିଳନୀର ସଦସ୍ୟମାନେ ମାଲ୍ୟାର୍ପଣ କରିଥିଲେ। ମଧୁବାବୁଙ୍କ ବିଷୟରେ ୪୦-୫୦ ପୃଷ୍ଠାର ପୁସ୍ତକ ପ୍ରକାଶ କରି ସ୍କୁଲ ପିଲାଙ୍କୁ ବଣ୍ଟନ ନେଇ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦ୍ରୀୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ମିଶ୍ର ସଭା ପରିଚାଳନା କରିଥିଲେ। ଶାଖା ସମ୍ପାଦକ ଅଶୋକ ବେହେରା ଧନ୍ୟବାଦ ଦେଇଥିଲେ।


**CEE FOR RECT IN TA FOR RECT RALLY AT PITHORAGARH (UK) 2024**

Common Entrance Exam (CEE) for Run Pass and Medically Fit candidates of TA Recruitment Rally, Pithoragarh (UK) 2024 will be held at **Dogra Regimental Centre, Ayodhya Cantt (UP)** on **12 Jan 2025** from **10:00 AM to 12:00 PM**. Candidates to report by **06:30 AM** at **Exam Centre on 12 Jan 2025** with all required documents for checking of documents and biometric verification.

**NOTICE**
**CHANGE OF NAME**

I, LAXMIPRIYA SWAIN, aged about 40 years, W/o. DILLIP KUMAR JENA, have changed my surname from 'SWAIN' to 'JENA' vide Affidavit dated 20.12.2024 sworn before the Executive Magistrate, Bhubaneswar. I shall, henceforth be known as LAXMIPRIYA JENA instead of LAXMIPRIYA SWAIN for all purposes.

**ୟୁକୋ ବ୍ୟାଙ୍କ UCO BANK**
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust

**ଆଞ୍ଚଳିକ କାର୍ଯ୍ୟାଳୟ:** ବାଲେଶ୍ୱର, ଓଟି ରୋଡ୍, ପୋଲିସ୍ ଲାଇନ୍ ଛକ ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ**

**ୟୁକୋ ବ୍ୟାଙ୍କ,** ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । **ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର, ସା: ଓ.ଟି. ରୋଡ଼, ପୋଲିସ୍ ଲାଇନ୍, ଛକ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧** ଠାରେ ଦରଖାସ୍ତ **ତା୦୭.୦୧.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **zobalasore.rec@ucobank.co.in / zo.balasore@ucobank.co.in**କୁ ମେଲ୍ କରନ୍ତୁ ।

ତାରିଖ: ୩୧.୧୨.୨୦୨୪ ଆଞ୍ଚଳିକ ପ୍ରବନ୍ଧକ, ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन पुर्न ई–निविदा आमंत्रण
सूचना संख्या – 05RI/2024–25/EE/RWD/DALTONGANJ
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है
दिनांक–30.12.2024

1. कार्य का नाम :

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGAN J /15/2024-25 | सोरडीहा मेन रोड से केतात मंदिर पथ तक पथ निर्माण । 2.80कि0मी0 | 308.214 | तीन करोड़ आठ लाख एक्कीस हजार चार सौ रू0 मात्र | 12 माह | द्वितीय |

2.बेवसाईट में निविदा प्रकाशन की तिथि : 04.01.2025
3.ई–निविदा प्राप्ति की अंतिम तिथि एवं समय : 18.01.2025 up to 5.00 PM
4.निविदा खोलने की तिथि एवं समय 20.01.2025 पूर्वाह्न 3.30 बजे
5.निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6.ई–निविदा प्रकोष्ठ का दूरभाष सं0 –06562357595
विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 343266 (Rural Development)24-25*D

**ODISHA PUBLIC SERVICE COMMISSION**
**NOTICE**

No.D-
No.7645/PSC, Dt.31.12.2024
(1R-25-2024-25, DR-V)

| | |
|---|---|
| I. | 2nd Corrigendum |
| II. | Advertisement No-35 of 2023-24 |
| III. | Assistant Professors in Govt. Engineering Colleges |

**Recruitment to the posts of Assistant Professors in different disciplines (Group-A) in Indira Gandhi Institute of Technology, Sarang, Parala Maharaja Engineering College, Berhampur & Govt. College of Engineering, Keonjhar under Skill Development and Technical Education Department.**

Pursuant to Letter No.10969/SDTE, dtd.31.12.2024 of Skill Development & Technical Education Department of the Government of Odisha, the following changes are made in the Advertisement No.35 of 2023-24.

1. **The heading of the Advertisement may be read as;**
   "Recruitment to the posts of Assistant Professors in different disciplines (Group-A) of Government Engineering Colleges under Skill Development and Technical Education Department".
2. **After the words "for recruitment to" at the 5th line of the 1st paragraph, the words "75 (seventy five) posts" may be included instead of the word "65(sixty five) posts".**
3. **Further, at 8th line of 1st paragraph, the words " and Government College of Engineering, Kalahandi" may be included after the words "Government College of Engineering, Keonjhar".**
4. **The revised vacancy position is as follows:-**

| Sl. No. | Subject | Total | ST | SC | SEBC | UR |
|---|---|---|---|---|---|---|
| 1. | Civil Engineering | 13(4-W) | 8 (3-W) | 1 | 1 | 3(1-W) |
| 2. | Electrical Engineering | 10(3-W) | 5 (2-W) | 0 | 1 | 4(1-W) |
| 3. | Mechanical Engineering | 4(1-W) | 2(1-W) | 1 | 0 | 1 |
| 4. | Chemical Engineering | 1 | 0 | 0 | 0 | 1 |
| 5. | Metallurgical & Material Engineering | 10(3-W) | 3 (1-W) | 0 | 1 | 6 (2-W) |
| 6 | Production Engineering | 2 | 1 | 0 | 0 | 1 |
| 7. | Physics | 5 (1-W) | 1 | 0 | 0 | 4 (1-W) |
| 8. | Chemistry | 6(2-W) | 2(1-W) | 1 | 0 | 3(1-W) |
| 9. | English | 4(1-W) | 1 | 0 | 0 | 3(1-W) |
| 10. | Mathematics | 8(3-W) | 2(1-W) | 2(1-W) | 0 | 4(1-W) |
| 11. | Management | 2(1-W) | 0 | 0 | 0 | 2(1-W) |
| 12. | Economics | 3(1-W) | 0 | 0 | 0 | 3(1-W) |
| 13. | Automobile Engineering | 2(1-W) | 0 | 0 | 0 | 2(1-W) |
| 14. | Computer Science & Engineering | 4(1 -W) | 1 | 1 | 0 | 2(1 -W) |
| 15. | Mining Engineering | 1 | 1 | 0 | 0 | 0 |
| | Total | 75 (22-W) | 27(9-W) | 6(1-W) | 3 | 39(12-W) |

In view of the above, the Commission has been pleased to open the link for online application & submission for candidates from **18.01.2025 to 18.02.2025 [Note-: 18.02.2025** is the last date/ closing date for submission of Registered online Application.]

**Those candidates who have applied earlier in response to the Advt. No.35 of 2023-24 and whose applications have not been rejected vide Notice No-4519/PSC, dt. 14.08.2024, for the aforesaid Advertisement, need not apply afresh**

All other terms and conditions of the Advt. No.35 of 2023-24 remain unchanged.

OIPR- **Sd./- Secretary**

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/24-25/E-Tender/93, ତା.26.12.2024ରିଖ

(1) ଟେଣ୍ଡର ସଂ. e-TenderBRIDGKUR-262-24,ତା.17.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଜରୋଲି (JRLI) - ଟମକା (TMKA) ସେକ୍ସନ ଅଧୀନସ୍ଥ ରୋଡ୍ ଅଣ୍ଡର ବ୍ରିଜ୍(ROBs) ଗୁଡ଼ିକରେ ସୁରକ୍ଷାତ୍ମକ ପୃଷ୍ଠଭାଗ କୋଟିଙ୍ଗର ଉପଯୋଗ ଏବଂ ପୋଲ ଗୁଡ଼ିକରେ ତ୍ରୁଟିପୂର୍ଣ୍ଣ ଇଲାଷ୍ଟୋମେରିକ୍ ବିୟରିଙ୍ଗ୍ ଗୁଡ଼ିକର ସ୍ଥାନାନ୍ତରଣ, ଗର୍ଡର ପୋଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତାବିତ ଫିକ୍ସିଙ୍ଗ୍ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 228.52 ଲକ୍ଷ, **EMD (₹) : 2,64,300.00 ।**

(2) ଟେଣ୍ଡର ସଂ. eTender-HQ-KUR-270-2024, ତା.17.12.2024ରିଖ

**ବିବରଣୀ :** ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ (KUR)-ବଲାଙ୍ଗୀର (BLGR) ସେକ୍ସନର ଖୋର୍ଦ୍ଧା ରୋଡ୍ (KUR) ଠାରୁ ବୋଲଗଡ଼ (BORT) ଷ୍ଟେସନ ପର୍ଯ୍ୟନ୍ତ ପୋଲଗୁଡ଼ିକର ସମ୍ ଆପ୍ରୋନ, ୱିଙ୍ଗ୍ ୱାଲ, ରିଟର୍ଣ୍ଣ ୱାଲ, ଡ୍ରପ୍ ୱାଲ, ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ଡିସିଲ୍‌ଟିଙ୍ଗ୍ ଡ୍ରେନ୍, ଜଙ୍ଗଲ ସଫେଇ, ଇପୋସି ପ୍ଲାଷ୍ଟର, ଷ୍ଟୋନ ପିଚିଙ୍ଗ୍ ଇତ୍ୟାଦି ନିମନ୍ତେ ପ୍ରସ୍ତାବିତ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 135.11 ଲକ୍ଷ, **EMD (₹) : 2,17,600.00 ।**

(3) ଟେଣ୍ଡର ସଂ. etendernorthkur-272-2024, ତା.18.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଯାଜପୁର କେନ୍ଦୁଝର ରୋଡ୍ ଅଧୀନସ୍ଥ J-D ଲାଇନରେ କି.ମି.180.00 ଠାରୁ କି.ମି.147.00 ପର୍ଯ୍ୟନ୍ତ ଏବଂ ଯାଜପୁର କେନ୍ଦୁଝର ରୋଡ୍-ଜେନାପୁର ଷ୍ଟେସନ ମଧ୍ୟରେ କି.ମି.334.74 ଠାରୁ କି.ମି.353.80 ପର୍ଯ୍ୟନ୍ତ 30.09.2025 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 163.18 ଲକ୍ଷ, **EMD (₹) : 2,31,600.00 ।**

(4) ଟେଣ୍ଡର ସଂ. etendersouthkur-271-2024, ତା.16.12.2024ରିଖ

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ(BALU) ଅଧୀନସ୍ଥ ଶୌଚାଳୟ, ଫେନ୍ସିଙ୍ଗ୍, ଗଭୀର ନଳକୂପ ଏବଂ ହାଇଟ୍ ଗେଜ୍ ଇତ୍ୟାଦି ସହିତ ଲେଭେଲ କ୍ରସିଙ୍ଗ୍ ପ୍ରବେଶ ପଥ ପୃଷ୍ଠଭାଗ, ଲେଭେଲ କ୍ରସିଙ୍ଗ୍ ଗୁମଟିର ପ୍ରସ୍ତାବିତ ବିବିଧ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 99.93 ଲକ୍ଷ, **EMD (₹) : 1,99,900.00 ।**

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.2 ପାଇଁ) ଏବଂ 08(ଆଠ) ମାସ (କ୍ରମ ସଂ.3 ଏବଂ 4 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.01.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ୍

PR-848/P/24-25

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, KORBA (C.G.)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
**(SECOND CALL)**

**NIT No.:06/SAC/24-25** **Dated: 30.12.2024**

Online tenders are invited for the following works upto 16.01.2025 at 17.30 hour.
Name of Work -
(System Tender No. 163548) : Construction of Tendubhatha Anicut on Gajar Nalla.
Probable Amount of Contract : Rs.275.67 Lakhs
(Note: Tender Invited As per SOR of August 2022)
The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in)** from **Date 06.01.2025 at 17.31 hours. (IST) onwards**.

**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.

Sd./- Executive Engineer
Water Resources Division
Korba (C.G.)

G-242504965/4

**PANCHASAKHA SHIKHYA SETU**
**(Erstwhile Mo School Abhiyan Parichalana Sangathan)**
**A-1 Block, 6th Floor, Toshali Bhawan,**
**Satya Nagar, Bhubaneswar, Odisha - 751007**
**REQUEST FOR PROPOSAL (RFP)**

**RFP No. 771/PSS/24** **Date: 30.12.24**

No. n-180: Sealed quotations are invited for the selection of agency for providing Human Resource Services of Professionals for Project Monitoring Unit of Panchasakha Shikhya Setu (Erstwhile Mo School Abhiyan Parichalana Sangathan), A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is **23.01.2025** before **06.00 P.M.** For more details, please visit **www.moschool.in**.

OIPR-27178/11/0008/2425

## ସଂକ୍ଷେପରେ

### ତାଳଚାରା ରୋପଣକୁ ଗୁରୁତ୍ୱ

ବାଙ୍କୀ,୩୧।୧୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ପରିବେଶ ସୁରକ୍ଷା ସମିତି ଆନୁକୂଲ୍ୟରେ ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ଆଙ୍କୁଲା ଟାଙ୍ଗିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ଆବାହକ ଦୀପକ କୁମାର ସାମନ୍ତରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପରିବେଶବିତ୍ ତଥା ପ୍ରକୃତି ବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ବଜ୍ରପାତ ମାନବ ସମାଜକୁ ବିପଦରେ ପକାଉଛି। ଏନେଇ ତାଳଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ବର୍ଷରେ ଅନୁଷ୍ଠାନ ତରଫରୁ ବାଙ୍କୀର ବିଭିନ୍ନ ସ୍ଥାନରେ ତାଳ ଚାରା ରୋପଣ ପାଇଁ ପ୍ରକୃତିବନ୍ଧୁ ପ୍ରସନ୍ନ କୁମାର ସାହୁ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ସ୍ଥାନୀୟ ଯୁବସାମାଜିକ କର୍ମୀ ଧନଞ୍ଜୟ ମହାପାତ୍ର, କବି ଲଲାଟେନ୍ଦୁ ପଣ୍ଡା, ଦିଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ତାଳଚାରା ରୋପଣ ଉପରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ।

# ଚାଷୀଙ୍କ ପାଇଁ ସରକାର, ପ୍ରଶାସନ ସମ୍ବେଦନଶୀଳ ହୁଅନ୍ତୁ

ଆଠଗଡ,୩୧।୧୨(ସତ୍ୟ ପ୍ରସାଦ ରଥ)

ରାଜ୍ୟରେ ଧାନ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହୋଇଛି। ଅଦିନିଆ ବର୍ଷା ପରେ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ପ୍ରଦାନ ପାଇଁ ସରକାର ସ୍ୱଷ୍ଟତା ଦେଉନାହାନ୍ତି। ଏଥିପାଇଁ ଚାଷୀମାନେ ବିଭ୍ରାନ୍ତ ହେଉଛନ୍ତି ବୋଲି ଆଠଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଚଳିତ ଖରିଫ ଋତୁରେ ଚାଷୀମାନଙ୍କ ପାଖରୁ ବଳକା ଧାନ କିଣାରେ ସରକାର ଓ ପ୍ରଶାସନ ସମ୍ବେଦନଶୀଳ ହେବା ଉଚିତ ବୋଲି ବିଧାୟକ ସ୍ୱାଇଁ ଆହ୍ୱାନ ଦେଇଛନ୍ତି। ୨୦୨୩ରେ ଆଠଗଡ ବ୍ଲକ ଏନ୍‌ଏସି ଓ ଟିଗିରିଆ ବ୍ଲକରେ ୩୫ଟି ସେବା ସମବାୟ ସମିତରେ ୪୧ ମଣ୍ଡିରେ ସରକାରଙ୍କ ତରଫରୁ ଧାନ କିଣା ଯାଇଥିଲା। ଏହି ସମବାୟ ମଧ୍ୟରେ ମୋଟରେ ୧୦,୪୪୯ଜଣ ଚାଷୀ ନାମ ପଞ୍ଜୀକରଣ




ସମୀକ୍ଷା ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ପ୍ରଶାସନିକ ଅଧିକାରୀମାନେ।

କରିଥିଲେ। ସେମାନଙ୍କ ମଧ୍ୟରୁ ଆଠଗଡ ବ୍ଲକ, ଏନ୍‌ଏସିରେ ୬୫୦୭ ଜଣ ଓ ଟିଗିରିଆ ବ୍ଲକରେ ୧୯୧୬ ଜଣ ଚାଷୀ ଧାନ କ୍ରୟ କରିଥିଲେ। ମାତ୍ର ଚଳିତ ବର୍ଷ ସରକାରଙ୍କ ଉଦାସୀନତା ଯୋଗୁ କେବଳ ୯୫୬୭ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଫଳରେ ପ୍ରାୟ ୧୦୦୦ ଚାଷୀ ନାମ ପଞ୍ଜୀକୃତ କରିପାରିନାହାନ୍ତି ବୋଲି ବୈଠକରେ ବିଧାୟକ ସ୍ୱାଇଁ କହିଥିଲେ। ଚାଷୀ ସମସ୍ତ ସହାୟତା ଯୋଗାଇ ଦେବାପାଇଁ ଉପସ୍ଥିତ ସରକାରୀ ପଦାଧିକାରୀ, କର୍ମଚାରୀ ଓ

**ଧାନମଣ୍ଡି, ଅଦିନିଆ ବର୍ଷା ଜନିତକ୍ଷୟକ୍ଷତିର ସମୀକ୍ଷା**

ବିଭିନ୍ନ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ, ସମବାୟ ସେବାସମିତିର ସଭାପତି, ସମ୍ପାଦକମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ନରସିଂହପୁର ବଜାର କମିଟି ସଂଯୋଜନାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଆଠଗଡ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ବଜେନ୍ଦ୍ର କୁମାର ମହାନ୍ତି, ଆଠଗଡ ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ, ଆଠଗଡ ଓ ଟିଗିରିଆ ବିଡିଓ ଯଥାକ୍ରମେ ଆକାଶ କୁମାର ପଣ୍ଡା, ପ୍ରଣବ କୁମାର ବେହେରା, ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡା, ଆଠଗଡ ସହକାରୀ ତହସିଲଦାର ସମରେନ୍ଦ୍ର ଭଞ୍ଜ, ଅଶୋକ କୁମାର ସ୍ୱାଇଁ, ବ୍ଲକ କୃଷି ଅଧିକାରୀ ପ୍ରିୟନାଥ ପାତ୍ର, ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମ ନାରାୟଣ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# ଫସଲ କ୍ଷୟକ୍ଷତିର କ୍ଷତିପୂରଣ ଦାବିରେ ବିଜେଡିର ବିକ୍ଷୋଭ

ମାହାଙ୍ଗା,୩୧।୧୨(ଯଯାତି ସିଂହ)

ମାହାଙ୍ଗା ତହସିଲ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷାରେ ଚାଷୀଙ୍କର ଧାନ,ପରିବା ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ଏ ନେଇ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ସେହିପରି ଋଣ ଗ୍ରସ୍ତ ଏବଂ ବର୍ଷକର ଆହାର ଚାଷୀଙ୍କ ଆଖି ଆଗରେ ନଷ୍ଟ ହୋଇଯାଉଥିବାରୁ ଚାଷୀ ଚିନ୍ତାରେ ରହିଛନ୍ତି। ଏନେଇ ଓଡ଼ିଶାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ ଓ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏବଂ ଜନପ୍ରତିନିଧିମାନେ ଅଳିଯୋଡା ପେଟ୍ରୋଲ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ସୁଶାନ୍ତ ମିଶ୍ରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ବିକ୍ଷୋଭବେଳେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋରଚନ୍ଦ୍ର ସିଂହ,କଟକ ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ରିଆଜୁଲ ହୋଦା, ପୂର୍ବତନ ଜିଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ଛାତ୍ରନେତା ତ୍ରିନାଥ




ଟାଙ୍ଗିଠାରୁ ଏକ ଶୋଭାଯାତ୍ରାରେ ଆସି ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହ ପଚାଧାନ ବିଡା ହାତରେ ଧରି ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଧାନ ଓ ପରିବା ଚାଷୀଙ୍କୁ ଚିହ୍ନଟ କରି ତୁରନ୍ତ ସହାୟତା ଯୋଗାଇ ଦେବାସହ ମଣ୍ଡିରେ ଧାନ ବିକ୍ରି ପାଇଁ ଧାନର ମାନ ଚାଷୀଙ୍କୁ ସୁହାଇଲା ଭଳି ମାର୍ଗଦର୍ଶିକା ଜାରି କରିବା ଏବଂ ବିନା ପଞ୍ଜୀକରଣରେ ସମସ୍ତ ଚାଷୀ, ଭାଗଚାଷୀ ଓ କ୍ଷୁଦ୍ର ଚାଷୀମାନଙ୍କୁ ସହାୟତା ପାଇଁ ନିୟମ କରିବାକୁ ସେମାନେ ଦାବି କରିଥିଲେ। ଏହାପରେ ଜେନା, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ହିତେଶ ରାଉତ,ଜୋନ ସଭାପତି ନିରଞ୍ଜନ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ତହସିଲଦାର ସୁଶାନ୍ତ ମିଶ୍ର କହିଛନ୍ତି କ୍ଷୟକ୍ଷତି ଆକଳନ କାର୍ଯ୍ୟ ଚାଲୁରହିଛି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ନିୟମ ଅନୁଯାୟୀ ସହାୟତ ଦିଆଯିବ ।

# ସାତ ପୁସ୍ତକ ଲୋକାର୍ପଣ

**ସଚେତନ ସାହିତ୍ୟ ସଂସଦର ତୃତୀୟ ବାର୍ଷିକ ଉତ୍ସବ**

ମାହାଙ୍ଗା, ୩୧।୧୨ (ଯଯାତି ସିଂହ): ସଚେତନ ସାହିତ୍ୟ ସଂସଦର ତୃତୀୟ ବାର୍ଷିକ ଉତ୍ସବ ମାହାଙ୍ଗା ଇଟାମୁଣ୍ଡଳୀ ସ୍ଥିତ ମା' ବୁଢୀ ଜାଗୁଳାଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ବିରୁପାକ୍ଷ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୋକସାହିତ୍ୟ ଡ. ଅଜୟ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ରେଙ୍ଗାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ଯୋଶୀ, ଖାନନଗର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭାଗବତ ପ୍ରଧାନ, ଶିକ୍ଷାବିତ୍ ନରେନ୍ଦ୍ରନାଥ ଶତପଥୀ, ପ୍ରାକ୍ତନ ମହାପ୍ରବନ୍ଧକ ଚୌଧୁରୀ ନିରୋଦ ଚନ୍ଦ୍ର ଦାସ, ସୁରେଶ ଚନ୍ଦ୍ର ମହାପାତ୍ର, ପୁଷ୍ପଗିରି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପୀତାମ୍ବର ମିଶ୍ର ସମ୍ମାନିତ ବକ୍ତା ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାରଦା ପ୍ରସାଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଡ. ଅଭୟ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶରତଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ୍ ଭାଗବତ ପ୍ରଧାନଙ୍କ ଦ୍ୱାରା ରଚିତ ପଦ୍ୟ ପଙ୍କଜ, ଶିକ୍ଷା ଓ ଶିକ୍ଷକ, ଓଡ଼ିଆ ବର୍ଣ୍ଣ ପରିଚୟ ଓ କବି ରାମଚନ୍ଦ୍ର ସାହୁଙ୍କ ରଚିତ ପ୍ରେମର ଅନ୍ତରାଳେ, ମନ୍ଥରା ଓ ଶଙ୍କୁନି ସମେତ ୭ ପୁସ୍ତକ ଲୋକାର୍ପଣ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ନାମ କରିଥିବା କବିମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ନବୀନ

ସାଲେପୁର,୩୧।୧୨(ଅରବିନ୍ଦ ଭୂୟାଁ):

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ମଙ୍ଗଳବାର ଅପରାହ୍ଣରେ ସାଲେପୁରର କଟରପା ଅଞ୍ଚଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଭେଟି ସେମାନଙ୍କ ସମସ୍ୟା ଶୁଣିଛନ୍ତି। ସେ ଅଦିନିଆ ବର୍ଷାରେ ଉଜୁଡି ଯାଇଥିବା ଧାନ ଖେତଗୁଡ଼ିକୁ ଯାଇ ବୁଲିଦେଖିବା ସହ ଗିରିଧାରୀ ସାହୁ, ମୁରଲୀଧର ବେହେରା ଓ ପ୍ରଶାନ୍ତ କୁମାର ପରିଜାଙ୍କ ସହ ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଧାନଫସଲ ଓ ପନିପରିବା ଫସଲ ସମ୍ପର୍କରେ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାପାଇଁ ସରକାରଙ୍କ ଉପରେ ଚାପ ପକାଇବା ସହ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ନବୀନ କହିଥିଲେ। ତାଙ୍କର ଏହି ଗସ୍ତ ସମୟରେ ବିଧାୟକ ପ୍ରଶାନ୍ତ ବେହେରା, ତହସିଲଦାର ଜୟନ୍ତ କୁମାର ଜୟସିଂହ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରାଜ୍ୟସଭା ସଦସ୍ୟ ଦେବାଷିଶ ସାମନ୍ତରାୟ, ବିଧାୟକ ସୌଭିକ ବିଶ୍ୱାଳ,ଦେବୀରଞ୍ଜନ ତ୍ରିପାଠୀ ଓ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**CEE FOR RECT IN TA FOR RECT RALLY AT PITHORAGARH (UK) 2024**

Common Entrance Exam (CEE) for Run Pass and Medically Fit candidates of TA Recruitment Rally, Pithoragarh (UK) 2024 will be held at **Dogra Regimental Centre, Ayodhya Cantt (UP)** on **12 Jan 2025** from **10:00 AM to 12:00 PM**. Candidates to report by **06:30 AM** at **Exam Centre on 12 Jan 2025** with all required documents for checking of documents and biometric verification.

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन पुर्न ई–निविदा आमंत्रण
सूचना संख्या – 05RI/2024–25/EE/RWD/DALTONGANJ
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है
दिनांक–30.12.2024

1. कार्य का नाम :

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGANJ /15/2024-25 | सोरडीहा मेन रोड से केतात मंदिर पथ तक पथ निर्माण । 2.80कि0मी0 | 308.214 | तीन करोड़ आठ लाख एक्कीस हजार चार सौ रू0 मात्र | 12 माह | द्वितीय |

2.बेवसाईट में निविदा प्रकाशन की तिथि : 04.01.2025
3.ई–निविदा प्राप्ति की अंतिम तिथि एवं समय : 18.01.2025 up to 5.00 PM
4.निविदा खोलने की तिथि एवं समय 20.01.2025 पूर्वाह्न 3.30 बजे
5.निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6.ई–निविदा प्रकोष्ठ का दूरभाष सं0 –06562357595
विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 343266 (Rural Development)24-25*D

## ସିଆରପିଙ୍କ ୨ ଦିନିଆ ପ୍ରଶିକ୍ଷଣ ଉଦ୍‌ଯାପିତ

**ଟିଗିରିଆ, ୩୧।୧୨( ଜାଫର ଖାଁ ) :** ଟିଗିରିଆ ବ୍ଲକରେ କାର୍ଯ୍ୟରତ ସିଆରପିଙ୍କୁ ନେଇ ଖାଦ୍ୟ, ପୃଷ୍ଟି, ସ୍ୱାସ୍ଥ୍ୟ, ଓ ସ୍ୱଚ୍ଛତା ଉପରେ ଏକ ୨ ଦିନିଆ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ଟିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁର ବେଗମ ସୋମବାର ଉଦ୍‌ଘାଟନ କରିଥିଲେ। ବ୍ଲକ ଅଞ୍ଚଳରେ ଥିବା କିଶୋରୀ, ବାଳିକା, ଗର୍ଭବତୀ, ନବ ବିବାହିତା, ୦ ରୁ ୨ ବର୍ଷ ହୋଇଥିବା ଶିଶୁଙ୍କ ମା'ଙ୍କୁ ସୁଷମ ଖାଦ୍ୟ, ପୃଷ୍ଟି, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ସିଆରପିଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଉକ୍ତ ଶିବିରରେ ଟିଗିରିଆ ବ୍ଲକ ବିପିଏମ୍ ପ୍ରଦୀପ କୁମାର ସିଂ, ବିଏଲସି ଧର୍ମରାଜ ଜେନା, ବିଶ୍ୱଜିତ ସାହୁ, ମଞ୍ଜୁଳା ସାମଲ, ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣରେ ସହଯୋଗ କରିଥିଲେ।

**NOTICE**
**CHANGE OF NAME**

I, LAXMIPRIYA SWAIN, aged about 40 years, W/o. DILLIP KUMAR JENA, have changed my surname from 'SWAIN' to 'JENA' vide Affidavit dated 20.12.2024 sworn before the Executive Magistrate, Bhubaneswar. I shall, henceforth be known as LAXMIPRIYA JENA instead of LAXMIPRIYA SWAIN for all purposes.

**ୟୁକୋ ବ୍ୟାଙ୍କ UCO BANK**
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust

ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର, ଓଟି ରୋଡ୍, ପୋଲିସ୍ ଲାଇନ୍ ଛକ ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ**

**ୟୁକୋ ବ୍ୟାଙ୍କ,** ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । **ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର, ସା: ଓ.ଟି. ରୋଡ଼, ପୋଲିସ୍ ଲାଇନ୍, ଛକ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧** ଠାରେ ଦରଖାସ୍ତ **ତା୦୭.୦୧.୨୦୨୫ ରିଖ ଅପରାହ୍ଣ ୫.୦୦ ଘଣ୍ଟିକା** ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **zobalasore.rec@ucobank.co.in / zo.balasore@ucobank.co.in**କୁ ମେଲ୍ କରନ୍ତୁ ।

ତାରିଖ: ୩୧.୧୨.୨୦୨୪ ଆଞ୍ଚଳିକ ପ୍ରବନ୍ଧକ, ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର

**ODISHA PUBLIC SERVICE COMMISSION**
**NOTICE**

No.D- No.7645/PSC, Dt.31.12.2024
(1R-25-2024-25, DR-V)

| | |
|---|---|
| I. | 2nd Corrigendum |
| II. | Advertisement No-35 of 2023-24 |
| III. | Assistant Professors in Govt. Engineering Colleges |

**Recruitment to the posts of Assistant Professors in different disciplines (Group-A) in Indira Gandhi Institute of Technology, Sarang, Parala Maharaja Engineering College, Berhampur & Govt. College of Engineering, Keonjhar under Skill Development and Technical Education Department.**

Pursuant to Letter No.10969/SDTE, dtd.31.12.2024 of Skill Development & Technical Education Department of the Government of Odisha, the following changes are made in the Advertisement No.35 of 2023-24.

1. **The heading of the Advertisement may be read as:**
"Recruitment to the posts of Assistant Professors in different disciplines (Group-A) of Government Engineering Colleges under Skill Development and Technical Education Department".
2. **After the words "for recruitment to" at the 5th line of the 1st paragraph, the words "75 (seventy five) posts" may be included instead of the word "65(sixty five) posts".**
3. **Further, at 8th line of 1st paragraph, the words " and Government College of Engineering, Kalahandi" may be included after the words "Government College of Engineering, Keonjhar".**
4. **The revised vacancy position is as follows:-**

| Sl. No. | Subject | Total | ST | SC | SEBC | UR |
|---|---|---|---|---|---|---|
| 1. | **Civil Engineering** | **13(4-W)** | **8 (3-W)** | **1** | **1** | **3(1-W)** |
| 2. | **Electrical Engineering** | **10(3-W)** | **5 (2-W)** | **0** | **1** | **4(1-W)** |
| 3. | **Mechanical Engineering** | **4(1-W)** | **2(1-W)** | **1** | **0** | **1** |
| 4. | Chemical Engineering | 1 | 0 | 0 | 0 | 1 |
| 5. | Metallurgical & Material Engineering | 10(3-W) | 3 (1-W) | 0 | 1 | 6 (2-W) |
| 6 | Production Engineering | 2 | 1 | 0 | 0 | 1 |
| 7. | **Physics** | **5 (1-W)** | **1** | **0** | **0** | **4 (1-W)** |
| 8. | **Chemistry** | **6(2-W)** | **2(1-W)** | **1** | **0** | **3(1-W)** |
| 9. | English | 4(1-W) | 1 | 0 | 0 | 3(1-W) |
| 10. | **Mathematics** | **8(3-W)** | **2(1-W)** | **2(1-W)** | **0** | **4(1-W)** |
| 11. | Management | 2(1-W) | 0 | 0 | 0 | 2(1-W) |
| 12. | Economics | 3(1-W) | 0 | 0 | 0 | 3(1-W) |
| 13. | Automobile Engineering | 2(1-W) | 0 | 0 | 0 | 2(1-W) |
| 14. | Computer Science & Engineering | 4(1 -W) | 1 | 1 | 0 | 2(1 -W) |
| 15. | Mining Engineering | 1 | 1 | 0 | 0 | 0 |
| | **Total** | **75 (22-W)** | **27(9-W)** | **6(1-W)** | **3** | **39(12-W)** |

In view of the above, the Commission has been pleased to open the link for online application & submission for candidates from **18.01.2025 to 18.02.2025 [Note-: 18.02.2025** is the last date/ closing date for submission of Registered online Application.]
**Those candidates who have applied earlier in response to the Advt. No.35 of 2023-24 and whose applications have not been rejected vide Notice No-4519/PSC, dt. 14.08.2024, for the aforesaid Advertisement, need not apply afresh**
All other terms and conditions of the Advt. No.35 of 2023-24 remain unchanged.

OIPR- **Sd./- Secretary**

## ସ୍ୱାଧିନତା ସଂଗ୍ରାମୀ ସୁରେନ୍ଦ୍ର ନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

ନିଶ୍ଚିନ୍ତକୋଇଲି,୩୧।୧୨ (ଅଶୋକ କୁମାର ମହାପାତ୍ର):

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପରିସରରେ ପୂର୍ବତନ ମନ୍ତ୍ରୀ ତଥା ପଞ୍ଚାୟତ ସମିତିର ପ୍ରଥମ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ଣରେ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରି ସ୍ୱର୍ଗତ ସୁରେନ୍ଦ୍ର ନାଥ ପଟ୍ଟନାୟକଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜୀ ସେଠୀ, ବିଡିଓ ଦିବେନ୍ଦୁ ଦାଶ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କମଳା ବଡ଼ିଆ ପ୍ରମୁଖ ଯୋଗଦେଇଥିଲେ। ପରେ ବ୍ଲକ ପରିସରରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ୨୬୦ଜଣ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ଓ କମ୍ବଳ ବଣ୍ଟନ କରିଥିଲେ। ପରେ ପଞ୍ଚାୟତ ସମିତି ସଭାଗୃହରେ ୮୭ ସ୍ୱୟଂ ସହାୟକ ଗୋଷ୍ଠୀକୁ ୪ କୋଟି ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, କୈଳାସ ବେହେରା, ରଞ୍ଜନ ରାଉତ, ସଞ୍ଜୟ ବେହେରା, ଦୀଳିପ ରାଉତ ପ୍ରମୁଖ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/24-25/E-Tender/93, ତା.26.12.2024ରିଖ

(1) ଟେଣ୍ଡର ସଂ. e-TenderBRIDGKUR-262-24,ତା.17.12.2024ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଜରୋଲି (JRLI) - ଟମକା (TMKA) ସେକ୍ସନ ଅଧୀନସ୍ଥ ରୋଡ଼ ଓଭର ବ୍ରିଜ୍(ROBs) ଗୁଡ଼ିକରେ ସୁରକ୍ଷାତ୍ମକ ପୃଷ୍ଠଭାଗ କୋଟିଙ୍ଗ୍‌ର ଉପଯୋଗ ଏବଂ ପୋଲ ଗୁଡ଼ିକରେ ତ୍ରୁଟିପୂର୍ଣ୍ଣ ଇଲାଷ୍ଟୋମେରିକ୍ ବିୟରିଙ୍ଗ୍ ଗୁଡ଼ିକର ସ୍ଥାନାନ୍ତରଣ, ଗର୍ଡର ପୋଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତାବିତ ଫିକ୍ସିଙ୍ଗ୍ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 228.52 ଲକ୍ଷ, EMD (₹) : 2,64,300.00 ।

(2) ଟେଣ୍ଡର ସଂ. eTender-HQ-KUR-270-2024, ତା.17.12.2024ରିଖ
**ବିବରଣୀ :** ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ (KUR)- ବଲାଙ୍ଗୀର (BLGR) ସେକ୍ସନର ଖୋର୍ଦ୍ଧା ରୋଡ଼ (KUR) ଠାରୁ ବୋଇଗଡ଼ (BORT) ଷ୍ଟେସନ ପର୍ଯ୍ୟନ୍ତ ପୋଲଗୁଡ଼ିକର ସମ୍ପ ଆପ୍ରୋନ୍, ୱିଙ୍ଗ୍ ୱାଲ, ରିଟର୍ଣ୍ଣ ୱାଲ, ଡ୍ରପ୍ ୱାଲ, ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ଡିସିଲ୍‌ଟିଙ୍ଗ୍ ଡ୍ରେନ୍, ଜଙ୍ଗଲ ସଫେଇ, ଇପୋକ୍ସି ପ୍ଲାଷ୍ଟର, ଷ୍ଟୋନ ପିଚିଙ୍ଗ୍ ଇତ୍ୟାଦି ନିମନ୍ତେ ପ୍ରସ୍ତାବିତ ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 135.11 ଲକ୍ଷ, EMD (₹) : 2,17,600.00 ।

(3) ଟେଣ୍ଡର ସଂ. etendernorthkur-272-2024, ତା.18.12.2024ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଯାଜପୁର କେନ୍ଦୁଝର ରୋଡ଼ ଅଧୀନସ୍ଥ J-D ଲାଇନ୍‌ରେ କି.ମି.180.00 ଠାରୁ କି.ମି.147.00 ପର୍ଯ୍ୟନ୍ତ ଏବଂ ଯାଜପୁର କେନ୍ଦୁଝର ରୋଡ଼-ଜେନାପୁର ଷ୍ଟେସନ ମଧ୍ୟରେ କି.ମି.334.74 ଠାରୁ କି.ମି.353.80 ପର୍ଯ୍ୟନ୍ତ 30.09.2025 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 163.18 ଲକ୍ଷ, EMD (₹) : 2,31,600.00 ।

(4) ଟେଣ୍ଡର ସଂ. etendersouthkur-271-2024, ତା.16.12.2024ରିଖ
**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ(BALU) ଅଧୀନସ୍ଥ ଶୌଚାଳୟ, ଫେନ୍ସିଙ୍ଗ୍, ଗଭୀର ନଳକୂପ ଏବଂ ହାଇଟ୍ ଗେଜ୍ ଇତ୍ୟାଦି ସହିତ ଲେଭେଲ କ୍ରସିଙ୍ଗ୍ ପ୍ରବେଶ ପଥ ପୃଷ୍ଠଭାଗ, ଲେଭେଲ କ୍ରସିଙ୍ଗ୍ ଗୁମଟିର ପ୍ରସ୍ତାବିତ ବିବିଧ ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 99.93 ଲକ୍ଷ, EMD (₹) : 1,99,900.00 ।

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.2 ପାଇଁ) ଏବଂ 08(ଆଠ) ମାସ (କ୍ରମ ସଂ.3 ଏବଂ 4 ପାଇଁ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.01.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ଼
PR-848/P/24-25

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, KORBA (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(SECOND CALL)**

**NIT No.:06/SAC/24-25** **Dated: 30.12.2024**
Online tenders are invited for the following works upto 16.01.2025 at 17.30 hour.
Name of Work -
(System Tender No. 163548) : Construction of Tendubhatha Anicut on Gajar Nalla.
Probable Amount of Contract : Rs.275.67 Lakhs
(Note: Tender Invited As per SOR of August 2022)
The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in)** from **Date 06.01.2025 at 17.31 hours. (IST) onwards**.
**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.

**Sd./- Executive Engineer**
**Water Resources Division**
**Korba (C.G.)**
G-242504965/4

**PANCHASAKHA SHIKHYA SETU**
**(Erstwhile Mo School Abhiyan Parichalana Sangathan)**
**A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007**
**REQUEST FOR PROPOSAL (RFP)**

**RFP No. 771/PSS/24** **Date: 30.12.24**

No. n-180: Sealed quotations are invited for the selection of agency for providing Human Resource Services of Professionals for Project Monitoring Unit of Panchasakha Shikhya Setu (Erstwhile Mo School Abhiyan Parichalana Sangathan), A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is **23.01.2025** before **06.00 P.M.** For more details, please visit **www.moschool.in**.

OIPR-27178/11/0008/2425




# ଧାନ କିଣାକୁ ସ୍ୱଚ୍ଛ କରିବାକୁ ରାଜ୍ୟ ସରକାର ବଦ୍ଧପରିକର: ମହେଶ୍ୱର

କେନ୍ଦୁଝର, ୩୧।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ସଦର ସବ୍‌ଡିଭିଜନର ପଣ୍ଡାପଡ଼ା, ନରଣପୁର, କେନ୍ଦୋଇପସି, ଜମୁନାପଶି, ଚେମେଣା ଆଦି ଧାନମଣ୍ଡିକୁ ମଙ୍ଗଳବାର ଗସ୍ତ କରିଛନ୍ତି। ଏହି ସମୟରେ କେନ୍ଦ୍ର ସରକାରଙ୍କ ଧାନ ସଂଗ୍ରହ ନିର୍ଦ୍ଦେଶାବଳୀ ବ୍ୟବସ୍ଥା ଅନୁଯାୟୀ ଧାନମଣ୍ଡିଗୁଡ଼ିକ ଠିକ୍‌ଠାକ୍ କାମ କରୁଛନ୍ତି କି ନାହିଁ ସେ ତାହାର ତଦାରଖ କରିଥିବା ଦେଖିବାକୁ ମିଳିଛି। ଏଥିସହ ମହେଶ୍ୱର କହିଛନ୍ତି, ଓଡ଼ିଶାରେ ଭାଜପା ସରକାର ଆସିବା ପରେ ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ସକାଶେ କୃଷକ କଲ୍ୟାଣକାରୀ ଯୋଜନାମାନ ଚାଲୁ କରିଛନ୍ତି। ତନ୍ମଧ୍ୟରୁ ୪୮ ଘଣ୍ଟା ଭିତରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଚ୍ଛା ୩୧୦୦ ଟଙ୍କା ପ୍ରଦାନ ବ୍ୟବସ୍ଥା ଅନ୍ୟତମ। ଫଳରେ କୃଷକମାନଙ୍କୁ ଆଉ ଶୋଷଣର ଶିକାର ହେବାକୁ ପଡ଼ିବ ନାହିଁ। ଧାନକିଣା କାରବାରକୁ ସ୍ୱଚ୍ଛ କରିବା ପାଇଁ ମୋହନ ଚରଣ ମାଝୀ ସରକାର ବଦ୍ଧପରିକର। ଯେଉଁମାନେ ଧାନକିଣା କାରବାରରେ ଚାଷୀଙ୍କୁ ହଇରାଣ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହେଶ୍ୱର କହିଛନ୍ତି। ଉପସ୍ଥିତ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗିରଥି ସିଂ, ଜିଲା ଧାନ ସଂଗ୍ରହ କମିଟିର ସଦସ୍ୟ ପ୍ରକାଶ ସୂତ୍ରଧର, ଅମିତ୍ କୁମାର ପ୍ରସାଦଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।


ଧାନମଣ୍ଡିରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।







# ଚାଷୀଙ୍କ ସମସ୍ୟା ସରକାରଙ୍କୁ ଜଣାଇବି: ନବୀନ

ପଟ୍ଟାମୁଣ୍ଡାଇ, ୩୧।୧୨(କଳ୍ପତରୁ ନାୟକ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ଦିନିକିଆ କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଆସି ଅଦିନିଆ ବର୍ଷା ଯୋଗୁ ହୋଇଥିବା ଫସଲ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଶ୍ୟାମସୁନ୍ଦରପୁର ଏକ ପଡ଼ିଆଠାରେ ଅପରାହ୍ନ ୨ଟା୨୦ରେ ହେଲିକପ୍ଟର ଯୋଗେ ଅବତରଣ କରିବା ପରେ ବିଜେଡି ନେତା ଓ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ଅନେକ ହଜାର ଚାଷୀ ଓ ମହିଳା ନବୀନଙ୍କୁ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ଚାଷୀ ଅଭିଯୋଗ କରିଥିଲେ, ବର୍ଷା ଛାଡ଼ିଯିବାର ଏତେଦିନ ପରେ ମଧ୍ୟ କୌଣସି ସରକାରୀ କର୍ମଚାରୀ ଏପର୍ଯ୍ୟନ୍ତ କ୍ଷେତ୍ର ପରିଦର୍ଶନରେ ଆସିନାହାନ୍ତି। ବର୍ଷା ସମ୍ପର୍କରେ ସରକାରଙ୍କ ପକ୍ଷରୁ ଆଗୁଆ ସୂଚନା ଜାରି କରାଯାଇଥିଲେ ହୁଏତ ଫସଲ ବଞ୍ଚିଯାଇଥାନ୍ତା। ସେହିପରି ଫସଲ ବୀମା ସମ୍ପର୍କରେ ମଧ୍ୟ ସରକାରଙ୍କ ପକ୍ଷରୁ ଠିକ୍ ଭାବେ ଅବଗତ କରାଯାଇନାହିଁ। ବିରୋଧୀ ଦଳ ନେତା ନବୀନ ଚାଷୀଙ୍କୁ ଆଶ୍ୱାସନା ଦେଇ କହିଥିଲେ, ସେ ସବୁବେଳେ ଚାଷୀ ଭଉଣୀଭାଇଙ୍କ ସହ ଅଛନ୍ତି ଓ ସେମାନଙ୍କ ହକ୍ ପାଇଁ ଲଢ଼େଇକରିବେ। ଚାଷୀଙ୍କ ସହ ଆଲୋଚନାକରି ରାଜ୍ୟ ସରକାରଙ୍କ ନିକଟରେ ସେମାନଙ୍କ କଲ୍ୟାଣ ପାଇଁ ବିଧାନସଭାରେ ଦାବି ଉପସ୍ଥାପନ କରିବେ ବୋଲି ନବୀନ ଆଶ୍ୱାସନା ଦେଇଛନ୍ତି। ଏହି ଗସ୍ତ ସମୟରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମହାକାଳପଡ଼ା ପୂର୍ବତନ ବିଧାୟକ ଅତନୁ ସବ୍ୟସଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଭେଟି କ୍ଷୟକ୍ଷତି ସମ୍ପର୍କରେ ପଚାରୁଛନ୍ତି।













## ନବୀନ ପାଳିବେନି ନୂଆବର୍ଷ

ଭୁବନେଶ୍ୱର,୩୧।୧୨(ଅନିଲ ଦାସ)

ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆବର୍ଷ ପାଳନ କରିବେ ନାହିଁ। ତାଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ପାଇଁ ସୋମବାର ନବୀନ ନିବାସ ନ ଆସିବାକୁ ନବୀନ ତାଙ୍କର ଶୁଭେଚ୍ଛୁମାନଙ୍କୁ ଅନୁରୋଧ କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ମୃତ୍ୟୁରେ ରାଷ୍ଟ୍ରୀୟ ଶୋକ ପାଳନ ଓ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ଦୁଃଖରେ ସମବେଦନା ଜଣାଇ ନବୀନ ନୂଆବର୍ଷ କାର୍ଯ୍ୟକ୍ରମରେ ସାମିଲ ହେବେ ନାହିଁ । ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମାନେ ନବବର୍ଷ ପାଳନ କରିବେ ନାହିଁ ବୋଲି ପୂର୍ବରୁ କହିଥିଲେ।









# ଜାମିନ ପାଇଁ ଜମିପଟ୍ଟା ଜାଲିଆତି

## ମାଷ୍ଟରମାଇଣ୍ଡଙ୍କ ସମେତ ୬ ଗିରଫ

### ଜାଲ୍ ୧୩୫ ପଟ୍ଟା, ବିଭିନ୍ନ ତହସିଲଦାରଙ୍କ ସିଲ୍, ଆଧାର କାର୍ଡ ଜବତ

ବ୍ରହ୍ମପୁର,୩୧।୧୨
(ସୁବାସ ଚନ୍ଦ୍ର ପାଢ଼ୀ)

ବିଭିନ୍ନ କୋର୍ଟରେ ଜାଲ୍ ପଟ୍ଟା, ଆଧାର କାର୍ଡ ଦାଖଲ କରି ଜେଲରେ ଥିବା ଅଭିଯୁକ୍ତଙ୍କୁ ନକଲି ଜାମିନଦାରମାନେ ଜାମିନରେ ନେଉଥିବା ଘଟଣା ସାମ୍ନାକୁ ଆସିଛି। ଗଞ୍ଜାମ ଜିଲା ବୈଦ୍ୟନାଥପୁର ପୋଲିସ ଏଭଳି ସମ୍ବେଦନଶୀଳ ଘଟଣାର ପର୍ଦ୍ଦାଫାଶ କରିଛି। ଜଣେ ମୃତ ବ୍ୟକ୍ତିଙ୍କ ଜାଲ୍ ଆଧାର କାର୍ଡ ଓ ପଟ୍ଟା କୋର୍ଟରେ ଦାଖଲ କରି ୩ ବର୍ଷ ହେଲା ବିଭିନ୍ନ ମାମଲାର ଅଭିଯୁକ୍ତଙ୍କୁ ଜାମିନରେ ଆଣିଥିବା ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ ପୋଲିସ ବାନ୍ଧିଛି। ସେମାନେ ହେଲେ ଆସିକା ଥାନା ଅନ୍ତର୍ଗତ କରାଡଳିର ସୁଧୀର କୁମାର ଜେନା (୪୮) ଓ ତାଙ୍କ ସହଯୋଗୀ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲିର ଭେଙ୍କେଟ ପ୍ରସାଦ ପଟ୍ଟନାୟକ(୫୫), ଶ୍ରୀକୃଷ୍ଣ ନଗରର ନିରାକାର ସାହୁ(୭୭), ଲାଞ୍ଜିପଲି ଜେଲରୋଡରେ ରହୁଥିବା ବାବୁଲା ନାୟକ(୭୦), ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ତୃତୀୟ ଲାଇନର ସନ୍ୟାସୀ ମହାନ୍ତି( ୫୫) ଓ କେ.ନୂଆଗାଁ ଥାନା ଅନ୍ତର୍ଗତ କୋଲଥିଆର ଯୁଧିଷ୍ଠିର ମହାରଣା ଓରଫ ଦୁର୍ଯ୍ୟୋଧନ (୭୦)। ମାଷ୍ଟରମାଇଣ୍ଡ ସୁଧୀର ଜଣେ ମୃତ ବ୍ୟକ୍ତିଙ୍କ ଆଧାର କାର୍ଡର ତଥ୍ୟ ନେଇ ନିଜର ଫଟୋ ଲଗାଇ ଜେଲରେ ଥିବା ଅଭିଯୁକ୍ତମାନଙ୍କ ଜାମିନ ପାଇଁ ବ୍ୟବହାର କରୁଥିଲେ ବୋଲି ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନକଲି ଜାମିନଦାର ଗ୍ୟାଙ୍ଗ ନିକଟରୁ କନିଷି, କୁକୁଡ଼ାଖଣ୍ଡି ଓ ବ୍ରହ୍ମପୁର ତହସିଲଦାରମାନଙ୍କର ସିଲ୍ ଓ ଦସ୍ତଖତ ଥିବା ୧୩୫ଟି ନକଲି ଜମି ପଟ୍ଟା, ୧୦ଟି ଖାଲି ପଟ୍ଟା, ୧୩ଟି ରାଜସ୍ୱ ପୈଠ ହୋଇଥିବା ରସିଦ୍, ଜାଲ୍ ଆଧାର କାର୍ଡ, ନକଲି ପଟ୍ଟା ପାଇଁ ବ୍ୟବହୃତ ନୀଳ ଓ ହଳଦିଆ ରଙ୍ଗର ପେପର, ଆଙ୍କୁଲି ମୌଜାର ରାଜସ୍ୱ ମ୍ୟାପ୍ ଆଦି ଜବତ ହୋଇଥିବା ଏସ୍‌ପି କହିଛନ୍ତି।

ଘଟଣାରୁ ପ୍ରକାଶ, ଆସିକା ଦେବଭୂମିର ସରୋଜିନୀ ବେହେରା (୭୫)ଙ୍କ ସ୍ୱାମୀ ଲଡୁକିଶୋର ବେହେରାଙ୍କ ୩ ବର୍ଷ ତଳେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ବି ତାଙ୍କ ନାଁରେ କୋର୍ଟରୁ ବାରମ୍ବାର ସମନ ଆସିବାରୁ ସରୋଜିନୀ ଜିଲା ଜଜ୍ କୋର୍ଟରେ ହାଜର ହୋଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଜିଲା ଜଜ୍ ବୈଦ୍ୟନାଥପୁର ଥାନାଧିକାରୀଙ୍କୁ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଦ୍ୟନାଥପୁର ପୋଲିସ ନଂ.୬୦୧/୨୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ମାଷ୍ଟରମାଇଣ୍ଡ ସୁଧୀରଙ୍କୁ କାବୁ କରି ପଚରାଉଚରା କରିଥିଲା। ସୁଧୀର କମାପଲି ମାର୍କେଟରେ ପରିବା ବେପାର କରନ୍ତି। ସହଜରେ ଅଧିକ ଅର୍ଥ ଉପାର୍ଜନ ପାଇଁ ସେ ନକଲି ଜାମିନଦାର ସାଜୁଥିଲେ। ସେ ନିଜର ଏକ ଗ୍ୟାଙ୍ଗ ଗଠନ କରି ଜିଲାର ବିଭିନ୍ନ କୋର୍ଟରେ ଜାଲ୍ ପଟ୍ଟା ଓ ଆଧାର କାର୍ଡ ଜରିଆରେ ଅଭିଯୁକ୍ତମାନଙ୍କୁ ଜାମିନରେ ନେଉଥିଲେ। ମୃତ ଲଡୁକିଶୋରଙ୍କ ଆଧାର କାର୍ଡ ଜାଲିଆତି କରି ସୁଧୀର ଅନେକ ଲୋକଙ୍କୁ ଜାମିନରେ ଆଣିଥିଲେ ବୋଲି ସ୍ୱୀକାର କରିଥିବା ବୈଦ୍ୟନାଥପୁର ଥାନାଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି।


ଜବତ ଜାଲ୍ ପଟ୍ଟା ଓ ଗିରଫ ଅଭିଯୁକ୍ତମାନେ।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ, ମରଣାନ୍ତକ ଆକ୍ରମଣ

ପିପିଲି,୩୧।୧୨
(ଦୁର୍ଗାମାଧବ ମିଶ୍ର)

ମହିଳାଙ୍କ ସ୍ୱାମୀ ଘରେ ନ ଥିବା ସୁଯୋଗରେ ଜଣେ ଯୁବକ ତାଙ୍କୁ ବଳାତ୍କାର ଉଦ୍ୟମ ସହ ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ କରିଦେଇଛନ୍ତି। ଏଥିସହ ତାଙ୍କ ସୁନା ଗହଣା ଲୁଟି ନେଇଯାଇଛନ୍ତି। ଆହତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ପିପିଲି ଡାକ୍ତରଖାନା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏପରି ଘଟଣା ପୁରୀ ଜିଲା ପିପିଲି ଥାନା ଅଧୀନ ବନ୍ତଳସିଂହ ଗ୍ରାମରେ ଦେଖିବାକୁ ମିଳିଛି। ଏନେଇ ପିପିଲି ଥାନାରେ ସୋମବାର ରାତିରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (କେସ୍ ନଂ. ୬୧୦/୨୪) ରୁଜୁ କରିଥିଲେ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଅନ୍ୟପଟେ ଅଭିଯୁକ୍ତଙ୍କ ପକ୍ଷରୁ ଏକ ପାଲଟା ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ଗତ ୨୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ପିପିଲି ବଜାରସ୍ଥିତ ଏକ ଏଟିଏମକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଙ୍କ ପଡ଼ୋଶୀ ଯୁବକ ବିକାଶ ଚନ୍ଦ୍ର ସେଠୀ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ବିକାଶ ସେଠାରୁ ପଳାଇ ଯାଇଥିଲେ। ମହିଳା ବିକାଶଙ୍କୁ ଗାଳିଗୁଲଜ କରିଥିବା ନେଇ ସେ ଘରେ ଜଣାଇବା ପରେ ତାଙ୍କ ପରିବାର ଲୋକ ମିଶି ଉକ୍ତ ମହିଳାଙ୍କୁ ସଂଘବଦ୍ଧ ମାଡ଼ ମାରିବା ସହ କଟୁରିରେ ଆକ୍ରମଣ କରିଥିଲେ। ଏହି ସମୟରେ ମହିଳାଙ୍କ ବେକରୁ ସୁନା ଚେନ୍, ବାହୁଟି ଲୁଟି ନେବା ସହ ତାଙ୍କ ଶିଶୁକନ୍ୟାଙ୍କୁ ତଳେ କଚାଡ଼ି ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ଡକାୟତି ଯୋଜନା ବେଳେ ୭ ଧରାପଡ଼ିଲେ

### ବନ୍ଧୁକ, ମାରଣାସ୍ତ୍ର, ମୋବାଇଲ ଏବଂ ବାଇକ୍ ଜବତ

ଖୋର୍ଦ୍ଧା,୩୧।୧୨(ପ୍ରଭାତ ପାଣିଗ୍ରାହୀ)

ଗଡ଼ଖୋର୍ଦ୍ଧା-ତରାବୋଇ ରାସ୍ତାର ଏକ ନିଛାଟିଆ ସ୍ଥାନରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଶିଳ୍ପାଞ୍ଚଳ ଥାନା ପୋଲିସ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଦର୍ଶ ଥାନା ଅଧୀନ ଗୁରୁଜଙ୍ଗର ବଳଭଦ୍ର ବେହେରା, ପୋଡ଼ାଡ଼ିହର ପପୁ ମଙ୍ଗରାଜ, ଶିଳ୍ପାଞ୍ଚଳ ଥାନା ଗଡ଼ଖୋର୍ଦ୍ଧାର କାଳୀପ୍ରସାଦ ରାଉଳ, ବେଗୁନିଆ ଥାନା ପରିଛଳ ଜାମୁସାହିର ମହେଶ୍ୱର ମହାକୁଡ଼ ଏବଂ ପ୍ରଶାନ୍ତ ଜେନା, ସଦର ଥାନା କୁରାଡ଼ମଲର ପ୍ରଦୀପ୍ତ ବଳିୟାରସିଂହ, ବୋଲଗଡ଼ ହରିପୁର ଶାସନର ପ୍ରଦୀପ ଜେନା। ଏମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୪ଟି ସୁତୁଲି ବୋମା, ଖଣ୍ଡା, ଛୁରି, ପ୍ଲାସ, ଷ୍ଟିଲ କଟର, ଏକ ନମ୍ବର ବିହୀନ ପଲସର, କେଟିଏମ୍ ବାଇକ୍ (ଓଡି୦୫ଜେଡ୍ ୩୫୪୧), ପଲସର (ଓଡି୨୫କ୍ୟୁ ୯୩୪୯) ଏବଂ ୧୦ଟି ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୦୩/୨୪) ରୁଜୁ ହୋଇଛି।

ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ଉପରୋକ୍ତ ଯୁବକମାନେ ଗଡ଼ଖୋର୍ଦ୍ଧା-ତରାବୋଇ ରାସ୍ତାର ଏକ ନିଛାଟିଆ ସ୍ଥାନରେ ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପାଟ୍ରୋଲିଂ ଭ୍ୟାନକୁ ଦେଖି ସମ୍ପୃକ୍ତ ଯୁବକମାନେ ଖସିଯିବାକୁ ଉଦ୍ୟମ କରିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଥାନାକୁ ଆଣି ପଚରାଉଚରା ବେଳେ ରାତିରେ ଲୁଟ୍, ଚୋରି ଆଦି କରିଥାନ୍ତି ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି। ଥାନା ଅଧିକାରୀ ଗାୟତ୍ରୀ ମିଶ୍ର, ଏସ୍‌ଆଇ ବାସୁଦେବ ଜୟସିଂ, ହାବିଲଦାର ବି.କେ.ପ୍ରତାପସିଂ, କନ୍‌ଷ୍ଟେବଲ ଏସ୍.ସାମନ୍ତସିଂହାର, ଜି.ମଙ୍ଗରାଜ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।


## e-Procurement Notice for Building Works
### Identification No. 06/SERW/BLS/2024-25

No.O-1100:1.Name of the Work: Building, 2. Total No.of Works: 33 Nos. 3. Estimated Cost: Estimated Cost Rs.2.517 to Rs.4.195 Lakh. 4.Class of Contractor: 'D' & 'C' Class. 5. Time of Completion: 1 Month (One Calendar Month) 6. Other details:

| Procurement Officer | Bid Identification No. | Availability of tender Online for bidding From | Availability of tender Online for bidding To | Last date & time of seeking tender clarification | Date & time of opening of tender in the Office of the Addl. Chief Engineer, R.W.Division, Balasore |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Addl. Chief Engineer, Rural Works Division: Balasore | 06/SERW/ BLS/2024-25 | 06.01.2025 at 11.00 A.M. | 13.01.2025 upto 5.00 P.M. | 13.01.2025 upto 1.00 P.M. | 15.01.2025 at 11.00 A.M. |

Further details can be seen from the website-www.tendersodisha.gov.in.
OIPR-25108/11/0005/2425
Sd./-Addl. Chief Engineer, R.W.Division, Balasore


# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ

### ଧର୍ମାନ୍ତରୀକରଣ ନାମରେ ଖୁଣ୍ଟରେ ବାନ୍ଧି ମାଡ଼ ଘଟଣା

ବାଲେଶ୍ୱର, ୩୧।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ଛଣଖଣପୁର ଅଞ୍ଚଳରେ ଧର୍ମାନ୍ତରୀକରଣକୁ ନେଇ ୨ଜଣ ମହିଳା ଓ ଜଣେ ପୁରୁଷଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି ବୋଲି ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଆଇଜି ଡା. ସତ୍ୟଜିତ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ନୀଳଗିରି ଥାନା କାଂଶ ଅଞ୍ଚଳର ବାଦଲ କୁମାର ପଣ୍ଡା, ରେମୁଣା ଥାନା ଅନ୍ତର୍ଗତ ଖରିଦ୍‌ମୁଖୁରା ଗ୍ରାମର ପିତାମ୍ବର ବିଶ୍ୱାଳ(୪୮), ପ୍ରଶାନ୍ତ କୁମାର ନାୟକ(୪୨) ଓ ଛଣଖଣପୁର ଗ୍ରାମର ଜୟନ୍ତ କୁମାର ନାୟକ(୪୫)।

ଖବର ଅନୁଯାୟୀ, ଜୟନ୍ତ ଗତ ୨୬ତାରିଖ ଅପରାହ୍ନ ସମୟରେ ଛଣଖଣପୁର ଅଞ୍ଚଳର ଗୋବିନ୍ଦା ସିଂଙ୍କ ଘରକୁ ଯାଇ ବିନା କାରଣରେ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ଗୋବିନ୍ଦା ପ୍ରତିବାଦ କରିବାରୁ ଜୟନ୍ତଙ୍କ ଅନ୍ୟ ଦୁଇ ସହଯୋଗୀ ପିତାମ୍ବର ଓ ପ୍ରଶାନ୍ତ ପହଞ୍ଚି ଗୋବିନ୍ଦାଙ୍କ ସମେତ ତାଙ୍କ ସମ୍ପର୍କୀୟ ୨ ମହିଳାଙ୍କୁ ଅସଦାଚରଣ କରିଥିଲେ। ସେମାନଙ୍କ ଘରୁ ଘୋଷାଡ଼ି ନେଇ ଏକ ଖୁଣ୍ଟରେ ଦଉଡ଼ି ଦ୍ୱାରା ବାନ୍ଧି ଦେଇଥିଲେ। ଏପରିକି ସେମାନଙ୍କୁ ବାନ୍ଧିବା ପରେ ଖରାପ ଭାଷାରେ ଗାଳିଗୁଲଜ କରିବା ଜାଣିଆଣ ଆକ୍ଷେପ କରିଥିଲେ। ସେହି ସମୟରେ ବାଦଲ ଘଟଣାସ୍ଥଳରେ ପହଞ୍ଚି ବନ୍ଧା ହୋଇଥିବା ମହିଳା ଓ ପୁରୁଷଙ୍କୁ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଆକ୍ରମଣ କରିବା ସହ ସେମାନଙ୍କର ଫଟୋ ଏବଂ ଭିଡିଓ ଉତ୍ତୋଳନ କରି ଧର୍ମାନ୍ତରୀକରଣ ନ କରିବାକୁ ଧମକ ଦେଇଥିଲେ। ମାମଲା (ନଂ.୨୨୩/୨୪) ଅନୁଯାୟୀ ସୋମବାର ମୁଖ୍ୟ ଅଭିଯୁକ୍ତ ବାଦଲକୁ ଗିରଫ କରାଯାଇଥିବା ବେଳେ ପୂର୍ବରୁ ଅନ୍ୟ ୩ଜଣଙ୍କୁ ଗିରଫ କରାଯାଇଥିବା ନେଇ ଡିଆଇଜି ଡା. ନାୟକ ସୂଚନା ଦେଇଥିଲେ।

ଏହି ଘଟଣା ସମ୍ବେଦନଶୀଳ ହୋଇଥିବାରୁ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଆଇନଶୃଙ୍ଖଳା ବଜାୟ ରଖିବା ସହ ଅଭିଯୋଗକାରୀଙ୍କର ବୟାନ ମଧ୍ୟ ରେକର୍ଡ଼ କରିଛି। ଘଟଣାସ୍ଥଳରୁ ତଥ୍ୟ ପ୍ରମାଣ ଯୋଗାଡ଼ କରାଯାଇଥିବା ବେଳେ ପୀଡ଼ିତାଙ୍କର ଡାକ୍ତରୀ ଚିକିତ୍ସା ମଧ୍ୟ କରାଯାଇଛି। ଅପରପକ୍ଷରେ ପ୍ରଥମେ ପୀଡ଼ିତାମାନେ ଧର୍ମାନ୍ତରୀକରଣ କରୁଛନ୍ତି ବୋଲି ଦର୍ଶାଇ ମୁଖ୍ୟ ଅଭିଯୁକ୍ତ ବାଦଲ ପ୍ରଥମେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପୀଡ଼ିତାମାନଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଥାନାରେ ଦୁଇଟି ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଡିଆଇଜି ଡା. ନାୟକ କହିଥିଲେ। ଖବରଦାତା ସମ୍ମିଳନୀ ଏସ୍‌ପି ରାଜ ପ୍ରସାଦ ଉପସ୍ଥିତ ଥିଲେ।


## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
### ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No. PP-44: ହସ୍ତଶିଳ୍ପ କାରିଗରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ହସ୍ତଶିଳ୍ପ କାରିଗରଙ୍କ ନିମନ୍ତେ କର୍ମଶାଳା ନିର୍ମାଣ ଓ ଶିଳ୍ପୀ ଉନ୍ନତି ଯୋଜନାରେ ଦରଖାସ୍ତ କରିବାର ଅବଧି ତା.୨୮.୦୨.୨୦୨୫ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ଏଣୁ ଆଗ୍ରହୀ ହସ୍ତଶିଳ୍ପ କାରିଗରମାନେ ଏହି ଯୋଜନାରେ ଅନଲାଇନ ମାଧ୍ୟମରେ https://spdp.odisha.gov.in କିମ୍ବା ନିର୍ଦ୍ଦେଶାଳୟର ୱେବସାଇଟ https://crafts.odisha.gov.in ପରିଦର୍ଶନ କରି ଆବେଦନ କରିପାରିବେ । ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଜିଲ୍ଲାର ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ ।
OIPR-31042/11/0026/2425
ସ୍ୱା./-ନିର୍ଦ୍ଦେଶିକା



## ବାରିପଦା ପୌରପରିଷଦ, ବାରିପଦା, ମୟୂରଭଞ୍ଜ-୭୫୭୦୦୧
Tel.: 06792-252703, Website: www.baripadamunicipality.in, E-mail: baripadam.hud@nic.in
ସଂଖ୍ୟା: 7467 ତା.30.12.24ରିଖ

### ଘୋଷଣାନାମା

No. C-1372: ଏତଦ୍ୱାରା ବାରିପଦା ପୌରପରିଷଦ ଅନ୍ତର୍ଗତ ସମସ୍ତ ଗୃହ ମାଲିକମାନଙ୍କ ଅବଗତି ନିମନ୍ତେ ଶେଷଥର ପାଇଁ ଜଣାଇ ଦିଆଯାଉଅଛି କି ଯେଉଁମାନେ ସେମାନଙ୍କର ବକେୟା ଗୃହ ଟିକସ ପୈଠ କରିନାହାନ୍ତି କିମ୍ବା ବେଆଇନ ଭାବେ ନୂତନ ଗୃହ ନିର୍ମାଣ କରି ହୋଲଡ଼ିଂ ଟ୍ୟାକ୍ସ କରିନାହାନ୍ତି ସେମାନେ ୧୫ଦିନ ମଧ୍ୟରେ ପୌରକାର୍ଯ୍ୟାଳୟକୁ ଆସି ଘର ଟ୍ୟାକ୍ସ ପୈଠ କରିଦିଅନ୍ତୁ ଏବଂ ନୂତନ ଗୃହର Assessment କରେଇ ନିଅନ୍ତୁ। ଏହା ମଧ୍ୟ ପୌରପରିଷଦ ନଜରକୁ ଆସିଅଛି, ଯେଉଁ ଗୃହ ମାଲିକମାନେ ସେମାନଙ୍କର ଗୃହକୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ଭଡ଼ା ଆକାରରେ ଦେଇଅଛନ୍ତି କିନ୍ତୁ ସେମାନେ ପୁନଃ ମୂଲ୍ୟାୟନ ନ କରେଇ ଧାର୍ଯ୍ୟ ଟ୍ୟାକ୍ସ ପୈଠ କରୁନାହାନ୍ତି। ଏହା ଓଡ଼ିଶା ପୌରପାଳିକା ଆଇନ ଅନୁଯାୟୀ ସମ୍ପୂର୍ଣ୍ଣ ବେଆଇନ ଅଟେ। ଧାର୍ଯ୍ୟ ସମୟ ଭିତରେ ଗୃହ ମାଲିକମାନେ ସେମାନଙ୍କର ଗୃହ ଟିକସ ନିୟମିତ ନ କରାଇଲେ ବାରିପଦା ପୌରପାଳିକା ତରଫରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ Odisha Public Demand, 1962 Act ଅନୁଯାୟୀ ବିହିତ ପଦକ୍ଷେପ ନିଆଯିବ।

ଏତଦ୍‌ବ୍ୟତୀତ ପୌରପରିଷଦ ଅଧୀନରେ ଥିବା ଲାଇସେନ୍ସଧାରୀ ଦୋକାନୀମାନଙ୍କୁ ମଧ୍ୟ ଶେଷଥର ପାଇଁ ଜଣାଇ ଦିଆଯାଉଅଛି କି ସେମାନେ ଦୋକାନର ଭଡ଼ା ଯଥାଶୀଘ୍ର ପୈଠ କରନ୍ତୁ ଓ ପୁନଃ ନିର୍ମାଣ କରିଥିବା ଦୋକାନଗୁଡ଼ିକର ସଂଶୋଧନ ଭଡ଼ା ନ ହେଇଥିଲେ ଆବେଦନ କରନ୍ତୁ ଏବଂ ଧାର୍ଯ୍ୟ ସୀମାଠାରୁ ଅଧିକ ଜାଗାରେ ଦୋକାନ ନିର୍ମାଣ କରନ୍ତୁ ନାହିଁ। ଯଦି କରିଥାନ୍ତି ପୌର କର୍ତ୍ତୃପକ୍ଷଙ୍କ ନଜରକୁ ଆଣନ୍ତୁ ନଚେତ ପୌର କର୍ତ୍ତୃପକ୍ଷଙ୍କ ଯାଞ୍ଚ ବା ତନଖିରେ ନଜରକୁ ଆସେ ଆପଣଙ୍କ ଦୋକାନକୁ ସିଲ୍ କରିବା ସହିତ ଦୋକାନର ଲାଇସେନ୍ସକୁ ରଦ୍ଦ କରାଯିବ।

ଏହାକୁ ଜରୁରୀ ମନେ କରିବେ।
OIPR-13078/11/0017/2425
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରିଣୀ, ବାରିପଦା ପୌରପାଳିକା



## ORISSA STATE AIDS CONTROL SOCIETY (OSACS)
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/4347 Date: 31.12.2024

### CORRIGENDUM NOTICE

No. E-635: Inviting to the reference against the Advertisement No. IX-OSACS-ART-06/2024-25(Pt.)(1)/3872/OSACS, Dated 16.11.2024 & IX-OSACS-ART-06/2024-25/3867/OSACS, Dated 16.11.2024 published in Newspapers The Dharitri, The Prameya & The New Indian Express it is informed to all concerned that the advertisement made by this office is correct in all respect, however, in the Terms of Reference, Qualification column has squeezed, which may be ignored and the education qualification column may be read again as corrected. Further it is mentioned that the new & corrected Terms of Reference will be hosted in the website of OSACS for reference on dated 03.01.2025 and the last date of receipt of applications will be 13.01.2025 5.00 P.M. The repeated applications received after this notice may be rejected and shall not be considered for further process. The other matching qualification person those who are not applied is encouraged to apply freshly.

Sd./- Project Director
OIPR-10009/11/0022/2425 Orissa State AIDS Control Society



## ODISHA COMPUTER APPLICATION CENTRE
OCAC
### REQUEST FOR PROPOSAL
Enq.No.:- OCAC-NEGP-INFRA-0018-2024-24089

Odisha Computer Application Centre (OCAC) invites Request for Proposal (RFP) for selection of Agency for Facility Management Services (FMS) for OSWAN Project. For details please visit websites www.ocac.in & www.odisha.gov.in. **The bid shall be submitted in electronic mode only in the portal https://enivida.odisha.gov.in latest by 22.01.2025, 02:00 PM.** OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
No. U-29 OIPR-16003/11/0036/2425





# ବାଇକ୍ ପାଇଁ ମୋ ଭଉଣୀକୁ ମାରିଦେଲେ

ଅସ୍ତରଙ୍ଗ,୩୧।୧୨(ମମତା ଜେନା)

ପୁରୀ ଜିଲା କାକଟପୁର ଥାନା ଶ୍ରୀଚନ୍ଦନପୁର ଗ୍ରାମର ଜଣେ ମହିଳା ଯୌତୁକ ବାବଦକୁ ବାଇକ୍ ଆଣି ନ ଥିବାରୁ ଶାଶୁଘର ଲୋକେ ତାଙ୍କୁ ବାଡ଼େଇ ମାରିଦେଇଥିବା ନେଇ ଭଉଣୀ ସୁମିତ୍ରା ବେହେରା ମୃତାଙ୍କ ସ୍ୱାମୀ, ଶାଶୁ, ଦାଦା ଶ୍ୱଶୁରଙ୍କ ସମେତ ପରିବାରର ୫ ଜଣଙ୍କ ନାମରେ ମଙ୍ଗଳବାର କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ସୁକାନ୍ତ ଭୂୟାଁଙ୍କୁ ବିଚିତ୍ରା ବିବାହ କରିବା ପରଠାରୁ ଶାଶୁଘର ଲୋକେ ତାଙ୍କୁ ଶାରୀରିକ, ମାନସିକ ନିର୍ଯ୍ୟାତନା ଦେଉଥିଲେ। ୨ ଦିନ ପୂର୍ବେ ଟଙ୍କା ଓ ବାଇକ୍ ନ ଦେଲେ ଜୀବନରୁ ମାରିଦେବେ ବୋଲି ବିଚିତ୍ରା ବାପଘରକୁ ଫୋନରେ କହିଥିଲେ। ମଙ୍ଗଳବାର ସକାଳେ ତାଙ୍କ ମୃତ୍ୟୁ ଘଟିଥିବା ସୁମିତ୍ରା ଅଭିଯୋଗ କରିଛନ୍ତି।


## ROURKELA DEVELOPMENT AUTHORITY
UDITNAGAR, ROURKELA-769012
No.1786/RDA, Dated 27.12.2024

### PROCLAMATION

**No.CAD-2028:** It is hereby informed to the General public that Sri Chittaranjan Rout & Sri Gyana Ranjan Rout, both S/o. Sri Jatadhar Rout, have applied for permission for transfer of House No. E/36 under Durgapur Foot Hill Housing Project, Stage-II, Basanti Colony, Rourkela-12 in favour of Smt. Kabita Dash, W/o- Bijay Kumar Dash. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
OIPR-13250/11/0056/2425 Rourkela Development Authority



## BID DOCUMENTS FOR THE WORK

**No.C-1371:** Bid document will be available in the www.tenderodisha.gov.in from Dated 31.12.2024, 11.00 A.M. till Dated 07.01.2025 upto 5.00 P.M.

- Bids shall be received "on-line" till Dt.07.01.2025 upto 5.00 P.M.
- Cost of Bid Document : Rs.6000.00 (Including GST) to be paid through online mode.
- Date & Time of Opening of Technical Bid Document : Dt.08.01.2025, at 02.30 P.M.
- Original Bid Submission at NAC Office : Dt.08.01.2025 upto 1.00 P.M.
- Date & Time of Opening of Financial Bid Document : After Technical Evaluation
- Officer Invited the Bid : The Executive Officer on behalf of Nilgiri NAC
- Period of Contract : 01 (One) Year
- Earnest Money Deposit : 1% of Estimated cost through Online
- Performance Security : Rs.1,00,000/- to be given in shape of BG/TDR by successful bidder.
- The bidders have to participate in Online bidding in **www.tenderodisha.gov.in.**
- Any addendum/ corrigendum of tender can also be seen in the said website only.

Sd./- Executive Officer
OIPR-13179/11/0006/2425 Nilgiri NAC



## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT
E-mail: ceworldbankprojects@gmail.com
Bid Identification No.CE-Bridges-12/2024-25

**No.B-812:** 1. The Chief Engineer (Bridges), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below. 2. Nature of work: Bridge works. 3. No. of Work: 03 Nos. 4. Tender Cost: Rs.10,000.00 (On-line). 5. Class of Contractor: A/Special Class Contractor. 6. Available of bid document in the website: From 10.00 AM of 03.01.2025 to 5.00 PM of 21.01.2025. 7. Date of Opening of Bid: Dt.22.01.2025 at 11.30 A.M. 8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./-Chief Engineer, Bridges
OIPR-34174/11/0026/2425 Odisha, Bhubaneswar









## OFFICE OF THE NOTIFIED AREA COUNCIL KHANDAPADA
At/P.O/P.S.-Khandapada, Dist-Nayagarh, PIN-752077
e-mail: nackpg89@gmail.com
Tender Call Notice No.2686, Date:27.12.2024
E-Procurement Notice No.KPG-NAC-06/2024-25

**No.C-1369:** 1. Name of the Works: Civil Works. 2. No. of Works: 6 Nos. 3. Value of Work: Rs.3.79 Lakh to Rs.7.37. 4. Class of Contractor: D & C. 5. Period of Completion: As per DTCN. 6. Date & Time of availability of bid documents in the Portal: 01.01.2025 (11.00 A.M.) to 13.01.2025 (5.00 P.M.) 7. Last date & time for receipt Online: 13.01.2025 (upto 5.00 P.M.). 8. Last date of submission of original documents in this Office: 15.01.2025 (10.00 A.M. upto 2.00 P.M.). 9. Bids received documents shall be opened on : 15.01.2025 (3.00 P.M.). Further details can be seen from e-Procurement Portal https://tendersodisha.gov.in.

Sd./- Executive Officer
OIPR-13147/11/0018/2425 N.A.C., Khandapada



## DISTRICT FISHERIES OFFICE, MALKANGIRI
Email: malkangirifisheries@gmail.com
No.2462/ Date: 31.12.2024

### SHORT TENDER CALL NOTICE

Sealed tenders are invited from interested reputed Firms/ Agencies/Bidders for construction of 2.5 MT Ice Plant and 5.00 MT Cold Storage at Swabhiman Anchal, Janbai, Chitrakonda, Malkangiri District. The tender completed in all respect should reach the undersigned on or before dt.21.01.25 by 5.30 P.M. through Speed Post/ Courier only and it shall be opened on dt.22.01.25 at 11.00 A.M. at CDO cum EO, Zilla Parishad Chamber, Malkangiri.

The tender document may be downloaded from the website: www.malkangiri.nic.in or received from the office of District Fisheries Officer, Malkangiri by depositing Rs.200/- only.

Interested firms/ bidder may submit their sealed tender in two bid systems i.e. Technical Bid and Financial Bid as per terms and condition of the tender documents. The filled in tenders with Tender fee- Rs.10,000/- and Earnest money of Rs.1,50,000/- in shape of Demand Draft only in favour of District Fisheries Officer, Malkangiri, must reach to the office of District Fisheries Officer, Malkangiri, through Speed Post/ Courier only by dt.21.01.25 time 5.30 PM enclosed in a single envelope superscribed "Tender for 2.5 MT Ice Plant and 5.00 MT Cold Storage".

Sd./- District Fisheries Officer, Malkangiri

# ଜିରୋ ଆୱାର ସେଲିବ୍ରେଶନ



ବ୍ରହ୍ମପୁର ୟୁନିଅନ କ୍ଲବ୍

ନୂଆ ଆଶା ଓ ଉନ୍ମାଦନା ନେଇ ଆସିଛି ନୂତନବର୍ଷ। ବୁଲାବୁଲି, ଭୋଜିଭାତ, ମଉଜମସ୍ତି ପରେ ଜିରୋନାଇଟ୍ ସେଲିବ୍ରେଶନ କରି ୨୦୨୪କୁ ବିଦାୟ ଦେବା ସହ ୨୦୨୫କୁ ସ୍ୱାଗତ କରିଛନ୍ତି ସହରବାସୀ। ଏଥିପାଇଁ ସହରଠୁ ଗାଁ ସବୁଠି ଲାଗିରହିଥିଲା ହସଖୁସିର ମାହୋଲ। ମିଠା ଓ ଫୁଲ ଦୋକାନଠାରୁ ଆରମ୍ଭ କରି ପର୍ଯ୍ୟଟନସ୍ଥଳ, ମଠ, ମନ୍ଦିର ଆଦି ଧର୍ମପୀଠ ସମେତ ବିଭିନ୍ନ ସ୍ଥାନରେ ଭିଡ଼ ଲାଗିରହିଥିଲା। ନୂଆବର୍ଷକୁ ନିଆରା ଭାବେ ପାଳନ କରିବାକୁ ରାଜଧାନୀ ଭୁବନେଶ୍ୱର, ରୌପ୍ୟ ନଗରୀ କଟକ, ଆଧାତ୍ମିକ ସହର ପୁରୀ, ପାଇକ ନଗର ଖୋର୍ଦ୍ଧା ଓ ରେଶମ ସହର ବ୍ରହ୍ମପୁରରେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। କ୍ଲବ, ହୋଟେଲଠାରୁ ଆରମ୍ଭକରି ଘରେ, ବାହାରେ ସବୁଠି ବିଦାୟ-ସ୍ୱାଗତ ପର୍ବ ବେଶ୍ ଆକର୍ଷଣୀୟ ଥିବା ଦେଖିବାକୁ ମିଳିଥିଲା। ୪ ସହର ରଙ୍ଗିନ ଆଲୋକମାଳାରେ ଝଲସୁଥିବା ବେଳେ ଜିରୋ ନାଇଟ୍‌ରେ ଡିଜେ ଓ ସଙ୍ଗୀତରେ ଝୁମିଥିଲେ ସହରବାସୀ। ଠିକ୍ ରାତି ୧୨ଟାରେ ବାଣ ଫୁଟାଇ, କେକ୍ କାଟି ନୂଆବର୍ଷକୁ ସମସ୍ତେ ସ୍ୱାଗତ କରିଥିବାବେଳେ ଶେଷ ପ୍ରହରରେ ନୂତନ ସୂର୍ଯ୍ୟୋଦୟ ଦେଖିଥିଲା ଓଡ଼ିଶା ମାଟି।



କଟକ କ୍ଲବ୍



ପୁରୀ କ୍ଲବ୍



କଟକ ୟୁନିଅନ କ୍ଲବ୍



ଭୁବନେଶ୍ୱର ଏଚ୍‌ଏଚ୍‌ଆଇ ହୋଟେଲ୍



ଭୁବନେଶ୍ୱରସ୍ଥିତ ହୋଟେଲ୍ ପୁଷ୍ପକ



କଟକ କ୍ଲବ୍



କଟକ ମିଶନ ରୋଡ଼ସ୍ଥିତ ୟୁନିଅନ କ୍ଲବ୍



ରସୁଲଗଡ଼ ଜଗନ୍ନାଥ ନଗର ରାଧାକୃଷ୍ଣ ପରିବାର



କଟକ କ୍ଲବ୍



କଟକ କ୍ଲବ୍





କଟକ ୟୁନିଅନ କ୍ଲବ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





# ଆଜିଠୁ ଅଚଳ ହେବ ୩ ବର୍ଗର ବ୍ୟାଙ୍କ ଆକାଉଣ୍ଟ: ଆର୍‌ବିଆଇ

**ଭୁବନେଶ୍ୱର,୩୧।୧୨ (ଅନୁରାଧା ମହାରଣା)**

୨୦୨୫ର ପ୍ରଥମ ଦିନରୁ ବ୍ୟାଙ୍କ କାରବାର ସମ୍ପର୍କିତ ଅନେକ ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ତେବେ ଜାନୁଆରୀ ପହିଲାରୁ ୩ ପ୍ରକାରର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।




ବ୍ୟାଙ୍କିଙ୍ଗ ସେକ୍ଟରରେ ଠକେଇ ରୋକିବା, ସ୍ୱଚ୍ଛତା ରକ୍ଷା କରିବା ଓ ଡିଜିଟାଲାଇଜେଶନକୁ ପ୍ରୋତ୍ସାହିତ କରିବା ପାଇଁ ଆର୍‌ବିଆଇ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ନିଷ୍କ୍ରିୟ ଆକାଉଣ୍ଟ, ଜିରୋ ବାଲାନ୍ସ ଆକାଉଣ୍ଟ ଓ ଡରମେଟ୍ ଆକାଉଣ୍ଟ ଆଦି ୩ ପ୍ରକାରର ଆକାଉଣ୍ଟ ଏଥିରେ ରହିଛି। ଯଦି କୌଣସି ଆକାଉଣ୍ଟରେ ୧ବର୍ଷ ବା ୧୨ ମାସରୁ ଅଧିକ ଦିନ ଧରି କୌଣସି ଆର୍ଥିକ କାରବାର ହୋଇନାହିଁ ତେବେ ଏହି ଆକାଉଣ୍ଟକୁ ଇନ୍‌ଆକ୍ଟିଭ୍ ବା ନିଷ୍କ୍ରିୟ ବର୍ଗରେ ଗଣତି କରାଯିବା ସହ ଉକ୍ତ ଆକାଉଣ୍ଟକୁ ଅଚଳ କରିଦିଆଯିବ। ତେବେ ଆବଶ୍ୟକସ୍ଥଳେ ବ୍ୟାଙ୍କ ସହ ଯୋଗାଯୋଗ କରି ଉପଭୋକ୍ତା ତାଙ୍କ ଆକାଉଣ୍ଟଙ୍କୁ ପୁନଃ ସକ୍ରିୟ କରିପାରିବେ।

ସେହିପରି ଦୀର୍ଘ ଦିନ ଧରି ଜିରୋ ବାଲାନ୍ସ ବା ଶୂନ୍ୟ ଅର୍ଥ ଥିବା ଆକାଉଣ୍ଟଗୁଡ଼ିକୁ ମଧ୍ୟ ପହିଲାରୁ ଅଚଳ କରାଯିବ। ଏହି ଆକାଉଣ୍ଟକୁ କୌଣସି ଦୁରୁପଯୋଗରୁ ରକ୍ଷା କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଆରବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କ ଦ୍ୱାରା ବ୍ୟାଙ୍କ କାରବାର ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ସେହିପରି ଦୀର୍ଘଦିନ ଧରି ଅବ୍ୟବହୃତ ରହିଥିବା ଆକାଉଣ୍ଟକୁ ନିକଟସ୍ଥ ବ୍ୟାଙ୍କ ଶାଖାରେ କେୱାଇସି କରାଇବା ପାଇଁ ଆକାଉଣ୍ଟଧାରୀଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ୨ବର୍ଷରୁ ଅଧିକ ସମୟ ଧରି କୌଣସି ଆର୍ଥିକ କାରବାର ହୋଇ ନ ଥିବା ଆକାଉଣ୍ଟ ଅର୍ଥାତ୍ ଡରମାଣ୍ଟ ଆକାଉଣ୍ଟକୁ ମଧ୍ୟ ଅଚଳ କରିଦିଆଯିବ। ଏହି ଆକାଉଣ୍ଟଗୁଡ଼ିକ ସାଇବର ଅପରାଧୀଙ୍କ ଟାର୍ଗେଟରେ ରହୁଥିବାବେଳେ ଏପରି ଆକାଉଣ୍ଟ ହ୍ୟାକ୍ କରି ପରବର୍ତ୍ତୀ ସମୟରେ ଆର୍ଥିକ ଠକେଇ କରିଥାନ୍ତି। ତେଣୁ ଏପରି ଅପରାଧ ଏଡାଇବାକୁ ଆରବିଆଇ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।




D-2440


# ଖସିଲା ଶେୟାର ବଜାର

**ମୁମ୍ବାଇ,୩୧।୧୨**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୦୯.୧୨ ପଏଣ୍ଟ କମି ୭୮,୧୩୯.୦୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୦.୧୦ ପଏଣ୍ଟ ହ୍ରାସ ଘଟି ୨୩,୬୪୪.୮୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।









# ହେମରାଜଙ୍କ ଚମତ୍କାର କଳା ପ୍ରଦର୍ଶନ

## ଆଜି ରବି ଟକିଜରେ ୪ଶୋ'

**ଭୁବନେଶ୍ୱର,୩୧।୧୨**
**(ଅଭୟ ଦାଶ)**

ବର୍ତ୍ତମାନର ଅତ୍ୟାଧୁନିକ ସୁବିଧା ସୁଯୋଗ ଓ ସୋସିଆଲ ମିଡିଆ ଯୁଗରେ ମଧ୍ୟ ଯାଦୁକଳାର ଚାହିଦା ପୂର୍ବ ପରି ରହିଛି ବୋଲି ଡାଇମଣ୍ଡ ଷ୍ଟାର ଯାଦୁଗର ହେମରାଜ ମତପ୍ରକାଶ କରିଛନ୍ତି। ଏପରିକି ଭୁବନେଶ୍ୱରର ରବି ଟକିଜରେ ଜାରି ରହିଥିବା 'ହେମରାଜ ମ୍ୟାଜିକ ଶୋ'ର ଦର୍ଶକଙ୍କ କହିବା ଅନୁଯାୟୀ ଯାଦୁକଳାକୁ ବଞ୍ଚାଇ ରଖିବା ସହିତ ହେମରାଜଙ୍କ ସୁନ୍ଦର କଳା ଓ ଆକର୍ଷଣୀୟ ମ୍ୟାଜିକ ପ୍ରଦର୍ଶନକୁ ସବୁ ବର୍ଗର ଦର୍ଶକ ଖୁବ ଉପଭୋଗ କରୁଛନ୍ତି। ସେହିପରି ପ୍ରଥମ ଥର ପାଇଁ ଭୁବନେଶ୍ୱରର ଏକ ଫିଲ୍ମ ହଲ ଜରିଆରେ ଏହି ମ୍ୟାଜିକ ଶୋ' ପ୍ରଦର୍ଶିତ ହେଉଛି। ଏପରିକି ଶୃଙ୍ଖଳିତ ଭାବେ ମ୍ୟାଜିକ ଶୋ'କୁ ଆୟୋଜନ କରିବା ସହିତ ଦର୍ଶକଙ୍କ ଭଲ ପାଇବା ମିଳିବାରୁ ଆମେ ଚଳିତ ନବ ବର୍ଷ ଉପଲକ୍ଷେ ୪ଟି ଶୋ ' ଆୟୋଜନ



କରିଛୁ। ଏପରିକି ୧ ଜାନୁଆରୀ ୨୦୨୫ ଦିବା ୧ ଘଟିକା, ୩.୧୫ ଘଟିକା, ୫.୧୫ଘଟିକା ଏବଂ ସନ୍ଧ୍ୟା ୭.୩୦ ଘଟିକାରେ ଏହି ସ୍ୱତନ୍ତ୍ର ଶୋ'ର ଆୟୋଜନ କରାଯାଉଛି। ଅପରପକ୍ଷରେ ପ୍ରତିଦିନ ୨ଟି ଶୋ (ସୋମବାରରୁ ଶନିବାର ଅପରାହ୍ନ ୫.୧୫ଘଟିକା ଏବଂ ସନ୍ଧ୍ୟା ୭,୩୦ଘଟିକା) ଏବଂ ରବିବାର ଓ ଛୁଟିଦିନଗୁଡିକରେ ୩ଟି ଶୋ ( ଅପରାହ୍ନ ୩.୧୫ ଘଟିକା, ୫.୩୦ ଘଟିକା ଏବଂ ସନ୍ଧ୍ୟା ୭,୪୫ ଘଟିକା) ୨ ଘଣ୍ଟିଆ ପରିବେଷଣ କରାଯାଉଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭାରତର ପ୍ରଥମ ପାରିବାରିକ କମେଡି ମ୍ୟାଜିକ ଶୋ'ଭୁବନେଶ୍ୱରର ରବି ଟକିଜରେ ପରିବେଷଣ ହେଉଛି। ଏହି ଶୋ' ୨୦୨୫ ଜାନୁୟାରୀ ୧୫ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକ ତଥା ସଂସ୍ଥାର ମ୍ୟାନେଜର ଅତୁଲ ଯୋଶୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ନଭେମ୍ବରରେ କୋର ସେକ୍ଟରର ବୃଦ୍ଧି ୪.୩%

**ନୂଆଦିଲ୍ଲୀ,୩୧।୧୨**

କ୍ରମାଗତ ଭାବେ ଦେଶର ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ହେଉଛି। ଏପରି କି କୋର ସେକ୍ଟରର ବୃଦ୍ଧି ମଧ୍ୟ ସମ ପରିମାଣରେ ବୃଦ୍ଧି ଘଟୁଥିବାବେଳେ ୨୦୨୪ ନଭେମ୍ବରରେ ଏହା ୪.୩%ରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ନଭେମ୍ବରରେ ଦେଶର କୋର ସେକ୍ଟରର ବୃଦ୍ଧି ଘଟି ୪.୩% ପହଞ୍ଚିଛି। ଗତ ମାସରେ ଏହି କ୍ଷେତ୍ରର ବୃଦ୍ଧି ୩.୭% ହୋଇଥିବାବେଳେ ନଭେମ୍ବରର ଅଭିବୃଦ୍ଧି ଗତ ୪ ମାସର ସର୍ବାଧିକ ବୋଲି କୁହାଯାଉଛି। ଅପରପକ୍ଷରେ ଦେଶର ପ୍ରମୁଖ ୮ କୋର ସେକ୍ଟରର ସୂଚୀ ଅନୁଯାୟୀ ନଭେମ୍ବର ମାସର ବୃଦ୍ଧି ପରିଲକ୍ଷିତ ହୋଇଛି। ଏପରି କି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୨୦୨୪ ଅଗଷ୍ଟରେ ଏହାର ପରିମାଣ ୧.୫%, ସେପ୍ଟେମ୍ବରରେ ୨.୪% ଏବଂ ଅକ୍ଟୋବରରେ ୩.୭%ର ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା।

# ବଢ଼ିଲା ଆଇଟିଆର୍ ଦାଖଲ ସମୟସୀମା

**ଭୁବନେଶ୍ୱର,୩୧।୧୨ (ଅନୁରାଧା ମହାରଣା)**

ଇନକମ୍ ଟ୍ୟାକ୍ସ ରିଟର୍ନ (ଆଇଟିଆର) ଦାଖଲ କରିବାର ସମୟସୀମା ବୃଦ୍ଧି କରାଯାଇଛି। ପୂର୍ବରୁ ଡିସେମ୍ବର ୩୧ ଶେଷ ତାରିଖ ବୋଲି ଘୋଷଣା କରାଯାଇଥିଲା। ତେବେ ବିଭିନ୍ନ ବର୍ଗର କରଦାତାଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସମୟସୀମାକୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଏହି ବର୍ଦ୍ଧିତ ସମୟସୀମା କେବଳ ବ୍ୟକ୍ତିଗତ କରଦାତାମାନଙ୍କ ପାଇଁ ଉପଲବ୍ଧ ହେବ। ଯେଉଁମାନେ ପୂର୍ବରୁ ସମୟସୀମା ମଧ୍ୟରେ ଆୟକର ରିଟର୍ନ ଦାଖଲ କରିଛନ୍ତି, ଆବଶ୍ୟକସ୍ଥଳେ ସେମାନେ ସଂଶୋଧିତ ଆଇଟିଆର ମଧ୍ୟ ଦାଖଲ କରିପାରିବେ। ଯେଉଁ ଟିକସଦାତାଙ୍କ ଆଇଟିଆର ବାର୍ଷିକ କାରବାର ସହିତ ମେଳ ଖାଉ ନାହିଁ ସେମାନଙ୍କୁ ଆୟକର ବିଭାଗ ପକ୍ଷରୁ ଅବଗତ କରାଯାଇଛି।


# Classified Everyday
**0674-2580101, 9692975378**



MATRIMONIAL

**BRIDE WANTED**

Brahmin ପୁଅ, ସରକାରୀ ହାଇସ୍କୁଲରେ ଶିକ୍ଷକ, ବୟସ- 52 ବର୍ଷ, ମାସିକ ଦରମା 1.15 ଲକ୍ଷ, Life partner ନିମନ୍ତେ (42-50) ବର୍ଷ ବ୍ରାହ୍ମଣ, ଅବିବାହିତା କନ୍ୟା, ନିଃସନ୍ତାନ ବିଧବା କିମ୍ବା ଛାଡ଼ପତ୍ର, ସୁଗୃହିଣୀ ପାତ୍ରୀ ଆବଶ୍ୟକ। କେବଳ ପ୍ରାର୍ଥିନୀ କିମ୍ବା ଅଭିଭାବକ ଯୋଗାଯୋଗ କରନ୍ତୁ- 9437137925. D-2445

**GROOM WANTED**

47 ବର୍ଷ, Forest Departmentରେ କାର୍ଯ୍ୟରତ ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ, ଘରଜ୍ୱାଇଁ ମଧ୍ୟ ଗ୍ରହଣୀୟ। 8455853154. D-2444



REAL ESTATE

**SALE**

Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987. D-76220

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319

4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399. D-2395

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - 7008052921. D-76228

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599. D-2441

**AFFIDAVIT**

By virtue of an affidavit sworn before Notary Public, Cuttack, dated 31.12.2024, I, Brijesh Kumar Nayak, Address: Vill.- Dakshina Dandi, P.O.- Madanpur, Dist.- Kendrapara, Pin- 754246 declared that I have changed my son's name from Aditya Kumar Nayak to Ashutosh Nayak. Henceforth, he shall be known as Ashutosh Nayak for all future purposes. Brijesh Kumar Nayak D-2446

By virtue of an affidavit in the CourtA of the Executive Magistrate, Simulia, I, Gouribala Barik alias Ushamani Barik, W/o Bijay Barik of Kalaspur, P.S.- Simulia declare that in my Aadhaar Card my name has been mentioned as Usharani Barik. But in my LIC Certificate my name has been recorded as Gouribala Barik. Both the above name belongs to one and same person. D-2448

**LEGAL NOTICE**

2407
31.12.2024

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନମ୍ବର-୪,**
**ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ**
**ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଚତୁର୍ଥ ମହଲା, ଭୁବନେଶ୍ୱର, ସଚିବାଳୟ ମାର୍ଗ, ୟୁନିଟ୍-୫, ଭୁବନେଶ୍ୱର**
**ଓ.ଏସ୍.ଏସ୍. ମକଦ୍ଦମା ନମ୍ବର- ୧୧୩୨/୨୦୨୩**

ଶ୍ରୀମତୀ ପ୍ରିୟଦର୍ଶିନୀ ଉଦ୍‌ଗାତା ... ... ... ବାଦିନୀ
ବନାମ
ହରଷ ମହାରଣା ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ

ଇସ୍ତାହାର ମାଧ୍ୟମରେ ସୂଚନା ଆଦେଶ ନଂ. ୫ ଏବଂ ନିୟମ ୨୦ ଅଧିନିୟମ (୧-କ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଉପର ଲିଖିତ ରିଭିଜନ ମକଦ୍ଦମା ପ୍ରତିବାଦୀ ନମ୍ବର-୨ ଗନ୍ଧର୍ବ ମହାରଣାଙ୍କର ମୃତ୍ୟୁ ହୋଇଥିବାରୁ ସେମାନଙ୍କର ଉତ୍ତରାଧିକାରୀ ତଥା ତାଙ୍କ ମନୋନୀତ ପ୍ରାର୍ଥୀ କିମ୍ବା ଆଇନମତେ ତାଙ୍କ ତରଫରୁ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଅଛି କି ଉପର ଲିଖିତ ମାନ୍ୟବର ଅଦାଲତରେ ଆସନ୍ତା ତା୧୭।୦୨।୨୦୨୫ରିଖ ଦିବା ୧୧.୩୦ ଘଟିକାରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ଉକ୍ତ ମାମଲାକୁ ପରିଚାଳନା କରିବା ପାଇଁ ବିହିତ ଆଦେଶ ଅଟେ। ଏହି ସୂଚନା ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ସୂଚନା ମୁତାବକ ସମୟରେ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରନ୍ତୁ।

ପ୍ରତିବାଦୀମାନଙ୍କର ନାମ ଓ ଧାମ:
ପ୍ରତିବାଦୀ ନମ୍ବର-୨: ଗନ୍ଧର୍ବ ମହାରଣା, ପିତା- ଲୋକନାଥ ମହାରଣା, ଗ୍ରାମ/ପୋଷ୍ଟ/ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଉପରଲିଖିତ ପ୍ରତିବାଦୀ କ୍ରମିକ ନମ୍ବର-୨ଙ୍କ ବିରୁଦ୍ଧରେ ଉପରଲିଖିତ ବାଦିନୀ ମାନ୍ୟବର ଅଦାଲତ ଓଡ଼ିଶା ଭୂ-ବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ ଧାରା ୧୫-ଖରେ ଏକ ରିଭିଜନ ମକଦ୍ଦମା କରିଅଛନ୍ତି। ଉକ୍ତ ରିଭିଜନ ମକଦ୍ଦମାରେ ବାଦିନୀ କ୍ରୟ କରିଥିବା ଜମିର ସାବକ ମୌଜା- ଘାଟିକିଆ, ସାବିକ ଖାତା ନମ୍ବର- ୨୬୨, ପ୍ଲଟ୍ ନମ୍ବର- ୧୧୫୦, ଯାହାର ରକବା ଏ.ସି. ୦.୦୫୫ ଡିସିମିଲ, କିସମ - ଶାରଦ-୩, ଯାହାର ଚଳିତ ହାଲ୍ ବନ୍ଦୋବସ୍ତରେ ହାଲ୍ ଖାତା ନମ୍ବର-୧୯୩୬, ପ୍ଲଟ୍ ନମ୍ବର-୩୯୨୦, ଏରିଆ ଏ.ସି. ୦.୦୨୯ ଡିସିମିଲ, କିସମ- ଶାରଦ ଅଣ ଜଳସେଚିତ-୩ ଅଟେ, ଯାହାକି ଅଦ୍ୟ ବାଦିନୀ ଗତ ତା୨୨।୦୩।୧୯୮୮ରିଖରେ ଅଦ୍ୟ ବାଦିନୀଙ୍କୁ ରେଜିଷ୍ଟ୍ରି ବିକ୍ରୟ ଦଲିଲ ନମ୍ବର ୨୬୬୫ରେ ଖରିଦ କରିଅଛନ୍ତି ; ଯାହାକି ବାଦିନୀଙ୍କ ନାମରେ ରେକର୍ଡ କରିବା ନିମନ୍ତେ ଅଦ୍ୟ ରିଭିଜନ ମକଦ୍ଦମା ମାନ୍ୟବର ଅତିରିକ୍ତ କମିଶନରଙ୍କ ଅଦାଲତରେ କ୍ରମିକ ନମ୍ବର-୪, ଭୁବନେଶ୍ୱରରେ ମାମଲା ଦାଖଲ କରିଅଛନ୍ତି। କିନ୍ତୁ ଉପର ଲିଖିତ ଦିଆଯାଇଥିବା ଠିକଣା ମତେ ମାନ୍ୟବର ଅଦାଲତଙ୍କ ଏକାଧିକ ଥର ନୋଟିସ ପ୍ରେରଣ ହୋଇଥିଲା। କିନ୍ତୁ ପ୍ରତିବାଦୀ ନମ୍ବର-୨ଙ୍କ ଦେହାନ୍ତ ହୋଇଯାଇଥିବାରୁ ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବା ନିମନ୍ତେ ଉପସ୍ଥିତ ରହିବେ। ଏଣୁ ଅଦ୍ୟ ବିଜ୍ଞାପନ ମାଧ୍ୟମରେ ଉପରଲିଖିତ ପ୍ରତିବାଦୀଙ୍କ ତରଫରୁ ସେମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ପରିଚାଳନା କରୁଥିବା ବ୍ୟକ୍ତିବିଶେଷମାନେ ମାନ୍ୟବର ଅଦାଲତରେ ଧାର୍ଯ୍ୟ ତାରିଖ ଆସନ୍ତା ତା୧୭।୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଉକ୍ତ ମାମଲାକୁ ତାଙ୍କ ତରଫରୁ ପରିଚାଳନା କରିବେ । ଯଦି ଉକ୍ତ ଧାର୍ଯ୍ୟ ତାରିଖ ଦିନ ଉକ୍ତ ପ୍ରତିବାଦୀଙ୍କ ତରଫରୁ କୌଣସି ବ୍ୟକ୍ତି କିମ୍ବା ତାଙ୍କର ଉତ୍ତରାଧିକାରୀ, ମନୋନୀତ ପ୍ରାର୍ଥୀ ଉକ୍ତ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ଦାବି ଉପସ୍ଥାପନ କରିବେ ନତୁବା କେହି ବ୍ୟକ୍ତି ଅନୁପସ୍ଥିତ ରୁହନ୍ତି ତେବେ ଉକ୍ତ ମାମଲାକୁ ଆଇନ ମତେ ବିଚାର କରାଯିବ। ଏଣୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ସୂଚନା/ନୋଟିସ ପ୍ରଦାନ କରାଗଲା।

ସ୍ଥାନ: ଭୁବନେଶ୍ୱର
ତାରିଖ: 31.12.2024

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନମ୍ବର ୪ଙ୍କ ଆଦେଶ କ୍ରମେ**
**ସ୍ୱା./- କୋର୍ଟ ଅଫିସର**

ଧ-୨୪୪୩

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**

# ମନେ ପଡ଼ନ୍ତି



D-2449



ଧ-୭୬୧୮୧



ଧ-୨୪୪୭



ଧ-୭୫୮୩୪



'ସନି ସଂସ୍କାରୀ କି ତୁଳସୀ କୁମାରୀ' ଫିଲ୍ମରେ ବରୁଣ-ଜାହ୍ନବୀ

ଚଳିତ ବର୍ଷ ପରଦା ଉପରକୁ ଆସୁଥିବା ବଲିଉଡ୍, ଓଲିଉଡ୍ ଏବଂ ହଲିଉଡ୍ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା...

# ଏ ବର୍ଷ ପରଦାରେ



'ରାଣ୍ଡି ପୁଅ ଅନନ୍ତା' ଫିଲ୍ମରେ ସବ୍ୟସାଚୀ

## ବଲିଉଡ୍



'ୱାର ୨' ଫିଲ୍ମରେ ଏନ୍‌ଟିଆର ଜୁନିୟର-ହ୍ରିତିକ୍

ଏଥର ବଲିଉଡ୍‌ରେ ପରଦା ଉପରକୁ ଆସିବାକୁ ଯାଉଥିବା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ବେଶ୍ କେତୋଟି ଷ୍ଟାର-ଷ୍ଟଡେଡ୍ ଫିଲ୍ମ ରହିଛି। ବିଶେଷଭାବରେ ଚଳିତ ବର୍ଷ ରିଲିଜ ହେଉଥିବା 'ଇମର୍ଜେନ୍ସି', 'ସ୍କାଏ ଫୋର୍ସ', 'ସିକନ୍ଦର', 'ହାଉସଫୁଲ୍ ୫' ଏବଂ 'ୱାର ୨' ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଏ ବର୍ଷ ଜୁଲାଇରେ କୌଣସି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ସୂଚନା ନାହିଁ।

**ଜାନୁୟାରୀ ୧୦**
**ଫତେହ**
-ସୋନୁ ସୁଦ୍, ନାସିରୁଦ୍ଦିନ ଶାହା, ଜ୍ୟାକ୍‌ଲିନ୍ ଫର୍ନାଡିଜ୍
**ସନ୍ତୋଷ**
-ସଞ୍ଜୟ ବିଷ୍ଣୋଇ, ସାହାନା ଗୋସ୍ୱାମୀ
**ଜାନୁୟାରୀ ୧୭**
**ଇମର୍ଜେନ୍ସି**
-କଙ୍ଗନା ରାଣାଓ୍ୱତ, ଅନୁପମ ଖେର, ଶ୍ରେୟାସ ତଲପାଡେ
**ଆଜାଦ**
-ଅମନ ଦେବଗନ, ରାସା ଥଡାନି
**ମିଶନ ଗ୍ରେ ହାଉସ**
-ଅବିର ଖାନ୍, ପୂଜା ଶର୍ମା
**ଲାହୋର ୧୯୪୭**
-ସନ୍ନି ଦେଓଲ, ପ୍ରୀତି ଜିଣ୍ଟା, ଆମୀର ଖାଁ
**ଜାନୁୟାରୀ ୨୪**
**ସ୍କାଏ ଫୋର୍ସ**
-ଅକ୍ଷୟ କୁମାର, ସାରା ଅଲ୍ଲୀ ଖାଁ
**ଜାନୁୟାରୀ ୩୧**
**ଦେବା**
-ଶାହୀଦ କପୁର, ପୂଜା ହେଗ୍‌ଡେ
**ଫେବୃୟାରୀ ୭**
**ଚାଭା**
-ଭିକି କୌଶଲ, ରଶ୍ମିକା ମାନ୍ଦାନା
**ଫେବୃୟାରୀ ୧୪**
**ସନ୍‌କି**
-ଆହାନ୍ ସେଟ୍ଟି, ପୂଜା ହେଗ୍‌ଡେ
**ନଖରେଓ୍ୱାଲି**
-ଅଂଶ ଡୁଗଲ, ପ୍ରଗତି ଶ୍ରୀବାସ୍ତବ
**ମାର୍ଚ୍ଚ ୧୪**
-ଅକ୍ଷୟ କୁମାର, ଆର୍. ମାଧବନ, ଅନନ୍ୟା ପାଣ୍ଡେ ଅଭିନୀତ ଅନ୍‌ଟାଇଟଲ୍ଡ ଫିଲ୍ମ
**ଏପ୍ରିଲ ୧**
**ସିକନ୍ଦର**
-ସଲମାନ ଖାଁ, କାଜଲ ଅଗ୍ରୱାଲ, ରଶ୍ମିକା ମାନ୍ଦାନା
**ଏପ୍ରିଲ ୧୦**
**ଜଲି ଏଲ୍‌ଏଲ୍‌ବି ୩**
-ଅକ୍ଷୟ କୁମାର, ହୁମା କ୍ୟୁରେସି
**ଏପ୍ରିଲ ୧୮**
**ସନ୍ନି ସଂସ୍କାରୀ କି ତୁଲସୀ କୁମାରୀ**
-ବରୁଣ ଧାଓ୍ୱନ, ଜାହ୍ନବୀ କପୁର
**ଜାଟ୍**
-ସନ୍ନି ଦେଓଲ, ସିୟାମୀ ଖେର
**ମେ ୧**
**ରେଡ୍ ୨**
-ଅଜୟ ଦେବଗନ, ବାଣୀ କପୁର
**ଜୁନ୍ ୬**
**ହାଉସ୍‌ଫୁଲ୍ ୫**
-ଅକ୍ଷୟ କୁମାର, ରିତେଶ ଦେଶମୁଖ, ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ଜ୍ୟାକ୍‌ଲିନ୍ ଫର୍ନାଡିଜ୍
**(ଜୁଲାଇରେ କୌଣସି ସିନେମା ମୁକ୍ତିଲାଭ କରିବା ବିଷୟରେ ୱିକିପିଡିଆରେ ସୂଚନା ଦିଆଯାଇନାହିଁ)**
**ଅଗଷ୍ଟ ୧୫**
**ୱାର୍ ୨**
-ହ୍ରିତିକ୍ ରୋଶନ, ଏନ୍‌ଟିଆର ଜୁନିୟର, କିଆରା ଆଡୱାନି, ଅନୀଲ କପୁର
**ଦ ଦିଲ୍ଲୀ ଫାଇଲ୍ସ**
-ମିଥୁନ ଚକ୍ରବର୍ତ୍ତୀ, ଅନୁପମ ଖେର, ପଲ୍ଲବୀ ଜୋଷୀ
**ସେପ୍ଟେମ୍ବର ୫**
**ବାଗୀ ୪**
-ଟାଇଗର ଶ୍ରଫ, ସଞ୍ଜୟ ଦତ୍ତ, ସୋନମ ବାଜୱା
**ଅକ୍ଟୋବର ୧୭**
**ଥାମା**
-ଆୟୁଷ୍ମାନ୍ ଖୁରାନା, ରଶ୍ମିକା ମାନ୍ଦାନା
**ନଭେମ୍ବର ୧୪**
**ଦେ ଦେ ପ୍ୟାର୍ ଦେ ୨**
ଅଜୟ ଦେବଗନ, ଆର୍. ମାଧବନ, ରକୁଲ ପ୍ରୀତ ସିଂ
**ନଭେମ୍ବର ୨୧**
**୧୨୦ ବାହାଦୁର**
-ଫରହାନ୍ ଅଖତର
**ଡିସେମ୍ବର ୫**
-ଶାହୀଦ କପୁର, ତ୍ରିପ୍ତି ଡିମ୍ରୀ ଅଭିନୀତ ଅନ୍‌ଟାଇଟଲ୍ଡ ଫିଲ୍ମ
**ଡିସେମ୍ବର ୨୫**
**ଆଲ୍‌ଫା**
-ଆଲିଆ ଭଟ୍ଟ, ବବି ଦେଓଲ, ଅନୀଲ କପୁର।

## ହଲିଉଡ୍

**ଚ**ଳିତ ବର୍ଷ ରିଲିଜ ଅପେକ୍ଷାରେ ଥିବା ପ୍ରମୁଖ ହଲିଉଡ୍ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି 'ମିଶନ ଇମ୍ପସିବୁଲ୍-ଦ ଫାଇନାଲ ରେକୋନିଂ' (ଟମ୍ କ୍ରୁଜ୍, ଭାନିଷା କିର୍‌ବେ), 'ଅବତାର : ଫାୟାର ଆଣ୍ଡ ଆସ୍' (ଜୋଏ ସାଲଡେନା, କାଟେ ୱିନ୍‌ସଲେଟ୍), 'ଥଣ୍ଡରବୋଲ୍ଟ' (ଫ୍ଲୋରେନ୍ସ ପ, ଡେଭିଡ୍ ହାରବର), 'ଜୁରାସିକ୍ ୱାର୍ଲ୍ଡରିବାର୍ଥ' (ଜୋନାଥ ବୈଲେ, ସ୍କାରଲେଟ୍ ଜନ୍‌ସନ), 'ଦ ଫାଣ୍ଟାଷ୍ଟିକ୍ ଫୋର : ଫାଷ୍ଟ ଷ୍ଟେପ୍' (ପେଡ୍ରୋ ପାସକାଲ, ଭାନିସା କିର୍‌ବେ), 'ସୁପରମ୍ୟାନ୍'(ଡେଭିଡ୍ କରେନ୍ସୱେଟ୍, ଇସାବେଲା ମର୍ସିଡ), 'କ୍ୟାପ୍‌ଟେନ ଆମେରିକା : ବ୍ରେଭ୍ ନ୍ୟୁ ୱାର୍ଲ୍ଡ' (ହାରିସନ୍ ଫୋର୍ଡ, ରୋସା ସାଲାଜର), 'ସ୍ନୋ ହ୍ୱାଇଟ୍' (ରାଚେଲ ଜେଗଲର, ଗାଲ୍ ଗାଡୋଟ୍), 'ମାଇକେଲ୍' (କୋଲମାନ ଡୋମିନଗୋ, ମିଲିସ ଟେଲର), 'ଲ୍ୟାରିବୟ' (କ୍ରିକ୍ କାମେରୁନ୍, ଟ୍ରେସ୍ ମ୍ୟାକ୍‌ନିଲ୍), 'ଓମାରି : ପାନଡୋରା'ସ ପ୍ଲେଗ୍ରାଉଣ୍ଡ', (ମାର୍କସ ବାରବେରି) 'ଦ କଞ୍ଜ୍ୟୁରିଂ : ଲାଷ୍ଟ ରାଇଟ୍‌ସ' (ଭେରା ଫାର୍ମିଗା, ପ୍ୟାଟ୍ରିକ୍ ଉଇଲସନ), 'ପ୍ରିଡାଟୋର : ବ୍ୟାଡ୍‌ଲ୍ୟାଣ୍ଡସ' (ଏଲି ଫାନିଙ୍ଗ), 'ଏ ମିନିକ୍ରାଫ୍ଟ ମୁଭି' (ଜ୍ୟାକ୍ ବ୍ଲାକ୍), 'କରାଟେ କିଡ୍ ଲିଜେଣ୍ଡସ' (ଜ୍ୟାକି ଚାନ୍, ଜୋସୁଆ ଜ୍ୟାକ୍‌ସନ), 'ରୁଜଭେଲ୍ଟ' (ଲିଓନାର୍ଡୋ ଡି'କାପ୍ରିଓ), 'ସେରଲକ୍ ହୋଲ୍‌ମେସ୍ ୩' (ଜୁଡ୍ ଲ, ଜାରିଡ ହ୍ୟାରିସ), 'ଷ୍ଟାରଗେଟ୍' (ବ୍ରାଡ୍ ଆର୍ଚି), 'ଗ୍ରୀନ୍‌ଲାଣ୍ଡ : ମାଇଗ୍ରେସନ' (ମୋରିନା ବାକାରିନ), 'ମିକି ୧୭' (ରବର୍ଟ ପ୍ୟାଟିନସନ, ଟୋନି କୋଲେଟି), 'ଓଲ୍‌ଫ ମ୍ୟାନ' (ଜୁଲିଆ ଗାର୍ନର, ସାମ ଜାଇଗେର), 'ମୋର୍ଟାଲ କୋବାଟ ୨' (ଟାଟି ଗ୍ୟାବ୍ରିଏଲି, କାରି ଉରବାନ) ଏବଂ 'ହିଟ୍ ୨' (ଅଷ୍ଟିନ ବଟଲର, ଆଡମାନ ଡ୍ରାଇଭର) ।



'ଅବତାର : ଫାୟାର ଆଣ୍ଡ ଆସ୍' ର ଦୃଶ୍ୟ



ମିଶନ ଇମ୍ପସିବୁଲ' ଫିଲ୍ମର ଦୃଶ୍ୟ

## ଓଡ଼ିଆ ଚଳଚ୍ଚିତ୍ର

**ଗ**ତ କିଛି ବର୍ଷ ଧରି ଓଡ଼ିଆ ସିନେମା ନିର୍ମାଣ ସଂଖ୍ୟା ବୃଦ୍ଧି ହୋଇଛି। ହେଲେ ହାତ ଗଣତି କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳିଛି। ତେବେ ଚଳିତ ବର୍ଷ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ଚିତ୍ରର ତାଲିକା ମଧ୍ୟ ବେଶ୍ ଲମ୍ବା। ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ରାଣ୍ଡିପୁଅ ଅନନ୍ତା'। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସବ୍ୟସାଚୀ। ଅନ୍ୟପକ୍ଷରେ ଗତ କିଛି ବର୍ଷ ହେବ ସିରିଜ୍ ହିଟ୍ ଦେଇଆସୁଥିବା ବାବୁସାନ୍‌ଙ୍କ ଆଗାମୀ ଫିଲ୍ମର ଟାଇଟଲ ରହିଛି 'ଅନ୍ତର୍ଯାମୀ'। ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା 'ପ୍ରେମୀ ଦିୱାନା', ଯାହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଦୀପକ ଏବଂ ରିୟା। ବିଜୟ କାନ୍ଦୋଇଙ୍କ ପ୍ରଯୋଜନାରେ ନିର୍ମିତ ହୋଇଛି 'ସନାତନୀ-କର୍ମ ହିଁ ଧର୍ମ'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ। ଅଭିନେତା ମନୁ ଦ୍ୱିବେଦୀ ଏଥର ଏକାଧାରରେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ସାଜିଛନ୍ତି ଆଉ ଏହି ଫିଲ୍ମର ଟାଇଟଲ ରହିଛି 'ମିଡ୍ ନାଇଟ୍'। ଏହାର ଲିଡ୍ ରୋଲ୍‌ରେ ମନୁ ଦ୍ୱିବେଦୀ, ଡାଏନା, ସୁଇଟି ଏବଂ ଆଲିଆ ଅଭିନୟ କରୁଛନ୍ତି। ଗତ ବର୍ଷ 'କର୍ମ'ର ସଫଳତା ପରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏ ବର୍ଷ ଆଉ ଏକ ସିନେମା 'ରାବଣ' ନିର୍ମାଣ କରିବାର ଯୋଜନା ରହିଛି। କୋରାପୁଟିଆ ଭାଷାରେ ପ୍ରସ୍ତୁତ ହେଉଥିବା ଫିଲ୍ମ 'ଜଙ୍ଗଲ ଜଳୁଛେ' ଏ ବର୍ଷ ରିଲିଜ ହେବାର ଯୋଜନା ରହିଛି। ଚିତ୍ରଟିର ପ୍ରମୁଖ ଭୂମିକାରେ ଅଛନ୍ତି ସରୋଜ ଭୂୟାଁ ଏବଂ ଶ୍ରଦ୍ଧାଞ୍ଜଳି।

ଚଳିତବର୍ଷ ରିଲିଜ ତାଲିକାରେ ଥିବା ଆଉ ଏକ ଓଡ଼ିଆ ସିନେମା ହେଲା 'ସ୍କୁଲ ଡାଏରୀ', ଯାହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ପ୍ରେମ, ଅଙ୍କିତା ଏବଂ ଦିବ୍ୟା। ପ୍ରାଚୀନ ବାଘନାଚକୁ ନେଇ ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା 'ରଙ୍ଗାଶୁର'। ଏଥିରେ ଚୌଧୁରୀ ବିକାଶ ଦାସ ଏବଂ ସମରେଶ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏ ବର୍ଷ ରିଲିଜ ଅପେକ୍ଷାରେ ଥିବା ଅନ୍ୟତମ ଚର୍ଚ୍ଚିତ ଫିଲ୍ମଟି ହେଉଛି 'ୱାଇଫ'। ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଏବଂ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ ଏହ ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବର୍ଷା ପ୍ରିୟଦର୍ଶିନୀ। ଏହି ତାଲିକାରେ ଥିବା ଅନ୍ୟ ଏକ ଫିଲ୍ମ ହେଲା 'ଘମାଘୋଟ' (ସନୋଜ କୁମାର, ଶୈଳେନ୍ଦ୍ର)। ବିନି ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଥିବା 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଚଳିତ ବର୍ଷ ପରଦା ଉପରକୁ ଆସିବାର ଯୋଜନା ରହିଛି। ଏଥିରେ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ ଏବଂ ଜ୍ୟୋତି ନାୟକଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ଚଳିତ ବର୍ଷ ରିଲିଜ ହେବାକୁ ଥିବା ଆଉ ଏକ ଓଡ଼ିଆ ସିନେମା ହେଉଛି 'ଅଦୃଶ୍ୟ', ଯାହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅଭିଷେକ ଗିରି, ସାୟଲ ମୁଖାର୍ଜୀ ଏବଂ ଲିପ୍‌ସା ମିଶ୍ର। ଏହାବ୍ୟତୀତ ଦୀପକ ଏବଂ ଆର୍ଲିନ ଅଙ୍କିତା ଅଭିନୀତ ତଥା ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ 'ହିଟ୍‌ଲର' ମଧ୍ୟ ରିଲିଜ ଅପେକ୍ଷାରେ ରହିଛି। ଏ ବର୍ଷ ପରଦା ଉପରକୁ ଆସିବାକୁ ଥିବା ଅନ୍ୟ କେତେକ ପ୍ରମୁଖ ସିନେମା ହେଲା- 'ଜୟୀ ରାଜଗୁରୁ' (ବିଶ୍ୱରୂପ), 'ଦର୍ପଣ' (ଭାରତ ପୁଷ୍ପରାଗ), 'ଗୁରୁଜୀ ନମସ୍କାର', 'ଆଜିର ରେବତୀ', 'ଚନ୍ଦ୍ରମା', 'ଶ୍ରୀମାନ୍ ଶ୍ରୀଯୁକ୍ତ', 'ତୋ ପାଇଁ ମୁଁ ଗାଉଛି ଗୀତ', 'ଆରେହୀ', 'ମାୟା ମରିଚିକା', 'ବେବି ଔର ବବି', 'ପରୀ' ଏବଂ 'ର୍ୟାକେଟ୍'।



'ହିଟଲର' ଫିଲ୍ମରେ ଦୀପକ-ଆର୍ଲିନ ଅଙ୍କିତା



'ମିଡ୍ ନାଇଟ୍' ଫିଲ୍ମରେ ଡାଏନା-ମନୁ



'ଶ୍ରୀଜଗନ୍ନାଥଙ୍କ ନବକଳେବର' ଫିଲ୍ମରେ ଜ୍ୟୋତି

# ଶାନ୍ତି, ଏକତାର ବାର୍ତ୍ତା

## ଗ୍ଲୋବାଲ ଫ୍ୟାମିଲି ଡେ’

**ଆ**ଜି ସମଗ୍ର ବିଶ୍ୱରେ ଲୋକମାନେ ନୂଆବର୍ଷର ପ୍ରଥମ ସକାଳକୁ ଉପଭୋଗ କରୁଛନ୍ତି। ଲୋକେ ସେମାନଙ୍କର ବନ୍ଧୁ, ପରିବାର ଏବଂ ଘନିଷ୍ଠ ବ୍ୟକ୍ତିଙ୍କ ଏହି ବିଶେଷ ଦିନ ପାଳନ କରୁଛନ୍ତି। ନୂତନ ବର୍ଷ ସହିତ ‘ଗ୍ଲୋବାଲ ଫ୍ୟାମିଲି ଡେ’ ମଧ୍ୟ ବର୍ଷର ପ୍ରଥମ ଦିନରେ ଅର୍ଥାତ୍ ଜାନୁଆରୀ ୧ରେ ପାଳନ କରୁଛନ୍ତି। ଏହି ଦିନ ପରିବାର ମାଧ୍ୟମରେ ଜାତି, ସଂସ୍କୃତି ମଧ୍ୟରେ ଏକତା, ସମ୍ପ୍ରଦାୟ, ଭାଇଚାରା ଭାବନା ସୃଷ୍ଟି କରେ। ଦୁନିଆରେ ଶାନ୍ତି ବଜାୟ ରଖିବା ପାଇଁ ଏକ ପରିବାର ଗଠନ କରିବା ଆବଶ୍ୟକ। ଯାହାଫଳରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବା ସହିତ ହିଂସା ମଧ୍ୟ ହ୍ରାସ ପାଇବ। ବିଶ୍ୱ ଏକତା ଦିବସ ବିଶ୍ୱକୁ ଏକତାର ସକାରାତ୍ମକ ବାର୍ତ୍ତା ଦିଏ ଯେ, ଆମେ ସମସ୍ତେ ଏକ। ସଂସ୍କୃତି ଏବଂ ଧର୍ମ ସମଗ୍ର ବିଶ୍ୱରେ ଭିନ୍ନ ହୋଇପାରେ କିନ୍ତୁ ସମଗ୍ର ମାନବ ଜାତି ହେଉଛି ଏକ ବଡ଼ ପରିବାର। ଯାହା ସମସ୍ତେ ଏକାଠି ହେଲେ ହିଁ ବଞ୍ଚିପାରିବ ଏବଂ ସଫଳ ହୋଇପାରିବ। କେବଳ ଶାନ୍ତି ଏବଂ ଏକତାର ବାର୍ତ୍ତା ଜରିଆରେ ଏହି ଲକ୍ଷ୍ୟ ହାସଲ କରିହେବ। ୧୯୯୭ରେ ଏହା ଆରମ୍ଭ ହୋଇଥିଲା। ଯେତେବେଳେ ମିଳିତ ଜାତିସଂଘର ସାଧାରଣ ସଭା ନୂତନ ସହସ୍ର ବର୍ଷର ପ୍ରଥମ ଦିନରୁ ଶାନ୍ତି ଏବଂ ସଂସ୍କୃତିର ଅହିଂସା ସଂସ୍କୃତି ପାଇଁ ଅନ୍ତର୍ଜାତୀୟ ଦଶନ୍ଧି ଆରମ୍ଭ କରିଥିଲା।

# ତୃତୀୟ ବିବାହ ଚର୍ଚ୍ଚାକୁ ଶ୍ୱେତାଙ୍କ ଖଣ୍ଡନ

**ମୁମ୍ବାଇ:** ଅଭିନେତା ବିଶାଲ ଆଦିତ୍ୟ ସିଂଙ୍କ ସହ ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କର କିଛି ଫଟୋ ଭାଇରାଲ ହେବାରେ ଲାଗିଛି। ଶ୍ୱେତା ବିଶାଲଙ୍କୁ ପ୍ରେମ କରୁଛନ୍ତି ଏବଂ ଖୁବ୍‌ଶୀଘ୍ର ସେ ବିଶାଲଙ୍କ ସହ ତୃତୀୟ ବିବାହ କରିବେ ବୋଲି ସୋସିଆଲ ମିଡିଆରେ ଆଲୋଚନା ଚାଲିଥିଲା। ମଙ୍ଗଳବାର ଶ୍ୱେତା ଏକ ସାକ୍ଷାତ୍‌କାର ଦେଇ ଏହି ପ୍ରସଙ୍ଗରେ ନିଜ ନୀରବତା ଭଙ୍ଗିଛନ୍ତି। ଶ୍ୱେତା କହିଛନ୍ତି, ତାଙ୍କୁ ନେଇ ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚା, ଆଲୋଚନା ଓ ଟ୍ରୋଲ୍‌ଗୁଡ଼ିକୁ ସେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ଏହା ମିଥ୍ୟା ଓ ଗୁଜବ।













































# ଦୀପ୍ତି ୫ମ ସ୍ଥାନକୁ ଉନ୍ନୀତ

**ଡର୍ବାନ, ୩୧।୧୨ (ପି.ଟି.)**



ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଛି। ନିକଟରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ମ୍ୟାଚ ବିଜୟୀ ପ୍ରଦର୍ଶନ ପାଇଁ ଭାରତୀୟ ଅଫ୍‌-ସ୍ପିନର ଦୀପ୍ତି ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ବୋଲିଂ ର୍‍ୟାଙ୍କିଙ୍ଗ ତାଲିକାର ଟପ୍‌ ୫ରେ ପ୍ରବେଶ କରିଛନ୍ତି। ଦୀପ୍ତି ବର୍ତ୍ତମାନ ଦକ୍ଷିଣ

## ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ

ଆଫ୍ରିକାର ମାରିଜେନ୍‌ କାପ୍‌ (୬୭୭ ରେଟିଂ ପଏଣ୍ଟ) ପଛକୁ ୬୬୫ ରେଟିଂ ପଏଣ୍ଟ ସହ ୫ମ ସ୍ଥାନରେ ରହିଛନ୍ତି। ୨୭ବର୍ଷୀୟା ଏହି ବୋଲର ଦୁଇଟି ମ୍ୟାଚରୁ ୮ଉଇକେଟ ଅକ୍ତିଆର କରିଛନ୍ତି। ତନ୍ମଧ୍ୟରେ ଗତ ମ୍ୟାଚରେ ତାଙ୍କ ବୋଲିଂ ଫିଗର ୬/୩୧ ରହିଛି। ଭଦୋଦରାଠାରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ କ୍ଲିନ ସୁଇପ୍‌ କରିଥିଲା। ବ୍ୟାଟରମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସ (୫୩୭ ରେଟିଂ ପଏଣ୍ଟ) ଟପ୍‌-୨୦ର ନିକଟତର ହୋଇଛନ୍ତି। ସେ ୪ଟି ସ୍ଥାନ ପଦୋନ୍ନତି ସହ ୨୨ତମ ସ୍ଥାନରେ ଅଛନ୍ତି। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ସେ ୨୯ ଓ ୫୨ ରନ କରିଥିଲେ। ବିସ୍ଫୋରକ ବ୍ୟାଟର ରିଚା ଘୋଷ (୧୩* ଓ ୨୩*) ୭ ସ୍ଥାନ ପଦୋନ୍ନତି ସହ ୪୧ତମ ସ୍ଥାନ (୪୪୮ ରେଟିଂ ପଏଣ୍ଟ)ରେ ଅଛନ୍ତି। ତୃତୀୟ ଅନ୍ତର୍ଜାତୀୟ ଦିନିକିଆରେ ଅର୍ଦ୍ଧଶତକ ଯୋଗୁ ଚିନେଲି ହେନ୍‌ରୀ ୨୧ତମ ସ୍ଥାନ ଡେଇଁ ୬୫ତମ (୩୪୯ ରେଟିଂ ପଏଣ୍ଟ) ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ସିରିଜରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିବା ଭାରତର ଷ୍ଟାର ଓପନର ସ୍ମୃତି ମନ୍ଧାନା (୭୨୦ ରେଟିଂ ପଏଣ୍ଟ) ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନକୁ ଚାଲି ଆସିଛନ୍ତି। ଆଇସିସି ମହିଳା ବ୍ୟାଟିଂ ର୍‍ୟାଙ୍କିଙ୍ଗ ତାଲିକାରେ ଦକ୍ଷିଣ ଆଫ୍ରିକାର ଲାଉରା ଓଲ୍‌ଭାଡର୍ଟ (୭୭୩) ଓ ଚାମରୀ ଆଥାପାଥୁ(୭୩୩) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଧିନାୟିକା ହରମନପ୍ରୀତ କୌର ୩ ସ୍ଥାନ ତଳକୁ ଖସି ୧୩ତମ ସ୍ଥାନକୁ ଚାଲିଆସିଛନ୍ତି। ଭଦୋଦରାରେ ତାଙ୍କର ୭ମ ଅନ୍ତର୍ଜାତୀୟ ଦିନିକିଆ ଶତକ ହାସଲ କରିଥିବା ୱେଷ୍ଟଇଣ୍ଡିଜ ଓପନର ହେଲି ମାଥ୍ୟୁସ ୬ ସ୍ଥାନକୁ ପଦୋନ୍ନତି ପାଇ ୭ମ ସ୍ଥାନ ଅଧିକାର କରିନେଇଛନ୍ତି।

# ବୈଶାଳୀ ଜିତିଲେ ୱାର୍ଲ୍ଡ ବ୍ଲିଜ ଫାଇନାଲ୍ସ କ୍ୱାଲିଫାୟର

**ନ୍ୟୁୟର୍କ, ୩୧।୧୨ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ମହିଳା କ୍ୱାଲିଫାୟର ଜିତି ଏଠାରେ ୱାର୍ଲ୍ଡ ବ୍ଲିଜ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଫଳାଫଳ ଅପ୍ରତ୍ୟାଶିତ ଥିଲା ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ପୂର୍ବରୁ ରବିବାର ରାପିଡ୍‌ ଇଭେଣ୍ଟରେ କୋନେରୁ ହମ୍ପି ଚମକପ୍ରଦ ପ୍ରଦର୍ଶନ ସହ ସେ ତାଙ୍କର ପ୍ରଥମ ସ୍ୱର୍ଣ୍ଣ ଜିତିବା ସହିତ ୬୦,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ପକେଟସ୍ଥ


ଆର. ବୈଶାଳୀ

କରିସାରିଛନ୍ତି। ସମର୍ଥକମାନଙ୍କୁ ଖୁସି କରାଇବା ପାଳି ଏବେ ବୈଶାଳୀଙ୍କର। ମହିଳା ବିଭାଗରେ ୩ ଡ୍ର ସହ ସେ ସମ୍ଭାବ୍ୟ ୧୧ରୁ ୯.୫ ପଏଣ୍ଟ ସ୍କୋର କରିଛନ୍ତି। ବୈଶାଳୀଙ୍କ ପଛକୁ ୮.୫ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ରୁଷିଆର କାଟରିନା ଲାଗ୍‌ନୋ। ଅବଶିଷ୍ଟ ୬ କ୍ୱାଲିଫାୟର୍ସ ସମାନ ୮ ପଏଣ୍ଟ ଅର୍ଜନ କରିଛନ୍ତି। ହମ୍ପି ଯଦିଓ ପଏଣ୍ଟ ମାନଦଣ୍ଡ ପୂରଣ କରିଛନ୍ତି ଏକ ଖରାପ ଟାଇବ୍ରେକର ଯୋଗୁ ୯ମ ସ୍ଥାନରେ ରହି ସେ ବାଦ୍‌ ପଡ଼ିଥିଲେ। ଓପନ ବିଭାଗରେ ବିଶ୍ୱର ନମ୍ବର ୱାନ ମାଗ୍ନସ କାଲସେନଙ୍କ ସମେତ ୧୦ ଖେଳାଳି ଟାଇ ସହ ମିଳିତ ପ୍ରଥମ ସ୍ଥାନରେ ଅଛନ୍ତି। ନରୱେର ଏହି ଖେଳାଳି ଆବଶ୍ୟକ ସ୍ଥଳେ ସ୍କୋର କରିଥାନ୍ତି। ସେ ୧୩ଟି ଗେମ୍‌ରୁ ୬ଟି ଡ୍ର ରଖିଛନ୍ତି। ରୁଷିଆର ଇଆନ ନେପମ ନିଆଚି ୯.୫ ପଏଣ୍ଟ ସହ କ୍ୱାଲିଫାୟର ଜିତିଛନ୍ତି। ସେ ବେଷ୍ଟ ଟାଇବ୍ରେକରରୁ ଫାଇଦା ଉଠାଇଥିବା ବେଳେ କାର୍ଲସେନ୍‌ଙ୍କ ଆଗରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଫାବିଆନୋ କାରୁଆନା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଲସେନ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ କେତେଜଣ ଭାରତୀୟ ଆରମ୍ଭରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଜଣେ ହେଲେ ଭାରତୀୟ ଟପ୍‌ ୮ରେ ସ୍ଥାନ ପାଇ ନାହାନ୍ତି।
























# ବିଶ୍ୱ ରେକର୍ଡ କଲେ ମାହାତ୍ରେ

**ଅହମଦାବାଦ, ୩୧ା୧୨ (ପି.ଟି.)**

ମୁମ୍ବାଇର ଆୟୁଷ ମାହାତ୍ରେ ମଙ୍ଗଳବାର ସର୍ବକନିଷ୍ଠ ଖେଳାଳି ହିସାବରେ ଲିଷ୍ଟ-ଏ କ୍ରିକେଟରେ ୧୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏଠାରେ ନାଗାଲାଣ୍ଡ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଏହାଦ୍ୱାରା ସେ ନିଜ ଦେଶର ଯଶସ୍ୱୀ ଜୟସ୍ୱାଲଙ୍କ ରେକର୍ଡକୁ ଭଙ୍ଗ କରିଛନ୍ତି। ମାହାତ୍ରେ ୧୭ ବର୍ଷ ୧୬୮ ଦିନ ବୟସରେ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଭାରତୀୟ ଖେଳାଳି ଜୟସ୍ୱାଲଙ୍କ ନାମରେ ରହିଥିଲା। ସେତେବେଳେ ତାଙ୍କ ବୟସ ୧୭ ବର୍ଷ ୨୯୧ ଦିନ ଥିଲା। ୨୦୧୯ରେ ସେ ମୁମ୍ବାଇ ତରଫରୁ ଖେଳି ଝାଡ଼ଖଣ୍ଡ ବିପକ୍ଷରେ ଏହି ସଫଳତା ହାସଲ କରିଥିଲେ। ମାହାତ୍ରେ ଚଳିତ ସିଜନ ଆରମ୍ଭରେ ମୁମ୍ବାଇ ତରଫରୁ ତାଙ୍କର ପଦାର୍ପଣ ମ୍ୟାଚ ଖେଳିଥିଲେ। ସେ ୧୧୭ ବଲ୍ ସାମ୍ନା କରି ୧୫ ଚୌକା ଓ ୧୧ ଛକା ସହ ୧୮୧ ରନ କରିଥିଲେ। ଫଳରେ ମୁମ୍ବାଇ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ବିନିମୟରେ ୪୦୩ ରନ କରିବାରେ ସମର୍ଥ ହୋଇଛି। ମାହାତ୍ରେଙ୍କ ଜନ୍ମ ସ୍ଥାନ ହେଉଛି ମୁମ୍ବାଇ ଉପକଣ୍ଠସ୍ଥିତ ଭିରାରରେ। ସିଜନ ଆରମ୍ଭରେ ମୁମ୍ବାଇ ଦଳରେ ଯୋଗଦାନ ପରଠାରୁ ସେ ଦଳ ତରଫରୁ ନିୟମିତ ସମସ୍ତ ଫର୍ମାଟରେ ଖେଳି ଆସୁଛନ୍ତି। ସେ ଇରାନୀ କପ୍ ବିଜୟୀ ମୁମ୍ବାଇ ଦଳର ଅଂଶବିଶେଷ ଥିଲେ। ଅକ୍ଟୋବରରେ ଅବଶିଷ୍ଟ ଭାରତ ଏକାଦଶକୁ ପରାସ୍ତ କରି ମୁମ୍ବାଇ ୨୭ ବର୍ଷ ପରେ ଟ୍ରଫି ଜିତିଥିଲା। ରଣଜୀ ଟ୍ରଫି ପଦାର୍ପଣ ମ୍ୟାଚରେ ମାହାତ୍ରେ ୭୧ ବଲ୍‌ରେ ୫୨ ରନ କରିଥିଲେ। ମାତ୍ର ସିଜନ ଓପନର ବରୋଦା ବିପକ୍ଷ ଏକ ଆୱେ ଗେମ୍‌ରେ ମୁମ୍ବାଇ ପରାଜିତ ହୋଇଥିଲା। ପ୍ରଥମ ମ୍ୟାଚରେ ପରାଜିତ ହେବା ପରେ ଗତଥରର ଚାମ୍ପିୟନ ଦଳ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ ଲାଗି ଚେଷ୍ଟା କରିଥିଲା। ମାହାତ୍ରେଙ୍କ ଆକର୍ଷଣୀୟ ୧୭୬ ରନ (୨୩୨ ବଲ୍, ୨୨ ଚୌକା ଓ ୪ ଛକା) ସହାୟତାରେ ମୁମ୍ବାଇ ୯ଉଇକେଟରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ତେବେ ତ୍ରିପୁରା ଓ ଓଡ଼ିଶା ବିପକ୍ଷ ମ୍ୟାଚରେ ତାଙ୍କ ବ୍ୟାଟ ନୀରବ ରହିଥିଲା। କିନ୍ତୁ ସର୍ଭିସେସ୍ ବିପକ୍ଷରେ ସେ ଆକର୍ଷଣୀୟ ୧୧୬ (୧୪୯ବଲ୍, ୧୨ ଚୌକା ଓ ୩ ଛକା) ରନ କରିଥିଲା। ଏହାଥିଲା ତାଙ୍କର ଦ୍ୱିତୀୟ ପ୍ରଥମଶ୍ରେଣୀ ଶତକ। ପରେ ଭାରତ ତରଫରୁ ୧୯ବର୍ଷରୁ କମ୍ ଏସିଆ କପ୍ ଖେଳିଥିଲେ। ଏହି ଡାହାଣହାତୀ ବ୍ୟାଟର ଜାପାନ ଓ ୟୁଏଇ ବିପକ୍ଷରେ ଯଥାକ୍ରମେ ୫୪ ଓ ୬୭* ସ୍କୋର କରିଥିଲେ। ମାତ୍ର ବାଂଲାଦେଶ ବିପକ୍ଷ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସେ ବିନା କୌଣସି ରନରେ ଆଉଟ ହୋଇଯାଇଥିଲେ। ଭାରତ ଏହି ମ୍ୟାଚରେ ପରାଜିତ ହୋଇଥିଲା। ମାହାତ୍ରେ ମୁମ୍ବାଇର ସୟଦ ମୁସ୍ତାକ ଅଲି ଟ୍ରଫି ସଫଳତାରେ ଭାଗ ନେବାରୁ ବଞ୍ଚିତ ହୋଇଥିଲେ ମଧ୍ୟ ଘରୋଇ ପ୍ରମୁଖ ୫୦ ଓଭର ବିଶିଷ୍ଟ ପ୍ରତିଯୋଗିତାର କର୍ନାଟକ ବିପକ୍ଷ ଏକ ହାଇ ସ୍କୋରିଂ ମୁକାବିଲାରେ ସେ ଚମତ୍କାର ୭୮ରନ କରି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ।



ଆୟୁଷ ମାହାତ୍ରେ

**ଲିଷ୍ଟ 'ଏ' କ୍ରିକେଟ**

## ଓଡ଼ିଶାକୁ ୭ ଉଇକେଟରେ ହରାଇଲା ଝାଡ଼ଖଣ୍ଡ

**ଜୟପୁର, ୩୧ା୧୨ :** ସ୍ଥାନୀୟ କେ.ଏଲ୍. ସଇନୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ୫୦ ଓଭର ବିଶିଷ୍ଟ ବିଜୟ ହଜାରେ ଟ୍ରଫି କ୍ରିକେଟ ମ୍ୟାଚରେ ଝାଡ଼ଖଣ୍ଡ ୭ ଉଇକେଟରେ ଓଡ଼ିଶାକୁ ହରାଇ ଦେଇଛି। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ୨୪.୫ ଓଭରରେ ୧୬୨ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଟପ୍ ସ୍କୋରର ଅଭିଷେକ ରାଉତ ୪୦ରନ (୪୫ ବଲ୍, ୨ ଚୌକା ଓ ୧ ଛକା) କରିଥିଲେ। ସ୍ୱସ୍ତିକ ସାମଲ ୧୭ ବଲ୍ ଖେଳି ୩ ଚୌକା ଓ ଗୋଟିଏ ଛକା ସହ ୨୨ ରନ କରିଥିଲେ। ବିପକ୍ଷ ଦଳର ସଫଳ ବୋଲର ଅନୁକୂଳ ରାୟ ତାଙ୍କ ୫ ଓଭର ବୋଲିଂରେ ମାତ୍ର ୧୯ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ସୁପ୍ରିୟ ଚକ୍ରବର୍ତ୍ତୀ ୩.୫ ଓଭର ବୋଲିଂ କରି ୨୩ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ଝାଡ଼ଖଣ୍ଡ ୨୨.୩ ଓଭରରେ ୩ ଉଇକେଟ ବିନିମୟରେ ୧୬୪ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ତରଫରୁ ଉତ୍କର୍ଷ ସିଂଙ୍କ ଆକର୍ଷଣୀୟ ୯୧ରନ କରି ଅପରାଜିତ ରହିଥିଲେ। ସେ ୬୦ ବଲ୍ ସାମ୍ନା କରିଥିବା ବେଳେ ୧୧ ଚୌକା ଓ ୩ ଛକା ଲଗାଇଥିଲେ। କୁମାର କୁସାଗ୍ରା ୧୪ ବଲ୍‌ରୁ ୩୩ ରନ କରିଥିଲେ। ଓଡ଼ିଶା ତରଫରୁ ରାଜେଶ ମହାନ୍ତି ୧୬ରନ ଦେଇ ୨ ଉଇକେଟ ନେଇଥିବା ବେଳେ କାର୍ତ୍ତିକ ବିଶ୍ୱାଳ ୨୬ ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସୂଚନାଯୋଗ୍ୟ, କୁହୁଡ଼ି ଓ ଖରାପ ଆଲୋକ ଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା।

# ଶୁଟ୍‌ଆଉଟ୍‌ରେ ଜିତିଲା ହାଇଦ୍ରାବାଦ ତୋଫାନ

**ରାଉରକେଲା,୩୧ା୧୨**
**(ଦିନେଶ ମିଶ୍ର)**

ସ୍ଥାନୀୟ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ହକି ଇଣ୍ଡିଆ (ଏଚ୍‌ଆଇଏଲ୍)ର ଚତୁର୍ଥ ଦିବସ ମ୍ୟାଚ ମଙ୍ଗଳବାର ହାଇଦ୍ରାବାଦ ତୋଫାନ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ହାଇଦ୍ରାବାଦ ତୋଫାନ ଦଳ ୫-୪ ଶୁଟ୍‌ଆଉଟ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ କୁ ପରାସ୍ତ କରିଛି।

**ହକି ଇଣ୍ଡିଆ ଲିଗ୍**

ମ୍ୟାଚ୍‌ରେ ହାଇଦ୍ରାବାଦ ତୋଫାନ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ପ୍ରଥମ କ୍ୱାର୍ଟର ଖେଳର ୧୧ତମ ମିନିଟ୍‌ରେ ଅମନଦୀପ ଲାକ୍ରା ଓ ୧୩ ତମ ମିନିଟ୍‌ରେ ଗୋଞ୍ଜାଲୋ ପିଲାଟ୍ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରି ହାଇଦ୍ରାବାଦ ତୋଫାନକୁ ୨-୦ ଗୋଲରେ ଅଗ୍ରଣୀ କରିଥିଲେ। ଜବାବରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳ ପାଲଟା ଆକ୍ରମକ କରି ଥିଲା। ମ୍ୟାଚ୍‌ର ଦ୍ୱିତୀୟ କ୍ୱାର୍ଟରର ୨୧ ତମ ମିନିଟ୍‌ରେ ପ୍ରଥମେ ଧୀରଜ ସିଂ ଏବଂ ଖେଳର ଅନ୍ତିମ ପର୍ଯ୍ୟାୟ ଅର୍ଥାତ ୫୦ତମ ମିନିଟ୍‌ରେ ଗାରେଥ ଫର୍ଲଙ୍ଗ୍ ହାଇଦ୍ରାବାଦ ବିପକ୍ଷରେ ଦ୍ୱିତୀୟ ଗୋଲ ମାରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିଲେ। ଶେଷରେ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ୍ ପଦ୍ଧତିର ସହାୟତା ନିଆଯାଇଥିଲା। ହାଇଦ୍ରାବାଦ ତୋଫାନ ୫-୪ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସ କୁ ପରାସ୍ତ କରି ବିଜୟୀ ହୋଇଥିଲା। ହାଇଦ୍ରାବାଦ ଦଳ ଏହି ମ୍ୟାଚରୁ ବୋନସ ପଏଣ୍ଟ ଅର୍ଜନ କରିପାରିଛି। ମ୍ୟାଚ୍‌ରେ ହାଇଦ୍ରାବାଦ ତୋଫାନର ଗୋଲକିପର ଡୋମିନିକ୍ ଡିକ୍ସନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ।




ବିଜୟ ପରେ ଉଲ୍ଲସିତ ହାଇଦ୍ରାବାଦ ତୋଫାନ ଦଳର ଖେଳାଳି।




# ଟୀରନ୍ଦାଜୀରେ ସଞ୍ଜୟଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୩୧ା୧୨**
**(ବିଜୟ ରଣା)**

ଓଡ଼ିଶାର ସଞ୍ଜୟ ମାଝୀ ଏନ୍‌ଟିପିସି ଜାତୀୟ ସିନିୟର ଟୀରନ୍ଦାଜୀ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ସଞ୍ଜୟ ହେଉଛନ୍ତି ବେଦାନ୍ତ କ୍ରୀଡ଼ା ପ୍ରୋତ୍ସାହନର ପ୍ରତିଭାବାନ ଯୁବ ଟୀରନ୍ଦାଜ। ଲାଞ୍ଜିଗଡ଼ସ୍ଥିତ କମ୍ପାନୀର ପ୍ରଶିକ୍ଷଣ କେନ୍ଦ୍ରରେ ସଞ୍ଜୟ ତାଲିମ ନେଇଛନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟାଚାର୍ଯ୍ୟ କହିଛନ୍ତି, ତାଙ୍କ କମ୍ପାନୀ ବିଶେଷ କରି ଅବହେଳିତ ସମ୍ପ୍ରଦାୟର ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବାରେ ବିଶ୍ୱାସ କରେ। ଓଡ଼ିଶାରେ କ୍ରୀଡ଼ା ଅଭିଯାନ ମାଧ୍ୟମରେ ତୃଣମୂଳସ୍ତରରୁ ଟୀରନ୍ଦାଜୀ, ହକି, କରାଟେ ଓ ଫୁଟ୍‌ବଲ ଭଳି କ୍ରୀଡ଼ାରେ ୫୦୦ରୁ ଅଧିକ ଯୁବକଙ୍କୁ ଇତିମଧ୍ୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇସାରିଛି।




ଏନ୍‌ଟିପିସି ଜାତୀୟ ସିନିୟର ଟୀରନ୍ଦାଜୀ ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତିଥିବା ବେଦାନ୍ତ କ୍ରୀଡ଼ାବିତ୍ ଓଡ଼ିଶାର ସଞ୍ଜୟ ମାଝି।

# ବେଙ୍ଗଲ ଜିତିଲା ସନ୍ତୋଷ ଟ୍ରଫି

**ହାଇଦ୍ରାବାଦ, ୩୧ା୧୨ (ପି.ଟି.)**

ବେଙ୍ଗଲ ନ୍ୟାଶନାଲ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଏହାର ଆଧିପତ୍ୟ ବଜାୟ ରଖିଛି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲରେ ଦଳ ୧-୦ ଗୋଲ୍‌ରେକେରଳକୁ ପରାସ୍ତ କରିଛି। ଏଥରକୁ ମିଶାଇ ଦଳ ୩୩ଥର ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛି। ଗଚିବାଓଲି ଷ୍ଟାଡିୟମରେ ଦ୍ୱିତୀୟାର୍ଦ୍ଧ ଖେଳର ଅତିରିକ୍ତ ସମୟ ଖେଳରେ ରବି ହାଁସ୍‌ଦା ବିଜୟ ସୂଚକ ଗୋଲଟିକୁ ସ୍କୋର କରିଥିଲେ। ବେଙ୍ଗଲ ଖେଳାଳିଙ୍କର ପ୍ରତିଯୋଗିତାରେ ଏହା ହେଉଛି ୧୨ତମ ଗୋଲ୍। ସେ ଟୁର୍ନାମେଣ୍ଟର ଟପ୍ ସ୍କୋରର ମଧ୍ୟ ବିବେଚିତ ହୋଇଛନ୍ତି। ଉଭୟ ଦଳ ୧୦ଟି ମ୍ୟାଚରୁ ୯ଟିରେ ବିଜୟ ଲାଭ କରିଥିବା ବେଳେ ଗୋଟିଏ ଲେଖାଏଁ ମ୍ୟାଚ ଡ୍ର ରଖି ଫାଇନାଲରେ ପ୍ରବେଶ କରିଥିଲେ।

# ଯଶପ୍ରୀତ୍ ବୁମ୍‌ରା ଅଧିନାୟକ

**ସିଡ୍‌ନୀ, ୩୧ା୧୨ (ପି.ଟି.)**

ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ଜବରଦସ୍ତ ପ୍ରଦର୍ଶନ ପାଇଁ ଯଶପ୍ରୀତ୍ ବୁମ୍‌ରାଙ୍କୁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଟେଷ୍ଟ ଟିମ୍ ଅଫ୍ ଦି ଇୟରରେ ସ୍ଥାନ ମିଳିଛି। କେବଳ ବୋଲର ଭାବେ ନୁହେଁ ତାଙ୍କୁ ଦଳର ଅଧିନାୟକ ମଧ୍ୟ କରାଯାଇଛି। ଏହି ଦଳରେ ଯଶସ୍ୱୀ ଜୟସ୍ୱାଲଙ୍କୁ ମଧ୍ୟ ସ୍ଥାନ ମିଳିଛି। ବୁମ୍‌ରା ହେଉଛନ୍ତି ୨୦୨୪ ଟେଷ୍ଟ କ୍ରିକେଟର ଶ୍ରେଷ୍ଠ ବୋଲର। ସେ ୧୩ ମ୍ୟାଚ ଖେଳି ୭୧ ଉଇକେଟ ଅକ୍ତିଆର କରିଛନ୍ତି। ତାଙ୍କର ଆଭରେଜ ୧୪.୯୨ ଓ ଷ୍ଟ୍ରାଇକ୍‌ରେଟ୍ ୩୦.୧୬ ରହିଛି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପେସ୍ ବୋଲରମାନଙ୍କ ମଧ୍ୟରେ ବୁମ୍‌ରା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଡେଲ୍ ଷ୍ଟେଇନ ଏହି ତାଲିକାର ପ୍ରଥମ ସ୍ଥାନରେ ଅଛନ୍ତି। ୨୦୦୮ କ୍ୟାଲେଣ୍ଡର ବର୍ଷରେ ସେ ୭୪ ଉଇକେଟ ନେଇଥିଲେ। ଏହା ପୂର୍ବରୁ ଇମ୍ରାନ୍ ଖାନ୍ ୧୯୮୨ରେ ୧୩.୨୯ ଆଭରେଜରେ ୬୨ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ଜୟସ୍ୱାଲ ବର୍ଷର ଦ୍ୱିତୀୟ ସର୍ବୋଚ୍ଚ ରନ ସଂଗ୍ରହକାରୀ ବ୍ୟାଟର ରହିଛନ୍ତି। ସେ ୧୫ଟି ମ୍ୟାଚ ଖେଳି (୨୯ ଇନିଂସ) ୫୪.୭୪ ଆଭରେଜରେ ୯ ଅର୍ଦ୍ଧଶତକ ଓ ୩ ଶତକ ସହ ୧, ୪୭୮ ରନ ସଂଗ୍ରହ କରିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ଜୟସ୍ୱାଲଙ୍କୁ ଭାରତର ଭବିଷ୍ୟତ ଷ୍ଟାର ବ୍ୟାଟର ବୋଲି କହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସଙ୍କୁ ଏହି ୧୨ଜଣିଆ ଦଳରେ ସ୍ଥାନ ମିଳିନି। ବର୍ଷରେ ତାଙ୍କ ପ୍ରଦର୍ଶନ ଭଲ ରହିଛି, ତଥାପି ତାଙ୍କୁ ନିଆଯାଇ ନାହିଁ। କମିନ୍ସ ୯ଟି ମ୍ୟାଚରେ ୨୪.୦୨ ଆଭରେଜ ସହିତ ୩୭ ଉଇକେଟ ଅକ୍ତିଆର କରିଛନ୍ତି। ସେ ଦୁଇଥର ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଦଳରେ ଅଷ୍ଟ୍ରେଲିଆର କେବଳ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଲେକ୍ସ କାରେ ଓ ଜୋଶ ହାଜେଲ୍‌ଉଡ୍। ଅନ୍ୟମାନେ ହେଲେ ଇଂଲଣ୍ଡର ବେନ୍ ଡକେଟ, ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍, ନ୍ୟୁଜିଲାଣ୍ଡର ରାଚିନ ରବୀନ୍ଦ୍ର ଓ ମ୍ୟାଟ୍ ହେନ୍‌ରୀ, ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ଓ ଦକ୍ଷିଣ ଆଫ୍ରିକାର କେଶବ ମହାରାଜ।

**କ୍ରିକେଟ ଅଷ୍ଟ୍ରେଲିଆର ଟେଷ୍ଟ ଟିମ୍ ଅଫ୍ ଦି ଇୟର**







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ